


• RNI REGD NO: 42041/83
• www.sakalaepaper.com
• /thesakalanews
• /TheSakala
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR

◆ VOLUME- 19 ◆ ISSUE- 91 ◆ BHUBANESWAR ◆ FRIDAY ◆ 24 SEPTEMBER 2021 ◆ PAGE- 16 ◆ ₹ 5.00

•ବର୍ଷ-୧୯ •ସଂଖ୍ୟା- ୯୧ •ଭୁବନେଶ୍ୱର •ଶୁକ୍ରବାର •୨୪ ସେପ୍ଟେମ୍ବର ୨୦୨୧ •ପୃଷ୍ଠା- ୧୬ •ଟ.୫.୦୦


## ସଂକ୍ଷିପ୍ତ ଖବର

### ପେଗାସସ୍ ମାମଲାର ତଦନ୍ତ ପାଇଁ ଗଠନ ହେବ ବିଶେଷଜ୍ଞ କମିଟି

■ ନୂଆଦିଲ୍ଲୀ, ୨୩।୯ (ଏଜେନ୍ସି): ପେଗାସସ୍ ମାମଲାର ତଦନ୍ତ ପାଇଁ ଏକ ବିଶେଷଜ୍ଞ କମିଟି ଗଠନ କରାଯିବା ସହିତ ଏ ସମ୍ପର୍କରେ ଆସନ୍ତା ସପ୍ତାହରେ ନିର୍ଦ୍ଦେଶନାମା ଜାରି କରାଯିବ ବୋଲି ଗୁରୁବାର ସୁପ୍ରିମକୋର୍ଟ କହିଛନ୍ତି। ଏହି ମାମଲାର ନିରପେକ୍ଷ ତଦନ୍ତ କରିବା ଲାଗି ପୂର୍ବରୁ ସୁପ୍ରିମକୋର୍ଟରେ ବହୁ ଆବେଦନ ହୋଇସାରିଛି। ଏହାକୁ ନେଇ ଏକ ବିଶେଷଜ୍ଞ କମିଟି ଗଠନ ସମ୍ପର୍କରେ କୋର୍ଟ ପୂର୍ବରୁ ନିର୍ଦ୍ଦେଶ ଦେବାକୁ ରହିଥିଲେ ହେଁ




ଆସନ୍ତା ସପ୍ତାହରେ ଏନେଇ ସବିଶେଷ ନିର୍ଦ୍ଦେଶନାମା ଜାରି କରାଯିବ ବୋଲି ପ୍ରଧାନବିଚାରପତି ଜଷ୍ଟିସ ଏନ ଭି ରମଣଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ କହିଛନ୍ତି। ଏହି କମିଟି ସମ୍ପର୍କରେ ଚଳିତ ସପ୍ତାହରେ ନିର୍ଦ୍ଦେଶ ଜାରି କରିବାକୁ କୋର୍ଟ ଚାହୁଁଥିଲେ ହେଁ ବିଚାରପତିଙ୍କ ଦ୍ୱାରା ମନୋନୀତ ହୋଇଥିବା କିଛି ବିଶେଷଜ୍ଞ ବ୍ୟକ୍ତିଗତ କାରଣ ଦର୍ଶାଇ ଏହି କମିଟିରେ ସାମିଲ ହେବାକୁ ଅକ୍ଷମତା ପ୍ରକାଶ କରିଛନ୍ତି।

### ବଲାଙ୍ଗିରରେ ହେବ ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟାରିୟମ୍

■ ଭୁବନେଶ୍ୱର, ୨୩।୯ (ସମିସ): ବଲାଙ୍ଗିରରେ ପ୍ରତିଷ୍ଠା ହେବ ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟାରିୟମ୍। ୩୦ ମାସ ମଧ୍ୟରେ ଏହାର ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ବିଜ୍ଞାନ ଓ କାରିଗରୀ, ସାଧାରଣ ଗଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପ୍ରକାଶ କରିଛନ୍ତି। ବଲାଙ୍ଗିର ପୌରାଞ୍ଚଳ ଅନ୍ତର୍ଗତ ତାଳପାଳି


ପ୍ରତୀକାତ୍ମକ ଛବି

**ଖର୍ଚ୍ଚ ହେବ ସାଢ଼େ ୨୧ କୋଟି**

ମୌଜାର ସୂର୍ଯ୍ୟନଗର ଠାରେ ଏହି ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟାରିୟମ୍ କାର୍ଯ୍ୟ କରିବ। ପ୍ରାୟ ଦଶ ଏକରରୁ ଊର୍ଦ୍ଧ୍ୱ ପରିମିତ ଅଞ୍ଚଳରେ ନିର୍ମିତ ହେବାକୁ ଥିବା ଏହି ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟାରିୟମ୍ ନିମନ୍ତେ ୨୧.୫ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି।

ରାଜ୍ୟ ସରକାରଙ୍କ ବିଜ୍ଞାନ ଓ କାରିଗରୀ ବିଭାଗ ପକ୍ଷରୁ ହେବାକୁ ଥିବା ଏହି କେନ୍ଦ୍ର ପରିସରରେ ଏକ ପାର୍କରେ ବିଜ୍ଞାନ ସମ୍ବଳିତ ବିଭିନ୍ନ ନମୁନା ଓ ପ୍ରଦର୍ଶନ ସାମଗ୍ରୀ ରହିବ। ପିଲାମାନଙ୍କ ନିମନ୍ତେ ବିଜ୍ଞାନ କୌତୁକ ପ୍ରସଙ୍ଗ ସମେତ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଗଣିତ ଓ ପ୍ରାଣୀବିଜ୍ଞାନ ବିଷୟ ▶ପୃଷ୍ଠା-୧୦

# ପୁଣି କମ୍ପିବ କଳିଙ୍ଗ



## ରାଜଧାନୀରେ ଆଉ ଏକ ହକି ମହାକୁମ୍ଭ

### ଓଡ଼ିଶା କନିଷ୍ଠ ପୁରୁଷ ହକି ବିଶ୍ୱକପ୍‌ର ଆୟୋଜକ
### ନଭେମ୍ବର ୨୪ରୁ ଡିସେମ୍ବର ୫ ଯାଏ ଚାଲିବ ଖେଳ
### ଟୁର୍ଣ୍ଣାମେଣ୍ଟରେ ଭାଗନେବେ ସାରା ବିଶ୍ୱର ୧୬ ଟିମ୍
### ଲୋଗୋ ସହ ଟ୍ରଫି ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ
### ହକିରେ ଓଡ଼ିଶା ନୂଆ ମାଇଲଖୁଣ୍ଟ ସ୍ଥାପିଛି: ବାତ୍ରା




■ ଭୁବନେଶ୍ୱର, ୨୩।୯ (ସମିସ): ପୁଣିଥରେ ଭୁବନେଶ୍ୱରରେ ଏକାଠି ହେବ ବିଶ୍ୱ। ସାରା ପୃଥିବୀର ୧୬ଟି ଦେଶର କ୍ରୀଡ଼ାବିତ୍ ଓଡ଼ିଶାର ରାଜଧାନୀରେ ଦେଖାଇବେ ନିଜର ହକି ଉତ୍କର୍ଷ। ପୁଣି ଥରେ ଓଡ଼ିଶାବାସୀ ହକିର ଆକର୍ଷଣରେ ମତୁଆଲା ହେବେ। ଗାଁରୁ ରାଜଧାନୀ ଯାଏଁ ହକିପ୍ରେମୀଙ୍କ ସମାଗମ କଳିଙ୍ଗ ଷ୍ଟାଡିୟମ ମୁହାଁ ହେବ। ହକି ରଙ୍ଗରେ ରଙ୍ଗେଇ ହେବ ରାଜଧାନୀ। ଅତୀତରେ ସ୍ୱଳ୍ପ ସମୟ ମଧ୍ୟରେ ହକି ବିଶ୍ୱ କପ୍ ଆୟୋଜନ କରି ସଫଳତା ହାସଲ

> "ଏତେ ସ୍ୱଳ୍ପ ସମୟ ମଧ୍ୟରେ ବିଶ୍ୱକପ୍ ଆୟୋଜନ ଆଦୌ ସହଜ ନ ଥିଲା, ଦେଶର ସମ୍ମାନ ପାଇଁ ହକି ଇଣ୍ଡିଆକୁ ସହଯୋଗ କରିବାକୁ ସମ୍ମତି ଦେଇଛୁ: ମୁଖ୍ୟମନ୍ତ୍ରୀ"

କରିଥିବା ଓଡ଼ିଶା ମଧ୍ୟ ଖୁବ୍ କମ୍ ସମୟ ମଧ୍ୟରେ କନିଷ୍ଠ ହକି ବିଶ୍ୱକପ୍ ଆୟୋଜନ ଲାଗି ସମ୍ମତି ଦେଇଛି। ଏପରି ଏକ ଟୁର୍ଣ୍ଣାମେଣ୍ଟ ଆୟୋଜନ ଲାଗି ବର୍ଷବର୍ଷ ସମୟ ଲାଗି ଯାଉଥିବାବେଳେ ଓଡ଼ିଶା ସ୍ୱଳ୍ପ ସମୟ ମଧ୍ୟରେ କନିଷ୍ଠ ହକି ବିଶ୍ୱକପ୍ ଆୟୋଜନ ଲାଗି ସାହସ ବାନ୍ଧିଛି। ଆସନ୍ତା ନଭେମ୍ବର ୨୪ ତାରିଖରୁ ଡିସେମ୍ବର ୫ ତାରିଖ ଯାଏଁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଜୁନିୟର ପୁରୁଷ ହକି ବିଶ୍ୱକପ୍ ଆୟୋଜିତ ହେବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଘୋଷଣା କରିଛନ୍ତି। ଲୋକସେବା ଭବନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ହକି ବିଶ୍ୱକପ୍‌ର ଲୋଗୋ ଓ ଟ୍ରଫି ଉନ୍ମୋଚନ କରିଛନ୍ତି। ଏହି ବିଶ୍ୱକପ୍‌ରେ ▶ପୃଷ୍ଠା-୧୦

## ସଫଳ ଆୟୋଜନର ଠିକଣା ଭୁବନେଶ୍ୱର

■ ଭୁବନେଶ୍ୱର, ୨୩।୯ (ସମିସ): ବିଗତ ଦଶନ୍ଧି ମଧ୍ୟରେ ରାଜ୍ୟରେ କ୍ରୀଡ଼ାର ବିକାଶ ବିଶେଷକରି ଅନ୍ତର୍ଜାତୀୟ ଦୃଶ୍ୟପଟରେ ରାଜଧାନୀ ଭୁବନେଶ୍ୱର ନିଜର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ନେତୃତ୍ୱ ଏବଂ ଦୂରଦୃଷ୍ଟି ସମ୍ପନ୍ନ ନୀତି ଏଥିରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ନେଇ ସଭିଏଁ ସ୍ୱୀକାର କରନ୍ତି। ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ସାଙ୍ଗକୁ ଆନ୍ତର୍ଜାତିକ ପ୍ରତିଯୋଗିତା ଆୟୋଜନ ଭଳି ପଦକ୍ଷେପ କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶା ପାଇଁ ଗୌରବ ଆଣି ଦେଇଛି।

୨୦୧୪ ମସିହାରେ ହକି ଇଣ୍ଡିଆ ଲିଗରେ ଘରୋଇ କଳିଙ୍ଗ ଲାନ୍ସର୍ସ ଦଳର ୫ଟି ମ୍ୟାଚ ସଫଳତାର ସହ ଆୟୋଜନ ପରେ ଭୁବନେଶ୍ୱରକୁ ହକି ଚମ୍ପିଆନ୍ସ ଟ୍ରଫି ଆୟୋଜନର ▶ପୃଷ୍ଠା-୧୦

## ଭିସୁଟ୍‌ରେ ପୁଣି ର୍‍ୟାଗିଂ ଅଭିଯୋଗ

■ ସମ୍ବଲପୁର, ୨୩।୯ (ସମିସ): ସମ୍ବଲପୁର ଜିଲ୍ଲା ବୁର୍ଲା ସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ରେ ପୁଣି ର୍‍ୟାଗିଂ ଅଭିଯୋଗ ହୋଇଛି। ପୀଡ଼ିତ ଛାତ୍ର ଆଣ୍ଟି ର୍‍ୟାଗିଂ ସେଲ୍‌ରେ ଏ ସମ୍ପର୍କରେ ଜଣାଇଛନ୍ତି। ଅଭିଯୋଗ ପରେ ଆହତ ଛାତ୍ର ଓ ର୍‍ୟାଗିଂ କରିଥିବା ଛାତ୍ରମାନଙ୍କ ଅଭିଭାବକଙ୍କୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଡକାଇ ଆଲୋଚନା

**ହଷ୍ଟେଲ୍‌ରେ ପଶି ଛାତ୍ରଙ୍କୁ ପିଟିଲେ**

କରିଛନ୍ତି। ତେବେ ଏ ସମ୍ପର୍କରେ ର୍‍ୟାଗିଂର ଶିକାର ହୋଇଥିବା ଛାତ୍ରଙ୍କ ପରିବାର ମୁହଁ ଖୋଲି ନାହାନ୍ତି। ଆପୋଷ ବୁଝାମଣା ମଧ୍ୟରେ ମାମଲାକୁ ସମାଧାନ କରିବାକୁ ସେମାନେ ଚାହୁଁଥିବା କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ରାଉରକେଲାର ଏହି ତୃତୀୟ ବର୍ଷର ଛାତ୍ର ଜଣକ ପୁଲସ୍ତ ଛାତ୍ରାବାସରେ ରହନ୍ତି। ତାଙ୍କର ଜଣେ ଯୁବତୀଙ୍କ ସହ ବନ୍ଧୁତା ଥିଲା। କିଛି ଚତୁର୍ଥ ବର୍ଷର ଛାତ୍ର ଏସମ୍ପର୍କରେ ତାଙ୍କୁ ପଚାରିଥିଲେ ଏବଂ ତାଙ୍କ ମୋବାଇଲ୍ ଫୋନ୍ ମାଗିଥିଲେ। ମାତ୍ର ତୃତୀୟ ବର୍ଷ ଛାତ୍ର



ଜଣକ ମୋବାଇଲ୍ ଫୋନ୍ ଦେବାକୁ ମନା କରିବାରୁ ଏମାନେ ଛାତ୍ରାବାସକୁ ପ୍ରବେଶ କରି ତାଙ୍କୁ ମାଡ଼ ମାରିଥିଲେ। ଫଳରେ ଛାତ୍ରଙ୍କ ପିଠି, ହାତ ଓ ଗାଲରେ ଗଭୀର ▶ପୃଷ୍ଠା-୧୦

**୨୬ରୁ ପୁଣି ଲଘୁଚାପ**

## ଦକ୍ଷିଣରୁ ଉପକୂଳ ପ୍ରବଳ ବର୍ଷିବ

■ ଭୁବନେଶ୍ୱର, ୨୩।୯ (ସମିସ): ଆସନ୍ତା ୨୬ ତାରିଖଠାରୁ ପୁଣି ଥରେ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବ। ଲଘୁଚାପ ପ୍ରଭାବରେ ଏହି ବର୍ଷା ହେବା ସହିତ ରାଜ୍ୟର ବିଭିନ୍ନ ସ୍ଥାନରେ ୨୬-୨୮ ତାରିଖ ପର୍ଯ୍ୟନ୍ତ ବର୍ଷା ହେବ। ବିଶେଷ କରି ଦକ୍ଷିଣ, ଉପକୂଳ ଓଡ଼ିଶାରେ ଅଧିକ ବର୍ଷା ହେବ। କିଛି ସ୍ଥାନରେ ଅତି ପ୍ରବଳ ବର୍ଷାର ସମ୍ଭାବନ ରହିଛି। ପାଣିପାଗ କେନ୍ଦ୍ରରୁ ମିଳିଥିବା ସୂଚନା ଅନୁଯାୟୀ ୨୬ରେ ପୁରୀ, ଗଞ୍ଜାମ, ଗଜପତି,

**୩ ଦିନ ଲାଗିରହିବ ବର୍ଷା**

ମାଲକାନଗିରି ଓ କୋରାପୁଟ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାସହିତ ବାଲେଶ୍ୱର, ଭଦ୍ରକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ନୟାଗଡ଼, ରାୟଗଡ଼ା, କନ୍ଧମାଳ, କଟକ ଓ ନବରଙ୍ଗପୁରରେ ମଧ୍ୟ ବର୍ଷାର ପ୍ରକୋପ ଅଧିକ ରହିବ। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସମସ୍ତ ଜିଲ୍ଲା ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି। ପାଣପିାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ▶ପୃଷ୍ଠା-୧୦

### ଝାଡ଼ଖଣ୍ଡରେ ପ୍ରବଳ ବର୍ଷା: ବଢ଼ିବ ସୁବର୍ଣ୍ଣରେଖା

■ ବାଲେଶ୍ୱର/ଜଳେଶ୍ୱର,୨୩।୯ (ସମିସ): ଖରସ୍ରୋତା ସୁବର୍ଣ୍ଣରେଖା ନଦୀର ଉପରମୁଣ୍ଡ ଝାଡ଼ଖଣ୍ଡ ଅଞ୍ଚଳରେ ଘୂର୍ଣ୍ଣିବଳୟ ପ୍ରଭାବରେ ଲଗାଣ ବର୍ଷା ଲାଗି ରହିଥିବାରୁ ପୁଣି ବନ୍ୟା ଆଶଙ୍କା ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଗତକାଲି ସନ୍ଧ୍ୟା ୫ଟା ସମୟରେ ସୁବର୍ଣ୍ଣରେଖା ଅବବାହିକାରେ ଥିବା ଗାଲୁଡିହି ବ୍ୟାରେଜ ୧୮୦୦ କ୍ୟୁମେକ ପାଣି ନଦୀକୁ ନିଷ୍କାସିତ କରିଛି। ଏହି ପାଣି ଆଜି ରାତି ସୁଦ୍ଧା ରାଜଘାଟ ନିକଟରେ ପହଞ୍ଚିବ ବୋଲି ରାଜଘାଟସ୍ଥିତ କେନ୍ଦ୍ର ଜଳ କମିଶନଙ୍କ କାର୍ଯ୍ୟାଳୟ ସୂଚନା ଦେଇଛି।



ସେହିପରି ନଦୀର ଉପରମୁଣ୍ଡ ଜାମଶୁଳା ଘାଟ, ଜାମସେଦପୁର, ଫେକଘାଟ, ଘାଟଶୀଳା ଆଦି ସ୍ଥାନରେ ଲଗାଣ ବର୍ଷା ଲାଗି ରହିଥିବାରୁ ସେସବୁ ଅଞ୍ଚଳର ବର୍ଷା ପାଣି ମଧ୍ୟ ତଳ ଅଞ୍ଚଳକୁ ମାଡି ଆସୁଛି। ଯଦ୍ୱାରା ସୁବର୍ଣ୍ଣରେଖାରେ ଆଉ ଏକ ବଡ ▶ପୃଷ୍ଠା-୧୦






## ଲୋକକଥା




ଶଙ୍ଖସାଇଁଙ୍କର ବିକାଶ ଧାରାରେ
ବଲାଙ୍ଗିରବାସୀ ଖୁସି,
ବିରୋଧକୁ ଭୁଲି ବିରୋଧୀ ବାଲାଏ
ପ୍ରଶଂସା ଦେଲେ ବରଷି।
ନରସିଂହ-ସାଲୁଜା ମିଶି
କହିଲେ ଧନ୍ୟ ହେ ଧନ୍ୟ ହେ ନବୀନ,
ଧନ୍ୟ ତୁମେ ଦୂରଦର୍ଶୀ... ॥

■ ବ୍ରଜରାଜନଗର ଟ୍ରିପଲ୍ ମର୍ଡର ଘଟଣାର ଭିନ୍ନ ମୋଡ଼

## କୂଅରୁ ମିଳିଲା ଗୃହକର୍ତ୍ତାଙ୍କ ମୃତଦେହ

■ ବ୍ରଜରାଜନଗର, ୨୩।୯ (ସମିସ)

ବ୍ରଜରାଜନଗର ଥାନା ଅନ୍ତର୍ଗତ ଗଙ୍ଗା ନଗର ଫାଟକପଡ଼ାରେ ଟ୍ରିପଲ୍ ମର୍ଡର ଘଟଣା ଭିନ୍ନ ମୋଡ଼ ନେଇଛି। ଗତକାଲି ଘରୁ ମା' ଓ ଦୁଇ ଶିଶୁ କନ୍ୟାଙ୍କ ମୃତ ଶରୀର ଉଦ୍ଧାର ହୋଇଥିଲା। ଆଜି ଘରର ମୁରବୀ ତଥା ମୃତ ଶିଶୁ କନ୍ୟାଙ୍କ ବାପା ନାରାୟଣ ପୋଦାରଙ୍କ ମୃତଶରୀର ଏକ କୂଅରୁ ଉଦ୍ଧାର ହୋଇଛି। ପରିବାରର ୩ ଜଣଙ୍କ ମୃତ୍ୟୁ ପରେ ନାରାୟଣ ନିଖୋଜ ଥିବାରୁ ହତ୍ୟାକାଣ୍ଡରେ ତାଙ୍କର ସମ୍ପୃକ୍ତି ନେଇ ଗତକାଲି ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଥିଲା। ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ମଧ୍ୟ କରୁଥିଲା। ତେବେ ସନ୍ଦିଗ୍ଧ ନାରାୟଣଙ୍କ ମୃତ୍ୟୁ ପୁଲିସର ତଦନ୍ତ ଦିଗକୁ ବଦଳାଇ ଦେଇଛି। ଅପରପକ୍ଷେ ଗୋଟିଏ ସାଧାରଣ ଗରିବ ପରିବାରର ସମସ୍ତ ସଦସ୍ୟଙ୍କର ଏଭଳି ଅସ୍ୱାଭାବିକ ମୃତ୍ୟୁକୁ ନେଇ ଜିଲ୍ଲାରେ ଆଲୋଡ଼ନ ସୃଷ୍ଟିହୋଇଛି।

ମା' ଓ ଦୁଇ ଶିଶୁ କନ୍ୟାଙ୍କୁ ହତ୍ୟା କରାଯିବାର ୨୪ ଘଣ୍ଟା ନପୁରୁଣୁ ନାରାୟଣ(୩୫)ଙ୍କର ମୃତଦେହ ନିକଟସ୍ଥ କୂଅରୁ ଆଜି ଉଦ୍ଧାର ହୋଇଛି। ନାରାୟଣ ରହୁଥିବା ଘର ପଛପଟରେ ଥିବା ଏକ କୂଅରେ ତାଙ୍କ ମୃତ ଶରୀର ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ପୁଲିସ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ କରୁଛି। ନାରାୟଣଙ୍କ ମୃତ୍ୟୁକୁ ନେଇ ନାନା କଥା ଶୁଣିବାକୁ ମିଳୁଛି। ପତ୍ନୀ ଓ ୨ ଝିଅକୁ ହତ୍ୟା କରି ନାରାୟଣ କୂଅକୁ ଡେଇଁ ଆତ୍ମହତ୍ୟା କରିଥିବା କେତେକ କହୁଥିବାବେଳେ ପରିବାରର ଅନ୍ୟ ୩ ଜଣଙ୍କ ଭଳି ତାଙ୍କୁ ହତ୍ୟା କରାଯିବା ପରେ କୂଅରେ ପକାଇ ଦିଆଯାଇଥିବା ଅନ୍ୟ କେତେକ

**ପତ୍ନୀ ଓ ଦୁଇଝିଅଙ୍କ ମୃତଶରୀର ଘରୁ ମିଳିଥିଲା**

**ପରିବାର ୪ ଜଣଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା**

ମହଲରେ ଆଲୋଚନା ହେଉଛି। ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟ, ଫୋରେନ୍ସିକ୍ ଯାଞ୍ଚ ରିପୋର୍ଟ ଆସିବା ପରେ ମୃତ୍ୟୁ ରହସ୍ୟ ସ୍ପଷ୍ଟ ହେବ ବୋଲି ପୁଲିସ କହୁଛି।

ଘଟଣାରୁ ପ୍ରକାଶ ଯେ, ଗତ ମଙ୍ଗଳବାର ବିଳମ୍ବିତ ରାତିରେ ଗଙ୍ଗାନଗର ଫାଟକପଡ଼ାଠାରେ ରହୁଥିବା ନାରାୟଣଙ୍କ ସ୍ତ୍ରୀ ସୋନି ପୋଦାର, ଦୁଇ ଶିଶୁ କନ୍ୟା ରାଧିକା ପୋଦାର ଓ ମୁସୁକାନ ପୋଦାରଙ୍କୁ କେହି ହତ୍ୟା କରିଥିଲା। ୩ ଜଣଙ୍କ ▶ପୃଷ୍ଠା-୧୦

■ ଶିଳ୍ପୋଦ୍ୟୋଗ କ୍ଷେତ୍ରରେ ନୂଆ ଦିଶା

## 'ମୁଖ୍ୟମନ୍ତ୍ରୀ କୋଭିଡ୍ ସ୍ୱତନ୍ତ୍ର କାର୍ଯ୍ୟକ୍ରମ' ମାଧ୍ୟମରେ ସୁଦୃଢ଼ ହୋଇଛି ସ୍ଥିତି

■ ବ୍ରହ୍ମପୁର, ୨୩।୯ (ସମିସ): କରୋନା ମହାମାରୀର କରାଳ ତାଣ୍ଡବରେ ବହୁ ଶିଳ୍ପ ଉଦ୍ୟୋଗର ସ୍ଥିତି ଦୋହଲି ଯାଇଥିଲା। କାର୍ଯ୍ୟରତ ଶ୍ରମିକମାନେ କାମ ହରାଇବା ବେଳେ ଆର୍ଥିକ ସମସ୍ୟା କାରଣରୁ ଅନୁଷ୍ଠାନ ମଧ୍ୟ ବନ୍ଦ ହେବା ଅବସ୍ଥାକୁ ଚାଲିଆସିଥିଲା। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ 'ମୁଖ୍ୟମନ୍ତ୍ରୀ କୋଭିଡ୍ ସ୍ୱତନ୍ତ୍ର ପ୍ୟାକେଜ୍' ଘୋଷଣା କରାଯାଇଥିଲା। ଯାହା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଉଦ୍ୟୋଗ ପାଇଁ ବରଦାନ ସ୍ୱରୂପ ହୋଇଛି। ଜିଲ୍ଲା ଶିଳ୍ପ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ମୁତାବକ ଗଞ୍ଜାମ ଜିଲ୍ଲାରେ କୋଭିଡ୍ ସ୍ୱତନ୍ତ୍ର ପ୍ୟାକେଜ୍ ଜରିଆରେ ଗୋଟିଏ ପ୍ରକଳ୍ପ ପିଛା ଟପ୍ ଅପ୍ ସବ୍‌ସିଡି ଆକାରରେ ୫୧ ପ୍ରତିଶତ ଋଣ ଛାଡ଼ ହୋଇଥିଲା। ସେହିଭଳି ଏହି କାର୍ଯ୍ୟକ୍ରମ ଅଧୀନରେ ଜିଲ୍ଲାର ବିଭିନ୍ନ ପ୍ରକଳ୍ପଗୁଡ଼ିକୁ ୧କୋଟି ୮୮ଲକ୍ଷ ଟଙ୍କା ସରକାରୀ ସହାୟତା ଘୋଷଣା ହୋଇଥିଲା। ବର୍ତ୍ତମାନ ପର୍ଯ୍ୟନ୍ତ ୧କୋଟି ୩୭ଲକ୍ଷ ଟଙ୍କା ବିଭିନ୍ନ ୟୁନିଟ୍ ଗୁଡ଼ିକ ଦିଆସରିଛି। ଆଗାମୀ ଦିନରେ ଆଉ କିଛି ପ୍ରକଳ୍ପକୁ ଦିଆଯିବ ବୋଲି ଜିଲ୍ଲା ଶିଳ୍ପକେନ୍ଦ୍ର ପକ୍ଷରୁ କୁହାଯାଇଛି। ୨୦୨୦-୨୧ ଆର୍ଥିକ ବର୍ଷରେ ଜିଲ୍ଲାରେ ଥିବା ୫ଟି କାଜୁ ୟୁନିଟ୍‌କୁ ୧ କୋଟି ୧୦ ଲକ୍ଷ ଟଙ୍କା ଆର୍ଥିକ ପ୍ରୋତ୍ସାହନ ଯୋଗାଇ ▶ପୃଷ୍ଠା-୧୦

### ବଜ୍ରପାତରେ ବାପା, ଝିଅ ମୃତ; ମା' ଗୁରୁତର

■ ରାଇଘର, ୨୩।୯ (ସମିସ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ତୁରୁଡ଼ିହି ଆଦିବାସୀ ଗ୍ରାମରେ ଘଟିଛି ଏକ ଅଭାବନୀୟ ଘଟଣା। ବଜ୍ରପାତରେ ବାପା ଓ ଝିଅଙ୍କ ପ୍ରାଣହାନୀ ଘଟିଛି। ସୂଚନାନୁଯାୟୀ ତୁରୁଡ଼ିହି ଆଦିବାସୀ ଗ୍ରାମର ରାମନାଥ ଗଣ୍ଡ(୪୨), ସ୍ତ୍ରୀ ରାମବାଈ ଗଣ୍ଡ(୩୮) ଏବଂ ଝିଅ ଫୁଲକୋ ଗଣ୍ଡ(୧୮) ଗତକାଲି ତାଙ୍କ ଧାନ ବିଲରେ ଘାସ ବାଛିବାକୁ ଯାଇଥିଲେ। ଘାସ ବାଛୁ ବାଛୁ ଅପରାହ୍ଣ ୪ ଘଣ୍ଟିକା ସମୟରେ ବଜ୍ରପାତ ହୋଇଥିଲା। ଯାହା ଫଳରେ ଉକ୍ତ ତିନିଜଣ ସେହି ବିଲରେ ଛଟପଟ ହୋଇ ପଡ଼ିଯାଇଥିଲେ। ଏହାକୁ ଦେଖି ▶ପୃଷ୍ଠା-୧୦

## 'ମହାନଦୀ'କୁ ବିପଦକୁ ଠେଲିଦେଲେ

■ ଭୁବନେଶ୍ୱର, ୨୩।୯ (ସମିସ): ଜଳବିବାଦକୁ ନେଇ ଓଡ଼ିଶା-ଛତିଶଗଡ଼ ମୁହାଁମୁହିଁ ହୋଇ ଅଛନ୍ତି। ଏ ସଂକ୍ରାନ୍ତରେ ଟ୍ରିବ୍ୟୁନାଲରେ ତାରିଖ ପରେ ତାରିଖ ଗଡୁଛି। ମହାନଦୀକୁ ଏଯାଏ ନ୍ୟାୟ ମିଳିପାରିନାହିଁ। କେନ୍ଦ୍ର ସରକାର ଅତି ସମ୍ବେଦନଶୀଳ ଏହି ପ୍ରସଙ୍ଗରେ ନିଜ ଆଭିମୁଖ୍ୟ ସ୍ପଷ୍ଟ କରିପାରିନାହାନ୍ତି। ଅନ୍ୟପଟରେ ମହାନଦୀ ସଂପର୍କରେ ସଂସଦରେ ଖୋଦ୍ ଭାରତର ମହାମହିମ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଜୁନ୍ ୨୦ ତାରିଖରେ ପ୍ରକାଶ କରିଥିବା ଉଦ୍‌ବେଗ ବି କେନ୍ଦ୍ର ପାଇଁ ଗୁରୁତ୍ୱହୀନ ହୋଇପଡ଼ିଛି। ଦୁଇବର୍ଷ ତଳେ ରାଷ୍ଟ୍ରପତି ଭିନ୍ନ କାରଣରୁ ମହାନଦୀକୁ ସଂସଦ ସାମ୍ନାକୁ ଆଣିଥିଲେ। ରାଷ୍ଟ୍ରପତି ସେବେ କହିଥିଲେ,


**ମହାନଦୀ ପ୍ରଦୂଷଣମୁକ୍ତ କଥା ସଂସଦରେ କହିଥିଲେ ରାଷ୍ଟ୍ରପତି**

**'ନମାମି ଗଙ୍ଗେ' ଯୋଜନାରେ ଆବର୍ଜନାମୁକ୍ତ ହୋଇଥା'ନ୍ତା**

**ଭୁଲିଗଲେ କେନ୍ଦ୍ର ସରକାର; କିଛି ବି କଲେନି, ଅନୁଦାନ ନାହିଁ**

**ମହାନଦୀ ପାଇଁ କାଳ ସାଜିଲାଣି ଛତିଶଗଡ଼ ଶିଳ୍ପାୟନ**

**ରାୟଗଡ଼ଠାରୁ କଟକ ଯାଏ ବର୍ଜ୍ୟଜଳ ବି ମିଶୁଛି**



ନଦୀଗୁଡିକ ପ୍ରଦୂଷଣମୁକ୍ତ କରିବା ଲାଗି କେନ୍ଦ୍ର ସରକାର କାମ କରିବେ। । 'ନମାମି ଗଙ୍ଗେ' ଯୋଜନାରେ ଗଙ୍ଗା ନଦୀକୁ ଆବର୍ଜନାମୁକ୍ତ କରିବା ପାଇଁ କେନ୍ଦ୍ର ସରକାର କାମ କରୁଛନ୍ତି। ସେହିପରି ମହାନଦୀ ସମେତ କାବେରୀ, ପେରିୟାର, ନର୍ମଦା ଓ ଗୋଦାବରୀ ଆଦି ନଦୀଗୁଡ଼ିକୁ ପ୍ରଦୂଷଣମୁକ୍ତ କରିବାକୁ ସରକାର ଉଦ୍ୟମ କରିବେ।

ଇତିମଧ୍ୟରେ ଦୁଇବର୍ଷ ବିତିଗଲାଣି; କେନ୍ଦ୍ର ସରକାର ମହାନଦୀକୁ ପ୍ରଦୂଷଣମୁକ୍ତ କରିବା ଲାଗି କୌଣସି ବଡ ଯୋଜନା ହାତକୁ ନେଇନାହାନ୍ତି। ରାଜ୍ୟ ସରକାରଙ୍କ ଜଳସଂପଦ ବିଭାଗର ଜଣେ ବରିଷ୍ଠ ଅଧିକାରୀ ଆଜି କହିଛନ୍ତି, ମହାନଦୀକୁ ପ୍ରଦୂଷଣମୁକ୍ତ କରିବା ଲାଗି ସଂପ୍ରତି କୌଣସି ଯୋଜନା କାର୍ଯ୍ୟକାରୀ ହେଉନାହିଁ। କେନ୍ଦ୍ର ସରକାର ନା କିଛି ପ୍ରସ୍ତାବ ଦେଇଛନ୍ତି, ନା ଏ ସଂକ୍ରାନ୍ତରେ ▶ପୃଷ୍ଠା-୧୦

## ଡିଜ୍ନି ପ୍ଲସ୍ ହଟ୍‌ଷ୍ଟାର୍‌ରେ ରିଲିଜ୍ ହେବ 'ସନକ୍'



ବଲିଉଡ୍ ଅଭିନେତା ବିଦ୍ୟୁତ ଜାମୱାଲ ତାଙ୍କ ଫିଲ୍ମ ଅପେକ୍ଷା ବଡି ଫିଟନେସ୍‌କୁ ନେଇ ଅଧିକ ଚର୍ଚ୍ଚିତ। ସେ ପ୍ରାୟତଃ ସୋସିଆଲ ମିଡିଆରେ ନିଜର ୱାର୍କଆଉଟ୍ ଭିଡିଓ ସେୟାର କରିଥାନ୍ତି। ଏବେ ବିଦ୍ୟୁତ୍ ତାଙ୍କର ବହୁ ପ୍ରତୀକ୍ଷିତ ଫିଲ୍ମ 'ସନକ୍'କୁ ନେଇ ବେଶ୍ ଚର୍ଚ୍ଚାରେ। ନିକଟରେ ସେ ଏହି ଫିଲ୍ମର ଏକ ପୋଷ୍ଟର୍ ସେୟାର କରିଛନ୍ତି। ପୋଷ୍ଟର୍‌ରେ ବିଦ୍ୟୁତ୍ ହାତରେ ବନ୍ଧୁକ ଧରି ଏକ ମିସନ୍ ପାଇଁ ପ୍ରସ୍ତୁତ ହେଉ ଥିବାର ନଜର ଆସିଛନ୍ତି। ଏହି ପୋଷ୍ଟର୍ ସହିତ 'ସନକ୍' ବହୁତ ଜଲ୍ଦି ଡିଜ୍‌ନି ପ୍ଲସ୍ ହଟ୍‌ଷ୍ଟାର୍‌ରେ ରିଲିଜ୍ ହେବ ବୋଲି ସେ ସୂଚନା ଦେଇଛନ୍ତି। 'ସନକ୍' ଏକ ଆକ୍ସନ୍-ଥ୍ରିଲର୍ ଫିଲ୍ମ ହେବ। କନିଷ୍କ ବର୍ମା ଏହାର ନିର୍ଦ୍ଦେଶନା ଦେଇଛନ୍ତି। ବିଦ୍ୟୁତ୍‌ଙ୍କ ବ୍ୟତୀତ ଏଥିରେ ବଙ୍ଗଳା ଅଭିନେତ୍ରୀ ରୁକ୍ମଣୀ ମୈତ୍ରା, ଚନ୍ଦନ ରାୟ ସାନ୍ୟାଲ, ନେହା ଧୂପିଆ ଆଦି ଲିଡ୍ ରୋଲ୍‌ରେ ନଜର ଆସିବେ। ବହୁତ ଜଲ୍‌ଦି ଏହାର ରିଲିଜ୍ ଡେଟ୍ ଘୋଷଣା କରାଯିବ।

## ଜଣା ଅଜଣା



- ପ୍ଲାଷ୍ଟିକ୍ ବୋତଲ ନଷ୍ଟ ହେବାକୁ ୪୦୦୦ ବର୍ଷରୁ ଅଧିକ ସମୟ ଲାଗିଥାଏ।
- ମହାକାଶଚାରୀଙ୍କୁ ପୃଥିବୀ ନୀଳ ଓ ମହାକାଶ କଳା ଦେଖାଯାଏ।
- ମଣିଷର ଜଂଘ ହାଡ କଂକ୍ରିଟ୍‌ଠାରୁ ଅଧିକ ଶକ୍ତ ହୋଇଥାଏ।

## ବିରଳ ରୋଗ

## ଫଳ ଓ ପରିବା ଖାଇ ବଞ୍ଚୁଛି କୁନି ଝିଅ



ସୁସ୍ଥ ସବଳ ରହିବା ପାଇଁ ଖାଦ୍ୟ ବିଶେଷଜ୍ଞମାନେ ପ୍ରତିଦିନ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଖାଇବା ପାଇଁ ପରାମର୍ଶ ଦେଇଥାନ୍ତି। କିନ୍ତୁ ବ୍ରିଟେନରେ ରହୁଥିବା ୮ ବର୍ଷର ବାଳିକା ଲିଲି ଏନ୍ ଭୁଲିସଙ୍କୁ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ବାରଣ କରାଯାଇଛି। ସେ ଦୀର୍ଘଦିନ ଧରି ଫଳ ଓ ପନିପରିବା ଖାଇ ବଞ୍ଚିଛନ୍ତି। କାରଣ ଏହି କୁନି ଝିଅ ଜଣକ 'ଫେନିଲକିଟୋନୁରିଆ' ନାମକ ଏକ ବିରଳ ରୋଗରେ ପୀଡିତ। ଏହି ରୋଗରେ ଶରୀର ପ୍ରୋଟିନ୍ ଅଂଶକୁ ପଚାଇ ପାରେ ନାହିଁ। ମାତା-ପିତାଙ୍କ ଜିନ୍‌ରେ ଅସନ୍ତୁଳନ ଯୋଗୁଁ ଶିଶୁଙ୍କଠାରେ ଏହି ରୋଗ ଦେଖାଯାଏ। ରୋଗଗ୍ରସ୍ତ ବ୍ୟକ୍ତି ଯଦି ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଖାଏ ତାର ମସ୍ତିଷ୍କ କାମ କରିବା ବନ୍ଦ କରିଦିଏ। ଏହି ରୋଗୀମାନେ ଦିନରେ କେବଳ ୪ ଗ୍ରାମ୍ ପ୍ରୋଟିନ୍ ନେଇ ପାରିବେ। ତେଣୁ ବ୍ରିଟେନ୍‌ର ସ୍ୱାସ୍ଥ୍ୟ ସଂସ୍ଥା ଏନ୍‌ଏଚ୍‌ଏସ୍‌ର ପରାମର୍ଶ ଅନୁଯାୟୀ, ଲିଲିଙ୍କ ଡାଏଟ୍ ସ୍ଥିର କରାଯାଇଛି। ସେହି ଅନୁଯାୟୀ ଲିଲି କେବଳ ଫଳ ଓ କିଛି ନିର୍ଦ୍ଦିଷ୍ଟ ପରିବା, କେତେକ ନିର୍ଦ୍ଦିଷ୍ଟ କ୍ଷୀର ଓ ବ୍ରେଡ୍‌କୁ ଖାଦ୍ୟ ଭାବେ ଗ୍ରହଣ କରୁଛନ୍ତି। ଲଞ୍ଚ୍‌ରେ ସେ କେବଳ ସିଝାଆଳୁ ଓ ବନ୍ଧାକୋବି ଖାଉଥିବାବେଳେ ଦିନ ଭିତରେ ସେ ଚାରିଥର ସପ୍ଲିମେଣ୍ଟ୍ ଫୁଡ୍ ଖାଇଥାନ୍ତି। ଏ ସମ୍ପର୍କରେ ଲିଲିଙ୍କ ମା' କେରେନ୍ କହନ୍ତି ଯେ, ଏହି ରୋଗ ପାଇଁ ସେମାନେ କୌଣସି ରେସ୍ତୋରାଁ ଯାଇ ପାରନ୍ତି ନାହିଁ। ତେଣୁ ସେ ଲିଲିଙ୍କୁ ଫ୍ଲୋରିଡାସ୍ଥିତ ଡିଜ୍ନି ୱାଲର୍ଡ ରିସର୍ଟ ନେବାପାଇଁ ଚାହାନ୍ତି। କାରଣ ସେଠାରେ ଏଭଳି ଶିଶୁଙ୍କ ପାଇଁ ବିଭିନ୍ନ ପ୍ରକାର ଖାଦ୍ୟ ରହିଛି।

## ନର୍କ ମନ୍ଦିର





ମନ୍ଦିରକୁ ଲୋକେ ଭଗବାନଙ୍କ ଦର୍ଶନ ପାଇଁ ଯାଇଥାନ୍ତି। ମନ୍ଦିରରେ ଲୋକେ ମନୋକାମନା ପୂର୍ଣ୍ଣ ପାଇଁ ପ୍ରାର୍ଥନା କରିବା ସହ କ୍ଷମା ଯାଚନ, ଦାନ, ଧର୍ମ ଆଦି କରିଥାନ୍ତି। ମନ୍ଦିର ଏପରି ଏକ ସ୍ଥାନ, ଯେଉଁଠାକୁ ଗଲେ ଶାନ୍ତି ମଧ୍ୟ ମିଳିଥାଏ। ତେବେ ଥାଇଲ୍ୟାଣ୍ଡରେ ଏପରି ଏକ ମନ୍ଦିର ଅଛି, ଯାହା 'ନର୍କ ମନ୍ଦିର'ଭାବେ ଖ୍ୟାତ। ଥାଇଲାଣ୍ଡର ରାଜଧାନୀ ବ୍ୟାଙ୍କକ୍‌ରେ ଥିବା ଏହି ମନ୍ଦିରଟି ବିଶ୍ୱର ଏକମାତ୍ର 'ନର୍କ ମନ୍ଦିର'। ଏହା ବ୍ୟାଙ୍କକ୍‌ଠାରୁ ପ୍ରାୟ ୭୦୦ କିଲୋମିଟର ଦୂରରେ ଥିବା ଚିଆଙ୍ଗ ମାଇ ସହରରେ ଅବସ୍ଥିତ। ଏହି ମନ୍ଦିର ବୌଦ୍ଧ ଭିକ୍ଷୁ 'ପ୍ରା କ୍ରୁ ବିଶାନ୍‌ଜାଲିକନ୍' ଦ୍ୱାରା ନିର୍ମିତ ହୋଇଥିଲା। ଏହା ମାଧ୍ୟମରେ ସେ ଲୋକମାନଙ୍କୁ ସଚେତନ କରାଇବାକୁ ଚାହୁଁଥିଲେ ଯେ, ଖରାପ କାର୍ଯ୍ୟ କରୁଥିବା ଲୋକଙ୍କ ସହିତ ସବୁବେଳେ ଖରାପ ହିଁ ହୋଇଥାଏ। ଏହି ମନ୍ଦିରରେ ମୂର୍ତ୍ତିଗୁଡ଼ିକୁ ଦେଖିବା ପରେ ଏପରି ଲାଗିବ ଯେ, ଯେପରି ପ୍ରକୃତରେ ନର୍କରେ ନିର୍ଯାତନା ଦିଆଯାଉଛି। ସ୍ଥାନୀୟ ଲୋକମାନେ ମଧ୍ୟ ବିଶ୍ୱାସ କରନ୍ତି ଯେ, ଥରେ ଏହି ନର୍କ ମନ୍ଦିର ପରିଦର୍ଶନ କଲେ ପାପର ପ୍ରାୟଶ୍ଚିତ ହୋଇଥାଏ।

## ଆଜିର ଇତିହାସ

- ୧୬୮୮- ଫ୍ରାନ୍ସ ଜର୍ମାନୀ ବିପକ୍ଷରେ ଯୁଦ୍ଧ ଘୋଷଣା କଲା।
- ୧୯୪୮- ହୋଣ୍ଡା ମୋଟର କମ୍ପାନିର ସ୍ଥାପନା।
- ୧୯୭୮-ପୂର୍ବ ସୋଭିଏତ୍ ସଂଘ ଭୂମିଗତ ପରମାଣୁ ପରୀକ୍ଷା କରାଇଲା।
- ୨୦୦୯- ପ୍ରଥମ ଚନ୍ଦ୍ରଯାନ-୧ ଚନ୍ଦ୍ରପୃଷ୍ଠରେ ଜଳର ସନ୍ଧାନ କଲା।
- ୨୦୧୩- ପାକିସ୍ତାନର ବେଲୁଚିସ୍ତାନରେ ୭.୭ ତୀବ୍ରତାରେ ଭୂମିକମ୍ପ ଆସିବା ଯୋଗୁଁ ପାଖାପାଖି ୫୧୫ ଲୋକଙ୍କ ମୃତ୍ୟୁ।

## କାହିଁକି ଥାଏ ଉଡାଜାହାଜରେ ହର୍ଣ୍ଣ



ପ୍ରତିଦିନ ଆମେ ଗାଡ଼ିମୋଟର ହର୍ଣ୍ଣ ଶବ୍ଦ ଶୁଣିଥାଉ। ତେବେ ଗାଡ଼ିମୋଟର ଭଳି ଉଡ଼ାଜାହାଜଗୁଡ଼ିକରେ ମଧ୍ୟ ହର୍ଣ୍ଣ ଥାଏ। ଏହା ପକ୍ଷୀମାନଙ୍କୁ ଘଉଡ଼ାଇବା ବା ଅନ୍ୟ ବିମାନଗୁଡ଼ିକ ପାଇଁ ବ୍ୟବହୃତ ହୋଇନଥାଏ। ଉଡାଜାହାଜର ହର୍ଣ୍ଣ ଏହାର ଚକ ପାଖରେ ଖଞ୍ଜା ଯାଇଥାଏ। ହର୍ଣ୍ଣର ଶବ୍ଦ ଉଡାଜାହାଜ ତିଆରି କରୁଥିବା କମ୍ପାନି ସ୍ଥିର କରିଥାଏ। ତେବେ ଏଠାରେ ମନକୁ ପ୍ରଶ୍ନ ଉଠେ, ଚକପାଖରେ ଲାଗିଥିବା ହର୍ଣ୍ଣ କେଉଁ କାର୍ଯ୍ୟରେ ବ୍ୟବହୃତ ହେଉଥିବ? ବାସ୍ତବରେ ଏହି ହର୍ଣ୍ଣର ବ୍ୟବହାର ଯାତ୍ରୀ ଓ କର୍ମଚାରୀମାନଙ୍କୁ ସତର୍କ କରିବା ପାଇଁ ବ୍ୟବହୃତ ହୋଇଥାଏ। ଏହାବ୍ୟତୀତ ହର୍ଣ୍ଣର ବ୍ୟବହାର ବିମାନ ବନ୍ଦରରେ ହୋଇଥାଏ। ଯେତେବେଳେ ଉଡ଼ାଜାହଜଟି ଉଡ଼ାଣ ଭରିଥାଏ, ସେତେବେଳେ ଗ୍ରାଉଣ୍ଡ କର୍ମଚାରୀମାନଙ୍କୁ ହର୍ଣ୍ଣ ବଜାଇ ଏହାର ସୂଚନା ଦିଆଯାଏ।

## ଅନ୍‌ଲାଇନ୍‌ରେ ବେତବାଡ଼ି



ବେତବାଡ଼ି କହିଲେ, ସମସ୍ତଙ୍କ ପିଲାଦିନ କଥା ମନେ ପଡ଼ିଯାଏ। ସ୍କୁଲ୍ ଓ ଟ୍ୟୁସନ୍‌ରେ ସାର୍‌ଙ୍କଠାରୁ ବେତପାହାର ଖାଇବା କଥା କେହି କେବେ ଭୁଲନ୍ତି ନାହିଁ। କିନ୍ତୁ ଏବେ ଅନ୍‌ଲାଇନ୍‌ର ଜମାନା। ନିତ୍ୟ ବ୍ୟବହାର ଜିନିଷଠାରୁ ଆରମ୍ଭ କରି ବିବାହ ଓ ବ୍ରତ ଭଳି ବଡ଼ ବଡ଼ ଅନୁଷ୍ଠାନ ପାଇଁ ଲୋକମାନେ ଘରେ ବସି ସପିଙ୍ଗ୍ କରିପାରୁଛନ୍ତି। ଛୁଞ୍ଚିଠାରୁ ଆରମ୍ଭ କରି ବଡ଼ ବଡ଼ ଘରକରଣା ସାମଗ୍ରୀ ମଧ୍ୟ ଅନ୍‌ଲାଇନ୍‌ରେ ଉପଲବ୍ଧ। ଏହି କ୍ରମରେ ଏବେ ଅନ୍‌ଲାଇନ୍‌ରେ ବେତବାଡ଼ି ମଧ୍ୟ ମିଳୁଛି। ଏକଥା କୌତୂହଳ ଲାଗିପାରେ। ଅନ୍‌ଲାଇନ୍ ସପିଙ୍ଗ୍ ସାଇଟ୍ 'ଆମାଜନ୍'ରେ ପିଲାଙ୍କୁ ଆକଟ ବା ଶାସନ କରିବା ପାଇଁ ବାଡ଼ି ମିଳୁଛି। 'ରେଡିଟ୍' ସାଇଟ୍ ମାଧ୍ୟମରେ କେତେଜଣ ୟୁଜର୍ସ ଏହାର ଫଟୋ ସେୟାର୍ କରିଥିଲେ। ଏହାକୁ ଫେକ୍ ନ୍ୟୁଜ୍ ଭାବି ଅନେକ ଜଣ ଏହାକୁ 'ଆମାଜନ୍'ରେ ଦେଖିଥିଲେ। ପ୍ରକୃତରେ ତାହା ସତ ଖବର ଥିଲା। 'ଆମାଜନ୍'ର ସର୍ଚ୍ଚ ଅପ୍‌ସନ୍‌କୁ ଯାଇ 'କେନ୍ ଷ୍ଟିକ୍ ଫର୍ ବିଟିଙ୍ଗ୍' ଲେଖିବା ପରେ ବାଡ଼ିକୁ ସେମାନେ ଦେଖିପାରିଥିଲେ, ତଳେ ଲେଖା ଥିଲା 'କେନ୍ ଷ୍ଟିକ୍ ଫର ବିଟିଙ୍ଗ୍ କିଡ୍ସ ଫାଇଭ୍ ଫିଟ୍ ଆଣ୍ଡ ଥ୍ରି ଫିଟ୍'। ଏହା ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଛି ଏବଂ ଏହାକୁ ନେଇ ବିଭିନ୍ନ ପ୍ରତିକ୍ରିୟା ମଧ୍ୟ ଆସିଥିଲା।

## ୧୫ ମିନିଟ୍‌ରେ ଯାଞ୍ଚ ହେବ ମୁଖ କର୍କଟ




ସାରା ବିଶ୍ୱରେ ମୁଖ କର୍କଟ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଭାରତରେ ପ୍ରତିବର୍ଷ ପ୍ରାୟ ୭୭,୦୦୦ ମୁଖ କର୍କଟ ମାମଲା ଦେଖାଯାଇଥାଏ। ତମାଖୁ, ଗୁଟ୍‌ଖା ଭଳି ମାରାତ୍ମକ ନିଶା ଦ୍ରବ୍ୟ ସେବନ ଏହି ରୋଗର ଏକ ପ୍ରମୁଖ କାରଣ। ଏହି ରୋଗ ବିଳମ୍ବରେ ଚିହ୍ନଟ ହେବା କାରଣରୁ ଅନେକ ଲୋକଙ୍କ ମୃତ୍ୟୁ ଅକାଳରେ ହେଉଛି। ବେଳେବେଳେ ଲକ୍ଷଣଗୁଡିକ ଦୀର୍ଘ ସମୟ ପର୍ଯ୍ୟନ୍ତ ଅଣଦେଖା କରାଯାଏ; ଯେତେବେଳକୁ ଏହା ଜଣାପଡ଼େ, ଏହି ରୋଗ ଶେଷ ପର୍ଯ୍ୟାୟରେ ପହଞ୍ଚି ସାରିଥାଏ। ଏହିକ୍ଷେତ୍ରରେ ଏହାର ଚିକିତ୍ସା ସମ୍ଭବପର ହୋଇପାରେ ନାହିଁ। ଅର୍ଥର ଅଭାବ ଏହି ରୋଗର ଜଟିଳତାକୁ ଆହୁରି ବଢ଼ାଇ ଦେଇଥାଏ। ଏହି ସମସ୍ୟାକୁ ଦୂର କରିବା ପାଇଁ ବେଙ୍ଗାଲୁରୁର ୧୮ ବର୍ଷୀୟା ନିଖିୟା ସମଶେର ଏବେ ଆଗେଇ ଆସିଛନ୍ତି। ଗ୍ରୀନ୍‌ଉଡ୍ ହାଇ ଇଣ୍ଟରନ୍ୟାସ୍‌ନାଲ ସ୍କୁଲରେ ସ୍ନାତକ ପଢ଼ୁଥିବା ନିଖିୟା ଏକ କିଟ୍ ପ୍ରସ୍ତୁତ କରିଛନ୍ତି। "କ୍ୱିଟପଫ୍" ନାମକ ଏହି କିଟ୍, ମୁଖ କର୍କଟ ରୋଗକୁ ଚିହ୍ନଟ କରିବା ସହ ଏହା କେଉଁ ପର୍ଯ୍ୟାୟରେ ଅଛି ତାହା ମଧ୍ୟ ଜଣାଇଦେବ। ପରୀକ୍ଷା କରିବାର ୧୫ ମିନିଟ୍ ମଧ୍ୟରେ ଫଳାଫଳ ଜଣାପଡିଥାଏ। ଏହାର ମୂଲ୍ୟ ମାତ୍ର ୩୮ ଟଙ୍କା।

୨୦୧୫ ମସିହାର ଘଟଣା। ସେହି ସମୟରେ ନିଖିଆ ଅଷ୍ଟମ ଶ୍ରେଣୀରେ ପଢ଼ୁଥିଲେ। ସେତେବେଳେ ସେ ଏକ କାର୍ଯ୍ୟକ୍ରମର ଅଂଶବିଶେଷ କୌତୁକିଆ ପୋଷାକ ପିନ୍ଧି ଡାକ୍ତରଖାନାର ଶିଶୁ ୱାର୍ଡରେ ଥିବା କୁନି କୁନି ପିଲାମାନଙ୍କ ମୁହଁରେ ହସ ଫୁଟାଉଥିଲେ। ନିଖିୟା କୁହନ୍ତି, ଯେତେବେଳେ ଶିଶୁ ୱାର୍ଡରେ ମନୋରଞ୍ଜନ କରି ଡାକ୍ତରଖାନାରୁ ଘରକୁ ଫେରୁଥିଲେ ସେତେବେଳେ ଜଣେ ବ୍ୟକ୍ତିର ମୁହଁରେ ବ୍ୟାଣ୍ଡେଜ୍ ଗୁଡ଼ା ହୋଇଥିବାର ସେ ଲକ୍ଷ୍ୟ କରିଥିଲେ। ରୋଗୀଟିର କ'ଣ ହୋଇଛି ବୋଲି ନର୍ସଙ୍କୁ ପଚାରିବାରୁ ସେ କହିଥିଲେ ଯେ, ବ୍ୟକ୍ତି ଜଣଙ୍କ ମୁଖ କର୍କଟ ରୋଗରେ ପୀଡ଼ିତ ଏବଂ ସେ ରୋଗର ଶେଷ ପର୍ଯ୍ୟାୟରେ ପହଞ୍ଚି ମଧ୍ୟ ରକ୍ଷା ପାଇଯାଇଛନ୍ତି। ସେଦିନ ନିଖିୟା ଏହି ରୋଗର ନିଷ୍ଠୁରତା ବିଷୟରେ ଜାଣିବାକୁ ପାଇଲେ। ଏହାପରେ ସେ, ମୁଖ କର୍କଟ ସମ୍ବନ୍ଧୀୟ ବିଭିନ୍ନ ବୈଜ୍ଞାନିକ ଅନୁସନ୍ଧାନ ତଥ୍ୟଗୁଡ଼ିକ ପଢିବାକୁ ଲାଗିଲେ। ସେ ସମୟରେ ମେଡିକାଲ କନସେପ୍ଟଗୁଡ଼ିକୁ ବୁଝିବା ତାଙ୍କ ପକ୍ଷରେ ସମ୍ଭବ ହେଉନଥିଲା। ତେଣୁ ସେ ତାଙ୍କ ବାପା ମାଙ୍କ ସାହାଯ୍ୟ ନେଲେ। ନିଖିୟାଙ୍କ ଆଗ୍ରହ ଦେଖି ତାଙ୍କ ବାପା-ମା ଆଇସିଆର୍- ନ୍ୟାସନାଲ୍ ବ୍ୟୁରୋ ଅଫ୍ ଆନିମଲ୍ ଜେନେଟିକ୍ ରିସୋର୍ସେସ୍‌ର ଜଣେ ବରିଷ୍ଠ ଗବେଷକ ତାନିଆ ଦାସଙ୍କ ସହ ତାଙ୍କର ସାକ୍ଷାତ କରାଇ ଦିଅନ୍ତି। ତାନିଆଙ୍କ ଠାରୁ ନିଖିଆ ମୁଖ କର୍କଟ ସ୍କ୍ରିନିଂ ପଦ୍ଧତି ସମ୍ପର୍କରେ ବୁଝିଥିଲେ। ଏହାପରେ ନିଖିଆ ବୈଜ୍ଞାନିକ ଚୈତନ୍ୟ ପ୍ରଭୁଙ୍କ ସଂସ୍ପର୍ଶରେ ଆସିଥିଲେ। ଏହାପରେ ସେ, ମୁଖ କର୍କଟ ଯାଞ୍ଚ ପାଇଁ "କ୍ୱିଟପଫ୍" କିଟ୍ ପ୍ରସ୍ତୁତ କଲେ। । ଏହି କିଟ୍‌ର ସଠିକତା ଜାଣିବା ପାଇଁ ଜୁନ୍ ୨୦୧୮ ରୁ ଫେବୃଆରୀ ୨୦୧୯ ମଧ୍ୟରେ ୫୦୦ ଲୋକଙ୍କ ଲାଳ ନମୁନା ସଂଗ୍ରହ କରି ପରୀକ୍ଷା କରିଥିଲେ। ଏହି କିଟ୍ ୯୬ ପ୍ରତିଶତ ପର୍ଯ୍ୟନ୍ତ ସଠିକ୍ ଫଳାଫଳ ଦେଇଥିଲା। ତେବେ ଏହି କିଟ୍‌କୁ ବ୍ୟବସାୟିକ ବ୍ୟବହାର ପାଇଁ ବଜାରକୁ ଛଡ଼ାଯାଇନାହିଁ। ବର୍ତ୍ତମାନ ଏହାକୁ ଅଧିକ ଉନ୍ନତମାନର କରାଯିବା ପାଇଁ ପ୍ରୟାସ କରାଯାଉଛି।

## ଡଙ୍ଗାରେ ପାଠଶାଳା

ବନ୍ୟା ପରିସ୍ଥିତି ଯୋଗୁଁ ବିହାର କଟିହାର ଜିଲ୍ଲା ମଣିହାରି ଅଞ୍ଚଳର ସ୍କୁଲ ପିଲାଙ୍କ ପାଠପଢ଼ା ପ୍ରଭାବିତ ହୋଇଛି। ତେବେ ଏଭଳି ସ୍ଥିତିକୁ ଲକ୍ଷ୍ୟ କରି ତିନିଜଣ ଯୁବକ ଛାତ୍ରଛାତ୍ରୀଙ୍କୁ ଡଙ୍ଗାରେ ପାଠ ପଢ଼ାଉଛନ୍ତି। ଏମାନେ ବନ୍ୟାଞ୍ଚଳରେ ପିଲାଙ୍କୁ ଏଭଳି ଅଭିନବ ଢ଼ଙ୍ଗରେ ଶିକ୍ଷା ପ୍ରଦାନ କରୁଛନ୍ତି। ରବୀନ୍ଦ୍ର କୁମାର ମଣ୍ଡଳ, ପଙ୍କଜ କୁମାର ଶାହ ଓ କୁନ୍ଦନ କୁମାର ଶାହ ୪୦ ଜଣ ପିଲାଙ୍କୁ ଡଙ୍ଗାରେ ପଢ଼ାଉଛନ୍ତି। ଯାହା ଏବେ 'ନାୱ କି ପାଠଶାଳା' ଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ। ଏହା ସହ ସେମାନେ ମାଗଣାରେ କୋଚିଂ ସେଣ୍ଟର ମଧ୍ୟ ପରିଚାଳନା କରୁଛନ୍ତି। ୪୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୨ ଜଣ ଆସନ୍ତା ବର୍ଷ ଦଶମ ପରୀକ୍ଷା ବି ଦେବେ। ସେହିପରି ଡଙ୍ଗାରେ ପଢ଼ାଇବା ସମୟରେ ସେମାନେ ଆବଶ୍ୟକ ସତର୍କତା ଅବଲମ୍ବନ କରନ୍ତି। ଏମାନଙ୍କ ଉଦ୍ଦେଶ୍ୟ ପିଲାଙ୍କୁ ଶିକ୍ଷାଦାନ ମାଧ୍ୟମରେ ସଶକ୍ତ କରାଇବା। କେବଳ ସେତିକି ନୁହେଁ, ପିଲାଙ୍କୁ ବହି, କଲମ, ପେନ୍‌ସିଲ ଆଦି ଅନ୍ୟାନ୍ୟ ଜିନିଷ ମଧ୍ୟ ମାଗଣାରେ ଯୋଗାଇଥାନ୍ତି। ସେମାନଙ୍କ ମତରେ ୬ମାସ ଧରି ଏହି ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ପିଲାଙ୍କ ପାଠପଢ଼ା ପ୍ରଭାବିତ ହୋଇଛି। ଏହାର ଅନ୍ୟ କିଛି ବିକଳ୍ପ ନ ପାଇବାରୁ ଡଙ୍ଗା ପାଠଶାଳା ଅଭିଯାନ ଆରମ୍ଭ କରିଥିବା କହିଛନ୍ତି।



## ଆଜିର ରାଶିଫଳ

**ମେଷ:** ବ୍ୟସ୍ତ ବିବ୍ରତ ପାଇଁ କାର୍ଯ୍ୟ ତ୍ରୁଟି କରିପାରନ୍ତି। ଚାକିରିରେ ଦାୟିତ୍ୱବୋଧ ରହିବ। ମହିଳାମାନେ ପରିଶ୍ରମୀ ହେବେ। ବାଣିଜ୍ୟରେ ସଫଳ ହେବେ। ଶିକ୍ଷାର୍ଥୀ ନିଷ୍ଠାପର ରହିବ। **ଶୁଭ ଅଙ୍କ-୧, ଶୁଭ ରଙ୍ଗ-ଗୋଲାପୀ**

**ବୃଷ:** କୌଣସି କାର୍ଯ୍ୟ ପାଇଁ ଦୂରଯାତ୍ରା କରିପାରନ୍ତି। ଚାକିରିରେ ଅଭିଯୋଗରେ ସମ୍ମୁଖୀନ ହେବେ। ମହିଳାମାନେ ଚିନ୍ତାରେ ରହିବେ। ବାଣିଜ୍ୟରେ ପ୍ରତିବନ୍ଧକ ରହିବ। ଶିକ୍ଷାର୍ଥୀ ଭ୍ରମରେ ପଡିବେ। **ଶୁକ୍ର ଅଙ୍କ-୨, ଶୁଭ ରଙ୍ଗ-ଧଳା**

**ମିଥୁନ:** କର୍ମକ୍ଷେତ୍ରରେ ପ୍ରତାରଣା ପାଇପାରନ୍ତି। ଚାକିରିରେ ଅସହଯୋଗ ଦେଖାଦେବ। ରାଜନୀତିରେ ବିରୋଧୀ ବୃଦ୍ଧି ପାଇବେ। ବାଣିଜ୍ୟରେ ବିଶେଷ ଭଲ ହେବ ନାହିଁ। ଶିକ୍ଷାର୍ଥୀ ଅସ୍ଥିର ମନା ରହିବେ। **ଶୁଭ ଅଙ୍କ-୮, ଶୁଭ ରଙ୍ଗ-ବାଇଗଣୀ**

**କର୍କଟ:** କୌଣସି ଗୁରୁତ୍ୱ କାର୍ଯ୍ୟ ତୁଲାଇ ଆଶ୍ୱସ୍ତି ହେବେ। ପ୍ରଶାସନିକ ମାନମର୍ଯ୍ୟାଦା ପ୍ରାପ୍ତି ହେବ। ମହିଳାମାନେ ଆତ୍ମନିର୍ଭରଶୀଳ ହେବେ। ବାଣିଜ୍ୟରେ ଉତ୍ତମ ଆୟ ହେବ। ଶିକ୍ଷାର୍ଥୀ ସଫଳ ହେବେ। **ଶୁଭ ଅଙ୍କ-୯, ଶୁଭ ରଙ୍ଗ-ଲାଲ୍**

**ସିଂହ:** କର୍ମକ୍ଷେତ୍ରରେ ବିରୁଦ୍ଧାଭାଷ ରହିବ। ଆର୍ଥିକ ସ୍ଥିତିର ସୁଧାର ଆସିବ। ମହିଳାମାନେ କର୍ମତତ୍ପର ରହିବେ। ବାଣିଜ୍ୟରେ ମନମୁତାବକ ଫଳ ମିଳିବ। ଶିକ୍ଷାର୍ଥୀ ପରିଶ୍ରମୀ ହେବେ। **ଶୁଭ ଅଙ୍କ-୫, ଶୁଭ ରଙ୍ଗ-ସବୁଜ**

**କନ୍ୟା:** କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତି ରହିବ। ସାଂସାରିକ ସୁଖମୟ ରହିବ। ପ୍ରଶାସନିକ ଲୋକପ୍ରିୟତା ବୃଦ୍ଧି ପାଇବ। ବାଣିଜ୍ୟରେ ସନ୍ତୋଷଜନକ ଫଳ ମିଳିବ। ଶିକ୍ଷାର୍ଥୀ ସଫଳତା ପାଇବେ। **ଶୁଭ ଅଙ୍କ-୬, ଶୁଭ ରଙ୍ଗ-ସିଲଭର୍**

**ତୁଳା:** କର୍ମକ୍ଷେତ୍ରରେ ଧନସମ୍ମାନ ପ୍ରାପ୍ତି ହେବ। ସାଂସାରିକ ଭୁଲ ବୁଝାମଣା ରହିବ। ରାଜନୀତିରେ ପ୍ରତିଦ୍ୱନ୍ଦ୍ୱିତା ଦେଖାଦେବ। ବାଣିଜ୍ୟରେ ଆୟବ୍ୟୟ ସମାନ ରହିବ। ଶିକ୍ଷାର୍ଥୀ ଚିନ୍ତାରେ ରହିବେ। **ଶୁଭ ଅଙ୍କ-୮, ଶୁଭ ରଙ୍ଗ-କଳା**

**ବିଛା:** ଦିନଟି ଆଶାଜନକ ସଫଳତା ମିଳିବ। ଚାକିରିରେ ମାନମର୍ଯ୍ୟାଦା ବୃଦ୍ଧି ହେବ। ରାଜନୀତିରେ ନେତୃତ୍ୱ ବୃଦ୍ଧି ପାଇବ। ବାଣିଜ୍ୟରେ ସଞ୍ଚୟ ହେବ। ଶିକ୍ଷାର୍ଥୀ କୃତିତ୍ୱ ଅର୍ଜନ କରିବେ। **ଶୁଭ ଅଙ୍କ-୭, ଶୁଭ ରଙ୍ଗ-କଫି**

**ଧନୁ:** କର୍ମକ୍ଷେତ୍ରର ପରିସର ବୃଦ୍ଧି ପାଇବ। ପ୍ରଶାସନିକ ପ୍ରଭାବଶାଳୀ ରହିବେ। ରାଜନୀତିରେ ପ୍ରତିଷ୍ଠା ବୃଦ୍ଧି ପାଇବ। ବାଣିଜ୍ୟରେ ମନମୁତାବକ ଫଳ ପାଇବେ। ଶିକ୍ଷାର୍ଥୀ ଉତ୍ତୀର୍ଣ୍ଣ ହେବେ। **ଶୁଭ ଅଙ୍କ-୨, ଶୁଭ ରଙ୍ଗ-ସିଲଭର୍**

**ମକର:** ଉଦ୍ୟମ କରି ସଫଳ ହେବେ। ସାଂସାରିକ ଧର୍ମକର୍ମରେ ମନ ରହିବ। ଚାକିରିରେ କର୍ତ୍ତବ୍ୟନିଷ୍ଠ ରହିବେ। ପରିବହନ ଓ ବାଣିଜ୍ୟରେ ଲାଭଜନକ ରହିବ। ଶିକ୍ଷାର୍ଥୀ ଅଧ୍ୟବସାୟୀ ରହିବେ। **ଶୁଭ ଅଙ୍କ-୮, ଶୁଭ ରଙ୍ଗ-ବାଇଗଣୀ**

**କୁମ୍ଭ:** ଅଟକି ରହିଥିବା କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ଚାକିରିରେ ଅବହେଳା ରହିବ। ରାଜନୀତିରେ ଶତ୍ରୁବୃଦ୍ଧି ହେବେ। ମହିଳାମାନେ ହତାଦର ହେବେ। ବାଣିଜ୍ୟରେ ସମସ୍ୟା ରହିବ। ଶିକ୍ଷାର୍ଥୀ ଭ୍ରମରେ ପଡିବେ। **ଶୁଭ ଅଙ୍କ-୫, ଶୁଭ ରଙ୍ଗ-ସବୁଜ**

**ମୀନ:** ଦିନଟି ସମସ୍ୟା ଭିତର ଦେଇ ଗତି କରିବେ। ସନ୍ତାନସନ୍ତତିଙ୍କୁ ନେଇ ଗୌରବାନ୍ୱିତ ହେବେ। ରାଜନୀତିରେ ଜନସେବାରେ ବ୍ରତୀ ହେବେ। ବାଣିଜ୍ୟରେ ଲାଭ ମିଳିବ। ଶିକ୍ଷାର୍ଥୀ କର୍ତ୍ତବ୍ୟନିଷ୍ଠ ରହିବେ। **ଶୁଭ ଅଙ୍କ-୨, ଶୁଭ ରଙ୍ଗ-ଧଳା**


ପଣ୍ଡିତ ଅଭିମନ୍ୟୁ ଦୀକ୍ଷିତ, ବାଲେଶ୍ୱର, ମୋ -୯୭୭୭୭୬୬୨୨୦

## ବିଳମ୍ବରେ ଓଡ଼ିଶା ଛାଡ଼ିବ ମୌସୁମୀ

**ଭୁବନେଶ୍ୱର,୨୨।୯(ସମିସ):** ଚଳିତ ବର୍ଷ ଅକ୍ଟୋବର ତୃତୀୟ ସପ୍ତାହ ପରେ ରାଜ୍ୟରୁ ଦକ୍ଷିଣ ପଶ୍ଚିମ ମୌସୁମୀ ଅପସାରଣ ଆରମ୍ଭ ହେବ। ବର୍ତ୍ତମାନ ବଙ୍ଗୋପସାଗରରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି। ଏହା ଦ୍ୱାରା ଘନଘନ ଲଘୁଚାପ ସୃଷ୍ଟି ହେଉଛି। ଫଳରେ ମୌସୁମୀ ଅପସାରଣ ପାଇଁ ଉପଯୁକ୍ତ ବାତାବରଣ ସୃଷ୍ଟି ହୋଇପାରୁନାହିଁ। କିନ୍ତୁ ଅକ୍ଟୋବର ୭-୮ ପରେ ଏହି ସ୍ଥିତିରେ ପରିବର୍ତ୍ତନ ଆସିବା ସହିତ ଦେଶରୁ ମୌସୁମୀ ଅପସାରଣ ଆରମ୍ଭ ହେବ। ଅପସାରଣ ଆରମ୍ଭ ହେବାବେଳକୁ ଅକ୍ଟୋବର ୨୩ ତାରିଖ ହୋଇଯାଇଥିବା ବୋଲି ଆଇଏମ୍‌ଡି ପକ୍ଷରୁ ପ୍ରକାଶ ପାଇଥିବା ବିସ୍ତାରିତ ପରିସର ଆକଳନରୁ ଜଣାପଡ଼ିଛି। ୧୫ ଅକ୍ଟୋବର ସୁଦ୍ଧା ମୌସୁମୀ ଓଡ଼ିଶା ଛାଡ଼ିଥାଏ।

ଚଳିତ ବର୍ଷ ଜୁନ୍ ୧୦ ତାରିଖରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା ଛୁଇଁଥିଲା। ହେଲେ ମୌସୁମୀ ଛୁଇଁବାର କିଛିଦିନ ପର୍ଯ୍ୟନ୍ତ ବର୍ଷା ଅନ୍ତର୍ଦ୍ଧାନ ହୋଇଯାଇଥିବା ବେଳେ ରାଜ୍ୟର ଅନେକ ଜିଲ୍ଲାରେ ଗଜା ମରୁଡ଼ି ଆଶଙ୍କା ଦେଖାଯାଇଥିଲା। ଅଗଷ୍ଟ ମାସରେ ସ୍ଥିତି ଅତ୍ୟନ୍ତ ବିଗିଡ଼ି ଥିବା ବେଳେ ସେପ୍ଟେମ୍ବରରେ ସ୍ଥିତିରେ ପରିବର୍ତ୍ତନ ଆସିଥିଲା। ଲଘୁଚାପ ପରେ ଲଘୁଚାପ ଯୋଗୁଁ ଆଜି ପର୍ଯ୍ୟନ୍ତ ଓଡ଼ିଶା ସମେତ ରାଜ୍ୟରେ ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି। ସାଧାରଣ ଭାବେ ପ୍ରଥମେ ରାଜସ୍ଥାନରୁ ମୌସୁମୀ ପ୍ରତ୍ୟାବର୍ତ୍ତନ କରୁଥିବା ବେଳେ ସେପ୍ଟେମ୍ବର ମାସରୁ ହିଁ ଏହି ପ୍ରକ୍ରିୟା ଆରମ୍ଭ ହୋଇଥାଏ। ହେଲେ ଚଳିତ ବର୍ଷ ଏବେ ସୁଦ୍ଧା ମୌସୁମୀ ସକ୍ରିୟ ରହିଥିବାରୁ ଅନେକ ସ୍ଥାନରେ ବର୍ଷା ଜାରି ରହିଛି। ପୂର୍ବ ବର୍ଷ ମାନଙ୍କର ରେକର୍ଡ ଦେଖିଲେ ଜଣାଯାଏ ଯେ, ଗତ ୨୦୦୭ ମସିହାରେ ସେପ୍ଟେମ୍ବର ୩୦ରୁ ମୌସୁମୀ ଫେରିବା ଆରମ୍ଭ ହୋଇଥିଲା। ସେହିପରି ୧୯୬୧ ମସିହାରେ ଅକ୍ଟୋବର ୧ ତାରିଖରେ ମୌସୁମୀ ପ୍ରତ୍ୟାବର୍ତ୍ତନ ଆରମ୍ଭ ହୋଇଥିଲା। ମାତ୍ର ୨୦୧୯ ବିଳମ୍ବ ହୋଇ ଅକ୍ଟୋବର ୧୫ ପରେ ମୌସୁମୀ ଓଡ଼ିଶା ଛାଡ଼ିଥିଲା। ଓଡ଼ିଶାରେ ପୂର୍ବରୁ ଅକ୍ଟୋବର ୧୫ ତାରିଖ ପାଖରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ଆରମ୍ଭ ହେଉଥିବା ବେଳେ ଚଳିତ ଏଥିରେ ବିଳମ୍ବ ହେବ ବୋଲି ଜଣାପଡ଼ିଛି।

### ଚାନ୍ଦିପୁର ପ୍ରତିରକ୍ଷା ଘାଟିରେ ଗୁପ୍ତଚରୀ ପ୍ରସଙ୍ଗ

# ଲମ୍ବିପାରେ ଗିରଫ ତାଲିକା

**କଟକ,୨୩।୯(ସମିସ):** ବାଲେଶ୍ୱର ଚାନ୍ଦିପୁରସ୍ଥିତ ଡିଆରଡିଓରୁ ଗୁପ୍ତଚରୀ ଘଟଣାରେ ଅଭିଯୁକ୍ତମାନଙ୍କୁ କ୍ରାଇମ୍‌ବ୍ରାଞ୍ଚ ଜେରା ଜାରି ରଖିଛି। ସେମାନଙ୍କ ନିକଟରୁ ଏପର୍ଯ୍ୟନ୍ତ ବହୁ ତଥ୍ୟ ହାସଲ କରିଛି କ୍ରାଇମ୍‌ବ୍ରାଞ୍ଚ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଗୁପ୍ତଚରୀରେ ଅନ୍ୟ କେତେକ କର୍ମଚାରୀଙ୍କ ସମ୍ପୃକ୍ତି ରହିଥିବା କ୍ରାଇମ୍‌ବ୍ରାଞ୍ଚ ଜାଣିବାକୁ ପାଇଛି। ଆକାଉଣ୍ଟ ସଂକ୍ରାନ୍ତ ସବିଶେଷ ଯାଞ୍ଚ ବେଳେ ଆଉ କିଛି ବ୍ୟକ୍ତିଙ୍କ ସଂକ୍ରାନ୍ତରେ ସୁରାକ ମିଳିଛି। ସେମାନଙ୍କୁ ଏବେ ସ୍କାନରରେ ରଖି ଅଭିଯୁକ୍ତଙ୍କୁ ଏ ସଂକ୍ରାନ୍ତରେ ଅଧିକ ପଚରାଉଚରା ଚଳାଇଛି। ଯଦି ସ୍ୱଷ୍ଟ ସମ୍ପୃକ୍ତି ମିଳେ ତେବେ ଗିରଫ ତାଲିକା ବଢ଼ିବା ନେଇ ଅନୁମାନ କରାଯାଉଛି। ଅନ୍ୟପକ୍ଷେ ମିରଟ ଲିଙ୍କ୍‌କୁ ଏବେ କ୍ରାଇମବ୍ରାଞ୍ଚ ଅଧିକ ଗୁରୁତ୍ୱ ଦେଇଛି। ସେଠାରେ କେତେକ ବ୍ୟକ୍ତି ଗୁପ୍ତଚର ସୃଷ୍ଟି କରିବା ପାଇଁ ଯୋଜନା ପ୍ରସ୍ତୁତ କରୁଥିବାର ସୁରାକ ମିଳିଛି। ଆବଶ୍ୟକ ପଡ଼ିଲେ ଏହି ସମ୍ବେଦନଶୀଳ ଘଟଣାର ତଦନ୍ତ ନିମନ୍ତେ ରାଜ୍ୟବାହାରକୁ କ୍ରାଇମ୍‌ବ୍ରାଞ୍ଚ ଟିମ୍ ଯାଇପାରେ ବୋଲି ଅନୁମାନ କରାଯାଉଛି। ଆଉ ମାତ୍ର ଗୋଟିଏ ଦିନ ଜେରା ବାକି ରହିଥିବା ବେଳେ ଅଭିଯୁକ୍ତମାନଙ୍କ ଅଧିକ ରିମାଣ୍ଡ ବୃଦ୍ଧି ପାଇଁ ଆବେଦନ କରିପାରେ କ୍ରାଇମ୍‌ବ୍ରାଞ୍ଚ। କ୍ରାଇମ୍‌ବ୍ରାଞ୍ଚକୁ ଏପର୍ଯ୍ୟନ୍ତ ଯୁବତୀ ଓ ଅର୍ଥକାରବାର ସଂକ୍ରାନ୍ତ ଠୋସ୍ ପ୍ରମାଣ



- କ୍ରାଇମବ୍ରାଞ୍ଚ ସ୍କାନର୍‌ରେ ଅନ୍ୟ କର୍ମଚାରୀ !
- ଯାଞ୍ଚ ଚାଲିଛି ଏକାଧିକ ଆକାଉଣ୍ଟ
- ଅର୍ଥକାରବାରକୁ ନେଇ ମିଳିଛି ଠୋସ୍ ପ୍ରମାଣ

ମିଳିସାରିଛି। ଏହାକୁ ଆଧାର କରି ମାୟାବିନୀ ସୁନ୍ଦରୀ ଯୁବତୀଙ୍କୁ ଧରିବା ଲାଗି ଟ୍ରାପ୍ ଆରମ୍ଭ ହୋଇଛି। ସମ୍ପୃକ୍ତ ସୁନ୍ଦରୀ ଯୁବତୀଙ୍କ ଲିଙ୍କ୍ ବିଦେଶକୁ ଲମ୍ବିଥିବା ସନ୍ଦେହ କରାଯାଉଛି। ତେବେ ସେମାନେ କାହାଦ୍ୱାରା ପରିଚାଳିତ ହେଉଛନ୍ତି ଏହା କ୍ରାଇମବ୍ରାଞ୍ଚ ପାଇଁ ବଡ ଚାଲେଞ୍ଜ ହୋଇଛି। ସମ୍ପୃକ୍ତ ୫ ଅଭିଯୁକ୍ତଙ୍କ ନିକଟରୁ ଆହୁରି ଅନେକ ତଥ୍ୟ ମିଳିପାରେ ବୋଲି କ୍ରାଇମ୍‌ବ୍ରାଞ୍ଚ ଆଶା ରଖିଛି।

ପ୍ରକାଶ ଥାଉକି, ଚାନ୍ଦିପୁର ପ୍ରତିରକ୍ଷା ଘାଟିରୁ ନିରାପତ୍ତା ସଂକ୍ରାନ୍ତ ତଥ୍ୟ ପ୍ରଘଟ ହେଉଥିବା ଜଣାପଡ଼ିଥିଲା। ଏହି ଅଭିଯୋଗରେ ବସନ୍ତ ବେହେରା ହେମନ୍ତ କୁମାର, ତାପସ ରଞ୍ଜନ ନାୟକ, ସେକ୍ ମସାଫିର ଓ ଆଇଟିଆର ସ୍ଥାୟୀ କର୍ମଚାରୀ ତଥା ଡ୍ରାଇଭର ଭାବେ କାର୍ଯ୍ୟ କରୁଥିବା ଉତ୍ତରପ୍ରଦେଶ ମିରଟର ସଚିନ୍ କୁମାର ଛତାକୁ ଗିରଫ କରାଯାଇଥିଲା। କ୍ରାଇମ୍‌ବ୍ରାଞ୍ଚ ଏହି ମାମଲାର ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ୭ଦିନିଆ ରିମାଣ୍ଡରେ ଆଣି ଜେରା ଚଳାଇଛି।

## ଓଡ଼ିଶା ଆସୁଛନ୍ତି ପ୍ରଧାନ ବିଚାରପତି



**ଭୁବନେଶ୍ୱର,୨୩।୯(ସମିସ):** ସୁପ୍ରିମ୍‌କୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ଏନ୍.ଭି ରମ୍ମନା ଶୁକ୍ରବାରଠାରୁ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଶନିବାର ଜଷ୍ଟିସ୍ ରମ୍ମନା ପୁରୀ ଗସ୍ତ କରିବା ସହ ଶ୍ରୀଜଗନ୍ନାଥ ମନ୍ଦିର ପରିଦର୍ଶନ କରିବା ସହ ଶ୍ରୀଜୀଉଙ୍କୁ ଦର୍ଶନ କରିବେ ବୋଲି ଜଣାପଡ଼ିଛି। ପୁରୀ ଗସ୍ତ ପରେ ଜଷ୍ଟିସ୍ ରମ୍ମନା କଟକ ଗସ୍ତ କରି ସେଠାରେ ଆଇନା ସେବା ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଭାରତର ସର୍ବୋଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଭାବେ ଦାୟିତ୍ୱ ନେବା ପରେ ଜଷ୍ଟିସ୍ ରମ୍ମନା ପ୍ରଥମଥର ପାଇଁ ଓଡ଼ିଶା ଗସ୍ତରେ ଆସୁଥିବା ଜଣାପଡ଼ିଛି। ସେହିପରି ଶେଷଥର ପାଇଁ ଜଷ୍ଟିସ୍ ରମ୍ମନା ୨୦୨୦ ମସିହା ଜାନୁୟାରୀ ୨୫ ତାରିଖରେ ପୁରୀ ଆସି ଶ୍ରୀଜୀଉଙ୍କ ଦର୍ଶନ କରିଥିଲେ।

## ଜଳଦ କୁମାର ତ୍ରିପାଠୀ ରାଜ୍ୟ ମୁଖ୍ୟ ସୂଚନା କମିସନର ନିଯୁକ୍ତ



**ଭୁବନେଶ୍ୱର,୨୩।୯(ସମିସ):** ତାମିଲନାଡୁ ପୂର୍ବତନ ଡିଜି ଜଳଦ କୁମାର ତ୍ରିପାଠୀଙ୍କୁ ରାଜ୍ୟ ମୁଖ୍ୟ ସୂଚନା କମିସନର ଭାବେ ନିଯୁକ୍ତ କରାଯାଇଛି। ଏନେଇ ଗୁରୁବାର ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଗଠିତ ସୁପାରିସ କମିଟିର ପ୍ରସ୍ତାବ କ୍ରମେ

### ପ୍ରକାଶ ପାଇଲା ବିଧିବଦ୍ଧ ବିଜ୍ଞପ୍ତି

ଶ୍ରୀ ତ୍ରିପାଠୀଙ୍କୁ ରାଜ୍ୟ ମୁଖ୍ୟ ସୂଚନା କମିସନର ଭାବେ ନିଯୁକ୍ତି କରାଯାଇଛି। ଏହି ନିଯୁକ୍ତିକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଅନୁମୋଦନ କରିସାରିଛନ୍ତି।

ଶ୍ରୀ ତ୍ରିପାଠୀ ତାମିଲନାଡୁ କ୍ୟାଡରର ୧୯୮୫ ବ୍ୟାଚ୍ ଭାରତୀୟ ପୁଲିସ୍ ସେବା(ଆଇପିଏସ୍) ଅଧିକାରୀ। ସେ ନିକଟରେ ତାମିଲନାଡୁ ପୁଲିସ୍ ଡିଜି ପଦରୁ ଅବସର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ତିରୁଚିଲ୍ଲାପଲ୍ଲୀ ଓ ଚେନ୍ନାଇ ମହାନଗରର ପୁଲିସ୍ କମିସନର ଭାବେ କାର୍ଯ୍ୟ କରିଥିଲେ। ଶ୍ରୀ ତ୍ରିପାଠୀ ୨୦୦୮ ମସିହାରେ ପ୍ରଥମ ଆଇପିଏ୍ ଭାବେ ପବ୍ଲିକ୍ ଆଡ୍‌ମିନିଷ୍ଟ୍ରେସନ୍‌ରେ ଉଲ୍ଲେଖନୀୟ ସେବା ପାଇଁ ପ୍ରଧାନମନ୍ତ୍ରୀ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ସଡ଼କ ସୁରକ୍ଷା ଦିଗରେ ତାଙ୍କର ଉଲ୍ଲେଖନୀୟ ସେବା ପାଇଁ ୨୦୧୯ ମସିହାରେ ସର୍ବୋତ୍କୃଷ୍ଟ ରାଜ୍ୟଭାବେ ତାମିଲନାଡୁକୁ ଭାରତ ସରକାର ପୁରସ୍କୃତ କରିଥିଲେ। ପୁଲିସ୍ ପ୍ରଶାସନରେ ଶୃଙ୍ଖଳିତ ସେବା ପ୍ରଦାନ ଓ ଜନତା-ପୁଲିସ୍ ମଧ୍ୟରେ ଅପୂର୍ବ ସମନ୍ୱୟ ପରିଚାଳନା କରି ଅର୍ନ୍ତଜାତୀୟସ୍ତରରେ ମଧ୍ୟ ସେ ପୁରସ୍କୃତ ହୋଇଛନ୍ତି।

## ହାତୀଗୋଠରେ ୨ ନୂଆ ଅତିଥି



**ଚମ୍ପୁଆ,୨୩।୯(ସମିସ):** ରାଜ୍ୟରେ ହାତୀ ମୃତ୍ୟୁକୁ ନେଇ ବନ୍ୟଜନ୍ତୁ ପ୍ରେମୀ ବ୍ୟଥିତ ହେଉଥିବା ବେଳେ କେନ୍ଦୁଝର ଜିଲ୍ଲାରୁ ଖୁସି ଖବର ଆସିଛି। କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ଜାମୁଦଲକ ଜଙ୍ଗଲରେ ଥିବା ହାତୀ ପଲ ମଧ୍ୟରୁ ୨ଟି ହାତୀ ଆଜି ସକାଳୁ ପ୍ରସବ କରିଛନ୍ତି। ଆଜି ଭୋରୁ ଭୋରୁ ହିଁ ୨ଟି ହାତୀ ଶାବକ ଜନ୍ମ ହୋଇଛନ୍ତି। କିନ୍ତୁ ଆଉ ଏକ ହାତୀ ପ୍ରସବ ନ କରିପାରି ସେଠାରେ ଛଟପଟ ହେଉଥିବା ଖବର ଆସିଛି। ବନ ବିଭାଗ ଓ

### ପ୍ରସବ ଯନ୍ତ୍ରଣାରେ ଛଟପଟ ଆଉଏକ ହାତୀ

ପ୍ରାଣୀ ଚିକିତ୍ସକ ସେଠାରେ ଜଗିରହିଛନ୍ତି। ହାତୀଟି କଷ୍ଟରେ ମାଟିରେ ଗଡୁଥିବା ବେଳେ ଅନ୍ୟ ହାତୀମାନେ ସେଠାରେ ଘେରି ରହିଛନ୍ତି। ହାତୀ ଦେଖିବାକୁ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିବା ସହିତ ହାତୀପଲ ଯେମିତି ହଇରାଣ ନ ହେବେ ସେଥିପାଇଁ ପୁଲିସ ଜଗିରହିଛି। ସୂଚନା ଅନୁସାରେ, କିଛିଦିନ ପୂର୍ବରୁ ୨୫ଟି ହାତୀ ମୟୂରଭଞ୍ଜରୁ ଚମ୍ପୁଆ ରେଞ୍ଜ ଅଞ୍ଚଳକୁ ପଶି ଆସିଥିଲେ।

## ପ୍ରଥମ ଡୋଜ୍ ନେଇ ଭୁଲିଗଲେ

**ଭୁବନେଶ୍ୱର,୨୩।୯(ସମିସ):** ରାଜ୍ୟରେ ବର୍ତ୍ତମାନ ପର୍ଯ୍ୟନ୍ତ ୨ କୋଟି ୮୭ ଲକ୍ଷ ଡୋଜ ଟିକା ଦିଆଯାଇ ସାରିଛି। ଏଥିମଧ୍ୟରୁ ୨ କୋଟି ୧୦ ଲକ୍ଷ ପ୍ରଥମ ଡୋଜ ଦିଆଯାଇଥିବା ବେଳେ ୭୭ ଲକ୍ଷ ଲୋକ ଦ୍ୱିତୀୟ ଡୋଜ୍ ଟିକା ନେଇ ସାରିଛନ୍ତି। ଧାର୍ଯ୍ୟ ଲକ୍ଷ୍ୟର ୬୭ ପ୍ରତିଶତ ଲୋକ ପ୍ରଥମ ଡୋଜ ନେଇସାରଛନ୍ତି ବୋଲି ପରିବାର କଲ୍ୟାଣ ସଚିବ ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଅନ୍ୟପଟେ ଦିଦ୍ୱୀୟ ଡୋଜ୍ ପାଇଁ ଧାର୍ଯ୍ୟ ତାରିଖ ସୁଦ୍ଧା ୭୨ ପ୍ରତିଶତ ଲୋକ ସେମାନଙ୍କ ଦ୍ୱିତୀୟ ଡୋଜ୍ ଟିକା ନେଇ ସାରିଥିବା ବେଳେ ବାକି ୨୮ ପ୍ରତିଶତ ସଠିକ୍ ଟାଇମ୍‌ରେ ଦ୍ୱିତୀୟ ଡୋଜ୍ ଟିକା ନେଇ ନାହାନ୍ତି ବୋଲି ଡ. ପାଣିଗ୍ରାହୀ ସୂଚନା ଦେଇଛନ୍ତି। ତାଙ୍କ କହିବା ଅନୁଯାୟୀ ଯେଉଁମାନେ ଦ୍ୱିତୀୟ ଡୋଜ୍ ଟାଇମ୍‌ରେ ନେଇ ନାହାନ୍ତି, ସେମାନଙ୍କର ଜିଲ୍ଲାୱାରୀ ତାଲିକା ପ୍ରସ୍ତୁତ ହୋଇଛି। ସେମାନେ କିପରି ଆସି ଟିକା ନେବେ ତାହାର ପଦକ୍ଷେପ ନିଆଯିବ। ତେବେ ଏହି କ୍ଷେତ୍ରରେ ଆଦିବାସୀ ଅଧ୍ୟୁସିତ ଅଞ୍ଚଳରେ ଦ୍ୱିତୀୟ ଡୋଜ୍ ଟିକା ନେଇ ନ ଥିବା ପ୍ରତିଶତ ଅଧିକ ରହିଛି। ଆଶା ଓ ଅଙ୍ଗନବାଡ଼ି କର୍ମୀମାନଙ୍କୁ ଏହି ଦାୟିତ୍ୱ ଦିଆଯିବ ଓ ରହିଯାଇଥିବା ଲୋକମାନଙ୍କୁ

- ୨୮ ପ୍ରତିଶତ ଦ୍ୱିତୀୟ ଡୋଜ୍ ନେଇନାହାନ୍ତି
- ୩ କୋଟି ଛୁଇଁବ ମୋଟ୍ ଟିକାକରଣ
- ୨ କୋଟି ନେଲେଣି ପ୍ରଥମ ଡୋଜ୍
- ଉଭୟ ଡୋଜ ନେଇଛନ୍ତି ୭୭ ଲକ୍ଷ
- ୬୪୪ ନୂଆ ଆକ୍ରାନ୍ତ ଚିହ୍ନଟ, ୭୨ ଶିଶୁ

ଟିକା ନେବା ପାଇଁ ଉତ୍ସାହିତ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

ଅନ୍ୟପଟେ ଗୁରୁବାର ରାଜ୍ୟରୁ ୬୪୪ ଜଣ କରୋନା ଆକ୍ରାନ୍ତ ବାହାରିଛନ୍ତି। ସେମାନଙ୍କ ମଧ୍ୟରୁ ୦-୧୮ ବର୍ଷ ବର୍ଗରେ ୭୨ ଜଣ ଚିହ୍ନଟ ହୋଇଛନ୍ତି। ୬୪୪ ଆକ୍ରାନ୍ତଙ୍କ ମଧ୍ୟରୁ ୩୭୫ ଜଣ କ୍ୱାରେଣ୍ଟାଇନରୁ ବାହାରିଥିବା ବେଳେ ବାକି ୨୬୯ ଜଣ ସ୍ଥାନୀୟ ସଂକ୍ରମିତ ଭାବେ ଚିହ୍ନଟ ହୋଇଛନ୍ତି। ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨୮୩ ଜଣ ଚିହ୍ନଟ ହୋଇଛନ୍ତି। ଅନୁଗୋଳ ଜିଲ୍ଲାରୁ ୧୪ ଜଣ ବାହାରିଥିବା ବେଳେ ବାଲେଶ୍ୱରରୁ ୩୪, କଟକରୁ ୭୭, ଜଗତସିଂହପୁରରୁ ୨୮, ଯାଜପୁରରୁ ୨୦, କେନ୍ଦ୍ରାପଡ଼ାରୁ ୧୧, ମୟୂରଭଞ୍ଜରୁ ୧୫, ପୁରୀରୁ ୨୨, ସମ୍ବଲପୁରରୁ ୧୦, ସୁନ୍ଦରଗଡ଼ରୁ ୧୩ ଜଣ ଅଛନ୍ତି। ବାକି ସମସ୍ତ ଅଞ୍ଚଳରେ ଆକ୍ରାନ୍ତଙ୍କ ସଂଖ୍ୟା ୨ ଅଙ୍କ ତଳେ ରହିଛି। ଏହି ଆକ୍ରାନ୍ତଙ୍କୁ ମିଶାଇ ରାଜ୍ୟରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୨୨ ହଜାର ୫୯୪ରେ ପହଞ୍ଚିଛି। ଗୁରୁବାର ୪୧୭ ଜଣ ସୁସ୍ଥ ହୋଇଛନ୍ତି। ଫଳରେ ମୋଟ୍ ସୁସ୍ଥ ସଂଖ୍ୟା ବୃଦ୍ଧି ପାଇ ୧୦ ଲକ୍ଷ ୯ ୮୮ରେ ପହଞ୍ଚିଛି। ସେହିପରି ଆଉ ୭ ଜଣ କରୋନାରେ ପ୍ରାଣ ହରାଇବା ପରେ ରାଜ୍ୟରେ ମୋଟ କରୋନା ଜନିତ ମୃତ ସଂଖ୍ୟା ୮ ହଜାର ୧୫୭କୁ ବୃଦ୍ଧି ପାଇଛି।

## ଓଡ଼ିଆ ମହିଳାଙ୍କୁ ଷଡ଼େଇକଳା ପୁଲିସର ଅସଦାଚରଣ

**ବାରିପଦା,୨୩।୯(ସମିସ):** ଓଡ଼ିଶାର ବିଛିନ୍ନାଞ୍ଚଳ ଝାଡ଼ଖଣ୍ଡ ଷଡ଼େଇକଳାରେ ନ୍ୟାୟ ପାଇଁ ଧାରଣାରେ ବସିଥିବା ଜଣେ ଓଡ଼ିଆ ମହିଳାଙ୍କୁ ଅସଦାଚରଣ ସହ ତାଙ୍କ ମାମୁଙ୍କୁ ନିସ୍ତୁକ ମାଡ଼ ମାରିଛି ପୁଲିସ। ଏହା ସହ ଏସବୁ ଘଟଣାକୁ କ୍ୟାମେରାରେ

- ମହିଳାଙ୍କ ମାମୁ ଓ ସାମ୍ବାଦିକଙ୍କୁ ମାଡ଼
- ହସ୍ତକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ



ସୁଟିଂ କରିଥିବା ଓଡ଼ିଆ ସାମ୍ବାଦିକଙ୍କୁ ମଧ ସେଠାକାର ପୁଲିସ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ପ୍ରଶାସନ ଅଭିଯୁକ୍ତ ପୁଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ନ ଥିବାରୁ ନ୍ୟାୟ ପାଇଁ ହସ୍ତକ୍ଷେପ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି।

କିଛିଦିନ ତଳେ ଷଡ଼େଇକଳା ନିକଟ ରୁଗୁଡିସାହି ଗାଁର ଜଣେ ୨୨ବର୍ଷର ଓଡ଼ିଆ ଯୁବକଙ୍କ ରହସ୍ୟଜନକ ମୃତ୍ୟୁ ଘଟିଥିଲା। ତଦନ୍ତ ଦାବିରେ ମୃତକଙ୍କ ପରିବାର ଧାରଣାରେ ବସିଥିବା ବେଳେ ଷଡ଼େଇକଳା ଥାନା ଓ ଗମ୍ଭାରିଆ ଫାଣ୍ଡି ପୁଲିସ ପୀଡ଼ିତଙ୍କ ପରିବାରକୁ ବୁଝାସୁଝା କରିବା ପରିବର୍ତ୍ତେ ହଠାଇବା ପାଇଁ ବଳପ୍ରୟୋଗ କରିଥିଲା। ମୃତକଙ୍କ ବିବାହିତା ଭଉଣୀଙ୍କୁ ଅସଦାଚରଣ କରିବା ସହ ତାଙ୍କ ମାମୁଁଙ୍କୁ ନିସ୍ତୁକମାଡ଼ ମାରିଥିଲା ସେଠାକାର ପୁଲିସ। ମାଡ଼ ମାରିବାର ଫଟୋ ଉଠାଇଥିବା କିଛି ସାମ୍ବାଦିକଙ୍କୁ ମଧ ପୁଲିସ ଦୁର୍ବ୍ୟବହାର କରିଥିଲା। ଗୋଲକ ବିହାରୀ ନାମକ ଜଣେ ଓଡ଼ିଆ ସାମ୍ବାଦିକଙ୍କଠାରୁ ଫାଣ୍ଡି ଅଧିକାରୀ କ୍ୟାମେରା ନେଇଯିବା ସହିତ ଅଶ୍ରାବ୍ୟ ଭାଷା ପ୍ରୟୋଗ କରିଥିବା ସେ ଅଭିଯୋଗ କରିଛନ୍ତି। ଗମ୍ଭାରିଆ ଫାଣ୍ଡି ଅଧିକାରୀଙ୍କ ଦୁର୍ବ୍ୟବହାର ପ୍ରତିବାଦରେ ସାମ୍ବାଦିକ ୨ ଦିନ ଅନଶନରେ ବସିବା ସହ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। କିନ୍ତୁ ସମ୍ପୃକ୍ତ ଫାଣ୍ଡି ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ପରିବର୍ତ୍ତେ ମାତ୍ର ୫ ଦିନ ଛୁଟିରେ ପଠାଇ ଦିଆଯାଇଛି।

ଏହାର ପ୍ରତିବାଦରେ ଝାଡ଼ଖଣ୍ଡ ବିଛିନ୍ନାଞ୍ଚଳ ଓଡ଼ିଆ ସାମ୍ବାଦିକ ସଂଘ ପକ୍ଷରୁ ଓଡ଼ିଶା ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ସ୍ମାରକପତ୍ର ଦେବାକୁ ସ୍ଥିର ହୋଇଥିବା ଜଣାପଡ଼ିଛି। ଓଡ଼ିଆ ସାମ୍ବାଦିକଙ୍କର ସୁରକ୍ଷା ଏବଂ ଅଣଓଡ଼ିଆ ଅଧିକାରୀଙ୍କ ଓଡ଼ିଆ ଲୋକ ଓ ସାମ୍ବାଦିକଙ୍କ ସହିତ ଦୁର୍ବ୍ୟବହାର ବିରୋଧରେ ଏବଂ ଷଡ଼େଇକଳା-ଖରସୁଆଁ ପରି ଦୁଇଟି ଖାଣ୍ଟି ଓଡ଼ିଆ ଗଡ଼ଜାତ ରାଜ୍ୟକୁ ଓଡ଼ିଶାକୁ ପୁଣି ଫେରାଇ ଆଣିବା ପାଇଁ ଷଡ଼େଇକଳାର ବରିଷ୍ଠ ଓଡ଼ିଆ ସାମ୍ବାଦିକ କାର୍ତ୍ତିକ କୁମାର ପରିଚ୍ଛା ଦାବି କରିଛନ୍ତି।

### ■ ବଗଲା ଧର୍ମଶାଳା ଜମି ବିକ୍ରି ପ୍ରସଙ୍ଗ

## ଚୂଡ଼ାନ୍ତ ରାୟ ଉପରେ ନିର୍ଭର କରିବ ଜମି ସମ୍ପର୍କିତ ନିଷ୍ପତ୍ତି: ହାଇକୋର୍ଟ

**କଟକ,୨୩।୯(ସମିସ):** ପୁରୀର ବଗଲା ଧର୍ମଶାଳା ଜମି ବିକ୍ରିକୁ ବିରୋଧ କରି ଦାୟର ମାମଲାରେ ଆଜି ହାଇକୋର୍ଟ ଶୁଣାଣି କରିଛନ୍ତି। ଜମି ବିବାଦ ସମ୍ପର୍କିତ ନିଷ୍ପତ୍ତି ଚୂଡ଼ାନ୍ତ ରାୟ ଉପରେ ନିର୍ଭର କରିବ ହାଇକୋର୍ଟ କହିଛନ୍ତି। ବିଜେପିର ରାଷ୍ଟ୍ରୀୟ ମୁଖପାତ୍ର ଡ. ସମ୍ବିତ ପାତ୍ରଙ୍କ ପକ୍ଷରୁ ଦାୟର ଏହି ମାମଲାର ଶୁଣାଣି ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ଏସ.ମୁରଲୀଧର ଓ ଜଷ୍ଟିସ ବି.ପି.ରାଉତରାୟ ଖଣ୍ଡପୀଠ ଶୁଣାଣି କରିଥିଲେ। ଏହି ମାମଲାରେ ସତ୍ୟପାଠ ଦାଖଲ ପାଇଁ ଶ୍ରୀମନ୍ଦିର ପ୍ରଶାସନ ସମୟ ନେଇଛି। ଜଗନ୍ନାଥ ବସ୍ତିଆ ଓ ଡକ୍ଟର ସଂବିତ ପାତ୍ରଙ୍କ ପକ୍ଷରୁ ଦାୟର ବଗଲା ଧର୍ମଶାଳା ଜମି ସଂକ୍ରାନ୍ତ ଜନସ୍ୱାର୍ଥ ମାମଲାର ଏକତ୍ର ଶୁଣାଣି ହୋଇଆସୁଛି। ଆସନ୍ତା ଡିସେମ୍ବର ୧୬ରେ ମାମଲାର ପରବର୍ତୀ ଶୁଣାଣି କରାଯିବା ପାଇଁ ଧାର୍ଯ୍ୟ କରାଯାଇଛି। ସୂଚନାଥାଉକି ପୁରୀ ଜଗନ୍ନାଥ ମନ୍ଦିର ଚତୁଃପାର୍ଶ୍ୱ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଥିବା ବେଳେ ବଗଲା ଧର୍ମଶାଳା ଜମିକୁ ହୋଟେଲ ଓ ଲଜ ମାଲିକଙ୍କୁ ଦେବା ପ୍ରସଙ୍ଗକୁ ନେଇ ୨୦୧୯ ରେ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ଭକ୍ତଙ୍କ ରହିବା ଲାଗିଥିବା ଧର୍ମଶାଳାର ଜମିକୁ ହୋଟେଲ ଓ ଲଜ୍ ମାଲିକଙ୍କୁ ଦେବା ପାଇଁ ଯୋଜନା କରିବା ଗ୍ରହଣୀୟ ନୁହେଁ ବୋଲି ଆବେଦନରେ ଦର୍ଶାଯାଇଥିଲା।

## ଯୁକ୍ତ ଦୁଇ ସ୍ୱତନ୍ତ୍ର ପରୀକ୍ଷା ପାଇଁ ୧୮୫ କେନ୍ଦ୍ର

**ଭୁବନେଶ୍ୱର,୨୩।୯(ସମିସ):** ଯୁକ୍ତ ଦୁଇ ସ୍ୱତନ୍ତ୍ର ପରୀକ୍ଷା ଅକ୍ଟୋବର ୧ରୁ ଆରମ୍ଭ ହେବ। ୧୩ହଜାର ୪୩ ପରୀକ୍ଷାର୍ଥୀ ମୋଟ୍ ୧୮୫ଟି କେନ୍ଦ୍ରରେ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ପ୍ରତିଦିନ ପରୀକ୍ଷା ସକାଳ ୧୦ଟାରେ ଆରମ୍ଭ ହୋଇ ୧ଟା ଯାଏଁ ଚାଲିବ। ପ୍ରାକ୍ଟିକାଲ ରେକର୍ଡ ଦାଖଲ ପ୍ରକ୍ରିୟା ଆସନ୍ତା ୨୯ ତାରିଖ ଯାଏଁ ଚାଲିବ। ରବିବାରରେ ମଧ ପରୀକ୍ଷା ହେବ।

ବାଲେଶ୍ୱର ଜିଲ୍ଲାରେ ୧୦ଟି ପରୀକ୍ଷା କେନ୍ଦ୍ର ଚିହ୍ନଟ ହୋଇଥିବାବେଳେ ଭଦ୍ରକରେ ୫, ବଲାଙ୍ଗିରରେ ୯, ସୋନପୁରରେ ୫, ଜଗତସିଂହପୁର ୬, କଟକ ଜିଲ୍ଲାରେ ୧୨ଟି ଆଦି ବିଭିନ୍ନ ଜିଲ୍ଲାରେ ମୋଟ୍ ୧୮୫ଟି ପରୀକ୍ଷା କେନ୍ଦ୍ର ଚିହ୍ନଟ କରାଯାଇଥିବା (ସିଏଚଏସଇ) ପକ୍ଷରୁ ସୂଚନା ଦିଆଯାଇଛି।

## ଯୁକ୍ତ ତିନି ଦ୍ୱିତୀୟ ପର୍ଯ୍ୟାୟ କଟ୍‌ଅଫ୍ ତାଲିକା ପ୍ରକାଶିତ

### ବିଜେବି କଲେଜର କଟ୍‌ଅଫ୍ ସର୍ବାଧିକ

**ଭୁବନେଶ୍ୱର,୨୩।୯(ସମିସ):** ବିଭିନ୍ନ ଡିଗ୍ରି କଲେଜରେ ଯୁକ୍ତ ୩ ନାମଲେଖା ପାଇଁ ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟ କଟ୍‌ଅଫ୍ ମାର୍କ ପ୍ରକାଶ ପାଇଛି। କଳା, ବାଣିଜ୍ୟ ଓ ବିଜ୍ଞାନ ବିଭାଗରେ ୪୦ହଜାର ୬୧୧ ଛାତ୍ରଛାତ୍ରୀ ମନୋନୀତ ହୋଇଛନ୍ତି। କଳାରେ ମୋଟ ୨୩ ହଜାର ୩୪୬ ଜଣ ଛାତ୍ରଛାତ୍ରୀ ମନୋନୀତ ହୋଇଥିବାବେଳେ ବାଣିଜ୍ୟରେ ୩ହଜାର ୭୩୧, ଫିଜିକାଲ ସାଇନ୍ସରେ ୬ହଜାର ୯୪୪, ବାୟୋଲୋଜିକାଲ ସାଇନ୍ସରେ ୫ହଜାର ୨୮୮, ସେଲ୍‌ଫ ଫାଇନାନ୍ସିଂ ପାଠ୍ୟକ୍ରମରେ ୪୮୫ ଏବଂ ସଂସ୍କୃତରେ ୨୩୭ଜଣ ଦ୍ୱିତୀୟ ପର୍ଯ୍ୟାୟରେ ନାମଲେଖାଇବା ଲାଗି ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ମଧ କଳା, ବାଣିଜ୍ୟ ଓ ବିଜ୍ଞାନ ଭଳି ସମସ୍ତ ବିଭାଗରେ ବିଜେବି ସ୍ୱୟଂ ଶାସିତ କଲେଜର କଟ୍‌ଅଫ୍ ସର୍ବାଧିକ ରହିଛି। ରାଜ୍ୟର +୩ କଲେଜ ଗୁଡ଼ିକରେ ମୋଟ୍ ୨ଲକ୍ଷ ୪୯ହଜାର ୬୦୩ ସିଟ୍ ଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୧ଲକ୍ଷ ୧୫ହଜାର ୯୭୨ ଜଣ ନାମଲେଖାଇଥିଲେ। ଅବଶିଷ୍ଟ ୧ଲକ୍ଷ ୩୩ ହଜାର ୬୩୧ ସିଟ୍ ବଳକା ରହିଥିଲା। ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ନାମଲେଖା ଲାଗି ଆବେଦନ କରିଥିଲେ ବି ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ମାତ୍ର ୪୦ ହଜାର ୬୧୧ ଜଣ ଛାତ୍ରଛାତ୍ରୀ ଚୟନ ହୋଇଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ସେପ୍ଟେମ୍ବର ୨୩ରୁ ୨୭ ତାରିଖ ରାତି ୧୧ଟା ୪୫ ମିନିଟ୍ ଯାଏଁ ସାମ୍ସ ପୋର୍ଟାଲ ଜରିଆରେ ଅନଲାଇନ୍‌ରେ ଫି ଦାଖଲ କରିବେ। ସେପ୍ଟେମ୍ବର ୨୪ ରୁ ୨୮ ତାରିଖରେ ଯାଏଁ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଚାଲିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

### ଫୋକସ୍‌ରେ ଅଣଧାନ ଚାଷ

# ମିଠା ଆଳୁ ଉତ୍ପାଦନରେ ଓଡ଼ିଶା ଏକ ନମ୍ବର

**ଭୁବନେଶ୍ୱର,୨୩।୯(ସମିସ):** ୨୦୧୯-୨୦ ବର୍ଷ ଉଦ୍ୟାନ ଚାଷ ବିବରଣୀ ଅନୁସାରେ ଓଡ଼ିଶା ମିଠା ଆଳୁ ଉତ୍ପାଦନରେ ସାରା ଦେଶରେ ପ୍ରଥମ ସ୍ଥାନ ହାସଲ କରିଛି। ସେହିପରି ବାଇଗଣ ଉତ୍ପାଦନରେ ରାଜ୍ୟ ଦେଶରେ ଦ୍ୱିତୀୟ, ଫୁଲକୋବି, ଭେଣ୍ଡି, ଟମାଟୋ ଉତ୍ପାଦନରେ ପଞ୍ଚମ ଏବଂ ଲାଉ ଉତ୍ପାଦନରେ ୬ଷ୍ଠ ସ୍ଥାନ ଅଧିକାର କରିଛି। ଅନୁରୂପ ଭାବେ ଉତ୍ପାଦନରେ ଜାମୁ ଉତ୍ପାଦନରେ ଦ୍ୱିତୀୟ, ଲେମ୍ବୁରେ ୫ମ, ତରଭୁଜରେ ପଞ୍ଚମ, ସପେଟାରେ ସପ୍ତମ, ଆମ୍ବ ଉତ୍ପାଦନରେ ନବମ ସ୍ଥାନ ହାସଲ କରିପାରିଛି। ଓଡ଼ିଶା ପୂର୍ବରୁ ଚାଉଳ, କ୍ଷୀର, କୁକୁଡ଼ା, ମାଛ ଯାଆଁଳ ଆଦି କ୍ଷେତ୍ରରେ ପୂର୍ବାପେକ୍ଷା ଅଧିକ ଆତ୍ମନିର୍ଭରଶୀଳ ହୋଇପାରିଛି। ଆଗାମୀ ଦିନରେ ରାଜ୍ୟକୁ ପନିପରିବା ପନିପରିବା ଏବଂ ଫଳ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟଭେଦୀ ଏବଂ ସମୟାନୁବନ୍ଧିତ କାର୍ଯ୍ୟ-ପନ୍ଥା ନିର୍ଦ୍ଧାରଣ କରାଯାଉଛି।

ଆଗାମୀ ଦିନରେ ଅଣ-ଧାନ ଚାଷରେ ରାଜ୍ୟକୁ ଆତ୍ମ ନିର୍ଭରଶୀଳ କରିବା ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ରାଜ୍ୟରେ ଫଳ ଓ ପନିପରିବା ଚାଷ ସମ୍ବନ୍ଧିତ ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ବହୁ ତଥ୍ୟ ଉପସ୍ଥାପନ କରିଥିଲେ। ଫଳ ଓ ପନିପରିବା ଚାଷ ପାଇଁ ଓଡ଼ିଶାରେ ଥିବା ବହୁ ସମ୍ଭାବନା ଓ ସମ୍ବଳ ବିଷୟ ଉଲ୍ଲେଖ କରି ବିଭିନ୍ନ ଜିଲ୍ଲାର କୃଷି-ଜଳବାୟୁ ଓ ମୃତ୍ତିକା ସଂରଚନା ଆଦି ଭିତ୍ତିରେ ଲକ୍ଷ୍ୟଭେଦୀ କାର୍ଯ୍ୟ-ଯୋଜନା ପ୍ରସ୍ତୁତ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସେହିପରି ଅଣ-ଧାନ ଚାଷରେ ଲକ୍ଷ୍ୟ ହାସଲ କରିବା ପାଇଁ ଫଳ ଓ ପନିପରିବାର ଆଧୁନିକ ଚାଷ ପ୍ରଣାଳୀ, ବାର୍ଷିକ ଆୟ ଆଦି ବିଷୟରେ କୃଷକମାନଙ୍କୁ ଅନୁପ୍ରେରଣା ଦେବାପାଇଁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ଫୁଲ କୋବି, ବନ୍ଧା କୋବି, ଟମାଟୋ, ଆଳୁ, ପିଆଜ ଆଦି ଜାତୀୟ ପରିବା ଏବଂ କଦଳୀ, ଅମୃତଭଣ୍ଡା, ପିଜୁଳି ଓ ଲେମ୍ବୁ ଆଦି ଫଳ ଉତ୍ପାଦନ ବଢ଼ାଇବା ପାଇଁ କୃଷି ବିଭାଗକୁ ପରାମର୍ଶ ଦେଇଥିଲେ। ଲକ୍ଷ୍ୟଭେଦୀ କାର୍ଯ୍ୟଯୋଜନା ପ୍ରସ୍ତୁତି ନିମନ୍ତେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା କୃଷି ଉତ୍ପାଦନ କମିଶନର(ଏପିସି) ରାଜକୁମାର ଶର୍ମାଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଥିଲା।



- ବାଇଗଣ ଉତ୍ପାଦନରେ ଦ୍ୱିତୀୟ
- ଭେଣ୍ଡି, କୋବି, ଟମାଟୋରେ ପଞ୍ଚମ
- ଫଳ, ପନିପରିବାରେ ଆତ୍ମନିର୍ଭରଶୀଳ
- ଜଳବାୟୁକୁ ଦେଖି ଯୋଜନା ନିର୍ଦ୍ଦେଶ

କୃଷି ସଚିବଙ୍କ ସୂଚନାନୁଯାୟୀ, ଓଡ଼ିଶାରେ ସାଧାରଣତଃ କଦଳୀ, ଆମ୍ବ, ପିଜୁଳି, ଅମୃତଭଣ୍ଡା, ଲେମ୍ବୁ, ସାପେଟା, ସପୁରୀ, ତରଭୁଜ, ଜାମୁ ଆଦି ଫଳ, ଏବଂ, ବାଇଗଣ, ଭେଣ୍ଡି, ଟମାଟୋ, ଆଳୁ, ପିଆ।।ଜ, ପାଣିକଖାରୁ, ଲାଉ, ମୂଳା ଓ କନ୍ଦମୁଳ ଜାତୀୟ ପରିବା, ଫୁଲକୋବି, ବନ୍ଧାକୋବି, ବିନ୍ ଓ ଛୁଇଁ ଆଦି ପନିପରିବା ବେଶି ପରିମାଣରେ ଉତ୍ପାଦିତ ହୁଏ। ତେଣୁ ଏହାକୁ ଲକ୍ଷ୍ୟ କରି କାର୍ଯ୍ୟପନ୍ଥା ସ୍ଥିରୀକୃତ କରାଯିବ। ସେହିପରି ଉଦ୍ୟାନ ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା କହିଛନ୍ତି ଯେ, ଲଗାତାର ପ୍ରୋତ୍ସାହନ ମୂଳକ ପ୍ରଚେଷ୍ଟା ଯୋଗୁ ରାଜ୍ୟ ପନିପରିବା ଓ ଫଳ ଉତ୍ପାଦନରେ ଜାତୀୟସ୍ତର ମାନ୍ୟତା ହାସଲ କରିପାରିଛି। ଅନ୍ୟପକ୍ଷରେ ପ୍ରଥମ ପର୍ଯ୍ୟାୟରେ ବିଶେଷ ଚାହିଦା ଥିବା ଏବଂ ଓଡ଼ିଶାର ଜଳବାୟୁ ଓ ମୃର୍ତ୍ତିକା ଅନୁକୂଳ ଅଳ୍ପ ସଂଖ୍ୟକ ଫଳ ଓ ପନିପରିବା ନେଇ କାର୍ଯ୍ୟ-ଯୋଜନା ପ୍ରସ୍ତୁତ କରିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି।



# ଜାମୁଗଣ୍ଡ ନାଳରେ ଭାସି ଯୁବକଙ୍କ ମୃତ୍ୟୁ



**ପାତ୍ରପୁର,୨୩।୯ (ସମିସ):** ଜରଡା ଥାନା ବୁରାତାଲ ପଞ୍ଚାୟତ ଅନ୍ତର୍ଗତ କମଳାଖତ ନୂଆସାହି ତଥା ପ୍ରାୟ ୧୫ଖଣ୍ଡ ଗାଁକୁ ଯିବାକୁ ହେଲେ ଜାମୁଗଣ୍ଡ ନାଳ ପାର କରିବାକୁ ପଡ଼ିଥାଏ। ନାଳ ପାର କରିବା ସମୟରେ ଜଣେ ଯୁବକ ଭାସିଯାଇ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ମୃତ ଯୁବକ ଜଣକ ହେଲେ କମଳାଖତ ନୂଆସାହିର କୃତି ରଉତଙ୍କ ପୁଅ ସୋମନାଥ (୨୭)। ମିଳିଥିବା ସୂଚନା ଅନୁସାରେ ବୁଧବାର ବୁରାତାଲ ଠାରେ ସାପ୍ତାହିକ ହାଟକୁ ସଉଦା ଆଣିବା ପାଇଁ ଯାଇଥିଲେ; କିନ୍ତୁ ଆଉ ଘରକୁ ଫେରି ନଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ସୋମାନଥଙ୍କ ପତ୍ତା ପାଇପାରି ନ ଥିଲେ। ଆଜି ସକାଳେ ଗ୍ରାମର କିଛି ଯୁବକ ଜାମୁଗଣ୍ଡ ନାଳରେ ସୋମନାଥଙ୍କ ମରଶରୀର ଦେଖିଥିଲେ। ପରେ ପୁଲିସ ଓ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ୧୫ ଖଣ୍ଡ ଗାଁକୁ ରାସ୍ତା ନ ଥିବାରୁ ଜାମୁଗଣ୍ଡ ନାଳ ପାର ହୋଇ ଯିବାକୁ ପଡ଼ିଥାଏ। ଏହାର ପ୍ରତିବାଦ କରି ଗ୍ରାମବାସୀ ଓ ପରିବାର ଲୋକମାନେ ତୁମ୍ବା ବୁରାତାଲ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ପାତ୍ରପୁର ତହସିଲଦାର ଅମିତ କୁମାର ନାୟକ ଓ ଜରଡା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିବା ସହ କ୍ଷତିପୂରଣ ପ୍ରଦାନ ଏବଂ ସେତୁ ନିର୍ମାଣ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା। ପରେ ପୁଲିସ ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା।

# ସ୍କୁଟିକୁ ବଞ୍ଚାଇବାକୁ ଯାଇ ଓଲଟିଲା ବସ୍

**ସୋରଡା,୨୩।୯ (ସମିସ):** ଗଞ୍ଜାମ ଜିଲ୍ଲା ସୋରଡ଼ାରୁ ଭଞ୍ଜନଗରକୁ ଯାଉଥିବା ଏକ ଘରୋଇ ମିନି ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। କୁଲାଙ୍ଗି କାଲିଆଗୁଡ଼ା ମଝିରେ ଏକ ବୁଲାଣି ନିକଟରେ ଏକ ସ୍କୁଟିକୁ ରକ୍ଷା କରିବାକୁ ଯାଇ ବସ୍‌ଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଏଥିରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଛନ୍ତି। ଏଥିରେ କେହି ମୃତାହତ ହୋଇନାହାନ୍ତି। ୧୮ ଜଣଙ୍କୁ ଭଞ୍ଜନଗର ଚିକିତ୍ସାଳୟ ଓ ୧୨ ଜଣଙ୍କୁ ସୋରଡ଼ା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆହତଙ୍କ ମଧ୍ୟରେ ବସ୍ ଚାଳକ ମଧ୍ୟ ରହିଛି।

ସୂଚନା ଅନୁଯାୟୀ, ବଡ଼ଗଡ଼ ନିକଟ ଗୌଡ଼ଗୋଠ ଅଞ୍ଚଳର ୪୫ ଜଣ ପୁରୁଷ, ମହିଳା କୃଷକ ଭଞ୍ଜନଗର କୃଷି ବିଜ୍ଞାନ କେନ୍ଦ୍ରରେ ଏକ ସ୍ୱତନ୍ତ୍ର କୃଷି ତାଲିମ ସକାଶେ ଯାଉଥିଲେ। ଭଞ୍ଜନଗରର କୃଷି ବିଜ୍ଞାନ କେନ୍ଦ୍ରକୁ ଜୈବିକ ଚାଷ ପ୍ରଶିକ୍ଷଣ ପାଇଁ ଘରୋଇ ସଂସ୍ଥା ଦ୍ୱାରା ସରକାରୀ ମିଲେଟ ମିଶନ ତରଫରୁ ସେମାନଙ୍କୁ ନିଆଯାଉଥିଲା। ଦୁର୍ଘଟଣାର ଖବର ପାଇ ସ୍ଥାନୀୟ ଲୋକଙ୍କ ସମେତ ଭଞ୍ଜନଗର, ସୋରଡା ଓ ଗୋବରା ସରକାରୀ ମେଡିକାଲ କର୍ମଚାରୀ, ଅଗ୍ନିଶମ କର୍ମଚାରୀ ଓ ସୋରଡା, ଗାଙ୍ଗପୁର ପୁଲିସ ମେଡିକାଲ ପଠାଇବାରେ ସହଯୋଗ କରିଥିଲେ।





**୩୦ରୁ ଊର୍ଦ୍ଧ୍ୱ ଆହତ**

ମିନିବସ୍ ସୋରଡାରୁ ସାଢ଼େ ୮ଟା ସମୟରେ ବାହାରିଥିଲା। ସହଯାତ୍ରୀ ଭାବେ ଯାଉଥିବା ଏକ ମୋପେଡ ସ୍କୁଟି ହଠାତ୍ ବସ୍ ଆଗକୁ ଆସିଯିବାରୁ ତାକୁ ବଞ୍ଚାଇବାକୁ ଯାଇ ଭାରସାମ୍ୟ ହରାଇ ବସ୍‌ଟି ରାସ୍ତାରେ ହିଁ ଓଲଟି ପଡ଼ିଥିବା କିଛି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ସୋରଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୌଡ଼ଗୋଠ ଗ୍ରାମର ଲୁରେନ୍ସ ନାଇକ, ଅନାନିଅସ ନାଇକ, ପାଉଲ ସୁଅଲସିଂ, କୃଷନ୍ତ ସେନାପତି ଚିକିତ୍ସିତ ହେଉଛନ୍ତି। ଗୁରୁତର ଥିବା ଅକ୍ଲିନା ନାଇକ, ସେଲେସ୍ତିନା ନାଇକଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଯାଇଛି। ସିରିପୁର ଗ୍ରାମର ଜଞ୍ଜାଳି ସାହୁ ବଡ଼ଗଡ଼ ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି। ଖବର ପାଇ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ମେଡିକାଲରେ ପହଞ୍ଚି ଆହତମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ସେହିଭଳି ଭଞ୍ଜନଗର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଚୈତନ୍ୟ ଶୋଭାସୁନ୍ଦର, ଫିଲ୍ଲିପ ଶୋଭାସୁନ୍ଦର, ଜନାର୍ଦ୍ଦନ ଶୋଭାସୁନ୍ଦର, ପୁଷ୍ପା ମନ୍ତ୍ରୀ, କନକ ନାଇକ, ଦିଲ୍ଲୀପ ଶୋଭାସୁନ୍ଦର, ଜୋହାନ ନାଇକ, ମିଥୁନ ନାଇକ, ବନ୍ଦନା ସୁଅଲସିଙ୍ଗ ଚିକିତ୍ସିତ ହେଉଛନ୍ତି। ସାମାନ୍ୟ ଆହତ ହୋଇଥିବା ଲୋକଙ୍କୁ ପ୍ରାଥମିକ ଚିକିତ୍ସା ପରେ ନିଜ ଘରକୁ ପଠାଇ ଦିଆଯାଇଛି।

# ବିଜେପି ପକ୍ଷରୁ ସେବା ସପ୍ତାହ ପାଳିତ

**ହିଞ୍ଜିଳିକାଟୁ,୨୩।୯ (ସମିସ):** ବିଜେପି ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ୭୧ତମ ଜନ୍ମ ଦିବସ ଅବସରରେ ସେବା ସପ୍ତାହ ପାଳନ କରାଯାଇଛି। ସିକିରି ବିଜେପି ମଣ୍ଡଳ ସଭାନେତ୍ରୀ ରଶ୍ମିତା ବେହେରାଙ୍କ ନେତୃତ୍ୱରେ ସେବା ସପ୍ତାହ କାର୍ଯ୍ୟକ୍ରମକୁ ପୂର୍ବତନ ରାଜ୍ୟ ଉପସଭାପତି ଦେବାନନ୍ଦ ମହାପାତ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ସମସ୍ତ କାର୍ଯ୍ୟକର୍ତ୍ତା ସ୍ଥାନୀୟ ପାଟଣାସାହି ସ୍ଥିତ ଶ୍ରୀଲକ୍ଷ୍ମୀ ନୃସିଂହ ମନ୍ଦିରକୁ ଯାଇ ପ୍ରଧାନମନ୍ତ୍ରୀ ମୋଦିଙ୍କ ସୁସ୍ଥ ସ୍ୱାସ୍ଥ୍ୟ, ଦୀର୍ଘ ନିରାମୟ ଜୀବନ କାମନା କରି ପ୍ରାର୍ଥନା କରିଥିଲେ। ପରେ ସମସ୍ତେ ସ୍ଥାନୀୟ ସରକାରୀ ଉପଖଣ୍ଡ ଚିକିତ୍ସାଳୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ସମସ୍ତ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ପରେ ସ୍ଥାନୀୟ ଟୀକା କେନ୍ଦ୍ର ପରିଦର୍ଶନ କରିବା ସହ କରୋନା ଯୋଦ୍ଧାମାନଙ୍କୁ ସାକ୍ଷାତ କରି ସେମାନଙ୍କୁ ଉତ୍ସାହିତ କରିବା ସହ ସେଠାରେ ମାସ୍କ ବଣ୍ଟନ କରିଥିଲେ। ଆସନ୍ତା ଦିନରେ ଗଣ୍ଡଲା ମଣ୍ଡଳ, କାଞ୍ଚୁରୁ ମଣ୍ଡଳ, ଶେରଗଡ଼ ମଣ୍ଡଳ, ହିଞ୍ଜିଳି ମଣ୍ଡଳ, ଧବଳପୁର ମଣ୍ଡଳରେ ସଫେଇ, କରୋନା ଯୋଦ୍ଧାମାନଙ୍କୁ ସାମ୍ମାନିତ କରାଯିବ ପାଇଁ ନିଷ୍ପତ୍ତି ନିଆଯାଇଅଛି ବୋଲି ବିଜେପି ବରିଷ୍ଠ ନେତା ଦେବାନନ୍ଦ ମହାପାତ୍ର କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ବିଜେପି କାଞ୍ଚୁରୁ ମଣ୍ଡଳ ସଭାପତି ରାମକୃଷ୍ଣ ମହାନ୍ତି, ବରିଷ୍ଠ ନେତା ଜୟରାମ ସ୍ୱାଇଁ, ଶେରଗଡ଼ ବିଜେପି ମଣ୍ଡଳ ସଭାପତି ରାମକୃଷ୍ଣ ପାତ୍ର, ହିଞ୍ଜିଳିକାଟୁ ନଗର ଓବିସି ମୋର୍ଚ୍ଚା ସଭାପତି ସିମାଞ୍ଚଳ ନାହାକ, ବାସୁଦେବ ପଣ୍ଡିତ, ରୀନା ଗୌଡ଼, ଲିଙ୍ଗରାଜ ଗୌଡ଼, ସୁଶାନ୍ତ ସେଠୀ ସହଯୋଗ କରିଥିଲେ।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅକ୍ସିଜେନ୍ କନ୍‌ସେଣ୍ଟ୍ରେଟର ପ୍ରଦାନ

**ଧରାକୋଟ,୨୩।୯ (ସମିସ):** ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଅଧିକାରୀ ସୁରେଖା ସୁନ୍ଦରୀ ମଲିକ ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ଡାକ୍ତର ଶଙ୍କର ନାରାୟଣ ବେହେରା ଉପସ୍ଥିତିରେ ଦୁଇଟି ଅକସିଜେନ୍ ଏକାଗ୍ରତା କରିବା ମେସିନ (ଅକ୍ସିଜେନ୍ କନ୍‌ସେଣ୍ଟ୍ରେଟର) ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ଜିଲ୍ଲାସ୍ତରର ସଂଯୋଜକ ଦେବବ୍ରତ ମହାନ୍ତି ସମ୍ପ୍ରତି କୋଭିଡର ତୃତୀୟ ଲହର ଆଗମନ ସମୟରେ ଏହି ଅକ୍ସିଜେନ ମେସିନ କିପରି କୋଭିଡ ଆକ୍ରାନ୍ତଙ୍କ ପାଇଁ ଜୀବନ ଔଷଧ ପାଲଟିବ ଏବଂ ଘରେ ଘରେ ନିଜେ କିପରି ଅମ୍ଳଜାନ ମେସିନର ସରଳୀକରଣ ଭାବେ ଉପଯୋଗ ହୋଇପାରିବ ସେ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଧରାକୋଟ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଡାଳିମ୍ବ ନାଇକ ଏବଂ ସୁପର ଭାଇଜର ସବିତା ସାବତ, ବିପିଏମ ଜର୍ଜ ପଟ୍ଟନାୟକଙ୍କ ସମେତ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଅଙ୍ଗନବାଡ଼ି, ଏଏନଏମ ଉପସ୍ଥିତ ଥିଲେ। ଏହି ଅବସରରେ ଗ୍ରାମାଞ୍ଚଳରେ ବାଲ୍ୟବିବାହକୁ ରୋକିବା ଓ ଭ୍ରୁଣ ହତ୍ୟା ରୋକିବାର ସଫଳ ମୁକାବିଲା ପାଇଁ ଉପଦେଶ ଦେଇଥିଲେ।



# ଅବସରପ୍ରାପ୍ତ କର୍ମଚାରୀଙ୍କୁ ମିଳିନି ୫ ମାସର ପେନ୍‌ସନ୍

**କବିସୂର୍ଯ୍ୟନଗର,୨୩।୯ (ସମିସ):** କବିସୂର୍ଯ୍ୟନଗର ଏନ୍‌ଏସି ଅବସରପ୍ରାପ୍ତ କର୍ମଚାରୀଙ୍କୁ ଦୀର୍ଘ ପାଞ୍ଚ ମାସର ପେନସନ ମିଳି ନ ଥିବା ଜଣାପଡ଼ିଛି। ପେନସନ ମିଳି ନଥିବାରୁ ସେମାନେ ବହୁ ଅସୁବିଧାରେ କାଳାତିପାତ କରୁଛନ୍ତି। ଗତ ମେ' ମାସଠାରୁ ପେନସନ ମିଳିନାହିଁ। ପୂର୍ବ ବକେୟା ଟଙ୍କା, ଗ୍ରାଚୁଆଟି ଟଙ୍କା, ଲିଭସାଲେରୀ ଟଙ୍କା ଅଭାବ ଦର୍ଶାଇ ଦିଆଯାଉନ ଥିବା ଅବସରପ୍ରାପ୍ତ କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ସପ୍ତମ ବେତନ କମିଶନ ପ୍ରକାରେ ପେନସନ ଦେବା ପାଇଁ ସରକାରଙ୍କ ଦୁଇବର୍ଷ ହେଲା ନିର୍ଦ୍ଦେଶ ଥିଲେ ବି ଆଜି ସୁଦ୍ଧା ସେମାନଙ୍କୁ ଦିଆଯାଉନାହିଁ। ଏନେଇ ଜିଲ୍ଲାପାଳ, ଏଡିଏମ, ଇଓଙ୍କ ବାରମ୍ବାର ଜଣାଇ ସେମାନେ ଅସହାୟ ହୋଇପଡ଼ିଲେଣି। ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି କୃଷ୍ଣଚନ୍ଦ୍ର କର, ସୁରେନ୍ଦ୍ର ନାଥ ବେହେରା, ବିଜୟ ସାହୁ, ଗୋପୀନାଥ ସାହୁ, ରମେଶ ଚନ୍ଦ୍ର ଚୌଧୁରୀ, ଦୁର୍ଯ୍ୟୋଧନ ନାୟକ, ଦୁର୍ଗାପ୍ରସାଦ ସାହୁ, ଉମା ଚରଣ ରଥ, ବିଜୟ କୁମାର, ସାହୁ, ହାଡୁବନ୍ଧୁ କର ସମେତ ୨୫ରୁ ଊର୍ଦ୍ଧ୍ୱ ଅବସରପ୍ରାପ୍ତ କର୍ମଚାରୀ ଏହି ଅଭିଯୋଗ କରିଛନ୍ତି। ଶୀଘ୍ର ନ ମିଳିଲେ ଆଗାମୀ ଦିନରେ ଅନିର୍ଦ୍ଦିଷ୍ଟ କାଳ ଧାରଣା ବସିବାକୁ ସଂଘ ନିଷ୍ପତ୍ତି ନେଇଥିବା ସେମାନେ ଜଣାଇଛନ୍ତି।

# ଚୂଡ଼ାନ୍ତ ଭୋଟର ତାଲିକା ପ୍ରସ୍ତୁତି କର୍ମଶାଳା

**ସୋରଡା,୨୩।୯ (ସମିସ):** ସୋରଡା ବ୍ଲକ ସଭାଗୃହ ଠାରେ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଚୂଡାନ୍ତ ଭୋଟର ତାଲିକା ପ୍ରସ୍ତୁତ ପାଇଁ ଗରୁଡ଼ ଆପ୍ ମାଧ୍ୟମରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ୧୩୯ ଜଣ ବିଏଲଓ ଅଂଶଗ୍ରହଣ କରି ଭୋଟର ତାଲିକା ସଂଶୋଧନ, ସଂଯୋଗ ଓ ଚୂଡାନ୍ତ ତାଲିକା ପ୍ରସ୍ତୁତି ସମ୍ପର୍କରେ ବୁଝିଥିଲେ। ଏହି ଆପ୍ ବ୍ୟବହାର କରିବା ସହ ନିର୍ଭୁଲ ତାଲିକା ପ୍ରସ୍ତୁତି ପାଇଁ ଗ୍ରାମ ପଞ୍ଚାୟତ ଅଫିସର ଦାୟିତ୍ୱରେ ଥିବା ଦୁର୍ଗା ପ୍ରସାଦ ପଣ୍ଡା ଏହାକୁ ଆୟୋଜନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏବିଡିଓ ସଞ୍ଜୀବ ରାଜ୍ ସେନାପତି ଉପସ୍ଥିତ ରହି ତାଲିକା ପ୍ରସ୍ତୁତିର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିଥିଲେ।

## ଭଞ୍ଜନଗରରେ ମାତିଲେ ଲୁଟେରା

# ମୋବାଇଲ୍ ଦୋକାନରୁ ଲୁଟ୍

**ଭଞ୍ଜନଗର,୨୩।୯ (ସମିସ):** ଦିନକୁ ଦିନ ଭଞ୍ଜନଗର ସହରରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ବିଗିଡ଼ିବ ହେତୁ ଏହା ସହରବାସୀଙ୍କୁ ଆତଙ୍କିତ କରିଛି। କିଛି ଦିନ ଧରି ସହରରେ ବିଭିନ୍ନ ସ୍ଥାନରେ ଅସାମାଜିକମାନଙ୍କ ମାରପିଟ୍ ଘଟଣା, ହୋଟେଲ୍ ମାଲିକଙ୍କୁ ଆକ୍ରମଣ, ଆଇନଜୀବୀଙ୍କୁ ଆକ୍ରମଣ ଭଳି ଘଟଣା ନଜରକୁ ଆସିଥିବା ବେଳେ ବର୍ତ୍ତମାନ ପୁଣି ଏକ ଚୋରି ଘଟଣା ପୁଲିସ୍‌ର ମୁଣ୍ଡ ବ୍ୟଥା ବଢ଼ାଇ ଦେଇଛି। ସୂଚନା ପ୍ରକାରେ ଭଞ୍ଜନଗର ବ୍ରହ୍ମପୁର ମୁଖ୍ୟରାସ୍ତାରେ ଥିବା ବାଉଁଶଲୁଣ୍ଠି ଜିଓ ଅଫିସ୍ ନିକଟସ୍ଥ ଏକ ମୋବାଇଲ୍ ଦୋକାନର ତାଲା ଭାଙ୍ଗି ଲୁଟେରାମାନେ ବହୁ ମୂଲ୍ୟବାନ ସାମଗ୍ରୀ ଲୁଟ୍ କରିଥିବା ଅଭିଯୋଗ ହୋଇଛି। ଦୋକାନ ମାଲିକ ମୃତ୍ୟୁଞ୍ଜୟ କରଙ୍କ ଅଭିଯୋଗ ପ୍ରକାରେ ସେ ରାତିରେ ଦୋକାନ ବନ୍ଦ କରି ଘରକୁ ଯିବା ପରେ ବିଳମ୍ବିତ ରାତିରେ ଚୋରମାନେ କୌଣସି ଧାରୁଆ ଅସ୍ତ୍ରରେ ଦୋକାନ ସାମନା ତାଲାକୁ ଭାଙ୍ଗି ଦୁଇଟି ଆଣ୍ଡ୍ରଏଡ୍ ଫୋନ୍ ସହିତ ୧୨ଟି ମୋବାଇଲ୍ ଏବଂ ଇଅର୍ ଫୋନ୍ ଚୋରି କରିଛନ୍ତି। ଚୋରି ହୋଇଥିବା ସାମଗ୍ରୀ ଗୁଡ଼ିକର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ। ପୁଲିସ୍ ଏବେଠାରୁ ସଜାଗ ନହେଲେ ଆସନ୍ତା ପାର୍ବଣ ଋତୁରେ ଏହିଭଳି ଅସାମାଜିକ ଘଟଣା ବୃଦ୍ଧି ପାଇବ ବୋଲି ଆଶଙ୍କା କରିଛନ୍ତି।

# ସଂଯୁକ୍ତ କିଷାନ ମୋର୍ଚ୍ଚାର ପ୍ରସ୍ତୁତି ବୈଠକ

**ବେଗୁନିଆପଡ଼ା,୨୩।୯ (ସମିସ):** ସ୍ଥାନୀୟ ବ୍ଲକ ଅନ୍ତର୍ଗତ ସାଙ୍କୁଡା ସ୍ଥିତ ଠାକୁରାଣୀ ମନ୍ଦିର ପରିସରରେ ବେଗୁନିଆପଡ଼ା ଶାଖା ସଂଯୁକ୍ତ କିଷାନ ମୋର୍ଚ୍ଚ ପକ୍ଷରୁ ଆସନ୍ତା ୨୭ ତାରିଖରେ ହେବାକୁ ଥିବା ଭାରତ ବନ୍ଦକୁ ସଫଳ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିସହିତ ଶ୍ରମିକ, କୃଷକ, କୃଷି ଶ୍ରମିକ, ଆଦିବାସୀ, ଦଳିତ, ଯୁବ ଛାତ୍ର, ଶିକ୍ଷକ, କର୍ମଚାରୀ, ବୁଦ୍ଧିଜୀବୀ ସେମାନଙ୍କ ଅଧିକାର ଓ ବିଭିନ୍ନ ସମସ୍ୟା ବିଷୟରେ ଉପସ୍ଥିତ ଚାଷୀ ନେତାମାନେ ଆଲୋଚନା କରିଥିଲେ। ଏଥିସହିତ କୃଷକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ମଧ୍ୟ ବିଷଦ ଭାବରେ ଆଲୋଚନା ହୋଇଥିଲା। ସଭାପତି ସତ୍ୟବାଦୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଋଷିକୁଲ୍ୟା ରୟତ ମହାସଭାର ବିଜୟ ସ୍ୱାଇଁ, ଜିଲ୍ଲା ଉପସଭାପତି ତଥା ବରିଷ୍ଠ କମ୍ୟୁନିଷ୍ଟ ନେତା ରଙ୍କନାଥ ସ୍ୱାଇଁ, ଓଡ଼ିଶା କୃଷକ ସଭା ପକ୍ଷରୁ ପି. ହରିକୃଷ୍ଣ ରେଡି, ଲକ୍ଷ୍ମଣ ସ୍ୱାଇଁ, ନାରାୟଣ ସେଠୀ, ଜୟକୃଷ୍ଣ ନାହକ, ଅରୁପାନନ୍ଦ ପଟ୍ଟନାୟକ, ଦୂତୀକୃଷ୍ଣ ସାମଲ ସମେତ ବହୁ କୃଷକ ନେତା ଓ କୃଷକମାନେ ଉପସ୍ଥିତ ଥିଲେ।

# ଅଙ୍ଗନବାଡ଼ି କେନ୍ଦ୍ରରେ ପରିପୁଷ୍ଟି ମାସ ପାଳନ

**କବିସୂର୍ଯ୍ୟନଗର,୨୩।୯ (ସମିସ):** ରାଜ୍ୟ ସରକାରଙ୍କ ସମନ୍ୱିତ ଶିଶୁ ବିକାଶ ଯୋଜନା ଆନୁକୂଲ୍ୟରେ କବିସୂର୍ଯ୍ୟନଗର ୱାର୍ଡ ନଂ.୭ କେନ୍ଦ୍ରରେ ପରିପୁଷ୍ଟି ମାସ ପାଳନ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଏନଏସି ନିର୍ବାହୀ ଅଧିକାରୀ ନାରାୟଣ ବେହେରା, ମୁଖ୍ୟବକ୍ତା ଭାବେ ସ୍ୱାସ୍ଥ୍ୟ ପରିଦର୍ଶକ ଶଶାଙ୍କ ଶେଖର ମହାନ୍ତି, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସ୍ୱାସ୍ଥ୍ୟକର୍ମୀ ଶାନ୍ତିଲତା ପାଇକରାୟ ଓ ସୁପରଭାଇଜର ସୁଖଶାନ୍ତି ମଣ୍ଡଳ ଯୋଗ ଦେଇଥିଲେ। ସମସ୍ତ ପିଲାମାନେ ପରିପୁଷ୍ଟ ହେବା ସହ ମାନସିକ, ଶାରୀରିକ, ସାମାଜିକ ସ୍ତରରେ କିପରି ଅଭିବୃଦ୍ଧି ଘଟିବ ତାହା ଉପରେ ଅତିଥିମାନେ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାକୁ ୱାର୍ଡ ନଂ. ୭ ଅଙ୍ଗନବାଡି କର୍ମୀ ମମତା ସ୍ୱାଇଁ ସଂଯୋଜନା କରିଥିଲେ। ଏନଏସିର ସମସ୍ତ ଅଙ୍ଗନବାଡି କର୍ମୀ, ଆଶାଦିଦି, ସହାୟିକା ସହଯୋଗ କରିଥିଲେ।

## ମୁଣ୍ଡ ଗୁଞ୍ଜିବାକୁ ଜାଗା ନାହିଁ

# ଶୌଚାଳୟ ଘରେ ବିତୁଛି ୯ ଜଣଙ୍କ ଜୀବନ

**ପୋଲସରା,୨୩।୯ (ସମିସ):** ମୁଣ୍ଡ ଗୁଞ୍ଜିବାକୁ ଯାଗା ନାହିଁ। ଭିଟାମାଟିରେ ନିଜ ଭାଗକୁ ପଡ଼ିଥିବା ଦୁଇହାତ ଘର ବିକ୍ରି କରି ପୋଲସରା ମୌଜା ତଥା ଖଣ୍ଡୁରୁ ପଞ୍ଚାୟତ ଅଧୀନ ଦେଉଳପଲ୍ଲୀର ନିଜ ଚାଷଜମିରେ ମାଟି ଝାଟିରେ ଗୋଟିଏ ବଖରା ଆଜବେଷ୍ଟ ଘର ତିଆରିକରି ବସବାସ କରୁଥିଲେ। ଗତ ୫ବର୍ଷ ତଳେ କଳମ୍ବ ପଞ୍ଚାୟତରୁ ସ୍ୱଚ୍ଛ ଭାରତ ଯୋଜନାରେ ମିଳିଥିବା ପାଇଖାନା ନିର୍ମାଣ କରିଥିଲେ। ଆଶା କରିଥିଲେ ଆବାସ ଯୋଜନାରେ ଘର ଖଣ୍ଡେ ମିଳିବ। କିନ୍ତୁ ଭିଟାମାଟି ଛାଡ଼ିବାର ୧୦ ବର୍ଷ ପରେ ମଧ୍ୟ ତାହା ମିଳିଲା ନାହିଁ। ସ୍ୱଚ୍ଛ ଭାରତ ଯୋଜନାରେ ପାଇଖାନା ନିର୍ମାଣ ପାଇଁ ଦୁଇଟି କାର୍ଯ୍ୟାଦେଶ ମିଳିଥିଲେ ମଧ୍ୟ ତାହା ଗୋଟାଏ ଛାତ ତଳେ ଦୁଇ ଭାଗ ହୋଇ ନିର୍ମାଣ ହୋଇଥିବାରୁ ଗୋଟିଏ ପାଇଖାନାର ଅର୍ଥରାଶି ମିଳିଥିଲା। ଏହା ପରେ ଆବାସ ଯୋଜନାରେ ଘର ପାଇବାରୁ ବଞ୍ଚିତ ହେବାରୁ ପାଇଖାନା ଘରର ଦୁଇଟି ଟଏଲଟ୍ ପ୍ୟାନକୁ ବାହାର କରି ସମତୁଲ କରି ତାହାକୁ ବାସ ଉପଯୋଗୀ କରି ପରିବାରର ୯ଜଣ ସଦସ୍ୟ ବସବାସ କଲେ। ବହୁ ବର୍ଷ ବିତିଯାଇଥିଲେ ମଧ୍ୟ ଜନ ପ୍ରତିନିଧି କିମ୍ବା ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ପଡ଼ିନାହିଁ। ଏହିଭଳି ଘଟଣା ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକ ଅନ୍ତର୍ଗତ ଖଣ୍ଡୁରୁ ଛକ ଦେଉଳପଲି ଗ୍ରାମରେ ସତ୍ୟବାନ ପ୍ରଧାନଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ସତ୍ୟବାନଙ୍କ ପରିବାର କହିଲେ ବୃଦ୍ଧା ମାଆ, ସ୍ତ୍ରୀ, ପୁଅ, ବୋହୂ, ତିନି ନାତୁଣୀଙ୍କୁ ମିଶାଇ ୯ ଜଣ ସଦସ୍ୟ। ସ୍ତ୍ରୀ ସୁଲତା, ପୁଅ ପ୍ରଶାନ୍ତ ଦିବ୍ୟାଙ୍ଗ ହୋଇଥିବା ବେଳେ ସତ୍ୟବାନଙ୍କ ଗୋଡ ଭାଙ୍ଗିଯାଇଛି। ବୃଦ୍ଧା ମାଆ ସାରିଆଙ୍କ ଆଖିକୁ ଦେଖାଯାଉନାହିଁ। ଦୀର୍ଘ ୧୦ବର୍ଷ ଧରି ସତ୍ୟବାନ ଦେଉଳପଲିରେ ବସବାସ କରୁଥିଲେ ମଧ୍ୟ ସମସ୍ତଙ୍କ ଭୋଟର ପରିଚୟ ପତ୍ର, ଆଧାରକାର୍ଡ଼, ରାସନ କାର୍ଡ ସବୁ କଳମ୍ବ ପଞ୍ଚାୟତ ଅଧୀନରେ ରହିଛି। ଆବାସ ଖଣ୍ଡେ ପାଇବା ପାଇଁ ସ୍ଥାନୀୟ ଜନ ପ୍ରତିନିଧି, ସରପଞ୍ଚ, ବିଧାୟକ ଓ ପ୍ରଶାସନିକ ଅଧିକାରୀଙ୍କୁ ଭେଟି ଗୁହାରି କଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ସତ୍ୟବାନ ଓ ସୁଲତା କହିଛନ୍ତି। ଉକ୍ତ ସମସ୍ୟାକୁ ନେଇ କଳମ୍ବ ସରପଞ୍ଚ ପ୍ରଶାନ୍ତ କୁମାର ପ୍ରଧାନଙ୍କ ସହ ଯୋଗାଯୋଗ ବେଳେ କହିଥିଲେ ପୂର୍ବରୁ ସରପଞ୍ଚ ନିଜସ୍ୱ କ୍ଷମତାରେ ଆବାସ ଯୋଜନାରେ ପ୍ରକୃତ ହିତାଧିକାରୀଙ୍କୁ ଘର ଖଣ୍ଡେ ବାଣ୍ଟି ପାରୁଥିଲେ କିନ୍ତୁ ବର୍ତ୍ତମାନ ସେହି କ୍ଷମତା ନାହିଁ। ଗତ ଫାଇନାଲ ପ୍ରଭାବିତ ତାଲିକାରେ ତାଙ୍କ ନାମ ନ ଥିଲା। ଏପରିକି ନିର୍ମାଣ ଶ୍ରମିକ ଆବାସ ଯୋଜନା ତାଲିକାରେ ମଧ୍ୟ ତାଙ୍କର ନାମ ନାହିଁ। ଏନେଇ ସେ ବିଡ଼ିଓଙ୍କ ସହ ଆଲୋଚନା କରିଛନ୍ତି ଏବଂ ଜିଲ୍ଲାପାଳଙ୍କୁ ନିବେଦନ କରିବେ ବୋଲି କହିଛନ୍ତି। ପୋଲସରା ବିଡ଼ିଓ ସୁରଞ୍ଜନ ସାହୁ କହିଥିଲେ ଯେ, ଉକ୍ତ ହିତାଧିକାରୀ ବର୍ତ୍ତମାନ ପୋଲସରା ମୌଜାରେ ରହୁଛନ୍ତି। ତେଣୁ ପଞ୍ଚାୟତ ତରଫରୁ ଆବାସ ଯୋଜନାରେ ସାମିଲ୍ କରାଯାଇପାରିବ ନାହିଁ। ପୋଲସରା ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ କହିଥିଲେ ଯେ, ହିତାଧିକାରୀଙ୍କ ସମସ୍ତ ପରିଚୟ ପତ୍ରର ଠିକଣା ବଦଳିବା ପରେ ସହରାଞ୍ଚଳ ଆବାସ ଯୋଜନାରେ ସାମିଲ କରାଯିବ। ସତ୍ୟବାନଙ୍କ ପରିବାର ଯଦି ପୋଲସରା ମୌଜାରେ ପାଇଖାନା ଘରେ ରହୁଛନ୍ତି ତାଙ୍କୁ କଳମ୍ବ ପଞ୍ଚାୟତ ଅଧିନରେ ସ୍ୱଚ୍ଛ ଭାରତ ଯୋଜନାରେ ପାଇଖାନା ନିର୍ମାଣ ପାଇଁ କାର୍ଯ୍ୟାଦେଶ ମିଳିଲା କେମିତି ବୋଲି ଓଲଟା ପ୍ରଶ୍ନ ପଚାରିଛନ୍ତି।



ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଆବିର୍ଭାବ
୨୧.୦୩.୧୯୩୪
ତିରୋଧାନ
୧୩.୦୯.୨୦୨୧

କବି ନିର୍ମାଲ୍ୟ
ଂ ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ
ସରକାରୀ ଶିକ୍ଷ ତାଲିମ୍ ଅନୁଷ୍ଠାନ ପଛ ପାଖ, ଖୋଡାସିଙ୍ଗ, ବ୍ରହ୍ମପୁର


ତୁମେ ଆମକୁ ଏମିତି ହଠାତ୍ ଛାଡି ଚାଲିଯିବ ବୋଲି ଆମେ କେବେ ଭାବି ନଥିଲୁ। ତୁମେ ଆମର ପ୍ରେରଣା ଶକ୍ତି। ତୁମ କଥା ପ୍ରତିକ୍ଷଣରେ ମନେ ପଡୁଛି। ତୁମ ସ୍ନେହ, ଶ୍ରଦ୍ଧା, ପରୋପକାରିତା, ତୁମ ପୈତୃକ ନାମର ଯଥାର୍ଥତା ପ୍ରତିପାଦନ କରୁଛି ଓ ତୁମେ ଆମମାନଙ୍କର ହୃଦୟରେ ଚିର ସ୍ମୃତି ହୋଇ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ: ପରିବାର ଓ ବନ୍ଧୁବର୍ଗ

# ପୁଲିସ୍ ଜାଲରେ ଧରାପଡ଼ିଲା ସାଇକଲ ଚୋର

## ୧୦ରୁ ଊର୍ଦ୍ଧ୍ୱ ସାଇକଲ୍ ଜବତ

**ବ୍ରହ୍ମପୁର,୨୩।୯ (ସମିସ):** ଗାଡି ଚୋର କିମ୍ବା ମଟର ସାଇକଲ ନୁହେଁ, ବାବୁ ଜଣକ ହେଉଛନ୍ତି ସାଇକଲ ଚୋର। ଏବେକାର ଚୋର ନୁହନ୍ତି। ବହୁ ପୂର୍ବରୁ ସହରର ବିଭିନ୍ନ ଥାନାରେ ମାମଲା ରହିଛି ଏହାଙ୍କ ନାମରେ। ଦେଖିବାକୁ ବହୁତ ଶାନ୍ତ ସ୍ୱଭାବର ମଣିଷ। କମ୍ କୁହନ୍ତି ଅଧିକ କାମ କରନ୍ତି। କାମ ମାନେ ଖେଳ ପଡ଼ିଆ, ହୋଟେଲ, ଏବଂ ଗହଳି ସ୍ଥାନକୁ ଯାଇ ସେଠାରୁ ଅତି ସୁନ୍ଦର ଭାବେ ବିନା ଚିନ୍ତାରେ ସାଇକଲ୍‌ଗୁଡ଼ିକୁ ଚୋରି କରି ନେଇଯାଆନ୍ତି। ସେ ହେଉଛନ୍ତି ବଡବଜାର ଅଞ୍ଚଳର ରାଜେଶ ପାତ୍ର। ସାଇକଲ ଚୋରାଇ ନେଇ ଘରେ ରଖନ୍ତି। ତାହାକୁ ସୁଯୋଗ ଦେଖି ପତ୍ନୀଙ୍କ ସ୍ୱାସ୍ଥ୍ୟ ଖରାପ କହି ଲୋକଙ୍କୁ ଅତି କମ୍ ଦାମରେ ବିକ୍ରି କରିଦିଅନ୍ତି। ବେଶ୍ କିଛି ଦିନ ହେଲା ବୈଦ୍ୟନାଥପୁର ଥାନାରେ ଏହିପରି ବାରମ୍ବାର ସାଇକଲ ଚୋରି ଅଭିଯୋଗ ଆସିବା ପରେ ପୁଲିସ କୌଣସି ପ୍ରକାରେ ଉଦ୍ୟମ କରି ସାଇକଲ ଚୋରି କରୁଥିବା ବେଳେ ରାଜେଶକୁ କାବୁ କରିନେଇଥିଲେ। ତା'ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୦ରୁ ଊର୍ଦ୍ଧ୍ୱ ଦାମିକା ସାଇକଲ ଉଦ୍ଧାର ହୋଇଛି। ପ୍ରତ୍ୟେକ ସାଇକଲର ଦାମ୍ ୧୦ ହଜାର ଟଙ୍କାରୁ ଅଧିକ ହେବ। ସେଗୁଡ଼ିକୁ ମାତ୍ର ୫ ଶହ ଏବଂ ହଜାର ଟଙ୍କାରେ ବିକ୍ରି କରି ବ୍ୟବସାୟ ଚଲାଇଥିଲା ରାଜେଶ। ଏବେ ପୁଲିସ ହାବୁଡରେ ପଡ଼ିବା ପରେ ଗୋଟିଏ ପରେ ଗୋଟିଏ ଚୋରି ସାଇକଲ ରାଜେଶଙ୍କ ନିକଟରୁ ଉଦ୍ଧାର ହେଉଛି।



ପୁଲିସ ରାଜେଶଙ୍କଠାରୁ ଆହୁରି ଅଧିକ ସାଇକେଲ ଉଦ୍ଧାର କରିବା ପାଇଁ ପଚରା ଉଚରା ଜାରି ରଖିଛି। ରାଜେଶଙ୍କ ସମେତ ତାଙ୍କ ପତ୍ନୀଙ୍କୁ ମଧ୍ୟ ପୁଲିସ ଥାନାରେ ରଖି ପଚରା ଉଚରା ଚଲାଇଛି। ରାଜେଶ ପୂର୍ବରୁ ଅନେକ ଥର ସାଇକଲ ଚୋରି କରି ଜେଲ ଯାଇ ଜାମିନରେ ଆସିଛି। ସାଇକଲ ଚୋରି ଏକ ବଡ ଅପରାଧ ବୋଲି ଲୋକ ନ ଭାବିବା ସହ ହଜିଲେ ମଧ୍ୟ ଥାନାରେ ଏତଲା ଦେଉନଥିଲେ। ବର୍ତ୍ତମାନ କିନ୍ତୁ ସାଇକଲ ଗୁଡିକର ଦାମ୍ ୧୦ ହଜାରରୁ ଊର୍ଦ୍ଧ୍ୱ ହୋଇଥିବା ଯୋଗୁଁ ଲୋକେ ବାଧ ହୋଇ ଥାନାରେ ଅଭିଯୋଗ କରୁଛନ୍ତି। ସୂଚନାଯୋଗ୍ୟ ଯେ, ବେଶ୍ କିଛି ଦିନ ହେଲା ରାଜେଶ ସାଇକଲ ଚୋରି କରୁଥିଲେ ମଧ୍ୟ ଥାନାରେ ଏତଲା ହେଉନଥିଲା। ଲୋକେ ସକାଳୁ ପ୍ରାତଃଭ୍ରମଣ ସମୟରେ ସାଇକଲ ଚଲାଉଛନ୍ତି ଏବଂ ତାହା ପୁଣି ଦାମୀ ସାଇକଲ। ଏହାକୁ ନଜରରେ ରଖି ରାଜେଶ ବ୍ରହ୍ମପୁର ସହରର ବିଭିନ୍ନ ସ୍ଥାନରୁ ଏହିପରି ୩୦ରୁ ଊର୍ଦ୍ଧ୍ୱ ସାଇକଲ୍ ଚୋରି କରିଥିଲା। ବିଭିନ୍ନ ଥାନାରେ ଏ ନେଇ ମାମଲା ରୁଜୁ ହେବା ପରେ ବୈଦ୍ୟନାଥପୁର ଥାନା ପୁଲିସ ପୂର୍ବ ରେକର୍ଡକୁ ଅନୁଧ୍ୟାନ କରି ରାଜେଶକୁ ଗତକାଲି ଧରିଥିଲା। ପଚରା ଉଚରା ପରେ କିଛି ସାଇକଲ ଉଦ୍ଧାର ହୋଇଥିବା ବେଳେ ଆହୁରି କିଛି ଠିକଣା ମିଳିଥିବା ଜଣାପଡ଼ିଛି। ଚୋରି ସାଇକଲ ଗୁଡିକୁ ରାଜେଶ ସାନଖେମୁଣ୍ଡି ବ୍ଲକ ଆଡପଡ଼ା ଗ୍ରାମର ଏକ ହୋଟେଲ୍ ମାଲିକ ପିତାମ୍ବର ପ୍ରଧାନଙ୍କୁ ବିକ୍ରି କରୁଥିବା ପୁଲିସକୁ କହିବା ପରେ ପିତାମ୍ବରଙ୍କ ଘରକୁ ଯାଇ ସେଠାରୁ ୬ଟି ସାଇକଲ ଉଦ୍ଧାର କରିଛି। ପିତାମ୍ବର ଚୋରି ସାଇକଲ ଗୁଡିକ ରାଜେଶଙ୍କଠାରୁ କିଣି ଅନ୍ୟ ଲୋକଙ୍କୁ ବିକ୍ରି କରିଥିବା ପୁଲିସ ନିକଟରେ ସ୍ୱୀକାର ମଧ୍ୟ କରିଛି। ପିତାମ୍ବର ଏବଂ ତାଙ୍କ ପତ୍ନୀଙ୍କୁ ମଧ୍ୟ ପୁଲିସ ଅଟକ ରଖି ପଚରା ଉଚରା ଚଲାଇଛି। ସାଇକେଲ ଚୋର ଧରାପଡ଼ିବା ପରେ ଏବେ ଉକ୍ତ ସାଇକଲ ମାଲିକମାନେ ନିଜ ନିଜ ସାଇକଲ ଚିହ୍ନିବାକୁ ଥାନାକୁ ଆସୁଛନ୍ତି।

### ଦୁଇ ଦମ୍ପତି ଥାନାରେ ଅଟକ
### ହଜାର ଟଙ୍କାରେ ବିକୁଥିଲେ ଦାମୀ ସାଇକଲ



# ପ୍ରେମିକାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ କରି ପ୍ରେମିକ ଗିରଫ



**ବ୍ରହ୍ମପୁର,୨୩।୯ (ସମିସ):** ବର୍ତ୍ତମାନ ଯୁବକମାନେ ଯୁବତୀ ଏବଂ ନାବାଳିକାମାନଙ୍କୁ କୌଣସି ପ୍ରକାରେ ନିଜ ଫାଶରେ ପକାଇବା ସହ ସେମାନଙ୍କ ଭିଡିଓ ଏବଂ ଫୋଟ ମୋବାଇଲ୍‌ରେ ଉତ୍ତୋଳନ କରିନେଉଛନ୍ତି। ଏପରିକି କିଛି ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋକୁ ମଧ୍ୟ ସେମାନେ ନିଜ ମୋବାଇଲ୍ ଯୋଗେ ଲୁକ୍କାୟିତ ଭାବେ ଉତ୍ତୋଳନ କରିଥାନ୍ତି। ଯୁବତୀ ପ୍ରତ୍ୟେକ କଥା ନ ମାନିଲେ ସମ୍ପୃକ୍ତ ଯୁବକମାନେ ବିନା ଦ୍ୱିଧାରେ ସେମାନଙ୍କ ଅନ୍ତରଙ୍ଗ ସମୟର ଲୁକ୍କାୟିତ ଫୋଟକୁ ସୋସିଆଲ୍ ମିଡିଆରେ ପୋଷ୍ଟ କରିଦେଉଛନ୍ତି। କିଛି ଲୋକ ଏ ନେଇ ପୁଲିସ ନିକଟରେ ଅଭିଯୋଗ କଲେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରୁଛି। ଅନ୍ୟ କିଛି ପରିବାର ବଦନାମ ଭୟରେ ପୁଲିସ ନିକଟକୁ ଆସୁନାହାନ୍ତି। ଫଳରେ ଯୁବତୀ ଆତ୍ମହତ୍ୟା କରିବାକୁ ପଛାଉ ନାହାନ୍ତି। ଏହିପରି ଏକ ଘଟଣା ସ୍ଥାନୀୟ ବୈଦ୍ୟନାଥପୁର ଥାନା ଅଧିନରେ ଘଟିଛି। ଏକ ଅଶ୍ଳୀଳ ଫୋଟ ଭାଇରଲ ଘଟଣାରେ ମାଲୁଦ ଅଞ୍ଚଳର କାହ୍ନୁଚରଣ ସାହୁ ନାମକ ଜଣେ ଯୁବକଙ୍କୁ ଗିରଫ କରି ପୁଲିସ୍ କୋର୍ଟଚାଲାଣ କରିଛି। ପରେ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନାପ୍ରକାରେ ମାଲୁଦ ଅଞ୍ଚଳର ଯୁବକ କାହ୍ନୁ ଗୁଜୁରାଟର ଏକ ଟାଇଲ୍ କମ୍ପାନୀରେ ଚାକିରି କରୁଥିବା ବେଳେ ଲକ୍‌ଡାଉନ୍ ସମୟରେ ସେ ଏଠାକୁ ସମ୍ପର୍କିୟଙ୍କ ଘରକୁ ଆସିଥିଲେ। ଏଠାରେ ରହୁଥିବା ଜଣେ ଯୁବତୀଙ୍କ ସହ କାହ୍ନୁଙ୍କ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ୨୦୧୬ ମସିହାରୁ ସେମାନଙ୍କ ମଧ୍ୟରେ ସମ୍ପର୍କ ରହିଥିଲା। ତେବେ କୌଣସି କାରଣରୁ ଯୁବତୀ ଏବଂ କାହ୍ନୁଙ୍କ ମଧ୍ୟରେ ସମ୍ପର୍କରେ ଫାଟ ଆସିଲା। ଯୁବତୀଙ୍କ ପରିବାର ଘଟଣା ସମ୍ପର୍କରେ ଜାଣିବା ପରେ ଯୁବତୀଙ୍କୁ ଉକ୍ତ ଯୁବକଙ୍କଠାରୁ ଦୂରେଇ ରଖିଲେ। କାହ୍ନୁ ଯୁବତୀଙ୍କୁ ଅନେକ ଥର ଯୋଗାଯୋଗ କରି ବିଫଳ ହେବା ପରେ କିଛି ଦିନ ପୂର୍ବେ ଯୁବତୀଙ୍କ ସହ ତାଙ୍କର କିଛି ଫୋଟକୁ ସୋସିଆଲ୍ ମିଡିଆରେ ଅପ୍‌ଲୋଡ୍ କରିଦେଇଥିଲେ। ଫୋଟ ଭାଇରଲ ହେବା ପରେ ଯୁବତୀଙ୍କ ପରିବାର ଲୋକେ ତାଙ୍କୁ ଫୋନ୍ କରିବା ସହ ତୁରନ୍ତ ଡିଲିଟ୍ କରିବା ପାଇଁ କହିବା ପରେ କାହ୍ନୁ କିଛି ସର୍ତ୍ତ ରଖି ଫଟୋ ଡିଲିଟ୍ କରିଥିଲେ। ପରବର୍ତ୍ତି ପର୍ଯ୍ୟାୟରେ ପୁଣି ଯୁବତୀଙ୍କ ୬୪ଟି ଫୋଟ ସହ କିଛି ଅଶ୍ଳୀଳ ଫୋଟକୁ ପୁଣି ସେ ସୋସିଆଲ୍ ମିଡିଆରେ ଭାଇରଲ କରିଥିଲେ। ଏହାକୁ ନେଇ ଯୁବତୀଙ୍କ ପରିବାର ବୈଦ୍ୟନାଥପୁର ଥାନାରେ ଏତଲା ଦେଇଥିଲେ। ପୁଲିସ ଘଟଣାର ତଦନ୍ତ କରି ଯୁବକ ତଥା ପ୍ରେମିକ କାହ୍ନୁଙ୍କୁ ମାଲୁଦ ଅଞ୍ଚଳରୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ରାତିରେ ଯୁବକ ଜଣକ ଥାନାରେ ପୁଲିସ କର୍ମଚାରୀମାନଙ୍କୁ ମଧ୍ୟ ନାନା ପ୍ରକାର ହଇରାଣ କରିଥିବା ପ୍ରକାଶ। ତାଙ୍କୁ ଜାମିନରେ ନ ମୁକୁଳାଇବା ପାଇଁ ମଧ୍ୟ ନିଜ ପରିବାର ଲୋକଙ୍କୁ କାହ୍ନୁ ଅନୁରୋଧ କରିଛନ୍ତି।

### କନଷ୍ଟେବଲ ଉଦ୍ଧାର ଘଟଣାର ସତ ଜଣାପଡୁନି

# ଘଟଣାସ୍ଥଳରେ ଛାନ୍‌ଭିନ୍ କଲେ ଏସ୍‌ପି

**ବ୍ରହ୍ମପୁର,୨୩।୯ (ସମିସ):** ଦୁଇ ଦିନ ପୂର୍ବେ ବ୍ରହ୍ମପୁର ପୁଲିସ ଜିଲ୍ଲାରେ କାର୍ଯ୍ୟରତ କନଷ୍ଟେବଲ ଜଗନ୍ନାଥ ପ୍ରଧାନ ରକ୍ତାକ୍ତ ଅବସ୍ଥାରେ ଅଚେତ ହୋଇ ଲାଞ୍ଜିପଲ୍ଲୀ ଜାତୀୟ ରାଜପଥରୁ ଉଦ୍ଧାର ଘଟଣାକୁ ଇତି ମଧ୍ୟରେ ୭୨ ଘଣ୍ଟା ବିତିଯାଇଛି। ତେବେ ଘଟଣା କିପରି ହେଲା ସେ ନେଇ ପୁଲିସ ବର୍ତ୍ତମାନ ଯାଏଁ କୌଣସି ସୁରାକ ପାଇ ପାରୁନାହିଁ।

ବୈଦ୍ୟନାଥପୁର ଥାନା ଅଧିକାରୀ ରାମ କୁମାର ମୁର୍ମୁ, ଏସଡିପିଓ ବିଷ୍ଣୁ ପ୍ରସାଦ ପତି ଏବଂ ଟାଉନ୍ ଥାନା ଅଧିକାରୀ ସୁରେଶ ତ୍ରିପାଠୀ ଘଟଣାର ତଦନ୍ତ ଚଲାଇଛନ୍ତି। ସିସିଟିଭି ଫୁଟେଜ୍ ହେଉ କିମ୍ବା ଅନ୍ୟ କୌଣସି ସୂତ୍ରରୁ ପୁଲିସ ସ୍ପଷ୍ଟ ଚିତ୍ର ବାରି ପାରୁନାହିଁ। ଆଜି ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ନିଜେ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ରକ୍ତାକ୍ତ ଅବସ୍ଥାରେ ରାସ୍ତା ଉପରେ ଦୀର୍ଘ ସମୟ ପଡ଼ିବା ପରେ ପୁଲିସ ଜଗନ୍ନାଥଙ୍କୁ ଉଦ୍ଧାର କରିଥିବା ଘଟଣାକୁ ଏସ୍‌ପି ଗୁରୁତର ଭାବେ ନେଇଛନ୍ତି। ଜଗନ୍ନାଥଙ୍କ ଚେତା ଫେରିବା ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି କୁହାଯାଇଛି। ଅନ୍ୟ ପକ୍ଷରେ ଆହତ କନଷ୍ଟେବଲ ଏକ ଘରୋଇ ହସ୍‌ପିଟାଲ୍‌ରେ ଚିକିତ୍ସିତ ହେଉଥିବା ବେଳେ



୩ ଦିନ ହେଲାଣି କିନ୍ତୁ ତାଙ୍କର ଚେତା ଫେରିନି। ତାଙ୍କ ମୁଣ୍ଡ ଏବଂ ଛାତିରେ ପାଣି ଜମି ରହିଥିବା ନେଇ ସେଠାକାର ଡାକ୍ତରମାନେ ଆଜି ସୂଚନା ଦେଇଛନ୍ତି। ତାଙ୍କ କାନ୍ଧ ଏବଂ ହାତର କଚଟି ମଧ୍ୟ ଭାଙ୍ଗି ଯାଇଥିବା ଜଣାପଡ଼ିଛି। ମୁଣ୍ଡ ଭିତରେ ସେପରି ଗଭୀର ଆଘାତ ନ ହେଲେ ମଧ୍ୟ ତାଙ୍କ ମୁହଁରେ ଜବରଦସ୍ତ ଆଘାତ ଲାଗିଛି। ମୁହଁ ସାରା ଷ୍ଟିଚ୍ ପଡ଼ିଛି। ସାମାନ୍ୟ ସୁସ୍ଥ ହେବା ପରେ ପ୍ରକୃତ ଘଟଣା ସେ ହିଁ କହିପାରିବେ। ପରେ ଏହା ଆକ୍ରମଣ ନା ଦୁର୍ଘଟଣା ତାହା ସ୍ପଷ୍ଟ ହେବ।

ସୂଚନାଯୋଗ୍ୟ ଯେ, ନିଜ ବାପାଙ୍କ ଶ୍ରାଦ୍ଧ କରିବା ପାଇଁ ଜଗନ୍ନାଥ ନିଜ ଗାଁ କେ.ନୂଆଗାଁ ଥାନା ଅନ୍ତର୍ଗତ ତଣ୍ଡିପୁର ଗ୍ରାମକୁ ଯାଇଥିଲେ। ସେଠାରେ ସେ ଶ୍ରାଦ୍ଧ ସାରି ଡ୍ୟୁଟିରେ ଜଏନ୍ କରିବା ପାଇଁ ମଙ୍ଗଳବାର ରାତିରେ ବାଇକ୍ ଯୋଗେ ଆମ୍ବପୁଆ ରିଜର୍ଭକୁ ଫେରୁଥିଲେ। ଏହି ସମୟରେ ସ୍ଥାନୀୟ ଲାଞ୍ଜିପଲ୍ଲୀ ଜାତୀୟ ରାଜପଥ ବାବାଜୀ ଢାବା ନିକଟରେ କୌଣସି କାରଣବଶତଃ ସେ ରକ୍ତାକ୍ତ ହୋଇ ଜାତୀୟ ରାଜପଥ ଉପରେ ପଡ଼ି ରହିଥିଲେ। ଭୋରରୁ ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୁଲିସ ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା। ଏମ୍‌କେସିଜିରେ ପ୍ରାଥମିକ ଚିକିତ୍ସା ପରେ ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଛି।

### କଂଗ୍ରେସ ନେତା ମନୋଜ ଜେନା ହତ୍ୟା ମାମଲା

# ମୁଖ୍ୟ ଅଭିଯୁକ୍ତଙ୍କୁ ଜାମିନ

**ବ୍ରହ୍ମପୁର,୨୩।୯ (ସମିସ):** ବହୁଚର୍ଚ୍ଚିତ ଆସିକା ବିଧାନସଭା କଂଗ୍ରେସ ପ୍ରାର୍ଥୀ ମନୋଜ ଜେନା ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସୁନୀଲ ନାହାକ ଓରଫ ସୁଲତାନ୍‌ଙ୍କୁ ଆଜି ହାଇକୋର୍ଟରୁ ଜାମିନ ମିଳିଛି।

ପୂର୍ବରୁ ଏହି ମାମଲାରେ ମୁଖ୍ୟ ଷଡ଼ଯନ୍ତ୍ରକାରୀ କୁହାଯାଉଥିବା ଭାଲୁ ସାହୁଙ୍କୁ ଜୁନ୍ ମାସରେ ଜାମିନ ମିଳିସାରିଛି। ସେ ପାରୋଲ୍‌ରେ ରହିଥିବା ବେଳେ ହିଁ ତାଙ୍କର ନିୟମିତ ଜାମିନ ହୋଇଯାଇଥିଲା। ଆଜି ସୁଲତାନଙ୍କୁ ହାଇକୋର୍ଟରୁ ଜାମିନ ମିଳିଥିବା ନେଇ ତାଙ୍କ ଓକିଲ ଜ୍ୟୋତିର୍ମୟୀ ସାହୁ ଏବଂ ସହଯୋଗୀ ଯୁବ ଆଇନଜୀବୀ ସୁଜିତ ପଟ୍ଟନାୟକ ସୂଚନା ଦେଇଛନ୍ତି। ଏହି ଦୁଇ ଜଣଙ୍କୁ ଜାମିନ ମିଳିବା ପରେ ମନୋଜ ହତ୍ୟା ଘଟଣାରେ ବ୍ରହ୍ମପୁର ଜେଲରେ ଥିବା ଆନନ୍ଦ ସ୍ୱାଇଁ, ଶଙ୍କର ରାଉତ, କାର୍ତ୍ତିକ ନାହାକ, ଶିବରାମ ବେହେରା, ହୃଷିକେଶ ପାତ୍ର, ଗଣେଶ ନାୟକ ପ୍ରମୁଖ ଅନ୍ୟ ୬ଜଣ ଅଭିଯୁକ୍ତ ଜାମିନ ଅପେକ୍ଷାରେ ରହିଛନ୍ତି। ଉପରୋକ୍ତ ସମସ୍ତ ଅଭିଯୁକ୍ତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କେବଳ ଭାଲୁ ଏବଂ ସୁଲତାନ୍ ହିଁ ଜାମିନ ପାଇଛନ୍ତି। ସୂଚନାଯୋଗ୍ୟ ଯେ, ୨୦୧୯ ମେ' ୨୨ ତାରିଖ ରାତି ୮ଟାରେ ମନୋଜ ଜେନା ଏବଂ ତାଙ୍କ ସହଯୋଗୀ ଅନୀଲ ସ୍ୱାଇଁଙ୍କୁ ସ୍ଥାନୀୟ ଲାଞ୍ଜିପଲ୍ଲୀ ବାଇପାସ୍ ନିକଟରେ ଆକ୍ରମଣ କରାଯାଇଥିଲା। ଘଟଣାସ୍ଥଳରେ ମନୋଜଙ୍କୁ ଗୁଳି କରାଯାଇଥିବା ସହ ଦୁର୍ବୃତ୍ତମାନେ ଖଣ୍ଡାରେ ନିର୍ମମ ଭାବେ ହାଣି ମୃତ୍ୟୁବତ୍ କରିଥବା ବେଳେ ଅନୀଲ ଅଳ୍ପକେ ସେଠାରୁ ବର୍ତ୍ତି ଯାଇଥିଲେ। ଘଟଣା ମୁଖ୍ୟ ରାସ୍ତା ଉପରେ ହୋଇଥିବା ଯୋଗୁଁ ତୁରନ୍ତ ପୁଲିସ୍ ଖବର ପାଇଯାଇଥିଲା।

ପୁଲିସ ଘଟଣାସ୍ଥଳରେ ପହଞ୍ଚି ମନୋଜଙ୍କୁ ସେଠାରୁ ଉଦ୍ଧାର କରିବା ସହ ଏମକେସିଜି ମେଡିକାଲକୁ ପଠାଇଥିଲା। ଚିକିତ୍ସାଧିନ ଅବସ୍ଥାରେ ମନୋଜଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ପୁଲିସର ତଦନ୍ତ ଆରମ୍ଭ ହେବା ସହ ପର୍ଯ୍ୟାୟକ୍ରମେ ପୁଲିସ ଗୋଟିଏ ପରେ ଗୋଟିଏ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏବେ ଦୁଇ ଜଣ ଜାମିନ ପାଇଛନ୍ତି। ଏହି ମାମଲାରେ ପୁଲିସ ଚାର୍ଜସିଟ କୋର୍ଟରେ ଦେଇ ସାରିଥିବା ବେଳେ ପ୍ରାୟ ୩୦ଜଣଙ୍କୁ ସାକ୍ଷୀ ତାଲିକାରେ ରଖିଛି। ୫/୬ ଜଣଙ୍କ ବୟାନ କୋର୍ଟରେ ରେକର୍ଡ ମଧ୍ୟ ହୋଇ ସାରିଛି। ଘଟଣାକୁ ଦୁଇ ବର୍ଷରୁ ଊର୍ଦ୍ଧ୍ୱ ଦିନ ବିତିଯାଇଛି।

# କୁସୁମି ଡବଲ୍ ମର୍ଡର ଘଟଣାରେ ପୁଣି ୩ ନିର୍ଦ୍ଦୋଷରେ ଖଲାସ

### ପୂର୍ବରୁ ୨ଜଣ ଖଲାସ ଓ ୬ଜଣଙ୍କୁ ହୋଇଥିଲା ଆଜୀବନ ଜେଲ ଦଣ୍ଡାଦେଶ

**ବ୍ରହ୍ମପୁର,୨୩।୯ (ସମିସ):** ମଦ ଭାଟିକୁ ନେଇ କୁସୁମି ଗ୍ରାମରେ ହୋଇଥିବା ବହୁଚର୍ଚ୍ଚିତ ଡବଲ୍ ମର୍ଡର ଘଟଣାର ଏକ ପାର୍ଟଫାଇଲ୍ ମାମଲାର ରାୟ ଆଜି ଜିଲ୍ଲା କୋର୍ଟରେ ପ୍ରକାଶ ପାଇଛି। ଏଥିରେ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ ଜିଲ୍ଲାଜଜ୍ ଶଶିକାନ୍ତ ମିଶ୍ର ଅଭିଯୁକ୍ତ ଏସ. ଗୋବିନ୍ଦ ରେଡ୍ଡୀ, ଏସ.ଗୋପାଳ ପାତ୍ର ଏବଂ ସିଏଚ. ଶ୍ରୀନିବାସ ପାତ୍ରଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଏହି ଘଟଣାରେ ପୂର୍ବରୁ ଅର୍ଥାତ୍ ୨୦୧୫ ମସିହାରେ ଜିଲ୍ଲା କୋର୍ଟରେ ପ୍ରକାଶ ପାଇଥିବା ରାୟରେ ଅଭି ସାହୁ ଏବଂ ବାବନ ସାହୁ ମଧ୍ୟ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ ହୋଇଥିଲେ। ତେବେ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ରହିଥିବା ଯୋଗୁଁ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସିଏଚ.ବାଇରି ପାତ୍ର, ଆପାରାଓ ପାତ୍ର, ଜାଗେୟା ପାତ୍ର, ସୈନ୍ୟାସି ପାତ୍ର, ଲାଚ୍ଛାୟା ପାତ୍ର ଏବଂ ଏସ.ରାମାୟା ପାତ୍ରଙ୍କୁ ସେତେବେଳେ ଜିଲ୍ଲାଜଜ୍ ତାଙ୍କ ରାୟରେ ଆଜୀବନ ଜେଲଦଣ୍ଡା ଦେଶ ଶୁଣାଇଥିଲେ।

ଘଟଣାରେ ସମ୍ପୃକ୍ତ ଥିବା ୧୧ଜଣଙ୍କ ମଧ୍ୟରୁ ୬ଜଣଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଯାଇଥିବା ବେଳେ ୫ଜଣଙ୍କୁ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଆଜୀବନ ଜେଲ ଦଣ୍ଡାଦେଶ ପାଇଥିବା ସମସ୍ତ ଅଭିଯୁକ୍ତ ବର୍ତ୍ତମାନ ହାଇକୋର୍ଟରେ ଅପିଲ୍ କରି ଜାମିନରେ ଥିବା ନେଇ ତାଙ୍କ ଓକିଲ ଶିଶିର ପାଢୀ, ସୌଭାଗ୍ୟ ମିଶ୍ର, ସୁଦର୍ଶନ ପଣ୍ଡା ଏବଂ ମାନଭଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ୨୦୦୮ ମସିହା ଅକ୍ଟୋବର ମାସରେ ଗୋଳନ୍ଥରା ଥାନା ଅନ୍ତର୍ଗତ କୁସୁମି ଗ୍ରାମରେ ଏକ ଡବଲ୍ ମର୍ଡର ହୋଇଥିଲା। ଜୟରାମ ସାହୁ ଏବଂ ଗଙ୍ଗା ସାହୁଙ୍କୁ କୁସୁମି ଗ୍ରାମର ଏକ ନିର୍ଜନ ସ୍ଥାନରେ ଖଣ୍ଡାରେ ଆକ୍ରମଣ ସହ ବୋମା ପକାଇ ହତ୍ୟା କରାଯାଇଥିଲା। ଏହି ଘଟଣାକୁ ନେଇ ତାଙ୍କ ପରିବାର ପକ୍ଷରୁ ଅଭିଯୋଗ ହେବା ପରେ ପୁଲିସ ପର୍ଯ୍ୟାୟ କ୍ରମେ ୮ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ତେବେ ପୁଲିସ ଚାର୍ଜସିଟ ଦେବା ବେଳେ ଏଥିରେ ଗୋବିନ୍ଦ ରେଡ୍ଡୀ, ଗୋପାଳ ପାତ୍ର ଏବଂ ସିଏଚ.ଶ୍ରୀନିବାସଙ୍କ ନାମ ଉଲ୍ଲେଖ ଥିଲା। ଚାର୍ଜସିଟରେ ନାମ ଥିବା ଜାଣି ସେମାନେ ଫେରାର ହୋଇଯାଇଥିଲେ। ଏପରିକି ହାଇକୋର୍ଟରୁ ଆଗୁଆ ଜାମିନ ମଧ୍ୟ ଆଣିଥିଲେ। ପୁଲିସ ପୂର୍ବରୁ ଗିରଫ କରିଥିବା ୮ଜଣ ଅଭିଯୁକ୍ତ ଏବଂ ଫେରାର ହୋଇ ଆଗୁଆ ଜାମିନ ଆଣିଥିବା ୩ଜଣଙ୍କ ମାମଲାକୁ ଅଲଗା କରିଦେଇଥିଲା। ଗିରଫ ହୋଇ ଜେଲ ଯାଇଥିବା ୮ଜଣ ଅଭିଯୁକ୍ତଙ୍କ ମାମଲାର ବିଚାରଣା ଚାଲିଥିବା ବେଳେ ୨୦୧୫ରେ ରାୟ ପ୍ରକାଶ ପାଇଥିଲା। ଏଥିରେ ୬ଜଣଙ୍କୁ ଆଜୀବନ ଜେଲଦଣ୍ଡାଦେଶ ଶୁଣାଯାଇଥିବା ବେଳେ ଅଭି ଏବଂ ବାବନଙ୍କୁ ସାକ୍ଷ୍ୟ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରାଯାଇଥିଲା। ଆଦୌ ଗିରଫ ନ ହୋଇ ଆଗୁଆ ଜାମିନ ଆଣିଥିବା ୩ ଅଭିଯୁକ୍ତ ଗୋବିନ୍ଦ, ଗୋପାଳ ଏବଂ ଶ୍ରୀନିବାସଙ୍କ ମାମଲା ଜିଲ୍ଲା କୋର୍ଟରେ ୨୦୧୩ରୁ ବିଚାରଣା ଚାଲିଥିଲା। ପ୍ରାୟ ୧୯ ଜଣ ସାକ୍ଷୀ ସେମାନଙ୍କ ବୟାନ ଦେଇଥିଲେ। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ ସେମାନେ ଆଜି ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି।

# ୫୦ହଜାର ଟଙ୍କା ଫେରାଇଲେ ୪ ଯୁବକ

**ବ୍ରହ୍ମପୁର,୨୩।୯ (ସମିସ):** ଜରଡା ଥାନା ବାଦପୁର ପଞ୍ଚାୟତ ହଳଦିଆପଦର ବାସିନ୍ଦା ଏ.କ୍ରିଷ୍ଣା ରେଡ୍ଡିଙ୍କ ହଜିଯାଇଥିବା ୫୦ହଜାର ଟଙ୍କା ପୁଣି ଫେରି ପାଇଛନ୍ତି। ସୂଚନା ପ୍ରକାରେ, କ୍ରିଷ୍ଣା ଆଜି ପାତ୍ରପୁର ବ୍ୟାଙ୍କରୁ ୫୦ହଜାର ଟଙ୍କା ଉଠାଇ ବାଇକ୍ ଯୋଗେ ଗ୍ରାମକୁ ଫେରୁଥିଲେ। ଗ୍ରାମକୁ ଯିବାରେ ସମୟରେ ତାଙ୍କର ଅଜାଣରେ ଟଙ୍କା ବ୍ୟାଗଟି କେଉଁଠାରେ ଖସି ଯାଇଥିଲା। ଘରେ ପହଞ୍ଚି ଟଙ୍କା ବ୍ୟାଗ ନଥିବା ଜାଣିବାକୁ ପାଇଥିଲେ। ପୁଣି ଫେରିଥିବା ରାସ୍ତାରେ ଟଙ୍କା ଖୋଜିବାକୁ ଯାଇ କୌଣସି ସନ୍ଧାନ ପାଇନଥିଲେ। ଜରଡା ଥାନାରେ ପହଞ୍ଚି ଟଙ୍କା ନିଖୋଜ ନେଇ ଲିଖିତ ଅଭିଯୋଗ କରିଥିଲେ। ଥାନାରେ ଖବର ପରେ ଚାରିଜଣ ଯୁବକ ଭେଙ୍କଟ ରାଓ, ଉମେଶ ରଣା, କୁରେଶ ପ୍ରଧାନ ଓ ରିତେଶ ପ୍ରଧାନ ଥାନାରେ ପହଞ୍ଚି ସେମାନଙ୍କୁ ଟଙ୍କା ବ୍ୟାଗ ମିଳିଥିବା କହି ଜିମା ଦେଇଥିଲେ। କେସ୍ ଦାୟିତ୍ୱରେ ଥାନା ଏସଆଇ ସତ୍ୟନାରାୟଣ ପାଢୀ କ୍ରିଷ୍ଣାଙ୍କୁ ଖବର ଦେଇଥିଲେ। କ୍ରିଷ୍ଣା ଥାନାକୁ ଆସିବା ପରେ ତାଙ୍କୁ ତାଙ୍କର ଟଙ୍କା ଫେରାଇ ଦିଆଯାଇଥିଲା। ଏସ୍ଆଇ ଶ୍ରୀ ପାଢୀ ସମେତ ୪ଜଣ ଯୁବକଙ୍କୁ କ୍ରିଷ୍ଣା କୃତଜ୍ଞତା ଜଣାଇଥିଲେ।

# ସହରରେ ସୁଦୃଢ଼ ହେବ ରାସ୍ତା, ନାଳ ଓ କୋଠା

### ୧୮୦ଟି ପ୍ରକଳ୍ପ ପାଇଁ ଖର୍ଚ୍ଚ ହେବ ୩୧କୋଟି ୭୧ଲକ୍ଷ ଟଙ୍କା

**ବ୍ରହ୍ମପୁର,୨୩।୯ (ସମିସ):** ବ୍ରହ୍ମପୁର ସହରର ନାଳ, ରାସ୍ତା ସମସ୍ୟା ଦୂରହେବ। ଲାଇବ୍ରେରୀ, କଲ୍ୟାଣ ମଣ୍ଡପ ଓ ଶୌଚାଳୟ ଆଦି ନୂତନ ଭାବେ ନିର୍ମାଣ ହେବ। ଏନେଇ ଅଣ୍ଟା ଭିଡ଼ିଛି ବ୍ରହ୍ମପୁର ମହାନଗର ନିଗମ। ଭିତ୍ତିଭୂମି ସୁଦୃଢ କରିବା ଉପରେ ନିଗମ ଗୁରୁତ୍ୱ ଦେଇଛି। ୧୮୦ଟି ପ୍ରକଳ୍ପ କାମ ହାତକୁ ନେବା ସହ ପ୍ରମୁଖ ସମସ୍ୟା ସମାଧାନ କରିବାକୁ ନିଷ୍ପତ୍ତି ହୋଇଛି। ଏଥିନିମନ୍ତେ ୩୧କୋଟି ୭୧ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ପ୍ରକଳ୍ପର ନକ୍ସା ମଧ୍ୟ ପ୍ରସ୍ତୁତ ହୋଇଛି।

ସହରର ମୁଖ୍ୟ ରାସ୍ତା ସମେତ ଗଳି କନ୍ଦିରେ ଥିବା ରାସ୍ତା ନାଳ ସମସ୍ୟା ଦୂରୀଭୂତ କରିବାକୁ ଆଗେଇ ଆସିଛି ବିଏମ୍‌ସି। ସେହିଭଳି ସ୍ୱଚ୍ଛତାକୁ ଦୃଷ୍ଟିରେ



ରଖି ବହୁ ସାହିରେ ଶୌଚାଳୟ ନିର୍ମାଣ କରିବାକୁ ବିଏମ୍‌ସି ନିଷ୍ପତ୍ତି ନେଇଛି। ମହାନଗର ନିଗମ ପକ୍ଷରୁ ହାତକୁ ନିଆଯାଇଥିବା କାମ ମଧ୍ୟରେ ଶାନ୍ତି ନଗର ୫ମ ଗଳି ଓ ତୃପ୍ତି ନଗର, ଲକ୍ଷ୍ମୀ ବିହାର ୧ମ ଓ ୪ର୍ଥ ଗଳି, ହରିଡ଼ାଖଣ୍ଡି ହରିଜନ ସାହି, ଦଣ୍ଡାସି ସାହି, ଲକ୍ଷ୍ମୀ ନୃସିଂହ ସାହି, ତାରିଣୀ ବିହାର ମୁଖ୍ୟ ଗଳି, ଶ୍ରମିକ ନଗର, ରଘୁନାଥ ନଗର ସମେତ ଆମ୍ବପୁଆ, ଲାଞ୍ଜିପଲ୍ଲୀ ସହିତ ସମଗ୍ର ସହରର ମୁଖ୍ୟ ଅଞ୍ଚଳ ଓ ଗଳିକନ୍ଦି ରାସ୍ତା ଓ ନାଳ ରହିଛି। ସେଗୁଡ଼ିକର ନିର୍ମାଣ ନିମନ୍ତେ ନକ୍ସା ପ୍ରସ୍ତୁତ ହୋଇଛି।

ରାସ୍ତା ଓ ନାଳ କାର୍ଯ୍ୟ ନିର୍ମାଣ ପାଇଁ ତାଲିକା ପ୍ରକାଶିତ ହୋଇଛି। ଦୀର୍ଘ ଦିନରୁ ହୋଇ ଆସୁଥିବା ଦାବି ସମୂହ ବର୍ତ୍ତମାନ ପୂରଣ ହେବ। ସହରର ଉନ୍ନତୀକରଣରେ ଘୋଷିତ ହୋଇଥିବା ଏହି ପ୍ରକଳ୍ପଗୁଡ଼ିକ ଅଧା ସମସ୍ୟା ଦୂର କରିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି। ଶ୍ରୀରାମନଗର ଶିଶୁ ଖେଳପଡ଼ିଆରେ ପାଚେରି ନିର୍ମାଣ କରାଯିବ। ସାନବଜାର ଛକ ଠାରୁ ବଡ଼ ବଜାର ପର୍ଯ୍ୟନ୍ତ ହ୍ୱାଇଟ୍ ଲେନ୍‌ର ନିର୍ମାଣ ହେବ। ପୂର୍ଣ୍ଣବାସୀ ସାହି ସମେତ ସହରର ଅନ୍ୟାନ୍ୟ ପ୍ରମୁଖ ଅଞ୍ଚଳରେ ଶୌଚାଳୟ ନିର୍ମାଣ ହେବ। କିଛି ସାହିରେ ଭାଙ୍ଗି ଯାଇଥିବା ଶୌଚାଳୟ ଗୁଡ଼ିକର ମଧ୍ୟ ପୁନଃନିର୍ମାଣ କରାଯିବା ସହ ମରାମତି କରାଯିବ। ଏହି ପ୍ରକଳ୍ପ କାମ ଆରମ୍ଭ ହେବାକୁ ବର୍ତ୍ତମାନ ଟେଣ୍ଡର ପ୍ରକ୍ରିୟା ଚାଲିଛି।

ଏଗ୍ରିମେଣ୍ଟ ପରେ କାମ ଆରମ୍ଭ ହେବ ବୋଲି ମହାନଗର ନିଗମ ଆୟୁକ୍ତ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି। ଏହି କାର୍ଯ୍ୟଗୁଡ଼ିକୁ ଆଗାମୀ ୯୦ଦିନ ମଧ୍ୟରେ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଚଳିତବର୍ଷର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ମଧ୍ୟରେ ଏହାକୁ ମେଗା ୱାର୍କ ଭାବେ ଗ୍ରହଣ କରାଯାଇଛି। ପ୍ରକଳ୍ପକୁ ଦେଖି ସମୟସୀମା ଧାର୍ଯ୍ୟ ହେବ। ବଡ଼ ପ୍ରକଳ୍ପ ହୋଇଥିଲେ କିଛି ଦିନ ଅଧିକା ସମୟ ଲାଗିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।

## ଡ୍ରପଆଉଟ୍ ଛାତ୍ରଛାତ୍ରୀଙ୍କୁ ଫେରାଇ ଆଣିବାର ଚିନ୍ତା

# ପ୍ରଥମ ପର୍ଯ୍ୟାୟରେ ୧୦ ଜିଲ୍ଲାରେ ସ୍ୱତନ୍ତ୍ର ହଷ୍ଟେଲ

**ଭୁବନେଶ୍ୱର,୨୩।୯ (ସମିସ):** ଅଧାରୁ ପାଠ ଛାଡ଼ିଥିବା ୧୪ରୁ ୧୬ ବର୍ଷର ଛାତ୍ରଛାତ୍ରୀ ପୁଣି ପାଠ ପଢ଼ିବେ। ସେମାନଙ୍କୁ ଚିହ୍ନଟ କରାଯାଇ ମୁଖ୍ୟ ସ୍ରୋତରେ ସାମିଲ୍ କରାଯିବ। ସେମାନଙ୍କ ପାଇଁ ଜିଲ୍ଲାସ୍ତରରେ ସ୍ୱତନ୍ତ୍ର ଭିତ୍ତିଭୂମି ପ୍ରସ୍ତୁତ ହେବ। ପାଠପଢ଼ା ସହିତ ସେମାନଙ୍କୁ ଧନ୍ଦାମୂଳକ ଶିକ୍ଷା ଦିଆଯିବ। ଦାଦନ ସାଜିବା ପରିବର୍ତ୍ତେ ସମ୍ପୃକ୍ତ ବୟସର ପିଲାମାନେ ଆତ୍ମ ନିର୍ଭରଶୀଳ ହୋଇ ପାରିବେ। ତେବେ ଏ ନେଇ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜିଲ୍ଲାସ୍ତରରେ ସ୍ୱତନ୍ତ୍ର ହଷ୍ଟେଲ ନିର୍ମାଣ କରାଯାଉଛି। ଏହି ସ୍ୱତନ୍ତ୍ର ହଷ୍ଟେଲରେ ଡ୍ରପଆଉଟ ଛାତ୍ରଛାତ୍ରୀମାନେ ମାଗଣାରେ ରହିବା ସହିତ ପାଠ ପଢ଼ିବାର ସୁଯୋଗ ପାଇବେ। ପ୍ରାଥମିକ ପର୍ଯ୍ୟାୟରେ ରାଜ୍ୟର ୧୦ ଜିଲ୍ଲାରେ ୨୦ଟି ସ୍ୱତନ୍ତ୍ର ହଷ୍ଟେଲ ନିର୍ମାଣ ହେବା ନେଇ ଚିହ୍ନଟ କରାଯାଇଥିବାବେଳେ ଆଗାମୀ ଦିନରେ ଅନ୍ୟ ଜିଲ୍ଲାଗୁଡ଼ିକୁ ମଧ୍ୟ ସମ୍ମିଳିତ କରାଯିବ। ପ୍ରଶିକ୍ଷଣ ନେଇ ଛାତ୍ରଛାତ୍ରୀମାନେ ସ୍ୱାବଲମ୍ବୀ ହେବା ସହିତ ପରିବାର ପ୍ରତିପୋଷଣ ପାଇଁ ସକ୍ଷମ ହେବେ। ପ୍ରାଥମିକ ଭାବେ ରାଜ୍ୟର ବଲାଙ୍ଗିର, ଢେଙ୍କାନାଳ, ଗଜପତି, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା, ରାୟଗଡ଼ା ଆଦି ୧୦ ଜିଲ୍ଲାରେ ଏହି ଯୋଜନା ଅରମ୍ଭ ହେବ। ଛାତ୍ରଛାତ୍ରୀଙ୍କୁ ମାଗଣାରେ ରହିବା ଓ ଖାଇବାର ବନ୍ଦୋବସ୍ତ ମଧ୍ୟ କରାଯିବ। ତେବେ ଏନେଇ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା) ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। 'ଷ୍ଟାର ସ୍କିମ୍' ଯୋଜନା ଅଧୀନରେ ପିଲାମାନଙ୍କୁ ଏହି ପ୍ରଶିକ୍ଷଣ ଦିଆଯିବ। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ଚିହ୍ନଟ ହୋଇଥିବା ୧୦ ଜିଲ୍ଲାର ୨୦ଟି ସ୍ଥାନରେ ମଡେଲ ହଷ୍ଟେଲ ଖୋଲିବ। କଳାହାଣ୍ଡି ଓ କୋରାପୁଟ ଜିଲ୍ଲାରେ ୫ଟି ଲେଖାଏଁ ମଡେଲ ହଷ୍ଟେଲ ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ଢେଙ୍କାନାଳ ଓ ମାଲକାନାଗିର ଜିଲ୍ଲାରେ ଦୁଇଟି ଲେଖାଏଁ ଏବଂ ବଲାଙ୍ଗିର, ଗଜପତି, କନ୍ଧମାଳ, ନବରଙ୍ଗପୁର, ନୁଆପଡ଼ା, ରାୟଗଡ଼ା ଆଦି ୬ ଜିଲ୍ଲାରେ ଗୋଟିଏ ଲେଖାଏଁ ମଡେଲ ହଷ୍ଟେଲ ନିର୍ମାଣ କରାଯିବ। ଆବାସିକ ହଷ୍ଟେଲଗୁଡ଼ିକ ଉଚ୍ଚ ବିଦ୍ୟାଳୟ ପରିସରରେ ହିଁ ନିର୍ମାଣ କରାଯିବ। ଛାତ୍ର ଏବଂ ଛାତ୍ରୀଙ୍କ ପାଇଁ ଅଲଗା ଅଲଗା ହଷ୍ଟେଲ ନିର୍ମାଣ ହେବ। ଏହି ଛାତ୍ରଛାତ୍ରୀମାନଙ୍କୁ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପ୍ରଚଳିତ ରେଗୁଲାର୍ ପାଠ୍ୟପୁସ୍ତକ କିମ୍ବା ଆବଶ୍ୟକ ସ୍ଥଳରେ ଓଡ଼ିଶା ଓପନ୍ ସ୍କୁଲିଂର ପାଠ୍ୟକ୍ରମ ଅନୁସାରେ ମଧ୍ୟ ଶିକ୍ଷା ଦିଆଯିବ। ସମ୍ପୃକ୍ତ ଛାତ୍ରଛାତ୍ରୀଙ୍କ ପାଇଁ ନିକଟସ୍ଥ ସ୍କୁଲରେ ମଧ୍ୟ ପାଠ ପଢ଼ାର ବନ୍ଦୋବସ୍ତ କରାଯିବ। ଗଜପତି ଜିଲ୍ଲାର ମୋହନା ବ୍ଲକ ଅନ୍ତର୍ଗତ ଚନ୍ଦ୍ରଗିରି ବାଳକ ଉଚ୍ଚ ବିଦ୍ୟାଳୟରେ ମଡେଲ ହଷ୍ଟେଲ ନିର୍ମାଣ କରିବା ପାଇଁ ଚିହ୍ନଟ କରାଯାଇଥିବାବେଳେ ପରବର୍ତ୍ତୀ ସମୟରେ ଅନ୍ୟ ଜିଲ୍ଲା ଗୁଡ଼ିକରେ ମଧ୍ୟ ସ୍କୁଲ ଚିହ୍ନଟ କରାଯିବ।

■ ମାଗଣାରେ ରହିବା ଓ ପଢ଼ିବାର ସୁବିଧା
■ ନିୟମିତ ପାଠପଢ଼ା ସହ ଧନ୍ଦା ମୂଳକ ଶିକ୍ଷା

ସ୍କୁଲଗୁଡ଼ିକର ଶୈକ୍ଷିକ ବାତାବରଣ, ଶିକ୍ଷକ ସଂଖ୍ୟା, ଆନୁସଙ୍ଗିକ ଭିତ୍ତିଭୂମି ଆଦିକୁ ଦୃଷ୍ଟିରେ ରଖି ମଡେଲ ହଷ୍ଟେଲ ନିର୍ମାଣ ପାଇଁ ଚିହ୍ନଟ କରାଯାଉଥିବା ବିଭାଗ ଦର୍ଶାଇଛି। ସୂଚନାଯୋଗ୍ୟ, କରୋନା ଯୋଗୁ ବିଗତ ଦୁଇ ବର୍ଷରେ ରାଜ୍ୟର ଡ୍ରପଆଉଟ ସଂଖ୍ୟା ଖୁବ୍ ବୃଦ୍ଧି ପାଇଛି। ପ୍ରାୟ ୯୦ ହଜାର ଛାତ୍ରଛାତ୍ରୀ ଅଧାରୁ ପାଠ ଛାଡ଼ିଥିବା 'ଓସେପା' ପ୍ରାଥମିକ ଆକଳନରୁ ପ୍ରକାଶ କରିଛି। ତେବେ ଅଧାରୁ ପଢ଼ା ଛାଡ଼ିଥିବା ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରି ମୁଖ୍ୟ ସ୍ରୋତରେ ସାମିଲ୍ କରିବା ପାଇଁ ସ୍କୁଲ ଓ ଗଣଶିକ୍ଷା ବିଭାଗ ଏକ ସ୍ୱତନ୍ତ୍ର ସେଲ୍ଫ ମଧ୍ୟ ପ୍ରସ୍ତୁତ କରିଛି।

# ପରକୀୟା ପ୍ରୀତିରୁ ଯୁବକଙ୍କୁ ବୀଭତ୍ସ ହତ୍ୟା

■ **ବାଲିଆପାଳ / ଲଙ୍ଗଳେଶ୍ୱର, ୨୩।୯ (ସମିସ):** ପରକୀୟା ପ୍ରୀତି ପାଇଁ ଜଣେ ଯୁବକଙ୍କୁ ବୀଭତ୍ସ ହତ୍ୟା କରାଯାଇଛି। ଧାରୁଆ ଅସ୍ତ୍ରରେ ଯୁବକଙ୍କୁ ହାଣି ମୃତଦେହକୁ ଧାନବିଲ ଭିତରେ ପୋତିଦେବା ଘଟଣା ବାଲିଆପାଳ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ହତ୍ୟା ସନ୍ଦେହରେ ଗ୍ରାମବାସୀ ଜନୈକ ଦମ୍ପତିଙ୍କୁ ନିର୍ଘୁମ ଛେଚିବା ସହ ପୁଲିସ ଜିମା ଦେଇଛନ୍ତି। ଏହି ଘଟଣାରେ ସାଇଣ୍ଟିଫିକ୍ ଟିମ୍ ସହ ବାଲିଆପାଳ ପୁଲିସ ସମ୍ପୃକ୍ତ ମହିଳା, ତାଙ୍କ ସ୍ୱାମୀ ଏବଂ ତାଙ୍କର ସମ୍ପର୍କୀୟ ଭାଇ ବିଶ୍ୱଜିତ ଦାସଙ୍କୁ ବାଲିଆପାଳ ଥାନାରେ ଅଟକ ରଖି ପଚରାଉଚରା କରୁଛି। ତଦନ୍ତ ପରେ ପୁଲିସ ଏହି ଘଟଣାର ପର୍ଦ୍ଦାଫାସ କରାଯିବ ବୋଲି ଆଇଆଇସି ପର୍ଶୁରାମ ସାହୁ କହିଛନ୍ତି। ମିଳିଥିବା ସୂଚନା ମୁତାବକ, ବାଲିଆପାଳ ଥାନା ଅନ୍ତର୍ଗତ ଘଣ୍ଟୁଆ ପଞ୍ଚାୟତ ବଡ଼କସବା ଗ୍ରାମର ଭାନୁଚରଣ ପାତ୍ରଙ୍କ ପୁଅ ତରୁଣ ପାତ୍ର(୩୬) ବୁଧବାର ରାତିରୁ ଘରକୁ ଫେରି ନ ଥିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ତରୁଣଙ୍କ ମୋବାଇଲକୁ ଫୋନ୍ କରିଥିଲେ ମଧ୍ୟ ମୋବାଇଲ୍ ସୁଇଚ୍ ଅଫ୍ ରହିଥିଲା। ପରିବାର ଲୋକ ସମେତ ଗ୍ରାମବାସୀ ତରୁଣଙ୍କୁ ଖୋଜାଖୋଜି କରିଥିଲୋ। ବଡ଼କସବା-ଗେଙ୍ଗୁଟିଆ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଏକ ରକ୍ତଭିଜା କାତି ସହ ରାସ୍ତାରେ ବୁନ୍ଦାବୁନ୍ଦା ରକ୍ତ ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ସନ୍ଦେହ ଉପୁଜିଥିଲା।

ରକ୍ତଛିଟାରୁ ମିଳିଲା ହତ୍ୟାର ସୁରାକ୍; ୩ ଅଟକ

ହତ୍ୟା ପରେ ମୃତଦେହକୁ ଧାନଜମିରେ ପୋତିଥିଲେ

ତରୁଣଙ୍କର ସେହି ଗ୍ରାମର ଜନୈକ ମହିଳାଙ୍କ ସହ ଦୀର୍ଘଦିନ ଧରି ଅନୈତିକ ସମ୍ପର୍କ ରହିଥିବାବେଳେ ବହୁବାର ଏନେଇ ଗ୍ରାମରେ ବୈଠକ ଏବଂ ଥାନାରେ ମାମଲା ମଧ୍ୟ ରୁଜୁ ହୋଇଥିଲା। ସବୁ ପରେ ମଧ୍ୟ ତରୁଣ ବାରମ୍ବାର ଉକ୍ତ ମହିଳାଙ୍କ ଘରକୁ ଯା'ଆସ କରୁଥିଲେ। ବୁଧବାର ରାତିରେ ତରୁଣ ସମ୍ପୃକ୍ତ ମହିଳାଙ୍କ ଘରକୁ ଯାଇ ଆଉ ଫେରି ନ ଥିବା ତରୁଣଙ୍କ ପତ୍ନୀ ଅଞ୍ଜଳି ମଧ୍ୟ କହିଥିଲେ। ଏନେଇ ଗ୍ରାମବାସୀ ସମ୍ପୃକ୍ତ ମହିଳା ଓ ତାଙ୍କ ସ୍ୱାମୀଙ୍କୁ ପଚରାଉଚରା କରିଥିଲେ। ମହିଳା ଜଣକ କିଛି ଜାଣି ନ ଥିବା କହିଥିଲେ। ତେବେ ତାଙ୍କ ଘରଠାରୁ ବୁନ୍ଦା ବୁନ୍ଦା ରକ୍ତ କାତି ପର୍ଯ୍ୟନ୍ତ ଲମ୍ବିଥିଲା। ଯାହାକୁ ନେଇ ଗ୍ରାମବାସୀଙ୍କ ଅଧିକ ସନ୍ଦେହ ଉପୁଜିଥିଲା। ଗ୍ରାମବାସୀ ଉକ୍ତ ଦମ୍ପତିଙ୍କୁ ନିର୍ଘୁମ ଛେଚିବା ପରେ ତରୁଣ ତାଙ୍କ ଘରକୁ ଆସିଥିବା ମହିଳା ଜଣକ ସ୍ୱୀକାର କରିଥିଲେ। ତରୁଣଙ୍କ ସହ ବଚସା ହେବାରୁ ସେ ତାଙ୍କ ମୁହଁ ଉପରକୁ ଲଙ୍କାପାଣି ପକାଇଥିବା ମଧ୍ୟ ସ୍ୱୀକାର କରିଥିଲେ। ଗ୍ରାମବାସୀ ଦମ୍ପତିଙ୍କୁ ଅଟକ ରଖି ବାଲିଆପାଳ ପୁଲିସକୁ ଖବର ଦେଇଥିଲେ।

ଆଇଆଇସି ପର୍ଶୁରାମ ସାହୁ ଘଟଣା ସ୍ଥଳରେ ପହଞ୍ଚି ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ପୋତା ହୋଇଥିବା ତରୁଣଙ୍କ ମୃତଦେହକୁ ଉଦ୍ଧାର କରିଥିଲେ।

# ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ସ୍ଥିତି ପରଖିଲେ ପ୍ରଣବ ପ୍ରକାଶ



**ବାରିପଦା/ମୋରଡ଼ା,୨୩।୯ (ସମିସ):** ମୟୂରଭଞ୍ଜ ଜିଲ୍ଲା ଜମ୍ବୀରା ନଦୀରେ ପ୍ରଳୟଙ୍କରୀ ବନ୍ୟା ପରେ ମୋରଡ଼ା ଓ ରାସଗୋବିନ୍ଦପୁର ବ୍ଲକରେ ବନ୍ୟାଞ୍ଚଳ ପରିଦର୍ଶନ କରି ସ୍ଥିତି ସମୀକ୍ଷା କଲେ ରାଜ୍ୟ ବିଜେଡି ସାଂଗଠନିକ ସମ୍ପାଦକ ତଥା ମୟୂରଭଞ୍ଜ ପର୍ଯ୍ୟବେକ୍ଷକ ପ୍ରଣବ ପ୍ରକାଶ ଦାସ। ଗୁରୁବାର ସକାଳେ ସେ ମୋରଡ଼ା ବ୍ଲକର ଘୋଳମୁହାଁ, ମୋରଡ଼ା, ପଳାଶମୁଣ୍ଡୁଳୀ, ବରକନ୍ଦ ଗ୍ରାମପଞ୍ଚାୟତରେ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଛନ୍ତି। ବନ୍ୟା ପ୍ରଭାବିତ ଲୋକଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ମୋରଡ଼ା ପରେ ରାସଗୋବିନ୍ଦପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ବନ୍ୟା ପ୍ରଭାବିତଙ୍କୁ ଭେଟି ସମବେଦନା ଜଣାଇବା ସହ ସ୍ଥିତି ପରଖିଛନ୍ତି। ଲଗାଣ ବର୍ଷା ଯୋଗୁଁ ମୋରଡ଼ା ବ୍ଲକର ପଳାସମୁଣ୍ଡୁଳି ଗ୍ରାମରେ କାନ୍ଥ ପଡ଼ି ୨୧ ତାରିଖ ଦିନ କାଞ୍ଚନି ବେହେରାଙ୍କ ମୃତ୍ୟୁ ହୋଇଥିଲା। ଶ୍ରୀ ଦାସ ତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ତୁରନ୍ତ ସରକାରୀ ଅନୁକମ୍ପା ମୂଳକ ସହାୟତା ରାଶି ମଧ୍ୟ ତାଙ୍କ ପରିବାରକୁ ଖୁବ ଶୀଘ୍ର ମିଳିବ ବୋଲି ସେ କହିଥିଲେ। ପ୍ରତିବର୍ଷ ବନ୍ୟାରେ ଏହି ଦୁଇ ବ୍ଲକର ବହୁ ଜନସାଧାରଣ ଓ ଗୃହପାଳିତ ପ୍ରାଣୀ ପ୍ରଭାବିତ ହେଉଥିବାରୁ ୩ଟି ପ୍ରମୁଖ ଆବଶ୍ୟକ ସ୍ଥାନରେ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ହେବ ବୋଲି ଶ୍ରୀ ଦାସ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ତତସହିତ ବନ୍ୟା କ୍ଷତିଗ୍ରସ୍ତଙ୍କୁ ସହାୟତା, କ୍ଷତିଗ୍ରସ୍ତ ରାସ୍ତା, ପୋଲ ଓ ବନ୍ଧ ଗୁଡିକର ମରାମତି ଏବଂ କ୍ଷତିଗ୍ରସ୍ତ ଚାଷୀଙ୍କୁ ନିୟମାନୁସାରେ ସହାୟତା ଯୋଗାଇ ଦିଆଯିବ ବୋଲି କହିଥିଲେ।

● କାନ୍ଥ ପଡ଼ି ମୃତ୍ୟୁବରଣ କରିଥିବା ପରିବାରକୁ ସହାୟତା
● ୩ଟି ସ୍ଥାନରେ ନିର୍ମାଣ ହେବ ବାତ୍ୟା ଆଶ୍ରୟସ୍ଥଳୀ

ଚାଷଜମି ଏବେ ବି ବନ୍ୟାପାଣିରେ ବୁଡ଼ି ରହିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ରିଲିଫ କାର୍ଯ୍ୟ ଜାରି ରହିଛି।

■ ମାମୁ ମାଡ଼ ସହିପାରିଲେନି

# ଭଦ୍ରକରୁ ପାଣିକୋଇଲି ଚାଲିଚାଲି ଗଲେ ଦୁଇ ଶିଶୁ

**ଯାଜପୁର,୨୩।୯ (ସମିସ):** ଭଦ୍ରକ ଜିଲ୍ଲା ବନ୍ତରେ ମାମୁ ଘରେ ରହି ପାଠପଢୁଥିବା ଦୁଇ ନାବାଳକ ଭାଇଙ୍କୁ ମାମୁ ମାରଧର କରିବାରୁ ସେମାନେ ରାଗିକି ଚାଲିଚାଲି ସେମାନଙ୍କ ଘରକୁ ଯାଉଥିବା ବେଳେ ଉଦ୍ଧାର ହୋଇଛନ୍ତି। ବନ୍ତରୁ ଚାଲିଚାଲି ଆସୁଥିବା ବେଳେ ରାତି ପ୍ରାୟ ୯ଟା ବେଳେ ସେମାନଙ୍କୁ ପାଣିକୋଇଲି ଚେକ୍ ଗେଟ୍ ନିକଟରେ ବ୍ରହ୍ମବରଦା ଅଞ୍ଚଳର ଯୁବ ସମାଜସେବୀ ନମାଜୀ ଭାଇ ଦେଖିଥିଲେ। ସକାଳ ପ୍ରାୟ ୫ଟା ବେଳେ ଦୁଇ ଭାଇ ନିଜ ଘର ଚଣ୍ଡିଖୋଲକୁ ଚାଲିବା ଆରମ୍ଭ କରିଥିଲେ। ଭୋକରେ ଲମ୍ବା ରାସ୍ତା ଚାଲିବା ଫଳରେ ଥକ୍କା ହୋଇ ଦୀର୍ଘ ସମୟ ରାସ୍ତାରେ ବସିପଡୁଥିଲେ ଉଭୟ। ବିଭିନ୍ନ ସମୟରେ ବର୍ଷାରେ ଓଦା ମଧ୍ୟ ହୋଇଯାଉଥିଲେ ଓ ପୁଣି ଚାଲୁଥିଲେ। ଚାଲିଚାଲି ପାଣି କୋଇଲି ପର୍ଯ୍ୟନ୍ତ ଚାଲି ଆସିଥିଲେ। ସବୁ ଶୁଣି ବ୍ରହ୍ମବରଦା ଫାଣ୍ଡି ସହିତ ଯୋଗାଯୋଗ କରି ଏ ନେଇ ଖବର ଦେଇଥିଲେ ନମାଜୀ। ପୁଲିସ ସମ୍ପୃକ୍ତ ୨ ଭାଇଙ୍କ ମାଆଙ୍କୁ ଖବର ଦେଇଥିଲେ। ମାଆ ଆସି ସେଠାରୁ ତାଙ୍କ ଦୁଇ ପୁଅଙ୍କୁ ନେଇ ଘରକୁ ଯାଇଥିଲେ।

# ତୃଣମୂଳସ୍ତରରୁ ଧନ୍ଦାମୂଳକ ଶିକ୍ଷାକୁ ଦିଆଯିବ ଗୁରୁତ୍ୱ

**ଭୁବନେଶ୍ୱର,୨୩।୯ (ସମିସ):** ତୃଣମୂଳସ୍ତରରୁ ପିଲାଙ୍କ ଦକ୍ଷତା ବିକାଶ ପାଇଁ ଗୁରୁତ୍ୱ ଦିଆଯିବ। ଏଥିପାଇଁ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ରୋଡମ୍ୟାପ୍ ପ୍ରସ୍ତୁତ ହୋଇଛି। ଏଣିକି ଧନ୍ଦାମୂଳକ ଶିକ୍ଷା ପାଇଁ ସ୍କୁଲଗୁଡ଼ିକୁ ସ୍ୱତନ୍ତ୍ର ଅନୁଦାନ ମିଳିବା ସହିତ ଶିକ୍ଷକମାନଙ୍କ ଦକ୍ଷତା ମଧ୍ୟ ବୃଦ୍ଧି କରାଯିବ। ପ୍ରଥମ ପର୍ଯ୍ୟାୟରେ ରାଜ୍ୟରେ ୧୫ହଜାର ପ୍ରାଥମିକ ସ୍କୁଲ ଏବଂ ୧୭ହଜାର ଉଚ୍ଚ ପ୍ରାଥମିକ ସ୍କୁଲଗୁଡିକୁ ତାଲିକାଭୁକ୍ତ କରାଯାଇଥିବା ବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ରାଜ୍ୟର ସମସ୍ତ ସରକାରୀ ସ୍କୁଲକୁ ଏହି ଯୋଜନାରେ ସାମିଲ କରାଯିବାର କାର୍ଯ୍ୟକ୍ରମ ରହିଛି।

ସ୍କୁଲସ୍ତରରେ ପିଲାଙ୍କ ପାଠ ପଢ଼ା କେବଳ ପାଠ୍ୟ ପୁସ୍ତକରେ ସୀମିତ ନ ରଖି ପିଲାଙ୍କୁ ଆତ୍ମନିର୍ଭରଶୀଳ ହେବାର ଶିକ୍ଷା ମଧ୍ୟ ଦିଆଯିବ। ପ୍ରାଥମିକ ବିଦ୍ୟାଳୟ ସ୍ତରରୁ ଧନ୍ଦାମୂଳକ ଶିକ୍ଷା ଆରମ୍ଭ କରିବା ପାଇଁ ଚଳିତ ଶିକ୍ଷା ବର୍ଷରୁ ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଥିଲା। ମାତ୍ର କରୋନା ଯୋଗୁଁ ସ୍କୁଲବନ୍ଦ ରହିଥିବାରୁ ଏହି ଯୋଜନା କାର୍ଯ୍ୟକାରୀ ହୋଇ ପାରିନଥିଲା। ଆସନ୍ତା ଶିକ୍ଷାବର୍ଷରୁ ରାଜ୍ୟର ସ୍କୁଲଗୁଡିକର ବିଭିନ୍ନ ସମସ୍ୟା ଦୂର କରିବା ପାଇଁ ବିଭାଗ ଯୋଜନା କରୁଥିବା ବେଳେ ପିଲାଙ୍କ ଦକ୍ଷତା ବୃଦ୍ଧି ଧ୍ୟାନ ଦିଆଯିବ। ଏଥିପାଇଁ ରାଜ୍ୟର ୫୮ହଜାର ୮୯ଟି ସ୍କୁଲକୁ ସାମିଲ କରାଯାଇଛି। ଆସନ୍ତା ଶିକ୍ଷାବର୍ଷରୁ ପ୍ରାଥମିକ, ଉଚ୍ଚପ୍ରାଥମିକ ଏବଂ ମାଧ୍ୟମିକ ସ୍କୁଲରେ ବିଭିନ୍ନ ପ୍ରକଳ୍ପ ଲାଗି ଅନୁଦାନ ପ୍ରଦାନ କରାଯାଉଥିବା ବେଳେ ଏଣିକି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଅନୁଦାନ ଦିଆଯିବ। ବିଶେଷକରି ସ୍କୁଲ ଗୁଡିକରେ ବିଜ୍ଞାନ ଉପକରଣ, ପାଠ୍ୟପୁସ୍ତକ, ଖେଳ ସରଞ୍ଜାମ, ଶିକ୍ଷାଦାନ ଲାଗି ପ୍ରଯୁକ୍ତି ବିଦ୍ୟାର ଆବଶ୍ୟକତା ଅନୁଯାୟୀ ସୁବିଧା ସୁଯୋଗ ଏବଂ କିଛି ଛାତ୍ରୀ ସ୍କୁଲଗୁଡିକରେ ପିଲାଙ୍କୁ ମୌଳିକ ସୁବିଧା ଯୋଗାଇବା ପାଇଁ ଏହି ସ୍ୱତନ୍ତ୍ର ଅନୁଦାନ ପ୍ରଦାନ କରାଯିବ। ତେବେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟରେ ୧୫ହଜାର ପ୍ରାଥମିକ ସ୍କୁଲ ଏବଂ ୧୭ହଜାର ଉଚ୍ଚ ପ୍ରାଥମିକ ସ୍କୁଲଗୁଡିକୁ ତାଲିକାଭୁକ୍ତ କରାଯାଇଥିବା ବେଳେ ଆସନ୍ତା ବର୍ଷରୁ ରାଜ୍ୟର ସମସ୍ତ ସରକାରୀ ସ୍କୁଲଗୁଡ଼ିକୁ ଏହି ଯୋଜନାରେ ସାମିଲ କରିବାର ଯୋଜନା ରହିଛି।

■ ବିଦ୍ୟାଳୟଗୁଡ଼ିକୁ ମିଳିବ ସ୍ୱତନ୍ତ୍ର ଅନୁଦାନ
■ ଧନ୍ଦାମୂଳକ ଶିକ୍ଷା ପାଇଁ ଶିକ୍ଷକଙ୍କୁ ପ୍ରଶିକ୍ଷଣ

ତେବେ ସ୍କୁଲଗୁଡ଼ିକୁ ବିଜ୍ଞାନ ଉପକରଣ, ପାଠ୍ୟପୁସ୍ତକ, ଖେଳ ସରଞ୍ଜାମ, ସ୍କୁଲ ସ୍ତରରେ ପିଲାଙ୍କୁ ମୌଳିକ ସୁବିଧା ଆଦି ପାଇଁ ପ୍ରାୟ ୨୧ ହଜାର ଟଙ୍କା ପ୍ରଦାନ କରାଯିବ। ପ୍ରତି ୩ ବର୍ଷକୁ ଥରେ ଏହି ଅନୁଦାନ ପ୍ରଦାନ କରାଯିବ। ସେହିପରି ସ୍କୁଲ ମନିଟରିଂ ଲାଗି ପ୍ରତ୍ୟେକ ସ୍କୁଲକୁ ବାର୍ଷିକ ୫ହଜାର ଟଙ୍କା ମଧ୍ୟ ପ୍ରଦାନ କରାଯିବ। ଯେଉଁଥିରେ ଶିକ୍ଷକଙ୍କ ଲାଗି ତାଲିମ୍, ବିଭିନ୍ନ ପ୍ରତିଯୋଗିତା, ପ୍ରଦର୍ଶନୀ ଆଦି ବାବଦରେ ଖର୍ଚ୍ଚ କରାଯିବ ବୋଲି ଜଣାପଡ଼ିଛି। ତେବେ ବିଭାଗର ସର୍ଭେରୁ ମିଳିଥିବା ତଥ୍ୟ ଅନୁସାରେ ରାଜ୍ୟର ଛାତ୍ରଛାତ୍ରୀଙ୍କ ମଧ୍ୟରୁ ମାତ୍ର ୨୨ ପ୍ରତିଶତ ପିଲାଙ୍କର ଦକ୍ଷତା ବୃଦ୍ଧି ସଠିକ୍ ଭାବେ ଘଟୁଥିବା ବେଳେ ୬୫ପ୍ରତିଶତ ପିଲା କ୍ରୀଡା ଏବଂ ବିଜ୍ଞାନରେ ପଛରେ ରହୁଛନ୍ତି। ତେଣୁ ପାଠ ପଢ଼ା ସହିତ ପିଲାଙ୍କର ସାମଗ୍ରିକ ବିକାଶ ପାଇଁ ସ୍କୁଲ ସ୍ତରରେ ଗୁରୁତ୍ୱ ଦିଆଯିବା ଲାଗି ଏହି ଅଭିନବ ଯୋଜନା ପ୍ରସ୍ତୁତ ହୋଇଛି। ତେବେ ଏଥି ପାଇଁ ଶିକ୍ଷକମାନଙ୍କୁ ମଧ୍ୟ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯିବ। ପ୍ରଥମ ପର୍ଯ୍ୟାୟରେ ୮୩ହଜାର ଶିକ୍ଷକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବାକୁ ଥିବାବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ଆଉ ୫୦ହଜାର ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦିଆଯିବ ବୋଲି ଜଣାପଡ଼ିଛି। ସେହିପରି ମାଧ୍ୟମିକ ସ୍କୁଲ ସ୍ତରରେ ୫ଟି ବିଷୟରେ ଧନ୍ଦାମୂଳକ ବିଷୟରେ ପ୍ରଶିକ୍ଷଣ ଦେବା ପାଇଁ ନିଷ୍ପତ୍ତି ହୋଇଛି।

# ସୁସ୍ଥହୋଇ ଘରକୁ ଫେରିଲା ମଞ୍ଜୁଳା

**ରାଇଘର,୨୩।୯ (ସମିସ):** ମୋତେ ବଞ୍ଚାଅ ...., ମୁଁ ଆଉ ସହିପାରୁନି ଅସହ୍ୟ ଯନ୍ତ୍ରଣା। ଏଭଳି ଚିତ୍କାର କରୁଥିବା ୯ ବର୍ଷର ଝିଅ ମଞ୍ଜୁଳା ଏବେ ଚିକିତ୍ସିତ ହୋଇ ନିଜ ଘରକୁ ଫେରିଛି। ଚିକିତ୍ସା ପାଇଁ ପରିବାର ପାଖରେ ନ ଥିଲା ଅର୍ଥ। ମୃତ୍ୟୁ ସହିତ ସଂଗ୍ରାମ କରୁଥିଲା ୯ ବର୍ଷର ଝିଅ ମଞ୍ଜୁଳା। ଉପାୟ ଶୂନ୍ୟ ପରିବାର ବାଧହୋଇ ଶେଷରେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହେଲେ। ଏହିଭଳି ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଥିଲା ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକର ହଳଦି ପଞ୍ଚାୟତ ଅନ୍ତର୍ଗତ ବାଲିଝର ଗ୍ରାମରେ।



ଗତ ତିନିମାସ ତଳେ ସୁନାଧର ଅଣ୍ଟିଙ୍କ ୯ ବର୍ଷର ଝିଅ ମଞ୍ଜୁଳା ଅଣ୍ଟି ଗଛରେ ଥିବା ଏକ ପକ୍ଷୀବସା ଦେଖି ପକ୍ଷୀ ଧରିବାକୁ ହାତ ବଢ଼ାଇଥିଲେ। ହେଲେ ବିଧିର ବିଧାନ ଥିଲା ଆଉ କିଛି। ସେହି ବସାରେ ଅଣ୍ଡା ଖାଇବାକୁ ଜଗିବସିଥିବା ବିଷଧର ନାଗ ସାପ ନିଷ୍ପାପ ଝିଅଟିର ହାତକୁ ଦଂଶନ କରିଥିଲା। ଏହି ସମୟରେ ବାପା ଚାଷ କରିବାକୁ ଯାଇଥିବା ବେଳେ ମା' ଘର କାର୍ଯ୍ୟରେ ବ୍ୟସ୍ତ ଥିଲେ। ଏହି ଘଟଣା ମଞ୍ଜୁଳା ବାପା ମା'ଙ୍କୁ କହିବା ପରେ ପରିବାରବର୍ଗ ପ୍ରଥମେ ତାନ୍ତ୍ରିକ ପାଖକୁ ଯାଇଥିଲେ। ପରବର୍ତ୍ତୀ ସମୟରେ ମଞ୍ଜୁଳାର ଦେହ ଗୁରୁତର ହେବାରୁ ପ୍ରଥମେ ସ୍ଥାନୀୟ ଚିକିତ୍ସାଳୟରୁ କୋରାପୁଟ ମେଡିକାଲ କଲେଜକୁ ଚିକିତ୍ସା ଲାଗି ନିଆଯାଇଥିଲା। କିନ୍ତୁ କୋରାପୁଟ ଚିକିତ୍ସାଳୟର ଡ଼ାକ୍ତର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ନେବା ପାଇଁ ପରାମର୍ଶ ଦେଇଥିଲେ। ସୁନାଧରଙ୍କ ପାଖରେ ଯାହା ଅର୍ଥଥିଲା ସବୁ ଖର୍ଚ୍ଚ ହୋଇଗଲା। ଅର୍ଥ ଚିନ୍ତାରେ ଶେଷରେ ଉପାୟ ଶୂନ୍ୟ ହୋଇ ଭାଗ୍ୟକୁ ଆଦରି ନେଇ ଘରକୁ ଫେରିଆସିଥିଲେ। ଧୀରେ ଧୀରେ ମଞ୍ଜୁଳାର ଡାହାଣ ହାତରେ ଅସହ୍ୟ ଯନ୍ତ୍ରଣା ହେଲା। ହାତ ପଚିବାକୁ ଆରମ୍ଭ କଲା। ଦୀର୍ଘ ଏକମାସ ବ୍ୟାପୀ ବିନା ଚିକିତ୍ସାରେ ଘରେ ଛଟପଟ ହେଉଥିଲା ମଞ୍ଜୁଳା। ବାପା ମା'ଙ୍କ ଆଖିରେ ଲୁହ ଶୁଖୁ ନ ଥାଏ। କରଜ ଲାଗି ଚାରା ବି ନ ଥାଏ। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା, ଝିଅକୁ ଦଂଶନ କରିଥିବା ବିଷଧର ନାଗ ସାପଟିକୁ ଏକମାସ ହେଲା ଗୋଟିଏ ସ୍ଥାନରେ ବନ୍ଦକରି ରଖିଥିଲେ। ଝିଅ ଠିକ୍ ନ ହେବା ପର୍ଯ୍ୟନ୍ତ ଏହି ସାପଟିକୁ ଛାଡ଼ିବୁ ନାହିଁ କିମ୍ବା ଖାଇବାକୁ ଦେବି ନାହିଁ ବୋଲି ପରିବାର ପକ୍ଷରୁ କୁହାଯାଇଥିଲା। ଏହି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରସାରଣ ହେବା ପରେ ମଞ୍ଜୁଳାଙ୍କୁ ମିଳିଥିଲା ସରକାରୀ ସହାୟତା। ଚିକିତ୍ସା ପାଇଁ ପଠାଯାଇଥିଲା କଟକ ବଡ ଡାକ୍ତରଖାନାକୁ। ତିନିମାସର ଚିକିତ୍ସା ପରେ ଆଜି ମଞ୍ଜୁଳା ସୁସ୍ଥହୋଇ ଘରକୁ ଫେରିଛି। ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଉମରକୋଟ ଦିଲ୍‌ଖୁସ୍ ବସ୍‌ରୁ ପାଛୋଟି ନେଇ ମଞ୍ଜୁଳା ଏବଂ ତାଙ୍କ ବାପା- ମା'ଙ୍କୁ ଛାଡ଼ି ଆସିଥିଲେ ଗାରେ। ମଞ୍ଜୁଳାର ଆରୋଗ୍ୟ ଲାଗି ପରିବାର ଲୋକେ ପ୍ରଶାସନ ଏବଂ ଗଣମାଧ୍ୟମକୁ ଧନ୍ୟବାଦ ଜଣାଇ ଥିଲେ।

■ ଓଏସ୍‌ଡିଏ ସମୀକ୍ଷା ବୈଠକ

# ଦକ୍ଷତା ବିକାଶ କେନ୍ଦ୍ରରେ ମହିଳାଙ୍କ ପ୍ରଶିକ୍ଷଣକୁ ଗୁରୁତ୍ୱ




**ଭୁବନେଶ୍ୱର,୨୩।୯ (ସମିସ):** ରାଜ୍ୟର ଦକ୍ଷତା ବିକାଶ କେନ୍ଦ୍ର(ଏସଡିସି)ଗୁଡ଼ିକର ରୂପରେଖ ପରିବର୍ତ୍ତନ ହେବ। ଅଧିକ ସଂଖ୍ୟକ ଯୁବକଯୁବତୀମାନଙ୍କୁ ତାଲିମ ପ୍ରଦାନ ନିମନ୍ତେ ଏସଡିସିରେ ବିଶେଷ କରି ଖଣିଜ ପାଣ୍ଠି(ଡିଏମଏଫ୍) ଥିବା ଅଞ୍ଚଳମାନଙ୍କରେ ମହିଳା ଏବଂ ପୁରୁଷ ମାନଙ୍କ ପାଇଁ ସ୍ୱତନ୍ତ୍ର ଛାତ୍ର ଓ ଛାତ୍ରୀନିବାସ ନିର୍ମାଣ କରାଯିବ। ପ୍ରଶିକ୍ଷଣ ପରେ ଯୁବବର୍ଗଙ୍କ ନିଯୁକ୍ତି ଉପରେ ଅଧିକ ଗୁରୁତ୍ୱ ଦିଆଯିବ। ମୁଖ୍ୟତଃ ମହିଳାମାନଙ୍କୁ ଏଥିରେ ସାମିଲ୍ ପାଇଁ ଯୋଜନା ବ୍ୟାପକ କରାଯିବ। ତେବେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧୀକରଣ(ଓଏସ୍‌ଡିଏ)ର ସମୀକ୍ଷା ବୈଠକରେ ଏନେଇ ନିଷ୍ପତ୍ତି ହୋଇଛି। ଗୁରୁବାର ହୋଇଥିବା ସମୀକ୍ଷା ବୈଠକରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧୀକରଣର ଅଧକ୍ଷ ସୁବ୍ରତ ବାଗ୍‌ଚୀ ଅଧ୍ୟକ୍ଷତା କରି କହିଥିଲେ ଯେ ଯୁବଗୋଷ୍ଠୀ ବିଶେଷ କରି ମହିଳାମାନଙ୍କୁ ସ୍ୱାବଲମ୍ବୀ କରାଇବା ନିମନ୍ତେ ଓଏସଡିଏ ଅଧିକ ଗୁରୁତ୍ୱ ଦେଉଛି। ପିଆଇଏମାନେ ତୃଣମୂଳ ସ୍ତରରେ ସଠିକ୍ ଭାବେ ତାଲିମ୍ ପରିଚାଳନା, ନୂତନ ପିଆଇଏମାନଙ୍କୁ ଓଏସ୍‌ଏ ଅଧୀନରେ ସଂଶ୍ଳିଷ୍ଟ କରାଇବା, ଦକ୍ଷତା ବିକାଶ ସମ୍ବନ୍ଧୀୟ ବିଭିନ୍ନ ଯୋଜନାର ପ୍ରଚାରପ୍ରସାର, ବିଭିନ୍ନ ରୋଡ୍ ମ୍ୟାପ୍, ସ୍ୱାସ୍ଥ୍ୟ ଏବଂ ନୂତନ ଅର୍ଥନୀତି ଭଳି ଟ୍ରେଡ୍‌ଗୁଡ଼ିକୁ ତାଲିମରେ ସାମିଲ କରିବା ଦିଗରେ ପିଆଇମାନେ ମତ ଦେବା ସହିତ ଏଥି ପାଇଁ ଶ୍ରୀ ବାଗ୍‌ଚୀ ପରାମର୍ଶ ଦେଇଥିଲେ।

ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା ପିଆଇମାନଙ୍କୁ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ଅବଗତ କରିଥିଲେ। ସେହିପରି ଓଏସ୍‌ଡିଏ ସିଇଓ ତଥା ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଶ୍ରୀ ରେଘୁ ଜି କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ବଲାଙ୍ଗିର ଗସ୍ତ ପରେ ବଢୁଛି ଉତ୍ତପ୍ତତା

# ହରାଇଥିବା ଆସନ ଉପରେ ଦଳର ନଜର

**ବଲାଙ୍ଗିର,୨୩।୯ (ସମିସ):** ରାଜ୍ୟରେ ପଞ୍ଚାୟତ ଓ ପୌର ନିର୍ବାଚନକୁ ନେଇ ସମସ୍ତ ରାଜନୈତିକ ଦଳ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ବୁଧବାର ମୁଖ୍ୟମନ୍ତ୍ରୀଙ୍କ ବଲାଙ୍ଗିର ଗସ୍ତକୁ ନେଇ ଏବେ ଜିଲ୍ଲା ରାଜନୀତି ବେଶ ସରଗରମ ହୋଇଛି। ବିଶେଷ କରି ମୁଖ୍ୟମନ୍ତ୍ରୀ ଦ୍ୱାରା ହୋଇଥିବା ଶିଳାନ୍ୟାସ ଓ ଭିତ୍ତିପ୍ରସ୍ତର ଏବେ ଚର୍ଚ୍ଚାର ବିଷୟ ହୋଇଛି। ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି ବିଜେଡି ବିଧାୟକ ନ ଥିବା ନିର୍ବାଚନମଣ୍ଡଳୀକୁ ଗୁରୁତ୍ୱ ଦିଆଯାଇଛି। ୨୦୨୪ ନିର୍ବାଚନରେ ସବୁତକ ବିଧାନସଭା ସିଟରେ ବିଜେଡି ବିଜୟ ବାନା ଉଡାଇବାକୁ ରୋଡମ୍ୟାପ ପ୍ରସ୍ତୁତ କରିଥିବା ବେଳେ ତାହା ପୂର୍ବରୁ ପଞ୍ଚାୟତ ଓ ପୌର ନିର୍ବାଚନକୁ ଦଳ ଟାର୍ଗେଟ କରିଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଦୁଇ କଂଗ୍ରେସ ବିଧାୟକ ଖୋଲାଖୋଲି ସରକାରଙ୍କୁ ପ୍ରଶଂସା କରିବା ଘଟଣା ଏହି ଚର୍ଚ୍ଚାକୁ ଖୋରାକ ଯୋଗାଇଛି। ବୁଧବାର ଦିନିକିଆ ବଲାଙ୍ଗିର ଗସ୍ତରେ ଆସିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ତିନୋଟି ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେବା ସହିତ ଜିଲ୍ଲାର ବିକାଶ ପାଇଁ ପ୍ରାୟ ୮ ଶହ କୋଟି ଟଙ୍କାର ଭେଟି ଦେଇଥିଲେ। ତେବେ ଏହି ସବୁ ପ୍ରକଳ୍ପଗୁଡିକ ଆଗାମୀ ନିର୍ବାଚନକୁ ଆଖିରେ କରାଯାଇଥିବା ଆଲୋଚନା ହେଉଛି। ଯେଉଁ ନିର୍ବାଚନମଣ୍ଡଳୀରେ ବିଜେଡି ବିଧାୟକ ନାହାନ୍ତି କିମ୍ବା ଯେଉଁଠି ଦଳ ଦୁର୍ବଳ ରହିଛି ସେହି ଅଞ୍ଚଳକୁ ବିଶେଷ ଧ୍ୟାନ ଦିଆଯାଇଛି। ଏଥିପାଇଁ ବିରୋଧୀ ଦଳରେ ଥାଇ ମଧ୍ୟ ଦୁଇ ବରିଷ୍ଠ କଂଗ୍ରେସ ନେତା ରାଜ୍ୟ ସରକାରଙ୍କୁ ପ୍ରଶଂସା କରିଛନ୍ତି। ସୂଚନା ଅନୁସାରେ ଜିଲ୍ଲାର ୫ଟି ନିର୍ବାଚନମଣ୍ଡଳୀରୁ ୨୦୧୯ ନିର୍ବାଚନରେ ବିଜେଡି ମାତ୍ର ଦୁଇଟି ଆସନ ହାତେଇବାରେ ସଫଳ ହୋଇଥିଲା। ଏପରିକି ୨୦୧୭ ପଞ୍ଚାୟତ ନିର୍ବାଚନରେ ବିଜେପି ଜିଲ୍ଲା ପରିଷଦ ଦଖଲ କରିବାରେ ସଫଳ ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଗସ୍ତରେ ୮ ଶହ କୋଟିର ସିଂହଭାଗ ବଲାଙ୍ଗିର, ଲୋଇସିଂହା ଓ ଟିଟିଲାଗଡ଼ ବିଧାନସଭା କ୍ଷେତ୍ରକୁ ପ୍ରଦାନ କରାଯାଇଛି। ଏହି ଦୁଇ ଆସନ ଉପରେ ଏବେ ଦଳ ନଜର ରହିଛି। ପଞ୍ଚାୟତ ନିର୍ବାଚନ ପୂର୍ବରୁ ସ୍ଥିତି ସୁଧାରିବା ପାଇଁ ଦଳ ଲକ୍ଷ୍ୟ ରଖିଛି। ବଲାଙ୍ଗିର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବଲାଙ୍ଗିର ସଦର ବ୍ଲକ, ପୌରପରିଷଦ ଓ ଦେଓଗାଁ ବ୍ଲକକୁ ୨୦୦ କୋଟି ଟଙ୍କାର ପ୍ରକଳ୍ପ ଦିଆଯାଇଛି। ଏଥିରେ ସହରର ମୁଖ୍ୟ ୪ ଜଳାଶୟର ଉନ୍ନତିକରଣ, ବସ ଟର୍ମିନାଲ ସାମିଲ ହୋଇଛି। ସେହିପରି ଲୋଇସିଂହା ନିର୍ବାଚନମଣ୍ଡଳୀକୁ ମୁଖମନ୍ତ୍ରୀ ୨୧୬.୫୧ କୋଟି ଟଙ୍କାର ପ୍ରକଳ୍ପ ଭେଟି ଦେଇଛନ୍ତି। ଏଥିରେ କେବଳ ସୁକତଲେ ନଦୀରେ ବ୍ୟାରେଜ ନିର୍ମାଣ ପାଇଁ ୧୫୪ କୋଟି ଟଙ୍କା ପ୍ରଦାନ କରାଯାଇଛି; ଯାହା ନରସିଂହ ମିଶ୍ର ଦାବି କରିଥିଲେ। କଣ୍ଟାବାଞ୍ଜିକୁ ୩୯.୬୪ କୋଟି ଟଙ୍କାର ପ୍ରକଳ୍ପ ପ୍ରଦାନ କରାଯାଇଛି; ଯେଉଁଥିରେ କି ଅନେକ ଛୋଟ ଛୋଟ ପ୍ରକଳ୍ପ ରହିଛି। ଅନ୍ୟପକ୍ଷରେ ବିଜେଡି ହାତରେ ଥିବା ଟିଟିଲାଗଡ଼ ପାଇଁ ୨୩୩ କୋଟି ଟଙ୍କା ଓ ପାଟଣାଗଡ଼ ପାଇଁ ୧୧୫ କୋଟି ଟଙ୍କାର ପ୍ରକଳ୍ପ ପ୍ରଦାନ କରାଯାଇଛି। ତେଣୁ ଦଳ ବଲାଙ୍ଗିର ସଦର ଓ ଲୋଇସିଂହା ଆସନକୁ ବିଶେଷ ଗୁରୁତ୍ୱ ଦେଉଛି। ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତରେ ଜଣେ ବିଚକ୍ଷଣ ଓ ବରିଷ୍ଠ ନେତା ରାଜ୍ୟ ସରକାରଙ୍କୁ ପ୍ରଶଂସା କରିବାକୁ ନେଇ ଅନେକ ଆଲୋଚନା ସୃଷ୍ଟି ହୋଇଥିବା ବେଳେ ତାଙ୍କ ଦାବୀ ମୁତାବକ ପ୍ରକଳ୍ପକୁ ମଞ୍ଜୁରୀ ମିଳିଥିବା ଜଣାପଡ଼ିଛି।

■ ଟିଟିଲାଗଡ଼କୁ ସର୍ବାଧିକ ୨୩୩ କୋଟି ପ୍ରକଳ୍ପ
■ ନରସିଂହ ଓ ସାଲୁଜାଙ୍କ ପ୍ରଶଂସା ଯୋଗାଇଛି ଖୋରାକ

## ସ୍କୁଲ ଛାତ ଭୁଶୁଡ଼ି ଛାତ୍ରାଛାତ୍ରୀଙ୍କ ସମେତ ୩୫ ଆହତ

**ଚଣ୍ଡିଗଡ,୨୩।୯ (ଏଜେନ୍ସି):** ହରିଆଣା ସୋନିପତର ଗନ୍ନୋର ତହସିଲ ଅନ୍ତର୍ଗତ ବାୟ ଗ୍ରାମର ଜୀବାନନ୍ଦ ମଡେଲ ପବ୍ଲିକ ସ୍କୁଲର ଛାତ ଭୁଶୁଡି ପଡିଛି। ଏହି ଦୁର୍ଘଟଣାରେ ଛାତ୍ରଛାତ୍ରୀଙ୍କ ସମେତ ୩୫ ଲୋକ ଆହତ ହୋଇଛନ୍ତି। ସେମାନଙ୍କୁ ଗନୌର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ତେବେ ୩ ଜଣ ଶ୍ରମିକଙ୍କ ସମେତ ୫ ଜଣ ଛାତ୍ର ଦୁର୍ଘଟଣାରେ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଖାନପୁର ପିଜିଆଇକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ ଛାତ ଭୁଶୁଡି ପଡିବାରୁ ତୃତୀୟ, ଚତୁର୍ଥ ଶ୍ରେଣୀର ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ଛାତ ମରାମତି କରୁଥିବା ଶ୍ରମିକ ଅବଶେଷ ତଳ ଦବି ରହିଥିଲେ। ସେମାନଙ୍କ ଚିତ୍କାର ଶୁଣି ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲେ। ପରେ ପୁଲିସକୁ ଏହାର ସୂଚନା ଦିଆଯାଇଥିଲା। ଏବେ ପୁଲିସ ମାମଲାର ତଦନ୍ତ ଆରମ୍ଭ କରିଛି।

## ବିସ୍ଫୋରଣରେ ୩ ମୃତ

**ବେଙ୍ଗାଲୁରୁ, ୨୩।୯ (ଏଜେନ୍ସି):** ବେଙ୍ଗାଲୁରୁ ଚାମରାଜପେଟ ଅନ୍ତର୍ଗତ ନୂଆ ଥାଙ୍ଗରପୁରରେ ଥିବା ଏକ ଟ୍ରାନ୍ସପୋର୍ଟ କମ୍ପାନୀର ଗୋଦାମରେ ଗୁରୁବାର ଭୟଙ୍କର ବିସ୍ଫୋରଣ ଘଟିଛି। ଏହି ବିସ୍ଫୋରଣରେ ୩ ଜଣ ଲୋକଙ୍କ ମୃତ୍ୟୁ ହୋଇଥିବାବେଳେ ୪ ଜଣ ଲୋକ ଆହତ ହୋଇଛନ୍ତି। ଏ ପର୍ଯ୍ୟନ୍ତ ବିସ୍ଫୋରଣ କାରଣ ଜଣାପଡି ନାହିଁ। ପୁଲିସକୁ ଘଟଣାସ୍ଥଳରୁ ବାଣ ମିଳିଛି। ମାମଲାର ଅଧିକ ଯାଞ୍ଚ ଜାରି ରହିଛି। ବୋମା ନିରୋଧକ ଦଳ ଏବଂ ଡଗ୍ ସ୍କ୍ୱାର୍ଡ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ବେଙ୍ଗାଲୁରୁ ଦକ୍ଷିଣ ଡିସିପି ହରିଶ ପାଣ୍ଡେ କହିଛନ୍ତି ଯେ ଗୋଦାମରେ ଥିବା ଅସ୍ଥାୟୀ ରାସାୟନିକ ଯୋଗୁଁ ବିସ୍ଫୋରଣ ହୋଇଥାଇପାରେ। ଏହାର ୮୦ଟି ବକ୍ସ ଗୋଦାମରେ ରହିଥିଲା। ବିସ୍ଫୋରଣର ମୃତକଙ୍କ ମଧ୍ୟରେ ଜଣେ ଶ୍ରମିକ ସାମିଲ ଅଛନ୍ତି।

## ୨୫ ପିସ୍ତଲ ଜବତ

**କଲକାତା, ୨୩।୯ (ଏଜେନ୍ସି):** ପଶ୍ଚିମବଙ୍ଗ-ଝାଡଖଣ୍ଡ ସୀମାରେ ଚେକିଂ ସମୟରେ ପୁଲିସକୁ ବଡ଼ ସଫଳତା ମିଳିଛି। ଆସାନସୋଲ ପୁଲିସ ନିୟମିତ ଚେକିଂ ସମୟରେ ୨୫ ପିସ୍ତଲ ଜବତ କରିଛି। ଏହି ମାମଲାର ଅଭିଯୁକ୍ତ ଏସ ମହମ୍ମଦକୁ ଗିରଫ କରାଯାଇଛି। ପୁଲିସ ଅଧିକାରୀମାନେ ଏହି ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ ଆସାନସୋଲ ଅନ୍ତର୍ଗତ କୁଲ୍ଟିର ବାସିନ୍ଦା ବୋଲି ଜଣାପଡିଛି।

## ଦୁର୍ଘଟଣାରେ ୬ ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ

**କଲକାତା, ୨୩।୯ (ଏଜେନ୍ସି):** ପଶ୍ଚିମବଙ୍ଗ ଉତ୍ତର ଦିନାଜପୁର ଜିଲ୍ଲାରେ ଏକ ବସ୍ ଖାଇକୁ ଖସି ପଡିବାରୁ ୬ ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣାରେ ଅନେକ ଶ୍ରମିକ ମଧ୍ୟ ଆହତ ହୋଇଛନ୍ତି। ବୁଧବାର ରାତି ପ୍ରାୟ ୧୦ଟା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଏକ ଚାର୍ଟାର୍ଡ ବସ୍‌ରେ ପଶ୍ଚିମବଙ୍ଗ ଏବଂ ଝାଡଖଣ୍ଡର ଅଲଗା ଅଲଗା ଜିଲ୍ଲାର ପ୍ରାୟ ୨୦ ପ୍ରବାସୀ ଶ୍ରମିକ ଲକ୍ଷ୍ନୌ ଯାଉଥିଲେ। ରାୟଗଞ୍ଜ ଥାନର ରୂପହାର ନିକଟ ଦେଇ ଯାଇଥିବା ଜାତୀୟ ରାଜପଥ-୩୪ରେ ଏହି ଦୁର୍ଘଟଣା ହୋଇଥିଲା।

## ଆସାମରେ କବ୍‌ଜା ହଟାଇବାକୁ ନେଇ ପୁଲିସ-ଜନତା ମୁହାଁମୁହିଁ

**ଗୌହାଟୀ,୨୩।୯ (ଏଜେନ୍ସି):** ଆସାମର ଦାରାଙ୍ଗ ଜିଲ୍ଲାରେ ପୁଲିସ ବେଆଇନ କବ୍‌ଜା ହଟାଇବା ପାଇଁ ଅଭିଯାନ ଆରମ୍ଭ କରିଛି। ତେବେ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରି ପୁଲିସ ସହ ମୁହାଁମୁହିଁ ହୋଇଛନ୍ତି। ରିପୋର୍ଟ ଅନୁଯାୟୀ ଏହି ସଂଘର୍ଷରେ ୨ ଜଣ ଲୋକଙ୍କ ମୃତ୍ୟୁ ହୋଇଥିବାବେଳେ ଅନେକ ଲୋକ ମଧ୍ୟ ଆହତ ହୋଇଛନ୍ତି। ଘଟଣାସ୍ଥଳର ଭିଡିଓ ଭାଇରାଲ ହେବାରେ ଲାଗିଛି। ଏଥିରେ ଅଧିକ ପୁଲିସ ମୁତୟନ ଥିବା ଦେଖିବାକୁ ମିଳୁଛି। ଢୋଲପୁରରେ ହୋଇଥିବା ଏହି ସଂଘର୍ଷରେ ୯ ଜଣ ପୁଲିସ କର୍ମଚାରୀ ଏବଂ ୨ ଜଣ ସାଧାରଣ ନାଗରିକ ଆହତ ହୋଇଛନ୍ତି। ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୁଲିସ କବ୍‌ଜା ହଟାଇବାକୁ ଯାଇଥିବାବେଳେ ପ୍ରଥମେ ଲୋକେ ପଥର ମାଡ କରିଥିଲେ। ଏହା ପରେ ପୁଲିସ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। କିଛି ପୁଲିସ କର୍ମଚାରୀ ଗୁଳିମାଡ କରୁଥିବା ମଧ୍ୟ ଦେଖିବାକୁ ମିଳିଛି। ଜଣେ ବ୍ୟକ୍ତି ବାଡି ଧରି ପୁଲିସକୁ ଆକ୍ରମଣ କରିବାକୁ ଯାଉଛନ୍ତି। ପରେ ପୁଲିସ ତାଙ୍କୁ ବାଡଉଥିବା ଦେଖାଯାଉଛି। ସୋମବାର ଏଠାକାର ସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିଲା। ବର୍ତ୍ତମାନ ସ୍ଥିତି ନିୟନ୍ତ୍ରଣାଧିନ ଅଛି ବୋଲି ଏସପି ସୁଶାନ୍ତ ବିଶ୍ୱା ଶର୍ମା କହିଛନ୍ତି। ସେ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱ ଶର୍ମାଙ୍କ ଭାଇ। ରାଜ୍ୟରେ ନୂଆ ସରକାର ଗଠନ ହେବା ପରେ ମୁଖ୍ୟମନ୍ତ୍ରୀ ଏହି ବେଆଇନ କବ୍‌ଜାକୁ ଖାଲି କରିବାକୁ କହିଥିଲେ। ଏଠାରେ ପ୍ରାୟ ୮୦୦ ପରିବାର ବେଆଇନ ଭାବେ ଏହି ଭୂମିକୁ କବ୍‌ଜା କରିଛନ୍ତି। ସରକାର କବ୍‌ଜା ହଟାଇ ୪,୫୦୦ ବିଘା ଜମିକୁ ଏକ କୃଷି ପ୍ରକଳ୍ପକୁ ଦେବାକୁ ଚାହୁଁଛନ୍ତି।

**୨ ମୃତ, ୧୧ ଆହତ**

# ସଂକ୍ରମଣର ମାସକ ଭିତରେ ଆତ୍ମହତ୍ୟା 'କୋଭିଡ୍ ମୃତ୍ୟୁ'

**ନୂଆଦିଲ୍ଲୀ,୨୩।୯ (ଏଜେନ୍ସି)**

କରୋନାରେ ସଂକ୍ରମିତ ହେବାର ୩୦ ଦିନ ଭିତରେ ଯଦି କୌଣସି ବ୍ୟକ୍ତି ଆତ୍ମହତ୍ୟା କରନ୍ତି ତେବେ ତାକୁ 'କୋଭିଡ ମୃତ୍ୟୁ' ତାଲିକାଭୁକ୍ତ କରାଯିବ। ଏ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗୁରୁବାର ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରାଯାଇଛି। କରୋନା ମୃତ୍ୟୁଜନିତ କ୍ଷତିପୂରଣ ଏବଂ ମୃତ୍ୟୁ ପ୍ରମାଣପତ୍ର ପ୍ରସଙ୍ଗରେ ଗୁରୁବାର ସୁପ୍ରିମକୋର୍ଟରେ ଶୁଣାଣି ହୋଇଥିଲା ବେଳେ କେନ୍ଦ୍ର ସରକାର ଏହା ସ୍ପଷ୍ଟ କରିଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟା କହିଛନ୍ତି ଯେ , କରୋନାରେ ସଂକ୍ରମିତ ହୋଇ ୩୦ ଦିନ ମଧ୍ୟରେ ଯଦି କୌଣସି ବ୍ୟକ୍ତି ଆତ୍ମହତ୍ୟା କରନ୍ତି ତେବେ ତାଙ୍କ ମୃତ୍ୟୁକୁ 'କୋଭିଡ ମୃତ୍ୟୁ' ବୋଲି ଦର୍ଶାଯିବ। ଏଥିସହ ଆତ୍ମହତ୍ୟା କରିଥିବା ବ୍ୟକ୍ତିଙ୍କ ପରିବାରକୁ କ୍ଷତିପୂରଣ ରାଶି ମଧ୍ୟ ପ୍ରଦାନ କରାଯିବ। ପୂର୍ବରୁ ଜାରି କରାଯାଇଥିବା ମୃତ୍ୟୁ ପ୍ରମାଣପତ୍ରରେ ଯଦି କୌଣସି ତ୍ରୁଟି ଥାଏ ତେବେ ତାହାକୁ ସଂଶୋଧନ କରାଯିବ। କେନ୍ଦ୍ର ସରକାରଙ୍କ ପକ୍ଷରୁ କୋଭିଡ୍ ମୃତ୍ୟୁକୁ ନେଇ ଏହି ଗାଇଡଲାଇନ ଏବେ ଜାରି କରାଯାଇଥିବା

**ସୁପ୍ରିମ୍‌କୋର୍ଟରେ କେନ୍ଦ୍ର ସରକାରଙ୍କ ସତ୍ୟପାଠ ଦାଖଲ**

ବେଳେ ଏହା ପୂର୍ବରୁ କୋଭିଡ୍‌ରେ ମୃତ୍ୟୁ ହୋଇଥିବା ଲୋକମାନଙ୍କ ମୃତ୍ୟୁ ପ୍ରମାଣ ପତ୍ରରେ ସଂଶୋଧନ କରାଯାଇପାରିବ। ରାଜ୍ୟ ସରକାରମାନଙ୍କ ଦ୍ୱାରା ଜିଲ୍ଲାସ୍ତରୀୟ ଅଭିଯୋଗ ଗ୍ରହଣ କମିଟି ଗଠନ କରାଯାଇ ଏହି କାର୍ଯ୍ୟ ତ୍ୱରାନ୍ୱିତ କରାଯିବ। ଏଥିପାଇଁ ୩୦ ଦିନ ମଧ୍ୟରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଅଭିଯୋଗ ଗ୍ରହଣ କମିଟି ଗଠନ କରିବାକୁ କୁହାଯାଇଛି ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି। ଯଦି କୌଣସି ମୃତ୍ୟୁ ପ୍ରମାଣ ପତ୍ରରେ ମୃତ୍ୟୁର କାରଣ ହୃଦ୍‌ଘାତ ବୋଲି ଉଲ୍ଲେଖ ରହିଥାଏ ମୃତକଙ୍କ ପରିବାର ସଦସ୍ୟ ମୃତକଙ୍କ ଆର୍‌ଟିପିସିଆର୍ ଟେଷ୍ଟ ରିପୋର୍ଟ ଦାଖଲ କରି ପ୍ରମାଣ ପତ୍ରକୁ ସଶୋଧନ କରିପାରିବେ। ଉଲ୍ଲେଖଯୋଗ୍ୟ ଯେ, କରୋନାରେ ମୃତ୍ୟୁ ହୋଇଥିବା ବ୍ୟକ୍ତିଙ୍କ ପରିବାରକୁ କ୍ଷତିପୂରଣ ବାବଦକୁ ୫୦ ହଜାର ଟଙ୍କା ଅନୁକମ୍ପା ରାଶି ଦେବାକୁ କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ ଜଣାଇଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ କରୋନାଜନିତ ମୃତ୍ୟର କ୍ଷତିପୂରଣ ରାଶି ବାବଦକୁ ଗାଇଡଲାଇନ ଜାରି କରିଥିଲା।



## ■ କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ପ୍ରଶଂସା

## ଭାରତ ନେଇଥିବା ପଦକ୍ଷେପ ଅନ୍ୟ ରାଷ୍ଟ୍ରରେ ସମ୍ଭବ ହୋଇନି



କରୋନାଜନିତ ମୃତ୍ୟୁକୁ ନେଇ ମୃତକଙ୍କ ପରିବାର ବର୍ଗଙ୍କୁ କେନ୍ଦ୍ର ସରକାର ୫୦ ହଜାର କୋଟି ଟଙ୍କାର କ୍ଷତିପୂରଣ ଯୋଗାଇ ଦେବା ଲାଗି ନେଇଥିବା ନିଷ୍ପତ୍ତିକୁ ସୁପ୍ରିମକୋର୍ଟ ପ୍ରଶଂସା କରିଛନ୍ତି। କେନ୍ଦ୍ର ସରକାରଙ୍କ ଏଭଳି ନିଷ୍ପତ୍ତି ଆମକୁ ଆନନ୍ଦିତ କରିଥିବା କୋର୍ଟ କହିଥିବା ବେଳେ ଏହି ନିଷ୍ପତ୍ତି ମୃତକଙ୍କ ପରିବାରର କିଛି ଦୁଃଖ ଏବଂ କଷ୍ଟ ଲାଘବ କରିବାରେ ସହାୟକ ହୋଇପାରିବ ବୋଲି କହିଛନ୍ତି। କେବଳ ସେତିକି ନୁହେଁ, କରୋନା ମହାମାରୀକୁ ନେଇ ଭାରତ ଭଳି ଏକ ବିଶାଳ ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ରରେ ଯେଉଁ ସମସ୍ୟା ଉପୁଜିଥିଲା ତାହାକୁ ମୁକାବିଲା କରିବା ଦିଗରେ କେନ୍ଦ୍ର ସରକାର ନେଇଥିବା ପଦକ୍ଷେପକୁ ମଧ୍ୟ କୋର୍ଟ ପ୍ରଂଶସା କରିଛନ୍ତି। ଗୋଟିଏ ପକ୍ଷରେ ମହାମାରୀକୁ ନେଇ ଜାତୀୟ ଅର୍ଥନୀତି ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଥିଲା ବେଳେ ବିଶାଳ ଜନସଂଖ୍ୟା ପାଇଁ ଟିକାରକଣ ଏବଂ ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ପର୍ଯ୍ୟାପ୍ତ ବ୍ୟୟ କରିବାକୁ ପଡ଼ିଛି। ଏହାସତ୍ତ୍ୱେ କରୋନାଜନିତ ମୃତ୍ୟୁ ପାଇଁ କ୍ଷତିପୂରଣ ବ୍ୟବସ୍ଥା କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କରୋନା ମହାମାରୀ ମୁକାବିଲା ଏବଂ ପରବର୍ତ୍ତୀ ପରିଚାଳନା କ୍ଷେତ୍ରରେ ଭାରତ ଭଳି ଅନ୍ୟ କୌଣସି ରାଷ୍ଟ୍ର ସମକ୍ଷକ ହୋଇପାରିବ ନାହିଁ ବୋଲି ଜଷ୍ଟିସ୍ ଏମ ଆର ଶାହା କହିଛନ୍ତି।

### ହାଇକୋର୍ଟରେ କେନ୍ଦ୍ର ସରକାରଙ୍କ ସତ୍ୟପାଠ

## ପିଏମ କେୟାର୍ସ ଫଣ୍ଡ ସରକାରୀ ନୁହେଁ





ପିଏମ୍ କେୟାର୍ସ ପାଣ୍ଠି ସରାକରୀ ପାଣ୍ଠି ନୁହେଁ। ଏନେଇ ଗୁରୁବାର କେନ୍ଦ୍ର ସରକାର ଦିଲ୍ଲୀ ହାଇକୋର୍ଟରେ ସ୍ପଷ୍ଟ କରିଛନ୍ତି । ପିଏମ କେୟାର୍ସ ପାଣ୍ଠି ପରିଚାଳନା ସମ୍ପର୍କିତ ଏକ ପିଟିସନର ଶୁଣାଣି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ( ପିଏମଓ) ପକ୍ଷରୁ ଏକ ସତ୍ୟପାଠ ଦ୍ୱାରା ଏହା କୁହାଯାଇଛି। ପିଏମଓ ଅନୁଶାସନ ସଚିବ ପ୍ରଦୀପ କୁମାର ଶ୍ରୀବାସ୍ତବ ଏହି ସତ୍ୟପାଠରେ କହିଛନ୍ତି ଯେ, ପିଏମ କେୟାର୍ସ ଫଣ୍ଡ ସରକାରୀ ନୁହେଁ। ଏହା ସାମ୍ବିଧାନିକ ବ୍ୟବସ୍ଥାରେ ଗଠନ ହୋଇନଥାଏ କି ସଂସଦ କିମ୍ବା କୌଣସି ବିଧାନସଭା ଦ୍ୱାରା ପାରିତ ଆଇନ ଅନୁସାରେ ମଧ୍ୟ କାର୍ଯ୍ୟ କରିନଥାଏ। ଏହା କେବଳ ଏକ ଦାତବ୍ୟ ଟ୍ରଷ୍ଟ ଭଳି କାର୍ଯ୍ୟ କରିଥାଏ। ଯାହାକି ଭାରତର ମହାସମୀକ୍ଷକ ଏବଂ ହିସାବ ନୀରକ୍ଷକଙ୍କ ଦ୍ୱାରା ନିଯୁକ୍ତ ଜଣେ ଚାଟାର୍ଡ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ସମୀକ୍ଷା କରାଯାଇଥାଏ। ଏହା ଉପରେ କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାରଙ୍କ କୌଣସି ନିୟନ୍ତ୍ରଣ ନାହିଁ। ଏହି ପାଣ୍ଠିକୁ ଆସୁଥିବା ରାଶି ଭାରତ ସରକାରଙ୍କ ଏକତ୍ରିତ ପାଣ୍ଠିକୁ ଯାଏ ନାହିଁ ବୋଲି ଶ୍ରୀବାସ୍ତବ କହିଛନ୍ତି। ଏହା ବ୍ୟତୀତ ଏହି ପାଣ୍ଠିକୁ ସୂଚନା ଅଧିକାର ଆଇନ (ଆରଟିଆଇ) ଅଧିନିୟମ ଅଧୀନରେ ଅଣାଯାଇପାରିବ ନାହିଁ କିମ୍ବା ଏହାକୁ ଏକ 'ପବ୍ଲିକ ଅଥରିଟି' ଭାବରେ ତାଲିକାଭୁକ୍ତ କରାଯାଇପାରିବ ନାହିଁ ବୋଲି ମଧ୍ୟ ସେ କହିଛନ୍ତି। ପାଣ୍ଠିର ସ୍ୱଚ୍ଛତା ବଜାୟ ରଖିବା ପାଇଁ ଏହି ଟ୍ରଷ୍ଟକୁ ମିଳୁଥିବା ସମସ୍ତ ଅର୍ଥ ଏବଂ ଏହାର ସମସ୍ତ ବିବରଣୀ ସରକାରୀ ୱେବସାଇଟରେ ଉପଲବ୍ଧ କରାଯାଇଥାଏ। ଟ୍ରଷ୍ଟ ଚେକ୍ କିମ୍ବା ଡିମାଣ୍ଡ ଡ୍ରାଫ୍ଟ ମାଧ୍ୟମରେ ଅନଲାଇନରେ ଦାନ ଗ୍ରହଣ କରେ। ଟ୍ରଷ୍ଟ ୱେବସାଇଟରେ ଏହି ପାଣ୍ଠିର ସମସ୍ତ ଖର୍ଚ୍ଚର ବିବରଣୀ ସମୟାନୁସାରେ ମଧ୍ୟ ଅପଡେଟ୍ କରାଯାଏ ବୋଲି ଶ୍ରୀବାସ୍ତବ କହିଛନ୍ତି। ଏପରିକି ଜଣେ କେନ୍ଦ୍ର ସରକାରଙ୍କ ଅଧିକାରୀ ଭାବେ ସେ ନିଜେ ମଧ୍ୟ ଅବୈତନିକ ଭାବେ ଏହି ଟ୍ରଷ୍ଟ ପାଇଁ କାର୍ଯ୍ୟ କରନ୍ତି ବୋଲି ଅଦାଲତକୁ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଆଇନଜୀବୀ ସମ୍ୟକ ଗାଙ୍ଗୱାଲ ଏହି ପାଣ୍ଠିକୁ ନେଇ ଦିଲ୍ଲୀ ହାଇକୋର୍ଟରେ ଏକ ପିଟିସନ ଦାଖଲ କରିଥିଲେ। ପିଏମ କେୟାର୍ସ ପାଣ୍ଠିକୁ ଜାତୀୟ ପାଣ୍ଠି ଭାବେ ଘୋଷଣା କରାଯିବା ଏବଂ ଏହାର ସ୍ୱଚ୍ଛତା ବଜାୟ ରଖିବା ପାଇଁ ଏହାକୁ ଆରଟିଆଇ ଅଧୀନରେ ଆଣିବାକୁ ପିଟିସନରେ ଦାବି କରିଥିଲେ।

## ଦିବ୍ୟାଙ୍ଗ, ଅକ୍ଷମ ବରିଷ୍ଠ ନାଗରିକଙ୍କୁ ଘରେ ଦିଆଯିବ ଟିକା


ଏଣିକି ଦିବ୍ୟାଙ୍ଗ ଏବଂ ଟିକାଦାନ କେନ୍ଦ୍ରକୁ ଯିବାକୁ ଅକ୍ଷମ ହେଉଥିବା ବରିଷ୍ଠ ନାଗରିକମାନଙ୍କୁ ଘରେ ଟିକା ଦିଆଯିବ। ଏ ନେଇ କେନ୍ଦ୍ର ସରକାର ଗାଇଡଲାଇନ ଜାରି କରିଛନ୍ତି । ନିତି ଆୟୋଗ ସଦସ୍ୟ ତଥା କେନ୍ଦ୍ର ସରକାରଙ୍କ ଟିକାକରଣ ସମ୍ପର୍କିତ ବିଶେଷଜ୍ଞ କମିଟିର ମୁଖ୍ୟ ଡଃ ଭି.କେ. ପଲ କହିଛନ୍ତି ଯେ ଯେଉଁ ଲୋକମାନେ ଟିକାଦାନ କେନ୍ଦ୍ରକୁ ଆସି ଟିକା ନେବାକୁ ସକ୍ଷମ ନୁହେଁ ସେମାନଙ୍କୁ ଘରକୁ ଯାଇ ଟିକା ଦିଆଯିବ । ଏ ନେଇ ଗାଇଡଲାଇନ ଜାରି ହୋଇସାରିଛି ଓ ଖୁବଶୀଘ୍ର ଏନେଇ ଏସଓପି ଜାରି କରାଯିବ ବୋଲି ଗୁରୁବାର କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ଦ୍ୱାରା ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସେ ସୂଚନା ଦେଇଛନ୍ତି । ବର୍ତ୍ତମାନ ସୁଦ୍ଧା ଦେଶର ବୟସ୍କ ଜନସଂଖ୍ୟା (୧୮ ବର୍ଷରୁ ଅଧିକ)ର ୬୬ ପ୍ରତିଶତ ପ୍ରଥମ ଡୋଜ୍ ଟିକା ନେଇସାରିଥିବା ବେଳେ ଏହାର ୨୩ ପ୍ରତିଶତ ଉଭୟ ଡୋଜ୍ ଟିକା ନେଇସାରିଛନ୍ତି । ଦେଶର ୬ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ( ଗୋଆ, ଲାକ୍ଷାଦ୍ୱୀପ, ସିକିମ, ଆଣ୍ଡାମାନ,ଚଣ୍ଡିଗଡ଼ ଏବଂ ହିମାଚଳ ପ୍ରଦେଶ )ର ଶତପ୍ରତିଶତ ପ୍ରାପ୍ତ ବୟସ୍କଙ୍କୁ ଅତି କମରେ ଗୋଟିଏ ଡୋଜ୍ ଟିକା ଦିଆଯାଇ ସାରିଛି ବୋଲି ସେ କହିଛନ୍ତି। ଦିବ୍ୟାଙ୍ଗମାନେ ଯେପରି କରୋନା ସଂପର୍କିତ ସେବା (ପରୀକ୍ଷଣ, ଟିକାଦାନ ଆଦି) ସହଜରେ ପାଇପାରିବେ ସେଥିପାଇଁ ସ୍ୱାସ୍ଥ୍ୟମନ୍ତ୍ରାଳୟ ପକ୍ଷରୁ ରାଜ୍ୟମାନଙ୍କୁ ଏକ ଗାଇଡଲାଇନ ଜାରି କରାଯାଇଛି । ଜିଲ୍ଲା ସମାଜକଲ୍ୟାଣ ବିଭାଗ ସମନ୍ୱୟରେ ଏହି ସେବା ଯୋଗାଇ ଦିଆଯିବ । ଏହି ଗାଇଡଲାଇନ ଅନୁସାରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ଏଥିପାଇଁ ଶୀର୍ଷ ଅଧିକାରୀ (ନୋଡାଲ ଅଫିସର) ଭାବେ ନିଯୁକ୍ତ କରାଯିବ । ସେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ସମନ୍ୱୟ ରଖି ଦିବ୍ୟାଙ୍ଗମାନଙ୍କ କରୋନା ପରୀକ୍ଷଣ, ଚିକିତ୍ସା, ଟିକାଦାନ ଆଦି ବିଷୟକୁ ତ୍ୱରାନ୍ୱିତ କରିବେ ବୋଲି କୁହାଯାଇଛି।

## ଥାନେରେ ନାବାଳିକାଙ୍କୁ ଗଣଦୁଷ୍କର୍ମ: ୩୦ ଅଭିଯୁକ୍ତଙ୍କ ମଧ୍ୟରୁ ୨୬ ଗିରଫ

**ମୁମ୍ବଇ, ୨୩।୯ (ଏଜେନ୍ସି):** ମହାରାଷ୍ଟ୍ରର ଥାନେରୁ ଏକ ଅମାନବୀୟ ଘଟଣା ସାମ୍ନାକୁ ଆସିଛି। ଏଠାରେ ୩୦ ଜଣ ଲୋକ ଜଣେ ୧୪ ବର୍ଷୀୟ ବାଳିକାଙ୍କୁ ଗଣଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ପୀଡିତାଙ୍କ ପରିବାର ଲୋକଙ୍କ ଅଭିଯୋଗରେ ମାନପଡା ଥାନାରେ ଦୁଷ୍କର୍ମ, ଅପହରମ ଏବଂ ପକ୍ସୋ ଆଇନ ଅନୁଯାୟୀ ମାମଲା ରୁଜୁ ହୋଇଛି। ଏହି ମାମଲାରେ ଏ ପର୍ଯ୍ୟନ୍ତ ୨୬ ଜଣଙ୍କୁ ଗିରଫ କରାଗଲାଣି ଏବଂ ଅନ୍ୟମାନଙ୍କୁ ଧରିବା ପାଇଁ ପ୍ରୟାସ କରାଯାଉଛି। ସୂଚନା ଅନୁଯାୟୀ ପୀଡିତାଙ୍କ ନାବାଳକ ପ୍ରେମିକ ପ୍ରଥମେ ତାଙ୍କୁ ଜାନୁଆରୀ ମାସରେ ଦୁଷ୍କର୍ମ କରି ଭିଡିଓ ରେକର୍ଡିଂ କରିଥିଲେ। ପରେ ଅନ୍ୟ ଅଭିଯୁକ୍ତମାନେ ଉକ୍ତ ଭିଡିଓକୁ ବ୍ୟବହାର କରି ପୀଡିତାଙ୍କୁ ବ୍ଲାକମେଲିଂ କରିବା ସହିତ ଡୋମ୍ବିଭାଲି, ବଦଲାପୁର, ରାବାଲେ ଏବଂ ମୁରବାଦ ଆଦି ସ୍ଥାନରେ ଗଣଦୁଷ୍କର୍ମ କରିଥିଲେ। ଏହି ମାମଲାର ତଦନ୍ତ ଲାଗି ସ୍ୱତନ୍ତ୍ର ଟିମ୍( ଏସଆଇଟି) ଗଠନ କରାଯାଇଛି। ୩୦ ଜଣ ଲୋକ ନାବାଳିକାଙ୍କୁ ଅଲଗା ଅଲଗା ସ୍ଥାନରେ ଏବଂ ବିଭିନ୍ନ ସମୟରେ ଦୁଷ୍କର୍ମ କରିଛନ୍ତି। ଅଭିଯୁକ୍ତଙ୍କ ମଧ୍ୟରେ ୨ ଜଣ ନାବାଳକ ସାମିଲ ଅଛନ୍ତି। ପୀଡିତା ବୁଧବାର ରାତିରେ ଏ ନେଇ ଅଭିଯୋଗ କରିଥିଲେ। ନାବାଳିକାଙ୍କୁ ଚଳିତ ବର୍ଷ ଜାନୁଆରୀରୁ ସେପ୍ଟେମ୍ବର ୨୨ ପର୍ଯ୍ୟନ୍ତ ଯୌନ ଉତ୍ପୀଡନ ଦିଆଯାଇଥିଲା। ଏହି ମାମଲାରେ ଗିରଫ ଅଭିଯୁକ୍ତ ବିଭିନ୍ନ ରାଜନୈତିକ ଦଳର ସଦସ୍ୟ ମଧ୍ୟ ଅଛନ୍ତି। ଏନସିପି ଏବଂ ରିପବ୍ଲିକାନ ପାର୍ଟି ଅଫ ଇଣ୍ଡିଆ(ଆରପିଆଇ) ର କର୍ମୀ ମନପଡା ଥାନା ଆଗରେ ଜମା ହୋଇ ଘଟଣାରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏବେ କଲୱାର ଏକ ସରକାରୀ ହସ୍ପିଟାଲରେ ନାବାଳିକାଙ୍କ ଚିକିତ୍ସା ଚାଲିଛି। ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ଦେବେନ୍ଦ୍ର ଫଡନାଭିସ ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ଦିଆଯାଉ ବୋଲି କହିଛନ୍ତି।

### ଝାଡ଼ଖଣ୍ଡ ବିଚାରପତିଙ୍କ ମୃତ୍ୟୁ ମାମଲାରେ ସିବିଆଇ ରିପୋର୍ଟ

## ଜାଣିଶୁଣି ଅଟୋ ଚଢ଼ାଯାଇଛି



**ନୂଆଦିଲ୍ଲୀ,୨୩।୯ (ଏଜେନ୍ସି):** ଝାଡ଼ଖଣ୍ଡର ଧାନବାଦ ଜିଲ୍ଲା ଜଜ୍ ଜଷ୍ଟିସ ଉତ୍ତମ ଆନନ୍ଦଙ୍କ ମୃତ୍ୟୁ ଘଟଣାରେ ସବିଆଇ ତଦନ୍ତ କରିଥିଲା ବେଳେ ଗୁରୁବାର ହାଇକୋର୍ଟରେ ରିପୋର୍ଟ ଦାଖଲ କରିଛି। ଉତ୍ତମଙ୍କ ଉପରକୁ ଜାଣିଶୁଣି ଅଟୋ ଧକ୍କା ଦେଇଥିଲା ବୋଲି ସିବିଆଇ ନିଜ ରିପୋର୍ଟରେ ଉଲ୍ଲେଖ କରିଛି। ଏହି ରିପୋର୍ଟକୁ ନେଇ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଥିଲା ବେଳେ ଦେଶରେ କୌଣସି ବିଚାରପତିଙ୍କୁ ଜାଣିଶୁଣି ମାରି ଦିଆଯିବା ପ୍ରଥମ ଘଟଣା ବୋଲି କହିଛନ୍ତି। ଏହି ମାମଲାର ତୁରନ୍ତ ସମାଧାନ କରାଯାଇ ଦୋଷୀଙ୍କ ପ୍ରତି ଦଣ୍ଡ ବିଧାନ କରାଯିବା ଜରୁରୀ। ନଚେତ ଦେଶର ନ୍ୟାୟିକ ବ୍ୟବସ୍ଥାର କ୍ଷୁଣ୍ଣତା ପ୍ରତି ପ୍ରଶ୍ନ ଉଠିବ ବୋଲି ହାଇକୋର୍ଟ କହିଛନ୍ତି। ଜଷ୍ଟିସ ଉତ୍ତମଙ୍କ ମୃତ୍ୟୁ ଘଟଣାର କ୍ଷେତ୍ରଭିତ୍ତିକ ତଦନ୍ତ ସହ ଫୋରେନ୍‌ସିକ୍ ରିପୋର୍ଟକୁ ବିଶ୍ଳେଷଣ କରି ଗୁରୁବାର ସିବିଆଇ ଯୁଗ୍ମ ନିର୍ଦ୍ଦେଶକ ହାଇକୋର୍ଟରେ ରିପୋର୍ଟ ଦାଖଲ କରିବା ପରେ କୋର୍ଟ ଏହା କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ଧାନବାଦ ଜିଲ୍ଲା ଜଜ୍ ଉତ୍ତମ ଆନନ୍ଦ ପ୍ରାତଃ ଭ୍ରମଣରେ ଯାଉଥିବା ବେଳେ ତାଙ୍କୁ ପଛପଟୁ ଏକ ଅଟୋ ଧକ୍କା ଦେଇଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ହସ୍ପିଟାଲ ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରାଥମିକ ସ୍ତରରେ ଏହାକୁ ଏକ ଦୁର୍ଘଟଣାଜନିତ ମୃତ୍ୟୁ କୁହାଯାଇଥିଲା ବେଳେ ଉତ୍ତମଙ୍କୁ ଜାଣିଶୁଣି ଧକ୍କା ଦିଆଯାଇଥିବା ବିଷୟ ସିସିଟିଭି ଫୁଟେଜ୍‌ରୁ ଜଣାପଡ଼ିଥିଲା। ଏହାପରେ ରାଜ୍ୟ ସରକାର ଘଟଣାର ତଦନ୍ତ ପାଇଁ ସେଭଳି ଗୁରୁତ୍ୱ ଦେଇ ନ ଥିବା ବେଳେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ସରକାର ଘଟଣାର ସବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ।

- ■ ହାଇକୋର୍ଟଙ୍କ ଉଦ୍‌ବେଗ
- ■ ଏଭଳି ଘଟଣା ଦେଶରେ ପ୍ରଥମ
- ■ ଘଟଣାର ତୁରନ୍ତ ସମାଧାନ ଜରୁରୀ

## ଗୁଇନ୍ଦା ଏଜେନ୍ସିର ଚେତାବନୀ | ଅନୁପ୍ରବେଶ ଅପେକ୍ଷାରେ ୪୦ ଆଫଗାନ ଆତଙ୍କୀ

**ନୂଆଦିଲ୍ଲୀ,୨୩।୯ (ଏଜେନ୍ସି)**

ଆଫଗାନିସ୍ତାନକୁ ତାଲିବାନ କବ୍‌ଜା କରିବା ପରେ ଭାରତ ଯେଉଁ ଆଶଙ୍କା କରିଥିଲା ତାହା ସତ ହେବାରେ ଲାଗିଛି। ଭାରତରେ ଆତଙ୍କବାଦୀ କାର୍ଯ୍ୟକଳାପ ଭିଆଇବା ପାଇଁ ପାକିସ୍ତାନ ସମର୍ଥିତ ୪୦ ଆଫଗାନ ଆତଙ୍କବାଦୀ ଘାଟୀରେ ଅନୁପ୍ରବେଶ କରିବାକୁ ଏଲଓସି ଆରପାଖେ ଥିବା କ୍ୟାମ୍ପରେ ପ୍ରସ୍ତୁତ ହୋଇ ରହିଛନ୍ତି। ପାର୍ବଣ ଋତୁ ପୂର୍ବରୁ ଭାରତରେ ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣ ନେଇ ଗୁଇନ୍ଦା ଏଜେନ୍ସି ଏହି ଚେତାବନୀ ଜାରି କରିଛି। ଏହାକୁ ଦେଖି କେନ୍ଦ୍ରଶାସିତ ଅଞ୍ଚଳର ପୁଲିସ ଏବଂ ଅର୍ଦ୍ଧସାମରିକ ବାହିନୀକୁ ସତର୍କ ରହିବାକୁ କୁହାଯାଇଛି। ଜଣେ ଗୁଇନ୍ଦା ଅଧିକାରୀ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ତାଲିବାନର ଆଫଗାନ ଦଖଲ ପରେ ସେଠାକାର ଆତଙ୍କବାଦୀ ପାକିସ୍ତାନୀ ଆତଙ୍କୀ ସଂଗଠନ ସହଯୋଗରେ ଭାରତରେ ପ୍ରବେଶ କରିବାକୁ ଯୋଜନା କରୁଥିବା ସୂଚନା ମିଳିଥିଲା। ପାକିସ୍ତାନୀ ଗୁଇନ୍ଦା ଏଜେନ୍ସି ଆଇଏସଆଇ ମଧ୍ୟ ସେମାନଙ୍କୁ ସାହାଯ୍ୟ କରୁଛି। ପ୍ରାୟ ୪୦ ଆଫଗାନ ଆତଙ୍କବାଦୀ ଏଲଓସି ନିକଟରେ ଥିବା ପାକିସ୍ତାନର ନାକିଆଲ ସ୍ଥିତ ଆତଙ୍କବାଦୀ କ୍ୟାମ୍ପରେ ଥିବା ସୂଚନା ମିଳିଛି। ଟ୍ୟୁବ ଏବଂ ସ୍ନରକେଲିଂ ମାଧ୍ୟମରେ ପୁଞ୍ଛ ନଦୀ ପାର କରି ଭାରତରେ ଅନୁପ୍ରବେଶ କରିବା ପାଇଁ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଲସ୍କର-ଇ-ତୋଏବା, ହରକତ ଉଲ-ଅନସାର ଏବଂ ହିଜବୁଲ ମଜାହିଦିନର କାର୍ଯ୍ୟକଳାପ ନେଇ ମଧ୍ୟ ସୂଚନା ମିଳିଛି। ଏହି ଆତଙ୍କବାଦୀଙ୍କୁ ଟିଫିନ ବୋମା ପ୍ରସ୍ତୁତ କରିବାର ପ୍ରଶିକ୍ଷଣ ଦିଆଯାଇଛି। ଏଥିପାଇଁ ସ୍ଲିପର ସେଲଙ୍କ ଦ୍ୱାରା ସେମାନଙ୍କୁ କଞ୍ଚାମାଲ ଯୋଗାଇ ଦିଆଯିବ। ଗୁଇନ୍ଦା ରିପୋର୍ଟ ଆଧାରରେ ପୁଲିସ ଏବଂ ଅର୍ଦ୍ଧସାମରିକ ବାହିନୀ ଏ ନେଇ ଚେତାବନୀ ଜାରି କରିଛି।



### ଏନ୍‌କାଉଣ୍ଟରରେ ୩ ଆତଙ୍କବାଦୀ ନିହତ

**ଶ୍ରୀନଗର, ୨୩।୯ (ଏଜେନ୍ସି):** ଜମ୍ମୁ-କାଶ୍ମୀରରେ ବାରାମୂଳା ଜିଲ୍ଲା ୟୁରିର ନିୟନ୍ତ୍ରଣ ରେଖା(ଏଲଓସି) ନିକଟରେ ଗୁରୁବାର ଆତଙ୍କବାଦୀଙ୍କ ଅନୁପ୍ରବେଶ ଉଦ୍ୟମକୁ ପଣ୍ଡ କରିଦେଇଛି ଭାରତୀୟ ସେନା। ସୁରକ୍ଷାବାହିନୀର ଏନକାଉଣ୍ଟରରେ ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନଙ୍କ ନିକଟରୁ ବିପୁଳ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। କିଛି ଦିନ ତଳେ ଏହି ଆତଙ୍କବାଦୀ ପିଓକେରୁ କାଶ୍ମୀରରେ ପ୍ରବେଶ କରିଥିଲେ। ସେନା ଅଧିକାରୀ କହିଛନ୍ତି ଯେ ଆତଙ୍କବାଦୀଙ୍କଠାରୁ ୫ଟି ଏକେ-୪୭ ରାଇଫଲ, ୮ ପିସ୍ତଲ ଏବଂ ୭୦ ହ୍ୟାଣ୍ଡ ଗ୍ରେନେଡ ଜବତ କରାଯାଇଛି। ଚିନାର କୋରର କମାଣ୍ଡର ଜେନେରାଲ ଡିପି ପାଣ୍ଡେ କହିଛନ୍ତି ଯେ ଆତଙ୍କବାଦୀଙ୍କଠାରୁ ପାକିସ୍ତାନୀ ଟଙ୍କା ମଧ୍ୟ ଜବତ ହୋଇଛି। ସେମାନେ ପାକିସ୍ତାନ ଦେଇ ଭାରତରେ ଅନୁପ୍ରବେଶ କରିଥିଲେ। ଏହି ଆତଙ୍କବାଦୀଙ୍କୁ ଧରିବା ପାଇଁ ୪ ଦିନ ହେଲା ତଲାସୀ ଅଭିଯାନ ଜାରି ରହିଥିଲା।

# ସଂପାଦକୀୟ

ଆ କା ମା ବୈ ଗୁଆ ପାନ ଥୋଇ
ଗୁଆ ପାନ ତୋର ମାସକ ଧର୍ମ ମୋର
-କଳିଙ୍ଗ ସାମୁଦ୍ରିକ ନୌବାଣିଜ୍ୟ ସମ୍ପର୍କିତ ଲୋକଗୀତ



ସକାଳ THE SAKALA

## ବିସ୍ତାରବାଦୀ ଯୁଦ୍ଧଖୋର ଚୀନ୍‌ର ମୁକାବିଲା

# ‘କ୍ୱାଡ୍’ ପରେ ‘ଆଉକୁସ୍’ ଅଙ୍କୁଶ

ଆଜିଠାରୁ ଆମେରିକାରେ ଗୁରୁତ୍ୱପୂର୍ଣ୍ଣ ‘କ୍ୱାଡ୍’ ଶିଖର ସମ୍ମିଳନୀ ଆରମ୍ଭ ହେଉଛି। ଏଥିରେ ଯୋଗ ଦେବା ପାଇଁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଜଧାନୀ ୱାଶିଂଟନ୍‌ରେ ପହଞ୍ଚି ସାରିଛନ୍ତି। ୨୦୦୭ରେ ଚୀନ୍ ଯେତେବେଳେ ଏସିଆ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ପାଇଁ ବିପଦ ହୋଇ ନଥିଲା ସେହି ସମୟରେ ତତ୍କାଳୀନ ଜାପାନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେଙ୍କ ପ୍ରସ୍ତାବ କ୍ରମେ ଆମେରିକା, ଜାପାନ, ଅଷ୍ଟ୍ରେଲିଆ ଓ ଭାରତକୁ ନେଇ ଏକ ଚତୁଃରାଷ୍ଟ୍ରୀୟ ମେଣ୍ଟ (କ୍ୱାର୍ଡରପଲ ବା ସଂକ୍ଷେପରେ ‘କ୍ୱାଡ୍’) ଗଠିତ ହୋଇଥିଲା ଏସୀୟ ପ୍ରଶାନ୍ତ ମହାସାଗର କ୍ଷେତ୍ରରେ ଶାନ୍ତି ଓ ସହଯୋଗ ପ୍ରତିଷ୍ଠା ଉଦ୍ଦେଶ୍ୟରେ। ସେତେବେଳେ ଚୀନ୍ ଆଦୌ ବିପଦ ନଥିବାରୁ ଏହି ମେଣ୍ଟରେ ଯୋଗଦେବାକୁ ଅଧିକାଂଶ ଦେଶ ଅନାଗ୍ରହୀ ଥିଲେ। ସେତେବେଳେ କିନ୍ତୁ ବେଜିଂ ପ୍ରଶାସନ ‘କ୍ୱାଡ୍’କୁ ‘ଏସିଆର ନାଟୋ’ର ଆଖ୍ୟା ଦେଇଥିଲା। ଏହାଭିତରେ ପ୍ରାୟ ଦେଢ଼ ଦଶନ୍ଧି ବିତି ଯାଇଛି। ଏସୀୟ-ପ୍ରଶାନ୍ତ ମହାସାଗର କ୍ଷେତ୍ରରେ ଚୀନ୍ ତା’ର ସାମରିକ, ବ୍ୟାବସାୟିକ ଓ ଆର୍ଥିକ ପ୍ରଭାବ ମଜ୍‌ବୁତ୍ କରିବା ସହିତ ସମଗ୍ର ବିଶ୍ୱକୁ ସନ୍ତ୍ରସ୍ତ କରି ରଖିଛି। ଏହି ପରିବର୍ତ୍ତିତ ପରିସ୍ଥିତିରେ ଭାରତ ଓ ପ୍ରଶାନ୍ତ ମହାସାଗର ତଟବର୍ତ୍ତୀ ସବୁ ଦେଶ ଏବେ ଚୀନ୍‌ର ପ୍ରତ୍ୟକ୍ଷ ଓ ପରୋକ୍ଷ ଦୌରାତ୍ମ୍ୟରେ ପୀଡ଼ିତ। ଆବେ, ଚୀନ୍‌ର ଉତ୍‌ଥାନ ଓ ସାମରିକ ସମ୍ପ୍ରସାରଣର ଯେଉଁ ଅନୁମାନ କରିଥିଲେ ତାହା ଥିଲା ନିର୍ଭୁଲ୍। ଏହାସତ୍ତ୍ୱେ ‘କ୍ୱାଡ୍’ ଏହାର ସାମରିକ ସହଯୋଗକୁ ଆବଶ୍ୟକତା ଅନୁସାରେ ସୁଦୃଢ଼ ନକରି ପରିବେଶ ଓ ଅନ୍ୟାନ୍ୟ ଆଞ୍ଚଳିକ, ପାରସ୍ପରିକ ସମ୍ପର୍କକୁ ଅଧିକ ଗୁରୁତ୍ୱ ଦେଇ ଏକ ସମ୍ଭ୍ରାନ୍ତ କ୍ଲବ ଭଳି ବ୍ୟବହାର କରିବାରୁ ଚୀନ୍‌କୁ ଏହା ସୁହାଇଛି।

ଦକ୍ଷିଣ-ଚୀନ୍ ସାଗର ଉପରେ ସମ୍ପୂର୍ଣ୍ଣ କବ୍‌ଜା କରିବା ପରେ ଚୀନ୍ ଏବେ ଭାରତ ମହାସାଗରୀୟ ଅଞ୍ଚଳରେ ବେଶ୍ ସକ୍ରିୟ। ଏହି ଅଞ୍ଚଳରେ ଆମେରିକା, ବ୍ରିଟେନ୍ ଆଦି ଦେଶଙ୍କର ସାମରିକ ଘାଟି ଓ ଅନ୍ୟାନ୍ୟ ସ୍ୱାର୍ଥ ରହିଛି। ତେଣୁ ଚୀନ୍‌ର ସମ୍ଭାବ୍ୟ ସାମରିକ ମୁକାବିଲା ପାଇଁ ବ୍ରିଟେନ୍, ଆମେରିକା ଓ ଅଷ୍ଟ୍ରେଲିଆ ଯେଉଁ ମେଣ୍ଟ ଗତ ୧୫ ତାରିଖରେ ଘୋଷଣା କରିଛନ୍ତି ତାହାକୁ ‘ଆଉକୁସ୍’ ସାମରିକ ମେଣ୍ଟ ଭାବରେ ବର୍ଣ୍ଣନା କରାଯାଇଛି। ଭାରତକୁ ଛାଡ଼ି ‘କ୍ୱାଡ୍’ର ଅନ୍ୟ ତିନି ସଦସ୍ୟଙ୍କ ସହିତ ଆମେରିକାର ଆଗରୁ ସାମରିକ ଚୁକ୍ତି ରହିଛି। ସମ୍ଭାବ୍ୟ ଚୀନ୍ ଆକ୍ରମଣରୁ ଏହି ଦୁଇ ଦେଶ ଅଷ୍ଟ୍ରେଲିଆ ଓ ଜାପାନକୁ ଆମେରିକା ସୁରକ୍ଷା ଯୋଗାଇବାର ଅଧିକାର ଏହି ପୂର୍ବଚୁକ୍ତି ଅନୁସାରେ ପାଇଛି। ସେଥିପାଇଁ ମଧ୍ୟ ଆମେରିକା ଏଇ ନିକଟରେ ଆଣବିକ ଶକ୍ତିଚାଳିତ ବୁଡ଼ାଜାହାଜ (ସବ୍‌ମେରିନ୍) ଅଷ୍ଟ୍ରେଲିଆକୁ ଯୋଗାଇବାକୁ ନିଷ୍ପତ୍ତି ନେଇଛି। ଯାହା ସେ ଅଞ୍ଚଳର ନିରାପତ୍ତା ଓ ସ୍ଥିତାବସ୍ଥା ରକ୍ଷା ପାଇଁ ବିଶେଷ ଗୁରୁତ୍ୱପୂର୍ଣ୍ଣ। ଆମେରିକାର ଏହି ନିଷ୍ପତ୍ତିକୁ ତା’ର ମିତ୍ର ବ୍ରିଟେନ୍ ସମର୍ଥନ କରୁଥିବାବେଳେ ଫ୍ରାନ୍ସ ବିରୋଧ କରୁଛି। ଫ୍ରାନ୍ସର ବିରୋଧ ପଛରେ ରହିଛି ନିଜର ବ୍ୟାବସାୟିକ ସ୍ୱାର୍ଥ। ଫରାସୀ ବୁଡ଼ାଜାହାଜ କିଣିବା ଚୁକ୍ତିକୁ ଅଷ୍ଟ୍ରେଲିଆ ବାତିଲ୍ କରିବା ପରେ ଫ୍ରାନ୍ସ ଅସନ୍ତୁଷ୍ଟ ହେବା ସ୍ୱାଭାବିକ। ଏହି କ୍ଷେତ୍ରରେ ଫ୍ରାନ୍ସ ଭାରତର ସହଯୋଗ ଲୋଡ଼ିଛି ଏବଂ ଭାରତ ପ୍ରଶାନ୍ତ ମହାସାଗର ଅଞ୍ଚଳକୁ ଆଣବିକ ଅସ୍ତ୍ର ମୁକ୍ତ କରିବାକୁ ଦାବି ଉଠାଇଛି।

ଭାରତ ‘କ୍ୱାଡ୍’ର ସଦସ୍ୟ ହୋଇଥିଲେ ମଧ୍ୟ ସମ୍ଭାବ୍ୟ ଚୀନ୍ ଆକ୍ରମଣ ପରିପ୍ରେକ୍ଷୀରେ ଆମେରିକା ବା ଏହାର ଅନ୍ୟ ସଭ୍ୟ ରାଷ୍ଟ୍ରମାନଙ୍କଠାରୁ ସାମରିକ ସହାୟତା ପାଇବାର କୌଣସି ଚୁକ୍ତି ନାହିଁ। ସେହିଭଳି ଜାପାନ ଓ ଅଷ୍ଟ୍ରେଲିଆ ସହ ଆମେରିକାର ଯେଉଁ ଦ୍ୱିପାକ୍ଷିକ ସାମରିକ ସୁରକ୍ଷା ଚୁକ୍ତି ରହିଛି ଭାରତ ସହ ତାହା ମଧ୍ୟ ନାହିଁ। ତେଣୁ ‘କ୍ୱାଡ୍’ ଚୁକ୍ତି ଭାରତ ପାଇଁ ସାମରିକ ଦୃଷ୍ଟିକୋଣରୁ ବିଶେଷ ଗୁରୁତ୍ୱପୂର୍ଣ୍ଣ ନୁହେଁ। ଆହୁରି ମଧ୍ୟ ଚୀନ୍‌ର ମୁକାବିଲା କରିବାକୁ ନିରାପତ୍ତା ପରିଷଦର ଅନ୍ୟ ଚାରି ସ୍ଥାୟୀ ତଥା ଅଣୁଅସ୍ତ୍ରସମ୍ପନ୍ନ ରାଷ୍ଟ୍ର ଆମେରିକା, ରୁଷିଆ, ଫ୍ରାନ୍ସ ଓ ବ୍ରିଟେନ୍ ଭାରତର ସୁରକ୍ଷା ଓ ନିରାପତ୍ତା ପାଇଁ ଏ ପର୍ଯ୍ୟନ୍ତ ବିଧିବଦ୍ଧ ଭାବେ କୌଣସି ଚୁକ୍ତି କରିନାହାନ୍ତି। ତେଣୁ ଭାରତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସମୟ ଉପନୀତ ହୋଇଛି, ଯେଉଁଠି ତାକୁ ଏକ ନିର୍ଣ୍ଣାୟକ ନିଷ୍ପତ୍ତି ଗ୍ରହଣ କରିବାକୁ ପଡ଼ିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ‘କ୍ୱାଡ୍’ ବୈଠକରେ ଯୋଗଦେବା ପାଇଁ ୱାଶିଂଟନ୍ ଗସ୍ତ କରିବା ପୂର୍ବରୁ କହିଛନ୍ତି ଯେ ସାମ୍ପ୍ରତିକ ପରିସ୍ଥିତିରେ ‘କ୍ୱାଡ୍’ଠାରୁ ‘ଆଉକୁସ୍’ର ଗୁରୁତ୍ୱ ଅଧିକ ରହିଛି। ‘କ୍ୱାଡ୍’ ଆଲୋଚନା କାଳରେ ସେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସମେତ ଜାପାନ, ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀଙ୍କ ସହ ନୂଆ ନିରାପତ୍ତା ପ୍ରସଙ୍ଗ ଓ ଚୀନ୍‌ର ଗତିବିଧି ସମ୍ପର୍କରେ ଆଲୋଚନା କରିବେ। ବାସ୍ତବରେ ଯେଉଁ ଲକ୍ଷ୍ୟ ନେଇ ‘କ୍ୱାଡ୍’ ଗଠନ କରାଯାଇଥିଲା ତାହା ପୂରଣ ହେଉନଥିବାରୁ ଏହି ବୈଠକରେ ନିଶ୍ଚିତ ଭାବେ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇପାରେ।

‘ଆଉକୁସ୍’ ଏବେ ଭାରତ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଛି। ଏଥିରେ ବୁଡ଼ାଜାହାଜ ରଣନୀତି ନିହିତ। ସମୁଦ୍ରତଳ, ନୌଯୁଦ୍ଧ ସାମର୍ଥ୍ୟ ବୃଦ୍ଧିରେ ଅଣୁଶକ୍ତିଚାଳିତ ସବ୍‌ମେରିନ୍‌ର ଭୂମିକା ଅଧିକ। ଆବଶ୍ୟକ ପଡ଼ିଲେ ଏହା ଅଣୁଶକ୍ତି ବହନ କରି ପାଣି ତଳୁ ଶତ୍ରୁର ମୁକାବିଲା କରିପାରିବ। ଚୀନ୍‌ର ମୁକାବିଲା ପାଇଁ ଅଷ୍ଟ୍ରେଲିଆକୁ ଏହି ବୁଡ଼ାଜାହାଜ ଆମେରିକା ଯୋଗାଇଛି ଓ ବ୍ରିଟେନ୍ ତାହାକୁ ସମର୍ଥନ କରୁଛି। ଏଥିରୁ ପ୍ରଶାନ୍ତ ମହାସାଗରରେ ନୂଆ ସାମରିକ ସମୀକରଣ ସୃଷ୍ଟି ହେବା ନିଶ୍ଚିତ। ଭାରତ ତାହାର ସାମୁଦ୍ରିକ ଜଳସୀମାର ସୁରକ୍ଷା ସହିତ ସାଗରରେ ସାମରିକ, ବାଣିଜ୍ୟିକ ସ୍ୱାର୍ଥ ରକ୍ଷା ପାଇଁ ଅନୁରୂପ ଆଣବିକ ଶକ୍ତିଚାଳିତ ବୁଡ଼ାଜାହାଜ ମୁତୟନ କରିବାର ସମୟ ଆସିଗଲାଣି ବୋଲି ସାମରିକ ସମୀକ୍ଷକମାନେ ମତ ଦିଅନ୍ତି। ଚୀନ୍‌ର ମୁକାବିଲା ପାଇଁ ସିଙ୍ଗାପୁର, ଜାପାନ, ତାଇୱାନ୍ ଓ ଇଣ୍ଡୋନେସିଆ ଆଦି ଦେଶ ନିଜର ଜଳସୀମାରେ ଇତିମଧ୍ୟରେ ବୁଡ଼ାଜାହାଜ ମୁତୟନ କରିସାରିଲେଣି। ତେଣୁ ଭାରତ ଏ କ୍ଷେତ୍ରରେ ପଛରେ ପଡ଼ିବା ଠିକ୍ ହେବ ନାହିଁ।

ଭାରତ ପାଖରେ ଏବେ ୧୨ଟି ପୁରୁଣା ଡିଜେଲ୍-ଇଲେକ୍‌ଟ୍ରି ଚାଳିତ ବୁଡ଼ାଜାହାଜ ରହିଛି। ସେଥିରୁ ମାତ୍ର ୬ଟି ଏବେ ଯେକୌଣସି ପରିସ୍ଥିତିରେ କାମ କରିବାକୁ ସମର୍ଥ। ଏହାଛଡ଼ା ଭାରତ ମଧ୍ୟ ଫ୍ରାନ୍ସ ତିଆରି ୩ଟି ସ୍କରପିନ୍ ବୁଡ଼ାଜାହାଜ ମୁତୟନ କରିଛି। ‘ଆଇଏନ୍‌ଏସ୍ ଅରିହନ୍ତ’ ଭାରତର ଏକମାତ୍ର ଅଣୁଶକ୍ତିଚାଳିତ ବୁଡ଼ାଜାହାଜ, ଯାହା ଆଣବିକ ଅସ୍ତ୍ରଖଚିତ ବାଲେଷ୍ଟିକ୍ କ୍ଷେପଣାସ୍ତ୍ର ବହନ କରି ଦେଶ ସେବାରେ ମୁତୟନ ହୋଇଛି। ତୁଳନାତ୍ମକ ଭାବେ ଦେଖିଲେ ଚୀନ୍ ପାଖରେ ବିଶ୍ୱର ସର୍ବାଧିକ ୩୫୦ ଯୁଦ୍ଧଜାହାଜ ରହିଛି। ସେଥିରେ ୫୦ଟି ପାରମ୍ପରିକ, ୧୦ଟି ଅଣୁଶକ୍ତିଚାଳିତ ବୁଡ଼ାଜାହାଜ ଅନ୍ତର୍ଭୁକ୍ତ। କେବଳ ଭାରତ ନୁହେଁ, ଆମେରିକା ଓ ରୁଷିଆ ଭଳି ବୃହତ୍ ସାମରିକ ଶକ୍ତିଙ୍କୁ ବେଜିଂ ଏ କ୍ଷେତ୍ରରେ ପଛରେ ପକାଇ ଦେଇଛି। ଅସ୍ତ୍ର, ଧନ, ସୈନ୍ୟବଳରେ ବଳୀଆନ୍ ଚୀନ୍ ଏବେ ସମଗ୍ର ପୃଥିବୀର ନୂଆ ଚକ୍ରବର୍ତ୍ତୀ ହେବା ପ୍ରୟାସରେ ଅଛି। ତା’ ନିଶାଣରେ ତ ପ୍ରଥମେ ରହିଛି ଭାରତ। ୱାଶିଂଟନ୍‌ରେ ‘କ୍ୱାଡ୍’ ଶିଖର ବୈଠକ ବିଶ୍ୱ ସାମରିକ ରଣନୀତିର ଏକ ଗୁରୁତ୍ୱପୂର୍ଣ୍ଣ କ୍ଷଣରେ ହେଉଛି। ଏଥିରେ ଭାରତ ନିଜର ସ୍ୱାର୍ଥକୁ କିପରି ସୁରକ୍ଷିତ କରିବ ଏବଂ କି ପ୍ରକାର ରଣନୀତି ଆପଣେଇବ ତାହା ଗୁରୁତ୍ୱପୂର୍ଣ୍ଣ। ନୂଆ ପରିସ୍ଥିତିରେ ଭାରତ ତା’ର ନୌଶକ୍ତି ବୃଦ୍ଧିର ଆବଶ୍ୟକତାକୁ ଉପେକ୍ଷା କରିପାରିବ ନାହିଁ। ‘କ୍ୱାଡ୍’ ମେଣ୍ଟରେ ଭାରତ ଗୁରୁତ୍ୱପୂର୍ଣ୍ଣ ସଭ୍ୟ। ‘ଆଉକୁସ୍’ ତ୍ରିରାଷ୍ଟ୍ରୀୟ ଚୀନ୍ ବିରୋଧୀ ସାମରିକ ମେଣ୍ଟରେ ଭାରତ ସାମିଲ୍ ନ ହେବା ସ୍ୱାଭାବିକ। ତେବେ ବିସ୍ତାରବାଦୀ ଓ ଯୁଦ୍ଧଖୋର ଚୀନ୍ ପାଇଁ ଏହି ‘ଆଉକୁସ୍’ ଅଙ୍କୁଶ ବିଶ୍ୱ କୂଟନୀତିରେ ଏକ ସମୟୋପଯୋଗୀ ପଦକ୍ଷେପ।

# ‘କଳିଙ୍ଗ ଯୁଦ୍ଧ’ର ଐତିହାସିକ ପ୍ରାମାଣିକତା



ପଣ୍ଡିତ ଡକ୍ଟର ଅନ୍ତର୍ଯ୍ୟାମୀ ମିଶ୍ର
ଢେଙ୍କାନାଳ, ମୋ: ୮୮୯୫୨୩୦୭୨୨

କଳିଙ୍ଗ ଯୁଦ୍ଧ ବିଶ୍ୱ ଇତିହାସରେ ଏକ ବିରଳ ଘଟଣା ବୋଲି ବିଦିତ। ଏହି ଯୁଦ୍ଧରେ କଳିଙ୍ଗର ଏକ ଲକ୍ଷ ଲୋକ ପ୍ରାଣ ହରାଇଥିଲେ, ଦେଢ଼ଲକ୍ଷ ଲୋକ ବନ୍ଦୀ ହୋଇଥିଲେ ଏବଂ ଯୁଦ୍ଧ ପରେ ଅଢ଼େଇ ଲକ୍ଷ ଲୋକ ମୃତ୍ୟୁମୁଖରେ ପଡ଼ିଥିଲେ ବୋଲି କଥିତ ଅଛି। ବିଶ୍ୱର ପ୍ରାଚୀନ ଇତିହାସ ପର୍ଯ୍ୟାଲୋଚନା କଲେ ସ୍ପଷ୍ଟ ହୋଇଯାଏ ଯେ କଳିଙ୍ଗ ଯୁଦ୍ଧ ହିଁ ମାନବ ସଭ୍ୟତାର ସେ ସମୟର ସର୍ବବୃହତ୍ ଯୁଦ୍ଧ। ବିଶ୍ୱର ପ୍ରାଚୀନ ଇତିହାସରେ ସଂଘଟିତ କୌଣସି ଯୁଦ୍ଧର ବିବରଣୀରେ ଏତେ ସଂଖ୍ୟାରେ ମୃତାହତ ହେବା ଜଣାଯାଇନାହିଁ। କଳିଙ୍ଗବାସୀଙ୍କର ମାତୃଭୂମି ନିମିତ୍ତ ଅକାତରରେ ପ୍ରାଣଦାନ ଅଶୋକଙ୍କ ହୃଦୟକୁ ପରିବର୍ତ୍ତନ କରିଦେଇଥିଲା ଏବଂ ସେ ଗଭୀର ଦୁଃଖ ଓ ଅନୁତାପରେ ‘ଚଣ୍ଡାଶୋକ’ରୁ ‘ଧର୍ମାଶୋକ’ ପାଲଟି ଯାଇଥିଲେ। ଅଶୋକଙ୍କ ଖୋଦିତ ସାହାୱ୍‌ଜିଗଡ଼ ଶିଳାଲେଖାକୁ ଆଧାର କରି ଅନେକ ଐତିହାସିକ କଳିଙ୍ଗ ଯୁଦ୍ଧ ସମ୍ପର୍କରେ ଉଲ୍ଲେଖ କରିଥିଲେ ହେଁ କେତେକ କାରଣ ଦୃଷ୍ଟେ ଏହି ବିଶ୍ୱପ୍ରସିଦ୍ଧ ଯୁଦ୍ଧର ଐତିହାସିକତା ପ୍ରତି ସନ୍ଦେହ ଉପୁଜିଥାଏ।

ବୈଦିକ ସାହିତ୍ୟରେ କଳିଙ୍ଗ, ଉଡ୍ର ବା ଉତ୍କଳର ନାମ ପରିଦୃଷ୍ଟ ନ ହେଲେ ହେଁ ପରବର୍ତ୍ତୀ ସାହିତ୍ୟରେ ଏହିସବୁ ରାଜ୍ୟର ନାମ ପରିଦୃଷ୍ଟ ହୋଇଥାଏ। ସମଗ୍ର ଉତ୍ତର ଭାରତ ଯେତେବେଳେ ଷୋହଳଗୋଟି କ୍ଷୁଦ୍ର ଜନପଦରେ ବିଭକ୍ତ ଥିଲା, ସେତେବେଳେ କଳିଙ୍ଗ ଏକ ବିଶାଳ ସାମ୍ରାଜ୍ୟ ଥିଲା। ପୁରାଣ ବର୍ଣ୍ଣାନାନୁସାରେ ମଗଧର ମହାପଦ୍ମନନ୍ଦ ବହୁ ଯୁଦ୍ଧରେ ଜିଣି ମଗଧକୁ ଏକ ଜନପଦରୁ ସାମ୍ରାଜ୍ୟରେ ପରିଣତ କରିଥିଲେ। ମହାଭାରତ ଯୁଗରୁ ମହାପଦ୍ମନନ୍ଦଙ୍କ ରାଜତ୍ୱ ପର୍ଯ୍ୟନ୍ତ କଳିଙ୍ଗରେ ବତିଶ ଜଣ ରାଜା ରାଜତ୍ୱ କରିଥିଲେ ବୋଲି ଜଣାଯାଏ। ଖାରବେଳଙ୍କ ହାତୀଗୁମ୍ଫା ଖୋଦିତ ପ୍ରଶସ୍ତି ଲିପିରୁ ଜଣାଯାଏ ଯେ ନନ୍ଦବଂଶ ରାଜତ୍ୱରେ ଅର୍ଥାତ୍ ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀରେ କଳିଙ୍ଗ ମହାପଦ୍ମନନ୍ଦଙ୍କଠାରୁ ପରାଜିତ ହୋଇଥିଲା। ଏହାପରେ କଳିଙ୍ଗ ସ୍ୱାଧୀନ ହୋଇଥିଲା। ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ନନ୍ଦବଂଶକୁ ବିନାଶ କରି ମଗଧରେ ରାଜତ୍ୱ କଲେ। ତାଙ୍କ ରାଜତ୍ୱରେ ମଧ୍ୟ କଳିଙ୍ଗ ଏକ ସ୍ୱାଧୀନ ରାଜ୍ୟ ଥିଲା। ଚନ୍ଦ୍ରଗୁପ୍ତଙ୍କ ପୌତ୍ର, ବିନ୍ଦୁସାରଙ୍କ ପୁତ୍ର ଅଶୋକବର୍ଦ୍ଧନ ଖ୍ରୀ.ପୂ ୨୬୯ରେ ମଗଧ ସିଂହାସନ ଆରୋହଣ କଲେ। ଉତ୍ତରାଧିକାରୀ ସୂତ୍ରରେ ସେ ଛଅଲକ୍ଷ ପଦାତିକ ସୈନ୍ୟ, ନଅ ହଜାର ହସ୍ତୀ ବାହିନୀ, ତିରିଶ ହଜାର ଘୋଡ଼ାସବାର ଓ ଆଠହଜାର ଯୁଦ୍ଧରଥର ଅଧିକାରୀ ହେଲେ। ସେହି ସମୟରେ କଳିଙ୍ଗ ନୌବାଣିଜ୍ୟ ଓ ସ୍ଥଳବାଣିଜ୍ୟରେ ସମୃଦ୍ଧ ଥିଲା। କଳିଙ୍ଗର ସାଧବମାନେ ନୌବାଣିଜ୍ୟ ମାଧ୍ୟମରେ ଦରିଆପାରି ଦେଶମାନଙ୍କରୁ ଅସରନ୍ତି ଧନଦୌଲତ ବୋହିଆଣି କଳିଙ୍ଗକୁ ସମୃଦ୍ଧ କରିଥିଲେ। ମାତ୍ର ମଗଧରେ କୌଣସି ସାମୁଦ୍ରିକ ପୋତାଶ୍ରୟ ନଥିବାରୁ ସେହି ରାଜ୍ୟ ନୌବାଣିଜ୍ୟରୁ ବଞ୍ଚିତ ହେଉଥିଲା। ସୁସମୃଦ୍ଧ କଳିଙ୍ଗକୁ ଅଧିକାର କରି ଏହାର ପୋତାଶ୍ରୟଗୁଡ଼ିକୁ କରାୟତ୍ତ କରିବା ହିଁ ଅଶୋକଙ୍କର ଲକ୍ଷ୍ୟ ଥିଲା। ତେଣୁ ସେ କଳିଙ୍ଗ ଆକ୍ରମଣ ପୂର୍ବକ ବିଜୟଲାଭ କରିଥିଲେ ବୋଲି ତାଙ୍କ ଖୋଦିତ ଶିଳାଲେଖରେ ଉଲ୍ଲେଖ ରହିଛି।

ଐତିହାସିକଙ୍କ ମତରେ ଅଶୋକଙ୍କ ରାଜତ୍ୱର ଅଷ୍ଟମ ବର୍ଷରେ ଖ୍ରୀ.ପୂ. ୨୬୧ରେ କଳିଙ୍ଗ ଯୁଦ୍ଧ ସଂଗଠିତ ହୋଇଥିଲା। ଯୁଦ୍ଧରେ ବିଜୟଲାଭ କରିବାପରେ ଅଶୋକ ମୋଟ୍ ୧୬ ଗୋଟି ଶିଳାଲିପି ଖୋଦନ କରାଇଥିଲେ। ତନ୍ମଧ୍ୟରୁ ୧୪ଟି ତାଙ୍କ ସାମ୍ରାଜ୍ୟରେ ଉତ୍ତର-ପଶ୍ଚିମ ସୀମା ପେଶୱାରଠାରୁ ଆରମ୍ଭ କରି ସମଗ୍ର ପଶ୍ଚିମ ଓ ଦକ୍ଷିଣ ଭାରତରେ ଖୋଦିତ ତଥା ମାତ୍ର ଦୁଇଗୋଟି ଓଡ଼ିଶାରେ ଖୋଦିତ। ସେହି ଦୁଇଟି ଶିଳାଲିପି ହେଉଛି ଦୟାନଦୀ ତଟସ୍ଥ ଧଉଳି ଓ ଋଷିକୁଲ୍ୟା ତଟସ୍ଥ ଜଉଗଡ଼। ଧଉଳି ଓ ଜଉଗଡ଼ ଶିଳାଲେଖ ହେଉଛି ଅଶୋକଙ୍କ ଅନୁଶାସନ ବା ରାଜାଦେଶ; କିନ୍ତୁ ଏଥିରେ କଳିଙ୍ଗ ଯୁଦ୍ଧର ବିବରଣୀ ନାହିଁ। ପାକିସ୍ତାନ ଓ ଆଫଗାନିସ୍ତାନ ସୀମାସ୍ଥ ସାହାୱ୍‌ଜଗଡ଼ଠାରେ ଉତ୍କୀର୍ଣ୍ଣ ଶିଳାଲେଖର କଳିଙ୍ଗ ଯୁଦ୍ଧ ସମ୍ପର୍କିତ ବିବରଣୀ ଉଲ୍ଲିଖିତ। କଳିଙ୍ଗଠାରୁ ହଜାର ହଜାର କିଲୋମିଟର ଦୂରରେ ଏହି ଶିଳାଲେଖ ରହିବାର କାରଣ ଅସ୍ପଷ୍ଟ। ଏହି ଶିଳାଲେଖରେ କଳିଙ୍ଗର ଏକ ଲକ୍ଷ ଲୋକଙ୍କ ମୃତ୍ୟୁ, ଦେଢ଼ଲକ୍ଷ ଲୋକଙ୍କୁ ବନ୍ଦୀ ଓ ଯୁଦ୍ଧ ପରେ ଅଢ଼େଇଲକ୍ଷ ଲୋକ ମୃତ୍ୟୁବରଣ କରିଥିବା ଉଲ୍ଲେଖ ଥିଲେ ହେଁ ମଗଧ ସେନା ପକ୍ଷରୁ କ୍ଷୟକ୍ଷତି ସମ୍ପର୍କରେ ସାମାନ୍ୟତମ ସୂଚନା ନାହିଁ। ବିସ୍ମୟର କଥା, ଏହି ଶିଳାଲେଖରେ କଳିଙ୍ଗ ରାଜାଙ୍କ ନାମ ପରିଦୃଷ୍ଟ ହୁଏନାହିଁ। ମଧ୍ୟପ୍ରାଚ୍ୟର ଅନେକ ଶାସକଙ୍କ ନାମ ଲିପିବଦ୍ଧ ଥିଲେ ହେଁ କଳିଙ୍ଗ ରାଜାଙ୍କ ନାମ ନ ରହିବାର କାରଣ ମଧ୍ୟ ସନ୍ଦେହଜନକ। ଏହି ଶିଳାଲେଖର ଲିପି ଖରୋଷ୍ଠି ଥିବାରୁ ଏହା ବିଦେଶୀ ଶାସକଙ୍କ ନିମିତ୍ତ ଉଦ୍ଦିଷ୍ଟ ଥିବା ଅନୁମିତ। କଳିଙ୍ଗଠାରୁ ହଜାର ହଜାର କିଲୋମିଟର ଦୂରରେ ଦୁର୍ବୋଧ ବିଦେଶୀ ଲିପିରେ ଏବଂ କଳିଙ୍ଗବାସୀଙ୍କ ଦୃଷ୍ଟି ଅନ୍ତରାଳରେ ଶିଳାଲେଖଟି ଉତ୍କୀର୍ଣ୍ଣ ହେବାର କାରଣ କ’ଣ? ଲକ୍ଷଲକ୍ଷ କଳିଙ୍ଗସେନାଙ୍କ ହତ୍ୟାକାରୀ ବକଧାର୍ମିକ ସଦୃଶ ଧର୍ମୋପଦେଶ ପ୍ରଦାନର ନେପଥ୍ୟରେ ପ୍ରତିବେଶୀ ବିଦେଶୀ ଶାସକଙ୍କୁ ଭୟ ପ୍ରଦର୍ଶନ ନିମିତ୍ତ ଏହା ଏକ କୂଟନୀତିକ କୌଶଳ ହୋଇପାରିଥାଏ। କଳିଙ୍ଗ ଯୁଦ୍ଧରେ ମୃତାହତ ଓ ବନ୍ଦୀମାନଙ୍କର ସଂଖ୍ୟାକୁ ନେଇ ତତ୍କାଳୀନ କଳିଙ୍ଗର ଜନସଂଖ୍ୟା ସହ ତୁଳନା କରି ଅନେକ ଗବେଷକ ଏହା ଅତିରଞ୍ଜିତ ବୋଲି ମତ ପ୍ରଦାନ କରିଥା’ନ୍ତି।

କଳିଙ୍ଗଯୁଦ୍ଧ ଦୟାନଦୀ ତୀର ଧଉଳିଠାରେ ସଂଘଟିତ ହୋଇଥିଲା ବୋଲି କୁହାଯାଇଥିଲେ ହେଁ ଏହି ସ୍ଥାନରୁ କିମ୍ବା ଆଖପାଖରୁ କୌଣସି ଯୁଦ୍ଧାସ୍ତ୍ର, ଅସ୍ଥି ବା ଖପୁରି ପ୍ରଭୃତି ପ୍ରାମାଣିକ ଉପାଦନ ମିଳିନାହିଁ। ରାଜ୍ୟ ସଂସ୍କୃତି ବିଭାଗର ତତ୍ତ୍ୱାବଧାନରେ ପରିଚାଳିତ ଦକ୍ଷିଣ-ପୂର୍ବ ଏସିଆ ପ୍ରତିଷ୍ଠାନ ଯାଜପୁର ଜିଲ୍ଲାର ଧର୍ମଶାଳା ତହସିଲ ଅନ୍ତର୍ଗତ ରାଧାନଗର ଗ୍ରାମରେ ପରୀକ୍ଷାମୂଳକ ଉତ୍‌ଖନନ କରିବା ପରେ କେତେକ ରୋଚକ ତଥ୍ୟ ଜଣାପଡ଼ିଛି। ରାଧାନଗର ଗ୍ରାମ ୧୯୨୯ ମସିହା ଟପୋସିଟ୍‌ରେ ରାଜନଗର ନାମରେ ଦର୍ଶିତ। ଏହି ଗ୍ରାମର ଚତୁର୍ଦ୍ଦିଗରେ ବହୁ ପୁରାତନ ବୌଦ୍ଧକୀର୍ତ୍ତି ଓ ବିହାର ଅବସ୍ଥିତ। ଉଲ୍ଲେଖନୀୟ ଯେ ଏହା ଗ୍ରାମ ସନ୍ନିକଟ ତାରାପୁର ପାହାଡ଼ରେ ଖ୍ରୀ. ପୂ ଷଷ୍ଠ ଶତାବ୍ଦୀରେ ବୌଦ୍ଧ ଭିକ୍ଷୁ ତପସୁଙ୍କ ନିର୍ମିତ ବିଶ୍ୱର ପ୍ରଥମ ବୌଦ୍ଧସ୍ତୂପ ବା କେଶସ୍ତୂପ ରହିଅଛି। ରାଧାନଗରର ପ୍ରାଚୀନତା ଖ୍ରୀ.ପୂ ଷଷ୍ଠ ବା ସପ୍ତମ ଶତାବ୍ଦୀ ବୋଲି ହୃଦବୋଧ ହୁଏ। ଏଠାରେ ଥିବା ଦୁର୍ଗର ଭଗ୍ନାବଶେଷରୁ ପ୍ରମାଣିତ ହୁଏ ଯେ ଏହା କଳିଙ୍ଗର ରାଜଧାନୀ ରାଜନଗର ଥିଲା। ବ୍ରାହ୍ମୀଲିପିରେ ଖୋଦିତ ତୋଷଳନଗର, କଳିଙ୍ଗନଗର, ରାଜପ୍ରାସାଦ ପ୍ରଭୃତିରୁ ଏହାର ସତ୍ୟତା ଉପଲବ୍ଧ ହୁଏ। ଏହି ସ୍ଥାନରୁ ବହୁ ପ୍ରାଚୀନ ଯୁଦ୍ଧାସ୍ତ୍ର, କୁନ୍ତ, ତୀର ଓ ଖଡ୍ଗ ମୁଠା ମିଳିଛି। ପ୍ରାପ୍ତ ପ୍ରତ୍ନବିଭବ ସଂରକ୍ଷିତ ରହିଥିଲେ ହେଁ ଯଥାଯଥ ପରୀକ୍ଷଣ ହୋଇନାହିଁ। ଅନୁମିତ ହୁଏ, କଳିଙ୍ଗ ଯୁଦ୍ଧ ଧଉଳିରେ ସଂଘଟିତ ନ ହୋଇ ତତ୍କାଳ କଳିଙ୍ଗର ରାଜଧାନୀ ଥିବା ଏହି ସ୍ଥାନରେ ହୋଇଥିଲା ଅଥବା ଏହାପୂର୍ବରୁ ମଗଧର ନନ୍ଦରାଜା ଏହି ସ୍ଥାନରେ କଳିଙ୍ଗରାଜାଙ୍କ ସହିତ ଯୁଦ୍ଧ କରିଥିଲେ। ପ୍ରତ୍ନବିଭବ ସମୂହ ପରୀକ୍ଷଣ ପରେ ସତ୍ୟାସତ୍ୟ ଲୋକଲୋଚନକୁ ଆସିବ। ଚୀନ୍ ପରିବ୍ରାଜକ ହୁଏନ୍‌ସାଂ ଏହି ସ୍ଥାନର ନିକଟବର୍ତ୍ତୀ ଗ୍ରାମ ଲାଙ୍ଗୁଡ଼ି, କାଏମା, ଦେଉଳି, ତାରାପୁର, ନେଉଳପୁର, କଣ୍ଟିଗଡ଼ିଆ, ବଜ୍ରଗିରି, ପନ୍ଥୁରି ପ୍ରଭୃତିରେ ଦଶଗୋଟି ବୌଦ୍ଧସ୍ତୂପ ଦେଖିଥିଲେ। ରାଜନଗରର ଉତ୍‌ଖନନ କାର୍ଯ୍ୟ ଅତ୍ୟନ୍ତ ସୀମିତ ଓ କେବଳ ପରୀକ୍ଷାମୂଳକ ଭାବେ କରାଯାଇଛି। ସୁବିସ୍ତୃତ ଉତ୍‌ଖନନ ଓ ପ୍ରତ୍ନସର୍ବେକ୍ଷଣ ପରେ କଳିଙ୍ଗଯୁଦ୍ଧ ସମ୍ପର୍କରେ ଅଧିକ ସଠିକ ତଥ୍ୟ ମିଳିପାରିବ ବୋଲି ଆଶା କରାଯାଏ।

କଳିଙ୍ଗଯୁଦ୍ଧର ୧୬୦ ବର୍ଷ ପରେ ଖାରବେଳ କଳିଙ୍ଗର ସମ୍ରାଟ ହେଲେ। ତାଙ୍କ ଦ୍ୱାରା ଖୋଦିତ ହାତୀଗୁମ୍ଫା ଶିଳାଲେଖ ଖ୍ରୀ.ପୂ ପ୍ରଥମ ଶତାବ୍ଦୀରେ ଖୋଦିତ ବୋଲି ଐତିହାସିକମାନଙ୍କର ମତ। ଏହି ଶିଳାଲେଖଟିରେ ଦେଶରେ ପ୍ରଥମ ଥର ପାଇଁ ଜଣେ ରାଜାଙ୍କର ଧାରାବାହିକ ଶାସନର ବିବରଣୀ ଖୋଦିତ ହୋଇଥିବାରୁ ଏହାକୁ ‘ଖାରବେଳଙ୍କ ହାତୀଗୁମ୍ଫା ପ୍ରଶସ୍ତି’ କୁହାଯାଏ, ଯାହାର ଅନୁକରଣରେ ପରବର୍ତ୍ତୀ କାଳରେ ସମୁଦ୍ରଗୁପ୍ତଙ୍କ ‘ଏଲାହବାଦ ପ୍ରଶସ୍ତି’ ଖୋଦନ କରାଯାଇଥିଲା। ଖାରବେଳଙ୍କ ‘ହାତୀଗୁମ୍ଫା ପ୍ରଶସ୍ତି’ରେ ଜୈନଧର୍ମର ସ୍ୱସ୍ତିକ ଓ ନାନ୍ଦୀପଦ ପ୍ରଭୃତି ଖୋଦିତ ହୋଇଥିବାରୁ ଐତିହାସିକମାନେ ଏହାକୁ ସତ୍ୟନିଷ୍ଠ ଦଲିଲ ଭାବରେ ଗ୍ରହଣ କରିଥା’ନ୍ତି। ଖାରବେଳ ଏହି ଶିଳାଲେଖରେ ନନ୍ଦରାଜା କଳିଙ୍ଗ ବିଜୟ କରି କଳିଙ୍ଗରୁ ନେଇଯାଇଥିବା ‘ଜିନାସନ’କୁ ମହାସମାରୋହରେ କଳିଙ୍ଗକୁ ଫେରାଇ ଆଣିବା ଏବଂ ନନ୍ଦରାଜା ତିନ୍‌ଶୂଳିଆ (ତ୍ରିଶୂଳିଆ)ଠାରୁ ତିନିଶହ ବର୍ଷ ତଳେ ଖୋଳାଇଥିବା ଜଳପ୍ରଣାଳୀର ପୁନରୁଦ୍ଧାର ସ୍ୱରାଜତ୍ୱର ପ୍ରଥମବର୍ଷରେ ଏକଲକ୍ଷ ମୁଦ୍ରା ବ୍ୟୟରେ କରାଇଥିଲେ ବୋଲି ଉଲ୍ଲେଖ କରିଛନ୍ତି। ଖାରବେଳଙ୍କ ରାଜତ୍ୱର ତିନିଶହ ବର୍ଷ ପୂର୍ବେ ନନ୍ଦରାଜା କଳିଙ୍ଗ ବିଜୟ କରିଥିବା ପରୋକ୍ଷରେ ସ୍ୱୀକାର କରିଥିଲେ ହେଁ ତାର ବହୁ ପୂର୍ବେ ହୋଇଥିବା ବିଶ୍ୱପ୍ରସିଦ୍ଧ କଳିଙ୍ଗଯୁଦ୍ଧ ସମ୍ପର୍କରେ ପଦେ ମଧ୍ୟ ଉଲ୍ଲେଖ କରିନାହାନ୍ତି। ତିନିଶହ ବର୍ଷ ପୂର୍ବର ଘଟଣା ସୂଚନା ଦେବା ଓ ତତ୍‌ପରେ ୧୬୦ ବର୍ଷ ପୂର୍ବେ ସଂଘଟିତ ମହାଯୁଦ୍ଧ ସମ୍ପର୍କରେ ସୂଚନା ନ ଦେବା ଅତ୍ୟନ୍ତ ଆଶ୍ଚର୍ଯ୍ୟର ବିଷୟ। ଏହାକୁ କେନ୍ଦ୍ରକରି କେତେକ ଗବେଷକ କଳିଙ୍ଗ ଯୁଦ୍ଧର ସତ୍ୟତା ସମ୍ପର୍କରେ ସନ୍ଦିହାନ ହୋଇଥା’ନ୍ତି।

ଉପରୋକ୍ତ କାରଣ ଦୃଷ୍ଟେ ବିଶ୍ୱ ପ୍ରସିଦ୍ଧ କଳିଙ୍ଗ ଯୁଦ୍ଧର ଐତିହାସିକତା ପ୍ରତି ସନ୍ଦେହ ଉପୁଜିଥିଲେ ହେଁ କଳିଙ୍ଗ ଯୁଦ୍ଧ ବିଶ୍ୱ ଇତିହାସରେ ଏକ ବିରଳ ଘଟଣା ଭାବରେ ଚିତ୍ରିତ ହୋଇ ଆସିଛି। ବହୁ ଲବ୍ଧପ୍ରତିଷ୍ଠ ଐତିହାସିକ ଏହାର ସତ୍ୟତା ସ୍ୱୀକାର କରିଛନ୍ତି। କଳିଙ୍ଗ ଯୁଦ୍ଧ ସମ୍ପର୍କୀୟ ବିବରଣୀ ସୁଦୂର ସାହାୱ୍‌ଜଖଡ଼ି ଶିଳାଲେଖରେ ଖରୋଷ୍ଠି ଲିପିରେ ଖୋଦିତ ହୋଇଥିବା ସମ୍ପର୍କରେ କେତେକ ଗବେଷକ ମତ ପ୍ରଦାନ କରିଥା’ନ୍ତି ଯେ କଳିଙ୍ଗରେ ଥିବା ଅଶୋକଙ୍କ ଅନୁଶାସନ ଧର୍ମାନୁଶାସନ ହେତୁ ସେଥିରେ ସେ ନିଜର କୃତିତ୍ୱ ଓ ବୀରତ୍ୱ ବର୍ଣ୍ଣନା କରିବାକୁ ଉଚିତ ମନେ କରିନାହାନ୍ତି। କଳିଙ୍ଗ ରାଜାଙ୍କ ନାମ ଉଲ୍ଲେଖ ନଥିବା ସମ୍ପର୍କରେ କେହି କେହି ମତ ପ୍ରଦାନ କରିଥା’ନ୍ତି ସେତେବେଳେ କଳିଙ୍ଗରେ ରାଜତନ୍ତ୍ର ନୁହେଁ, ଗଣତନ୍ତ୍ର ପ୍ରତିଷ୍ଠିତ ଥିଲା। କିନ୍ତୁ କଳିଙ୍ଗରେ କୌଣସି ସମୟରେ ଗଣତନ୍ତ୍ର ଶାସନ ପ୍ରଚଳିତ ଥିବାର ଅଭିଲେଖିକ ପ୍ରମାଣ ନାହିଁ। ଏହି ଦୃଷ୍ଟିକୋଣରୁ କଳିଙ୍ଗଯୁଦ୍ଧର ଐତିହାସିକତା ସମ୍ପର୍କରେ ଅଧିକରୁ ଅଧିକ ଗବେଷଣାର ପ୍ରୟୋଜନୀୟତା ରହିଛି।

# ଅପପୁଷ୍ଟି ସମସ୍ୟା ଓ ତା’ର ନିରାକରଣ

ଅନନ୍ତ କୁମାର ସାମନ୍ତ
ଏରସମା, ମୋ: ୭୬୦୫୯୫୯୯୦୪

ଓଡ଼ିଶା ହେଉଛି ଭାରତର ୧୧ ତମ ବଡ଼ ରାଜ୍ୟ, ଯେଉଁଠାରେ ୪କୋଟିରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ୨୦୧୧ ଜନଗଣନା ତଥ୍ୟ ଅନୁଯାୟୀ ରାଜ୍ୟରେ ୧୫ ରୁ ୧୮ ବର୍ଷ ଭିତରେ ୫୨ ଶତକଡ଼ା କିଶୋରୀ ବଂଶାନୁକ୍ରମିକ ଅପପୁଷ୍ଟିର ଶିକାର ହେଉଥିବାବେଳେ ଶତକଡ଼ା ୫୧ ଭାଗ ମହିଳା ୧୫ ରୁ ୪୯ ବର୍ଷ ବୟସ ମଧ୍ୟରେ ଆନେମିଆ ବା ରକ୍ତହୀନତାର ଶିକାର ହୁଅନ୍ତି। ଜନ୍ମ ହେବାର ୬ ମାସରୁ ୨୩ ମାସ ଭିତରେ ମାତ୍ର ଶତକଡ଼ା ୮.୫ ଶିଶୁ ଯଥେଷ୍ଟ ପୁଷ୍ଟିକର ଖାଦ୍ୟ ପାଇ ପାରୁଛନ୍ତି। ଅପପୁଷ୍ଟିର ସମସ୍ୟା ଦୁର୍ଗମ ଅଞ୍ଚଳ ଓ ଆଦିବାସୀ ପଡ଼ା-ଗାଁଗୁଡ଼ିକରେ ଅଧିକ ଥିବା ଜଣାଯାଏ।

ଓଡ଼ିଶାରେ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାମାନଙ୍କରେ ୩୦୦୦ରୁ ଅଧିକ ପଡ଼ା-ଗାଁ ବା ‘ହାମ୍‌ଲେଟ୍’ ରହିଛି। ବିଶେଷକରି ମାଲକାନଗିରି, କୋରାପୁଟ, ରାୟଗଡ଼ା, କନ୍ଧମାଳ, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଜିଲ୍ଲାମାନଙ୍କରେ ଅନେକ ପଡ଼ା-ଗାଁ ରହିଛି। ପଡ଼ା-ଗାଁଗୁଡ଼ିକରେ ଲୋକସଂଖ୍ୟା ୧୫୦ରୁ କମ୍ ହୋଇଥିବା ଯୋଗୁଁ ସେଠାରେ ଅଙ୍ଗନବାଡ଼ି କେନ୍ଦ୍ର ବ୍ୟବସ୍ଥା ପ୍ରାୟତଃ ନଥାଏ ଏବଂ ସେଠାକାର ଅଧିବାସୀ ଅଙ୍ଗନବାଡ଼ିରୁ ମିଳୁଥିବା ଅନେକ ସୁବିଧା ସୁଯୋଗରୁ ବଞ୍ଚିତ ହୁଅନ୍ତି। ପଡ଼ା-ଗାଁଗୁଡ଼ିକ ଜଙ୍ଗଲ, ପର୍ବତ, ନଦୀଘେରା ଅପହଞ୍ଚ ଅଞ୍ଚଳ ହୋଇଥିବାରୁ ସରକାରି ସୁବିଧା ସୁଯୋଗ ସେଠାରେ ସହଜରେ ପହଞ୍ଚି ପାରେ ନାହିଁ। ଏହାଫଳରେ ଏହି ଅଞ୍ଚଳରେ ଅପପୁଷ୍ଟିର ସମସ୍ୟା ଅଧିକ ହୁଏ। ଅପପୁଷ୍ଟିର ନିରାକରଣ ପାଇଁ ସରକାରୀ ଓ ବେସରକାରୀ ସ୍ତରରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିଲେ ହେଁ ଆଶାନୁରୂପ ସଫଳତା ନ ମିଳିବା ପଛରେ ଅନେକ କାରଣ ରହିଛି। ଏହି କାରଣଗୁଡ଼ିକୁ ଅନୁଧ୍ୟାନ କରି ନିରାକରଣ ଲାଗି ଆନ୍ତରିକତାର ସହ ପଦକ୍ଷେପ ନେଲେ ଅପପୁଷ୍ଟି ସମସ୍ୟା ଦୂର ହୋଇପାରିବ।

ପ୍ରଥମତଃ, ଅଙ୍ଗନବାଡ଼ିର ୬ ଟି ସେବା ମଧ୍ୟରୁ ଘରକୁ ଯୋଗାଇ ଦିଆଯାଉଥିବା ଶୁଖିଲା ଖାଦ୍ୟ ଯେଭଳି ସମସ୍ତଙ୍କ ପାଖରେ ପହଞ୍ଚିପାରିବ ସେଥିପ୍ରତି ଧ୍ୟାନ ଦେବାକୁ ପଡ଼ିବ। ଦ୍ୱିତୀୟତଃ, ଅଙ୍ଗନବାଡ଼ି କେନ୍ଦ୍ର ମାଧ୍ୟମରେ ଯୋଗାଇ ଦିଆଯାଉଥିବା ଛତୁଆ ଗୁଣର ମାନ ନିୟମିତ ବ୍ୟବଧାନରେ ପରୀକ୍ଷା କରାଯିବ ଉଚିତ। କାରଣ ଛତୁଆ ପ୍ରସ୍ତୁତି ଓ ବିତରଣର ଦାୟିତ୍ୱ ନେଇଥିବା ଠିକାସଂସ୍ଥାମାନଙ୍କର ଲାଭଖୋର ମନୋବୃତ୍ତି ପାଇଁ ଛତୁଆ ନିମ୍ନମାନର ହେଉଥିବା ଅନେକ ସ୍ଥାନରୁ ଅନେକ ସମୟରେ ଅଭିଯୋଗ ଆସୁଛି। ନିମ୍ନମାନର ଛତୁଆ ସ୍ୱାଦିଷ୍ଟ ହେଉନଥିବାରୁ ମା ଓ ପିଲାମାନେ ଖାଉ ନଥିବା ଦେଖାଯାଉଛି। ତୃତୀୟତଃ, ଗର୍ଭବତୀ ଓ ପ୍ରସୂତି, ୭ ମାସରୁ ୩ ବର୍ଷର ଶିଶୁ ୫ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ ଯେଉଁ ଶୁଖିଲା ଖାଦ୍ୟ ଦିଆଯାଉଛି ତାହାକୁ ପଡ଼ା-ଗାଁଗୁଡ଼ିକରେ ପହଞ୍ଚାଇବା ପାଇଁ ସୁନିଶ୍ଚିତ କରିବା ଆବଶ୍ୟକ ରହିଛି।

ଏହିପରି ଏକ ଅଭିନବ କାର୍ଯ୍ୟକ୍ରମର ଉଦାହରଣ ହେଉଛି ଶିକ୍ଷାସନ୍ଧାନ ଓ ଅଜିମ ପ୍ରେମଜି ଫାଉଣ୍ଡେସନ ଦ୍ୱାରା ଚାଲିଥିବା ପଡ଼ା-ପୁଷ୍ଟି କାର୍ଯ୍ୟକ୍ରମ। ୧୨୦ଟି ପଡ଼ା ଗ୍ରାମରେ ସମସ୍ତ ୩ ରୁ ୬ ବର୍ଷର ଶିଶୁମାନଙ୍କୁ, ମାଆମାନଙ୍କ ଭାଗୀଦାରିତାରେ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି। ସମସ୍ତ ମାଆମାନେ ଏକାଠି ହୋଇ ପିଲାମାନଙ୍କୁ ସାବୁନରେ ହାତ ଧୋଇ ସସ୍ନେହରେ ପ୍ରତିଦିନ ଖାଇବାକୁ ଦେଉଛନ୍ତି। ଏତଦ୍ ବ୍ୟତୀତ କେତୋଟି ଗାଁରେ ପରୀକ୍ଷା ମୂଳକ ଭାବେ ଗର୍ଭବତୀ ଓ ପ୍ରସୂତିମାନଙ୍କୁ ଅଳ୍ପକିଛି ସହଯୋଗ ଖାଦ୍ୟ ଆକାରରେ (ଏଥିରେ ଅଙ୍ଗନବାଡ଼ିର ୧୨ ଟି ଅଣ୍ଡା ମଧ୍ୟ ସାମିଲ ଥିଲା) ଯୋଗାଇ ଦେବାଦ୍ୱାରା ପିଲାମାନଙ୍କ ସହିତ ମାଆମାନେ ମଧ୍ୟ ଏକାଠି ମିଶି ଖାଉଛନ୍ତି। ଏଥିରେ ସ୍ଥାନୀୟ ଆଇସିଡିଏସ କାର୍ଯ୍ୟାଳୟ ୨୫ ଦିନ ପାଇଁ ମାସକୁ ୨୦ ଟି ଅଣ୍ଡା, ୨ କେଜି ଚାଉଳ, ଡାଲି, ତେଲ, ଲୁଣ, ମସଲା, ପନିପରିବା ଓ ୨୫ଟି ଲଡୁ ଯୋଗାଇ ଦେଉଛନ୍ତି। ପ୍ରତିଦିନ ଖାଇବା ପୂର୍ବରୁ ହାତ ଧୁଆକୁ ବାଧ୍ୟତାମୂଳକ କରାଯାଇଛି। ସୋମବାର ଡାଲମା ଭାତ ଓ ରବିବାରକୁ ଛାଡ଼ିଦେଲେ ଅନ୍ୟଦିନ ଅଣ୍ଡା ତରକାରି ଓ ଭାତ ଦିଆଯାଉଛି।

ଏହି କାର୍ଯ୍ୟକ୍ରମକୁ ଆହୁରି ସୁନ୍ଦର କରିବାକୁ ହେଲେ ଆଉ କିଛି ଆର୍ଥିକ ସହଯୋଗ ବଢ଼ାଇବାର ଆବଶ୍ୟକତା ରହିଛି। ମାଆମାନଙ୍କ ପାଇଁ ଗରମରନ୍ଧା ଖାଦ୍ୟ, ୧ ରୁ ୫ ବର୍ଷର ଶିଶୁ ଓ କିଶୋରୀ ବାଳିକା ପାଇଁ ଉପଯୁକ୍ତ ଖାଦ୍ୟ ବ୍ୟବସ୍ଥା କରିବା ଆବଶ୍ୟକ। ଏତଦ୍ ବ୍ୟତୀତ ସ୍ଥାନୀୟ ଖାଦ୍ୟର ବ୍ୟଞ୍ଜନ ତିଆରି କରିବା ତାଲିମ, ମାଆ ଓ ଶିଶୁଙ୍କ ପାଇଁ ପରିବା ବଗିଚା, କୃମିନାଶକ ବଟିକା, ଆଇରନ ବଟିକା, ଡାକ୍ତରମାନଙ୍କ ଦ୍ୱାରା ଭ୍ରାମ୍ୟମାଣ ଚିକିତ୍ସାର ବ୍ୟବସ୍ଥା ଓ ଅନ୍ୟାନ୍ୟ ସଚେତନତାଧର୍ମୀ କାର୍ଯ୍ୟକ୍ରମ ସ୍ଥାନୀୟ ମହିଳା ନେତୃତ୍ୱରେ ବିଭିନ୍ନ ବ୍ଲକରେ ସ୍ୱେଚ୍ଛାସେବୀ ସଂସ୍ଥାମାନଙ୍କ ଦ୍ୱାରା କରାଗଲେ ସାରା ରାଜ୍ୟର ଅପପୁଷ୍ଟି ସମସ୍ୟା ଅନେକାଂଶରେ ହ୍ରାସ ପାଇପାରନ୍ତା।

## ଶିକ୍ଷା ଏବଂ ସୌନ୍ଦର୍ଯ୍ୟ

ଜ୍ଞାନାଞ୍ଜନ
ପରିବ୍ରାଜକ

ଜଣେ ଯୁବକଙ୍କ ଏକ ବିଶେଷତ୍ୱ ଥିଲା ଯେ ସେ ଖୁବ୍ ସୁନ୍ଦର ଥିଲେ। ଶରୀରର ଗଠନ ବେଶ୍ ଆକର୍ଷକ ଥିଲା। ଶରୀରର ସୌନ୍ଦର୍ଯ୍ୟକୁ ବଜାୟ ରଖିବା ପାଇଁ ସେ ଖୁବ୍ ପରିଶ୍ରମ ମଧ୍ୟ କରୁଥିଲେ। ଯୁବକଙ୍କର ସିନା ଏକ ବଳିଷ୍ଠ ଏବଂ ମନଲୋଭା ଶରୀର ଥିଲା; କିନ୍ତୁ ତାଙ୍କ ଶିକ୍ଷା ବିଷୟରେ ଯେତେବେଳେ ଯିଏ ଜାଣୁଥିଲା, ସେତେବେଳେ ଶରୀରର ଗୁରୁତ୍ୱ ଆଉ ରହୁ ନଥିଲା। ଯୁବକ ଜଣକ ଶ୍ରୀଅକ୍ଷର ବିବର୍ଜିତ ଥିଲେ। ବାଲ୍ୟକାଳରେ ଯୁବକଟିକୁ ପାଠ ପଢ଼ାଇବାକୁ ପିତାମାତା ସକଳ ପ୍ରକାର ଚେଷ୍ଟା କରିଥିଲେ ହେଁ ବିଫଳ ହୋଇଥିଲେ। ଦିନେ ଏମିତି ଏକ ଘଟଣା ଘଟିଲା, ଯାହାକୁ ନେଇ ଯୁବକଟି ପାଠ ପଢ଼ିବା ପାଇଁ ବଦ୍ଧପରିକର ହେଲା। ଘଟଣାଟି ଏହିପରି -

ଦିନେ କୋର୍ଟକୁ କେଉଁ ଏକ କାମରେ ଯୁବକ ଜଣକ ଯାଇଥିଲେ। ସେଠାରୁ ମିଳିଥିବା ଦସ୍ତାବିଜ୍‌ରେ କ’ଣ ସବୁ ଇଂରାଜି ଭାଷାରେ ଲେଖା ହୋଇଥିଲା। ଇଏ ତ ପାଠ ପଢ଼ିନାହାନ୍ତି। ବୁଝିବେ କେମିତି? ପାଠ ପଢ଼ୁଆ ଲୋକେ ଗାଁରେ ଅଛନ୍ତି ଯେ କିନ୍ତୁ ଏହାକୁ ପଢ଼ିବାକୁ କହିଲେ ସେମାନେ ନାନାଦି ଟାହି ଟାପରା କଥାମାନ କହିବେ। ତେଣୁ ବୁଝାବୁଝି କାମଟା ଏଇ କୋର୍ଟରେ କାହା ନିକଟକୁ ଯାଇ ଶେଷ କରିଦେବାଟା ଉଚିତ ହେବ ଭାବି ଶେଷରେ ଯୁବକ ଜଣକ ମୁନ୍‌ସୀଙ୍କ ନିକଟକୁ ଯାଇ ଦସ୍ତାବିଜ୍‌ରେ ଲେଖା ହୋଇଥିବା କଥାକୁ ବୁଝାଇ କହିବା ପାଇଁ ଅନୁରୋଧ କଲେ। ମୁନ୍‌ସୀ ପ୍ରଥମେ ଯୁବକଟି ଶରୀରକୁ ଚାହିଁଲେ ଓ ପରେ କହିଲେ- ‘ସରଳ ସୁନ୍ଦର ଭେଣ୍ଡିଆ ହୋଇଛ। ପାଠ ଦି ଅକ୍ଷର ପଢ଼ିଲନି କେମିତି ଯେ?’ ଏତିକି କଥା ଶୁଣି ଯୁବକର ଚତୁଃପାର୍ଶ୍ୱରେ ଥିବା ଲୋକମାନେ ବ୍ୟଙ୍ଗାତ୍ମକ ହସ ହସିବାରେ ଲାଗିଲେ। ଯୁବକଟିକୁ ଭାରି ଲଜ୍ଜା ଲାଗିଲା। ମୁନ୍‌ସୀ କହିଲେ- ‘ମୁଁ ଏଇନେ ବ୍ୟସ୍ତ ଅଛି। ତିନି ଘଣ୍ଟା ଅପେକ୍ଷା କର। ତୁମ କଥା ବୁଝିବି।’

ସେଦିନ ଯୁବକ ଜଣକ ଅଗତ୍ୟା ସାଢ଼େ ତିନି ଘଣ୍ଟା କାଳ ଅପେକ୍ଷା କଲା ପରେ ମୁନ୍‌ସୀ ତାକୁ ସାହାଯ୍ୟ କରିଥିଲେ। ଏହାରି ଭିତରେ ଯୁବକର ଶିକ୍ଷାକୁ ନେଇ ଆଉ ଦି ଚାରି ପଦ ସମାଲୋଚନା ବି କରିଥିଲେ। ଯୁବକଙ୍କୁ ଏ କଥାଗୁଡ଼ିକ ବେଶ୍ ବାଧିଥିଲା। ଘରକୁ ଫେରି ସେ ଏ ବିଷୟରେ ପାଠ ପଢ଼ିବାକୁ ବଜ୍ର ଶପଥ ନେଲେ। ରାତି ଦିନ ଏକ କରି ପାଠ ପଢ଼ିଲେ। ଛ’ମାସ ମଧ୍ୟରେ ସେ ଲେଖାପଢ଼ା ଶିଖିଗଲେ। କେବଳ ସେତିକି ନୁହେଁ, ଆହୁରି ଅଧିକ ପାଠ ପଢ଼ି ବିଶିଷ୍ଟ ଶିକ୍ଷାବିତ୍ ହିସାବରେ ପରିଚିତ ହେଲେ। ଦିନେ ସେ ମନ୍ତ୍ରୀ ମଧ୍ୟ ହେଲେ। ସେ ଆଉ କେହି ନୁହନ୍ତି, ସେ ହେଉଛନ୍ତି ସାର୍ ଗଣେଶ ଦତ୍ତ ସିଂ। ଇଂରେଜ ଶାସନ ସମୟରେ ବିହାର-ଓଡ଼ିଶା ପ୍ରଦେଶର ସେ ମନ୍ତ୍ରୀ ହୋଇଥିଲେ। ତାଙ୍କ ନାଁରେ ବିହାରରେ ସାର୍ ଗଣେଶ ଦତ୍ତ ସ୍ମାରକୀ ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଛି। ପାଟଳୀପୁତ୍ରରେ ଏକ ବିଦ୍ୟାଳୟ ମଧ୍ୟ ତାଙ୍କ ନାମରେ ଅଛି। ବିହାର-ଓଡ଼ିଶାର ଶିକ୍ଷା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ସେତେବେଳେ ସେ ବହୁ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ।

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
SAKALA MEDIA PVT. LTD.
Plot No.- N-3/441, IRC Village,
Nayapalli, Bhubaneswar-15
Ph.: 0674-2954342 | 2955342
ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୭୩.୧୫ ● ପାଉଣ୍ଡ ୧୦୧.୧୯
- ୟୁରୋ ୮୬.୯୦ ● ୟେନ୍ ୦.୬୬

**ସୁନାରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୪୪,୮୩୦ (ଭୁବନେଶ୍ୱର)
- ରୁପା : ୬୫,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୫୯,୮୮୫.୦୦
- ନିଫ୍ଟି ୧୭,୮୨୩.୦୦



**ପେଟ୍ରୋଲ-ଡିଜେଲ୍**


ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୧୯ (ନୂଆଦିଲ୍ଲୀ)
- ଡିଜେଲ୍ - ୮୮.୬୨



## ପାର୍ବଣରେ ମହଙ୍ଗା ମାଡ଼

# ଏଲ୍‌ପିଜି ସିଲିଣ୍ଡର ହଜାରେ ଛୁଇଁବ

**ନୂଆଦିଲ୍ଲୀ,୨୩।୯ (ଏଜେନ୍ସି):** ଆରମ୍ଭ ହୋଇଯାଇଛି ପାର୍ବଣ ଋତୁ। ବର୍ଦ୍ଧିତ ମୁଦ୍ରାସ୍ଫୀତି ଯୋଗୁ ଦେଶରେ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ ଦର ଢ଼େର ଉପରେ ରହିଥିବାବେଳେ ଆଗକୁ ଖାଉଟିଙ୍କୁ ଅଧିକ କଷ୍ଟ ଉଠାଇବାକୁ ପଡ଼ିବ। କାରଣ ଏହି ପାର୍ବଣରେ ହେବାକୁ ଯାଉଛି ମହଙ୍ଗା ମାଡ଼। ଖାଉଟିଙ୍କ ଉପରେ ଏହି ମହଙ୍ଗା ମାଡ଼ ଏଲପିଜି ସିଲିଣ୍ଡର ଆଧାରରେ ହେବ। ଖୁବ୍ ଶୀଘ୍ର ଦେଶରେ ଘରୋଇ ଏଲପିଜି ସିଲିଣ୍ଡର ଦର ହଜାରେ ଟଙ୍କା ଛୁଇଁବ। ଆସନ୍ତା ମାସ ପହିଲାରୁ ସରକାର ଏଲପିଜି ସିଲିଣ୍ଡର ମୂଲ୍ୟ ସଂଶୋଧନ କରିବେ। ସେତେବେଳେ ଦେଶର ଅଧିକାଂଶ ସହରରେ ନଅ ଶହ ଟଙ୍କା ଉପରେ ରହିଥିବା ଏଲପିଜି ସିଲିଣ୍ଡର ପାଇଁ ଗ୍ରାହକଙ୍କୁ ଏକ ହଜାର ଟଙ୍କା ଦେବାକୁ ପଡ଼ିବ। ଏହାଛଡ଼ା ରନ୍ଧନ ଗ୍ୟାସ୍ ଉପଭୋକ୍ତାଙ୍କ ପାଇଁ ଆଉ ଏକ ଖରାପ ଖବର ହେଉଛି ଯେ, ନିକଟ ଭବିଷ୍ୟତରେ ସରକାର ଏଲପିଜି ସିଲିଣ୍ଡର ଉପରେ ଖାଉଟିଙ୍କୁ ଦେଉଥିବା ରିଆତି ବନ୍ଦ କରିଦେବେ। ଅପରପକ୍ଷେ ଏଲପିଜି ସିଲିଣ୍ଡର କ୍ଷେତ୍ରରେ କେନ୍ଦ୍ର ସରକାର ସହୁଥିବା ରିଆତି ବୋଝ ଇତି ମଧ୍ୟରେ ବର୍ଷକରେ ୬ ଗୁଣ ହ୍ରାସ ପାଇଛି।




ଏକ ରିପୋର୍ଟ ଅନୁଯାୟୀ, ଏଲପିଜି ସିଲିଣ୍ଡର ରିଆତିକୁ ନେଇ କେନ୍ଦ୍ର ସମ୍ପର୍କରେ ସରକାରଙ୍କର ଦୁଇଟି ଆଭିମୁଖ୍ୟ ଗ୍ରହଣ କରିପାରନ୍ତି। ପ୍ରଥମଟି ହେଉଛି ସରକାର ପ୍ରଚଳିତ ବ୍ୟବସ୍ଥାନୁଯାୟୀ, ବର୍ତ୍ତମାନ ଯେଉଁଭଳି ଭାବେ ପ୍ରତି ମାସରେ ଦର ସଂଶୋଧନ କରାଯାଇ ମୂଲ୍ୟ ବୃଦ୍ଧି କରାଯାଉଛି ତାହାକୁ ପରି ଚଳାଇବେ କିମ୍ବା ଦ୍ୱିତୀୟତଃ ଉଜ୍ଜ୍ୱଳା ଯୋଜନା ଅଧୀନରେ କେବଳ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ଗ୍ରାହକଙ୍କୁ ଏଲପିଜି ରିଆତି ଦେବେ। ସରକାରଙ୍କ ଉପରେ ସବସିଡି ବୋଝ ବର୍ଷକରେ ୬ ଗୁଣ ହ୍ରାସ ପାଇଛି। ୨୦୨୦-୨୧ ଆର୍ଥିକବର୍ଷରେ ସରକାର ଗ୍ରାହକଙ୍କୁ ୩,୫୫୯ କୋଟି ଟଙ୍କାର ରିଆତି ପ୍ରଦାନ କରିଛନ୍ତି। ୨୦୧୯-୨୦ ଆର୍ଥିକବର୍ଷରେ ଏହି ଖର୍ଚ୍ଚ ୨୪,୪୬୮ କୋଟି ଟଙ୍କା ରହିଥିଲା। ଅର୍ଥାତ୍ ଗୋଟିଏ ବର୍ଷ ମଧ୍ୟରେ ସରକାର ସବସିଡି ପ୍ରାୟ ୬ ଗୁଣ ହ୍ରାସ କରିଛନ୍ତି। ପ୍ରଚଳିତ ନିୟମ ଅନୁଯାୟୀ, ଯଦି ଆପଣଙ୍କର ବାର୍ଷିକ ଆୟ ୧୦ ଲକ୍ଷ ଟଙ୍କାରୁ ଅଧିକ, ତେବେ ଆପଣ ଏଲପିଜି ସିଲିଣ୍ଡର ବାବଦରେ ରିଆତି ଲାଭ ପାଇବେନାହିଁ।

- ରିଆତି ସମ୍ପୂର୍ଣ୍ଣ ବନ୍ଦ ହୋଇପାରେ
- ଏଲପିଜି ରିଆତି ବୋଝ ବର୍ଷକରେ ୬ ଗୁଣ ହ୍ରାସ ପାଇଛି
- ଚଳିତ ବର୍ଷ ସିଲିଣ୍ଡର ୧୯୦ ଟଙ୍କା ବଢ଼ିଛି

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ,ଚଳିତବର୍ଷ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟ ୧୯୦ ଟଙ୍କା ୫୦ ପଇସା ବୃଦ୍ଧି ଘଟିଛି। ଚଳିତବର୍ଷ ଜାନୁଆରୀ ପହିଲାରେ ଦିଲ୍ଲୀରେ ଏଲପିଜି ସିଲିଣ୍ଡରର ମୂଲ୍ୟ ୬୯୪ ଟଙ୍କା ରହିଥିଲା। ବର୍ତ୍ତମାନ ସିଲିଣ୍ଡର ମୂଲ୍ୟ ୮୮୪ ଟଙ୍କା ୫୦ ପଇସା ହୋଇଛି। ଅର୍ଥାତ୍ ଜାନୁଆରୀଠାରୁ ଦିଲ୍ଲୀରେ ଘରୋଇ ଗ୍ୟାସ୍ ସିଲିଣ୍ଡରର ମୂଲ୍ୟ ୧୯୦ ଟଙ୍କା ୫୦ ପଇସା ବୃଦ୍ଧି ପାଇଛି। ତେବେ ବିଗତ ସାଢ଼େ ୭ ବର୍ଷ ମଧ୍ୟରେ ଦେଶରେ ଘରୋଇ ଗ୍ୟାସ ସିଲିଣ୍ଡର(୧୪.୨ କିଲୋଗ୍ରାମ)ର ମୂଲ୍ୟ ବଢ଼ି ଦୁଇଗୁଣ ହୋଇଛି। ୨୦୧୪ ମାର୍ଚ୍ଚ ପହିଲାରେ ୧୪.୨ କିଲୋଗ୍ରାମ ଘରୋଇ ଗ୍ୟାସ ସିଲିଣ୍ଡରର ମୂଲ୍ୟ ୪୧୦ ଟଙ୍କା ୫୦ ପଇସା ରହିଥିଲା, ଯାହା ବର୍ତ୍ତମାନ ୮୮୪ ଟଙ୍କା ୫୦ ପଇସା। ଏକ ସୂଚନାନୁଯାୟୀ, ସୌମ୍ପ୍ରତି ଦେଶରେ ୨୯ କୋଟି ଲୋକଙ୍କର ଏଲପିଜି ସଂଯୋଗ ରହିଛି। ଏଥିରୁ ଉଜ୍ଜ୍ୱଳା ଯୋଜନା ଅନ୍ତର୍ଗତ ପ୍ରାୟ ୮ କୋଟି ଏଲ୍‌ପିଜି ସଂଯୋଗ ଦିଆଯାଇଛି।

# ଏଲ୍‌ଆଇସି ଆଇପିଓରେ ଚାଇନା ନିବେଶକୁ ନେଇ ଚିନ୍ତା

**ନୂଆଦିଲ୍ଲୀ,୨୩।୯ (ଏଜେନ୍ସି):** ଦେଶର ବୃହତ୍ ଜୀବନ ବୀମା କମ୍ପାନୀ ଲାଇଫ ଇନସୁରାନ୍ସ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏଲ୍‌ଆଇସି) ର ଆଇପିଓରେ ଚାଇନାର ନିବେଶକକୁ ନେଇ ଏବେ କେନ୍ଦ୍ର ସରକାରଙ୍କ ଚିନ୍ତା ବଢ଼ିଛି। ଦେଶର ବଡ଼ ବଡ଼ କମ୍ପାନୀରେ ଚାଇନା ଏହିଭଳି ଭାବେ ଅର୍ଥ ଖଟାଇବାକୁ ଚାହୁଁଛି। ବର୍ତ୍ତମାନ ପରିସ୍ଥିତିରେ ସରକାର ଚାଇନାକମ୍ପାନୀଗୁଡିକର ଏହି ନିବେଶକୁ ନିଷିଦ୍ଧ କରିପାରନ୍ତି। ସରକାର ଏବଂ ବ୍ୟାଙ୍କିଙ୍ଗ ସୂତ୍ରରୁ ପ୍ରକାଶ ଯେ, ଦୁଇ ଦେଶ ମଧ୍ୟରେ ଚାଲିଥିବା ସୀମା ବିବାଦ ଯୋଗୁଁ ଭାରତ ସରକାର ଏହିପରି ପଦକ୍ଷେପ ନେବାର ସମ୍ଭାବନା ରହିଛି। ଦେଶର ଘରୋଇ ବୀମା ବଜାରରେ ଏଲ୍‌ଆଇସିର ୬୦% ରୁ ଅଧିକ ଅଂଶଧନ ରହିଛି। କମ୍ପାନୀ ୫୦୦ ବିଲିୟନ ଡଲାରରୁ ଅଧିକ ସମ୍ପତ୍ତି ପରିଚାଳନା କରୁଛି। ସୂତ୍ରରୁ ପ୍ରକାଶ ଯେ ସରକାର ବିଦେଶୀ ନିବେଶକମାନଙ୍କୁ କମ୍ପାନୀର ଆଇପିଓରେ ବିନିଯୋଗ କରିବାକୁ ଅନୁମତି




ଦେବାକୁ ଚିନ୍ତା କରୁଛନ୍ତି, କିନ୍ତୁ ଚାଇନାର ନିବେଶକୁ ନେଇ ଅସନ୍ତୋଷ ଅନୁଭବ କରୁଛନ୍ତି। ଗତ ବର୍ଷ ସୀମାରେ ସାମରିକ ସଂଘର୍ଷ ପରେ ଦୁଇ ଦେଶ ମଧ୍ୟରେ ତିକ୍ତତା ଶିଖରରେ ପହଞ୍ଚିଛି। ସେବେଠାରୁ ଭାରତ ସରକାର ଏହାର ସମ୍ବେଦନଶୀଳ କ୍ଷେତ୍ର ଏବଂ କମ୍ପାନୀଗୁଡିକରେ ଚୀନ୍‌ର ନିବେଶକୁ ସୀମିତ କରିବାକୁ ଚେଷ୍ଟା କରିଆସୁଛନ୍ତି। ସରକାର ଚାଇନାରେ ଅନେକ ମୋବାଇଲ୍ ଆପ୍ ଉପରେ ପ୍ରତିବନ୍ଧକ ଲଗାଇଥିଲେ ଏବଂ ସେଠାରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ନଜର ରଖିଥିଲେ। ସୀମାରେ ଚୀନ୍ ସହ ସାମରିକ ବିବାଦ ପରେ ବ୍ୟବସାୟିକ ସ୍ଥିତି ସ୍ୱାଭାବିକ ହୋଇପାରିବ ନାହିଁ। ଏଲ୍‌ଆଇସି ପରି କମ୍ପାନୀଗୁଡିକରେ ଚୀନ୍‌ର ବିନିଯୋଗ ବିପଦପୂର୍ଣ୍ଣ ହୋଇପାରେ। ପୁଞ୍ଜି ବିନିଯୋଗ କିପରି ବନ୍ଦ ହୋଇପାରିବ ସେ ନେଇ ଆଲୋଚନା ଚାଲିଛି। ବଜେଟରେ ପ୍ରସ୍ତାବିତ ଖର୍ଚ୍ଚର ପରିଚାଳନା ପାଇଁ ସରକାର ଚଳିତ ଆର୍ଥିକବର୍ଷରେ ଏଲ୍‌ଆଇସିର ଆଇପିଓରୁ ୯୦,୦୦୦ କୋଟି ଟଙ୍କା ସଂଗ୍ରହ କରିପାରିବେ। ଏଥିପାଇଁ ସରକାର ଏହାର ୫ ରୁ ୧୦% ଅଂଶଧନ ବିକ୍ରି କରିବାକୁ ବିଚାର କରୁଛନ୍ତି। ପ୍ରଚଳିତ ନିୟମ ଅନୁଯାୟୀ, ବିଦେଶୀ ନିବେଶକମାନେ ଏଲ୍‌ଆଇସିରେ ନିବେଶ କରିପାରିବେ ନାହିଁ, କିନ୍ତୁ ସରକାର ସେମାନଙ୍କୁ ଆଇପିଓରେ ୨୦%ପର୍ଯ୍ୟନ୍ତ ଅଂଶଧନ କିଣିବାକୁ ଅନୁମତି ଦେଇପାରିବେ। ଚାଇନାର ପୁଞ୍ଜି ନିବଶେକୁ ରୋକିବା ପାଇଁ ସରକାର ଏଲଆଇସି ଏଫ୍‌ଡିଆଇର ବର୍ତ୍ତମାନର ଆଇନରେ ସଂଶୋଧନ କରିପାରିବେ କିମ୍ବା ଏକ ନୂତନ ନିୟମ କରିପାରିବେ।

# ଇତିହାସ ରଚିଲା ପାରସ୍ ଡିଫେନ୍ସ ଆଇପିଓ

**ମୁମ୍ବଇ,୨୩।୯ (ଏଜେନ୍ସି):** ପାରସ୍ ଡିଫେନ୍ସର ଆଇପିଓ ସମସ୍ତ ରେକର୍ଡ ଭାଙ୍ଗିଛି। ଏହି ଆଇପିଓ ୩୦୪ ଗୁଣ ସବ୍‌ସ୍କ୍ରାଇବ୍ ହୋଇଛି। ଭାରତୀୟ ଆଇପିଓ ଇତିହାସରେ ଏହା ପ୍ରଥମ ଘଟଣା ଯେତେବେଳେ କି ସଲାସର ଟେକ୍ ନାମରେ ସର୍ବାଧିକ ରେକର୍ଡ ହୋଇଥିଲା। ୨୦୧୭ରେ ଏହି କମ୍ପାନୀର ଆଇପିଓ ୨୭୩ ଥର ସବ୍‌ସ୍କ୍ରାଇବ୍ ହୋଇଥିଲା। ତଥାପି ବର୍ତ୍ତମାନ ପର୍ଯ୍ୟନ୍ତ ୪ ଟି କମ୍ପାନୀ ଅଛି ଯାହା ୨୦୦ ଗୁଣରୁ ଅଧିକ ରେସପନ୍ସ ହାସଲ କରିଛି।

୨୦୧୮ରେ ଆପୋଲୋ ମାଇକ୍ରୋ ୨୪୮ ଥର, ୨୦୧୭ରେ ଆଷ୍ଟ୍ରନ୍ ପେପର ୨୪୧ ଥର ଏବଂ ଏମ୍‌ଟିଏଆର୍‌ର ଆଇପିଓ ସେହି ବର୍ଷରେ ୨୦୦ ଥର ସବ୍‌ସ୍କ୍ରାଇବ୍ ହୋଥିଲା। ପାରାସ୍ ଡିଫେନ୍ସ ମଧ୍ୟ ସେହି କମ୍ପାନୀ ଯିଏକି ଆଇପିଓ ଇତିହାସରେ ପ୍ରଥମ ଦିନରେ ସର୍ବାଧିକ ସବ୍‌ସ୍କ୍ରାଇବ୍ ହାସଲ କରିଛି। କମ୍ପାନୀ ୧୬୫ ଟଙ୍କାରୁ ୧୭୫ଟଙ୍କା ମୂଲ୍ୟରେ ଆଇପିଓ ଆଣିଥିଲା। କମ୍ପାନୀର ଆଇପିଓ ବହୁତ ମହଙ୍ଗା। ଅର୍ଥାତ୍ ନିବେଶକମାନେ ଗୋଟିଏ ଅଂଶଧନ ପାଇଁ ୪୨ ଟଙ୍କା ଦେଉଛନ୍ତି। ଆହୁରି ମଧ୍ୟ, ଗତ ତିନି ବର୍ଷ ମଧ୍ୟରେ କମ୍ପାନୀର ରାଜସ୍ୱ ଏବଂ ଲାଭ କ୍ରମାଗତ ଭାବେ ହ୍ରାସ ପାଇଛି। ଅନେକ ବ୍ରୋକରେଜ୍ ସଂସ୍ଥା ଏହି ସମସ୍ୟାଠାରୁ ଦୂରରେ ରହିବାକୁ ପରାମର୍ଶ ଦେଇଛନ୍ତି।

ପାରସ୍ ଡିଫେନ୍ସ ଆଇପିଓରେ ମୋଟ ୭୧.୪୦ ଲକ୍ଷ ସେୟାର ଜାରି କରାଯାଇଛି। ଏହାର ପ୍ରତିବଦଳରେ, ଏହା ୨୧୭.୦୨ କୋଟି ସେୟାର ପାଇଁ ବିଡ୍ ଗ୍ରହଣ କରିଛି। ଅର୍ଥାତ୍ ୧୭୦କୋଟି ଟଙ୍କା ବଦଳରେ କମ୍ପାନୀ ୩୮ ହଜାର କୋଟି ଟଙ୍କାରୁ ଅଧିକ ଟେଣ୍ଡର ପାଇଛି। ଆଇପିଓ ଆରମ୍ଭ ହେବା ପୂର୍ବରୁ ଦେଶର ଫଣ୍ଡ ହାଉସ୍ ଏବଂ ଅନ୍ୟାନ୍ୟ ଅନୁଷ୍ଠାନିକ ନିବେଶକମାନେ ଆଙ୍କର ନିବେଶକମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖାଇଥିଲେ। ଆଙ୍କର୍ ନିବେଶକମାନଙ୍କ ପାଇଁ କମ୍ପାନୀ ୧୭୫ଟଙ୍କା ମୂଲ୍ୟରେ ୨୯.୨୭ ଲକ୍ଷ ସେୟାର ଜାରି କରିଛି।

### ବଦଳିଲା ପାରିବାରିକ ପେନସନ୍ ନିୟମ

# ନାବାଳକ ପାଇପାରିବେ ସୁବିଧା





**ନୂଆଦିଲ୍ଲୀ ୨୩।୯ (ଏଜେନ୍ସି):** ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ କେନ୍ଦ୍ର ସରକାର ପାରିବାରିକ ପେନସନ୍ ନିୟମରେ ସଂଶୋଧନ ଘୋଷଣା କରିଛନ୍ତି। ଏଥିରେ କୌଣସି ସରକାରୀ କର୍ମଚାରୀ ଓ ତାଙ୍କ ପତ୍ନୀ ଯଦି ହତ୍ୟା ଆଦି ଅପରାଧିକ ମାମଲାରେ ଅଭିଯୁକ୍ତ ଥାନ୍ତି ସେ କ୍ଷେତ୍ରରେ ତାଙ୍କ ପାରିବାରିକ ପେନସନ୍ ବନ୍ଦ ରହିଥାଏ। ସଂଶୋଧିତ ନିୟମାନୁଯାୟୀ, ଏଭଳି କ୍ଷେତ୍ରରେ ସେମାନଙ୍କ ଉପରେ ଆଶ୍ରିତ ନାବାଳକ ପେନସନ ଉଠାଣ କରିପାରିବେ। ଆଇନତଃ ନିଯୁକ୍ତ ଅଭିଭାବକଙ୍କ ମାଧ୍ୟମରେ ସେ ଏହି ଅର୍ଥ ରାଶି ଉଠାଇପାରିବେ। ଜନ ଅଭିଯୋଗ ଓ ପେନସନ ମନ୍ତ୍ରାଳୟଙ୍କ ପେନସନଭୋଗୀ କଲ୍ୟାଣ ବିଭାଗ (ଡିଓପିପିଡବ୍ଲ୍ୟୁ) ପୂର୍ବରୁ ଏଭଳି ଅଭିଯୋଗ କ୍ଷେତ୍ରରେ ପେନସନଧାରୀଙ୍କୁ ଅପରାଧିକ କାର୍ଯ୍ୟାନୁଷ୍ଠାନ ଶେଷ ହେବା ପର୍ଯ୍ୟନ୍ତ ପେନସନର ଅନୁମତି ଦେଉ ନ ଥିଲେ ଏବଂ ପରିବାରର ଅନ୍ୟ ସଦସ୍ୟଙ୍କୁ ମଧ ପେନ୍‌ସନ୍ ବାବଦ ଅର୍ଥ ପ୍ରଦାନ କରାଯାଉ ନ ଥିଲା। ଏ ନେଇ ଗତ ଜୁଲାଇ ୧୩ ତାରିଖରେ ଡିଓପିପିଡବ୍ଲ୍ୟୁ ଏକ କାର୍ଯ୍ୟାଳୟ ଜ୍ଞାପନ (ଓଏମ)ରେ ଏ ନେଇ ସୂଚିତ କରାଇଛନ୍ତି। ତେବେ ଆଇନ ବିଭାଗର ପରାମର୍ଶରେ ଓଏମର ସମୀକ୍ଷା କରାଯାଇଥିଲା। ଯେଉଁଥିରେ କାର୍ଯ୍ୟାଳୟ ଜ୍ଞାପନରେ ଲିଖିତ ପ୍ରାବଧାନର ସମୀକ୍ଷା ହୋଇଥିଲା। ଯେଉଁଥିରେ ବ୍ୟକ୍ତି ଯଦି ପରବର୍ତ୍ତି ସମୟରେ ଅଭିଯୋଗରୁ ମୁକ୍ତ ହୁଅନ୍ତି ତେବେ ତାଙ୍କୁ ମୁକ୍ତ ହେବା ତାରିଖରୁ ପୁଣି ପାରିବାରିକ ପେନସନ୍ ଦିଆଯିବାର ବ୍ୟବସ୍ଥା ଥିବାର ସୂଚିତ କରାଯାଇଥିଲା। ତେବେ ଏଥିରେ ସଂଶୋଧନ କରାଯାଇ ନିର୍ଭରଶୀଳ ନାବାଳକ ଅଥବା ବାଳିକା ଉପଯୁକ୍ତ ଅଭିଭାବକଙ୍କ ଜରିଆରେ ଏହି ସୁବିଧା ପ୍ରାପ୍ତ କରିପାରିବେ ବୋଲି କୁହାଯାଇଛି।

## ନିମ୍ନମୁଖୀ ରେଟିଂକୁ ନେଇ ଚିନ୍ତା

# ଅପଗ୍ରେଡ୍ ପାଇଁ ୨୮ ରେ ମୁଡିସ୍-ସରକାର ଆଲୋଚନା

**ନୂଆଦିଲ୍ଲୀ,୨୩।୯ (ଏଜେନ୍ସି):** ଦେଶର ରେଟିଂ ନିମ୍ନମୁଖୀ ରହିଛି। ଏହାକୁ ନେଇ ଚିନ୍ତା ପ୍ରକଟ କଲେଣି କେନ୍ଦ ସରକାର। କାରଣ ଏହାର ପ୍ରଭାବ ବିଭିନ୍ନ କ୍ଷେତ୍ରରେ ପଡ଼ିବାକୁ ଯାଉଛି। ଏହି ରେଟିଂରେ ଅପ୍‌ଗ୍ରେଡ୍ କରାଯିବା ନିତାନ୍ତ ଜରୁରୀ। ଏଥିପାଇଁ କେନ୍ଦ୍ର ଅର୍ଥ ମନ୍ତ୍ରାଳୟ ଦେଶର ରେଟିଂରେ ହୋଇଥିବା ହ୍ରାସକୁ ଏବେ ଅପଗ୍ରେଡ୍ କରିବାକୁ ଚେଷ୍ଟା ଚାଲିଛି। ରିପୋର୍ଟ ଅନୁଯାୟୀ, ଅର୍ଥ ମନ୍ତ୍ରାଳୟ ଅନ୍ତର୍ଜାତୀୟ ରେଟିଂ ଏଜେନ୍ସି ମୁଡିସ୍ ଇନଭେଷ୍ଟର୍ ସର୍ଭିସେସ୍ ସହିତ ଏ ବିଷୟରେ ଚଳିତମାସ ୨୮ ରେ ଆଲୋଚନା କରିବାର ସମ୍ଭାବନା ରହିଛି। ଦେଶରେ ହୋଇଥିବା ଆର୍ଥିକ ପୁନରୁଦ୍ଧାରକୁ ଦୃଷ୍ଟିରେ ରଖି ଅର୍ଥ ମନ୍ତ୍ରାଳୟର ଅଧିକାରୀମାନେ ରେଟିଂ ଏଜେନ୍ସିକୁ ରେଟିଂ ଅପଗ୍ରେଡ୍ ମାଗିପାରିବେ। ଏହାପରେ ଯାଇ ଏଜେନ୍ସି ଏକ ରେଟିଂ ଅପଗ୍ରେଡ୍ ବିଷୟରେ ଚିନ୍ତା କରିପାରିବ।




ମୁଡିସ୍ ଗତ ବର୍ଷ ଜୁନ୍ ମାସରେ ଭାରତର ସାର୍ବଭୌମତ୍ୱ ମୂଲ୍ୟାୟନକୁ ହ୍ରାସ କରିଥିଲା। ସେତେବେଳେ କରୋନା ପ୍ରଥମ ପର୍ଯ୍ୟାୟ ଯୋଗୁଁ ଦେଶର ଅର୍ଥନୀତିରେ ଖରାପ ପ୍ରଭାବ ପକାଇବାର ସମ୍ଭାବନା ରହିଥିଲା। ଏହି କାରଣରୁ ମୁଡିସ୍ ଭାରତର ରେଟିଂକୁ ବା-୨ ରୁ ବା-୩କୁ ଡାଉନଗ୍ରେଡ୍ କରିଥିଲା।

ଗତ ବର୍ଷ ମୁଡିସ୍ କୋଭିଡ୍ -୧୯ କାରଣରୁ ଭାରତର କ୍ରେଡିଟ୍ ପ୍ରୋଫାଇଲ୍ ଦୁର୍ବଳ ହେବାର ଆଶା କରାଯାଉଥିଲା। ଅବଶ୍ୟ, ସେହି ସମୟରେ ମୁଡିସ୍ ଅନ୍ୟ ୩୫ ଦେଶର ରେଟିଂକୁ ମଧ୍ୟ ଡାଉନଗ୍ରେଡ୍ କରିଥିଲା। ଆଗାମୀ ଦୁଇ ବର୍ଷ ପାଇଁ ଭାରତର ସାର୍ବଭୌମ ରେଟିଂରେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ମୁଡିସ୍ କହିଛି। ରେଟିଂ ଏଜେନ୍ସିର କହିବାନୁଯାୟୀ, କୋଭିଡର ଦ୍ୱିତୀୟ ଲହର ଅର୍ଥନୀତିର ପୁନରୁଦ୍ଧାରରେ ବାଧା ସୃଷ୍ଟି କରିପାରେ। ଅଗଷ୍ଟରେ ମୁଡିସ୍ ଗ୍ଲୋବାଲ୍ ମାକ୍ରୋ ଆଉଟଲୁକ୍ ୨୦୨୧-୨୨କୁ ଅପଡେଟ୍ କରିବା ସମୟରେ ୨୦୨୧ରେ ଭାରତର ଅଭିବୃଦ୍ଧି ୯.୬% ହେବ ବୋଲି ଆକଳନ କରିଥିଲା। ତେବେ ୨୦୨୨ରେ ଏହା ୭% ରହିପାରେ। ୨୦୨୦-୨୧ରେ ଭାରତର ଅର୍ଥନୀତି ୭.୩% ହ୍ରାସ ପାଇଛି। ଏହି ଆର୍ଥିକବର୍ଷରେ, ଅର୍ଥନୀତିର ଅଭିବୃଦ୍ଧି ୧୦% ରୁ ଅଧିକ ହେବ ବୋଲି ଆକଳନ କରାଯାଇଛି।

### ନାସ୍‌ଡାକ୍‌ରେ ଭାରତୀୟ ଷ୍ଟାର୍ଟଅପ୍ ଫ୍ରେଶୱାର୍କସ ଲିଷ୍ଟିଂ

# ଗୋଟିଏ ଝଟ୍‌କାରେ ୫୦୦ କର୍ମଚାରୀ କୋଟିପତି

**ୱାଶିଂଟନ୍,୨୩।୯ (ଏଜେନ୍ସି):** ଭାରତୀୟ ଟେକ୍ ସଫ୍ଟୱେର୍ ନିର୍ମାତା ଫ୍ରେଶୱାର୍କସ ଏବେ ଆମେରିକା ଷ୍ଟକ ବଜାର ନାସ୍‌ଡାକ୍‌ରେ ଲିଷ୍ଟିଂ ହୋଇଛି। ଏହାର ପ୍ରଭାବରେ କମ୍ପାନୀର ୫୦୦ କର୍ମଚାରୀ ହୋଇଯାଇଛନ୍ତି କୋଟିପତି। ନାସଡାକ୍‌ରେ ଫ୍ରେଶୱାର୍କସର ସେୟାର ତାଲିକାଭୁକ୍ତ ହୋଇଥଛି। ଏହି କାରଣରୁ କର୍ମଚାରୀମାନେ ରଖିଥିବା କମ୍ପାନୀର ସେୟାରରର ମୂଲ୍ୟ ହଠାତ୍ ବୃଦ୍ଧି ପାଇଛି। ୫୦୦ କର୍ମଚାରୀଙ୍କ ମଧ୍ୟରୁ ଯେଉଁମାନେ କୋଟିପତି ହୋଇଛନ୍ତି, ସେମାନଙ୍କ ମଧ୍ୟରୁ ୭୦ କର୍ମଚାରୀଙ୍କ ବୟସ ବର୍ଷ ବୟସରୁ କମ୍ | ଏହି କର୍ମଚାରୀମାନେ କଲେଜ ଡିଗ୍ରୀ ସମାପ୍ତ କରିବା ପରେ କିଛି ବର୍ଷ ପୂର୍ବରୁ କମ୍ପାନୀରେ ଯୋଗ ଦେଇଥିଲେ | କମ୍ପାନୀ ଆଇପିଓ ମାଧ୍ୟମରେ ୧.୦୩ ବିଲିୟନ ଡଲାର ଅର୍ଥ ସଂଗ୍ରହ କରିଛି। ତାମିଲନାଡୁର ଛୋଟ ସହର ତ୍ରିଚିରେ ୭୦୦ ବର୍ଗଫୁଟର ଏକ ଗୋଦାମ ଘରରୁ ଆରମ୍ଭ ହୋଇଥିଲା ଫ୍ରେଶୱାର୍କସର କାରବାର। ବର୍ତ୍ତମାନ କମ୍ପାନୀର କାର୍ଯ୍ୟାଳୟ ଚେନ୍ନାଇ, ଭାରତ ଏବଂ କାଲିଫର୍ଣ୍ଣିଆରେ ରହିଛି। ବୁଧବାର ନାସଡାକ୍‌ରେ ଫ୍ରେଶୱାର୍କସ ସେୟାର ପିଛା ମୂଲ୍ୟ ୩୬ ଡଲାରରେ ପହଞ୍ଚିଛି। ଏହା କମ୍ପାନୀର ବଜାର ପୁଞ୍ଜିକୁ ୧୩ ବିଲିୟନ ଡ଼ଲାରକୁ ବୃଦ୍ଧି କରିଛି। ଯାହା କର୍ମଚାରୀଙ୍କ ଦ୍ୱାରା ପ୍ରାପ୍ତ ସେୟାରର ମୂଲ୍ୟ ମଧ୍ୟ ବୃଦ୍ଧି କରିଛି। କମ୍ପାନୀ ଆଇପିଓ ଜରିଆରେ ୨.୮୫ କୋଟି ସେୟାର ବିକ୍ରି କମ୍ପାନୀର ସିଇଓ ଗିରିଶ ମାଟ୍ରୁବୁଥମ୍ କହିଛନ୍ତି ଯେ, କମ୍ପାନୀର କର୍ମଚାରୀ ଏବଂ ନିବେଶକମାନେ ଆମ ଉପରେ ବିଶ୍ୱାସ କରୁଥିଲେ, ଯାହା ବର୍ତ୍ତମାନ ସେମାନଙ୍କ ପାଇଁ ଲାଭବାନ ହୋଇଛି। ବର୍ତ୍ତମାନ ଜନସାଧାରଣ ନିବେଶକଙ୍କ ପ୍ରତି ମୋର ଏକ ନୂତନ ଦାୟିତ୍ୱ ଅଛି, କାରଣ ଏହି ଲୋକମାନେ କମ୍ପାନୀର ଭବିଷ୍ୟତରେ ବିନିଯୋଗ କରିଛନ୍ତି। ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିବା ସମୟରେ ଜଣେ ଅନୁଭବ କରୁଥିବା ପରି ସେ ଏହି ମୁହୂର୍ତ୍ତରେ ଅନୁଭବ କରୁଥିବା କହିଛନ୍ତି। ଫ୍ରେଶୱାର୍କସ, ଇନଫୋସିସ୍, ୱିପ୍ରୋ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଡକ୍ଟର ରେଡ୍ଡୀଙ୍କ ଲ୍ୟାବ ଭଳି କମ୍ପାନୀ ଏହି ତାଲିକାରେ ଯୋଗ ଦେଇଛନ୍ତି। ସେଗୁଡ଼ିକର ସମସ୍ତ ଆମେରିକାର ନାସଡାକ୍ ଏକ୍ସଚେଞ୍ଜରେ ତାଲିକାଭୁକ୍ତ। ୧୯୯୯ରେ ନାସଡାକ୍ ଏକ୍ସଚେଞ୍ଜରେ ଇନଫୋସିସ୍ ତାଲିକାଭୁକ୍ତ ହୋଇଥିଲା। ଆମେରିକାର ନାସଡାକ୍ ଷ୍ଟକ୍ ଏକ୍ସଚେଞ୍ଜରେ ତାଲିକାଭୁକ୍ତ ହୋଇଥିବା ଫ୍ରେସ୍ ୱାର୍କ ହେଉଛି ପ୍ରଥମ ଭାରତୀୟ ସଫ୍ଟୱେର କମ୍ପାନୀ।

## ସର୍ବକାଳୀନ ରେକର୍ଡ ସହ ଚମକିଲା ଷ୍ଟକ ବଜାର

# ଷାଠିଏ ହଜାର ପଏଣ୍ଟ ଛୁଇଁବ ସେନ୍‌ସେକ୍ସ

**ମୁମ୍ବଇ,୨୩।୯ (ଏଜେନ୍ସି):** ଘରୋଇ ପୁଞ୍ଜିବଜାରରେ ଉତ୍ସାହଧାରା ଫେରିଛି। ଘରୋଇ ଷ୍ଟକ ବଜାର ଦଲାଲ ଷ୍ଟ୍ରିଟ୍‌ରେ ପ୍ରତିଷ୍ଠା ହୋଇଛି ସର୍ବକାଳୀନ ରେକର୍ଡ। ଚମକିଛି ପୁଞ୍ଜି ବଜାର। ନିବେଶକ ହୋଇଛନ୍ତି ମାଲେମାଲ। କାରଣ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) ସେନ୍‌ସେକ୍ସ ଖୁବ୍ ଶୀଘ୍ର ଏହାର ଐତିହାସକ ରେକର୍ଡ ସ୍ତର ୬୦,୦୦୦ ପଏଣ୍ଟ ସ୍ତର ଛୁଇଁବାକୁ ଯାଉଛି। ପୂର୍ବରୁ ପ୍ରଥମ ଥର ପାଇଁ ୫୯,୦୦୦ ପଏଣ୍ଟ ସ୍ତର ଅତିକ୍ରମ କରି ନୂଆ ସର୍ବକାଳୀନ ରେକର୍ଡ ପ୍ରତିଷ୍ଠା କରିଥିବା ସେନ୍‌ସେକ୍ସ ଆଜି ପୁଣି ଥରେ ରେକର୍ଡ ୯୫୮ ପଏଣ୍ଟ ବୃଦ୍ଧି ଘଟିଛି। ଏହାଛଡା ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟିରେ ମଧ୍ୟ ଏଭଳି ବୃଦ୍ଧି ଘଟି ୧୮,୦୦୦ ପଏଣ୍ଟ ନିକଟତର ହୋଇଛି।

ଗୁରୁବାର ସେନ୍‌ସେକ୍ସ କାରବାରରେ ୯୫୮ ପଏଣ୍ଟ ବୃଦ୍ଧି ଘଟି ସୂଚକାଙ୍କ ୫୯,୯୫୭ ପଏଣ୍ଟ ଉପରେ ପହଞ୍ଚିଛି। ଆଜି କାରବାର ଶେଷ ବେଳକୁ ସେନ୍‌ସେକ୍ସରେ ୯୫୮ ପଏଣ୍ଟ ବୃଦ୍ଧି ଘଟି ୫୯,୮୮୫.୩୬ ପଏଣ୍ଟରେ କାରବାର ଶେଷ ହୋଇଛି। ଦିନର କାରବାର ମଧ୍ୟରେ ସେନ୍‌ସେକ୍ସରେ ୧୦୩୦ ପଏଣ୍ଟ ବୃଦ୍ଧି ଘଟି ସର୍ବକାଳୀନ ରେକର୍ଡ ୫୯,୯୫୭.୩୬ ପଏଣ୍ଟ ଯାଏ କାରବାର ଛୁଇଁଥିଲା। ପୁଞ୍ଜିବଜାରରେ ଆଜିର ଏଭଳି ପ୍ରଦର୍ଶନରେ ଦଲାଲ ଷ୍ଟ୍ରିଟ୍‌ରେ ନିବେଶକମାନେ ଉତ୍ସାହିତ। ଏହାପରେ ଭାରତୀୟ ଷ୍ଟକ୍ ବଜାରରେ ଆଜି ନିବେଶକଙ୍କ ସମ୍ପତ୍ତିରେ ବୃହତ୍ ବୃଦ୍ଧି ଘଟିଥିବା ଜଣାଯାଇଛି। ଆମେରିକୀୟ ଫେଡେରାଲ ରିଜର୍ଭ ବୈଠକର ଅବ୍ୟବହିତ ପୂର୍ବରୁ ନିବେଶକମାନେ ଉତ୍ସାହିତ ହୋଇଥିବାରୁ ବିଶ୍ୱର ଅଧିକାଂଶ ପୁଞ୍ଜି ବଜାରରେ କାରବାରରେ ବୃଦ୍ଧି ଦେଖାଦେଇଥିଲା। ଆଜିର କାରବାରରେ ଆଇଟି, ଧାତବ, ପୁଞ୍ଜି ସାମଗ୍ରୀ, ତୈଳ ଏବଂ ଗ୍ୟାସ୍ ଆଦି କ୍ଷେତ୍ରର ଷ୍ଟକଗୁଡିକର ମୂଲ୍ୟରେ ବୃହତ୍ ବୃଦ୍ଧି ଘଟିଥିଲା। ସେହିପରି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟିରେ ୨୭୬.୩୦ ପଏଣ୍ଟ ବୃଦ୍ଧି ଘଟି ଏହା ୧୭,୮୨୩ ପଏଣ୍ଟରେ କାରବାର ଶେଷ ହୋଇଛି। ତେବେ ଗୁରୁବାର ଏସୀୟ ସମେତ ୟୁରୋପୀୟ ବଜାରରେ କାରବାର ଉତ୍ସାହଜନକ ରହିଥିଲା।



- ସେନ୍‌ସେକ୍ସରେ ୯୫୮ ପଏଣ୍ଟ ବୃଦ୍ଧି
- ନିଫ୍ଟି ୧୮,୦୦୦ ପଏଣ୍ଟ ଛୁଇଁଲା
- ନିବେଶକ ମାଲେମାଲ





# ମା’ ଓ ଝିଅଙ୍କୁ ବାନ୍ଧି ବାଡ଼େଇଲେ ଲୋକେ

**ଅସୁରେଶର, ୨୩।୯ (ସମିସ):** କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଓରତି ଗ୍ରାମରେ ଅଭାବନୀୟ ଘଟଣାକ୍ରମରେ ପୀଡ଼ିତ ଏକ ପରିବାରକୁ ପୁଅକୁ ଗିରଫ କରିଛି ପୁଲିସ। ଜଣେ ପୁତ୍ରର ପ୍ରରୋଚନାରେ କେତେକ ଲୋକେ ତା’ର ଓ ଭଉଣୀଙ୍କୁ ଗାଁ ଦାଣ୍ଡରେ ଏକ ଖୁଣ୍ଟରେ ବାନ୍ଧି ନିସ୍ତୁକ ମାଡ଼ ମାରିଥିବା ନରେନ୍ଦ୍ରପୁର ଫାଣ୍ଡିରେ ଅଭିଯୋଗ ହୋଇଥିଲା। ଏନେଇ ପୁଲିସ ଓରତି ଗ୍ରାମର ଉକ୍ତ ପରିବାର ପୁଅ ସଞ୍ଜୟ ଖୁଣ୍ଟିଆକୁ ଗୁରୁବାର ଗିରଫ କରିଛି।

ଅଭିଯୋଗ ଅନୁସାରେ, ସଞ୍ଜୟ ତା’ର ମା’, ବାପା ଓ ଭଉଣୀକୁ ଖାଇବାକୁ ନଦେଇ ବିଭିନ୍ନ ନିର୍ଯାତନା ଦେଉଥିଲା। ନିର୍ଯାତନା ସହି ନପାରି ମା’ ମୀନତି ଖୁଣ୍ଟିଆ ନେମାଲୋ ଥାନାରେ ପୁତ୍ର ସଞ୍ଜୟଙ୍କ ନାମରେ ଅଭିଯୋଗ କରିବା ପରେ ସେ କ୍ରୋଧାନ୍ୱିତ ହୋଇ ନିଜେ ଓ ଅନ୍ୟ କେତେକ ଲୋକଙ୍କ ଦ୍ୱାରା ଏଭଳି ମାଡ଼ ମରାଇଥିଲା। ପୁଲିସ ଉକ୍ତ ଅଭିଯୋଗକୁ ଭିତ୍ତି କରି ୧୧ ଜଣଙ୍କ ନାମରେ ମାମଲା ରୁଜୁ କରି ପରବର୍ତୀ ସମୟରେ ସେମାନଙ୍କୁ ଥାନାରେ ୪୧ ଦଫା ଅନୁଯାୟୀ ଜାମିନ୍ ଦେଇଥିଲା। ଯାହାଦ୍ୱାରା ଏହି ୧୧ ଜଣ ଆସାମୀ କୌଣସି ଦଣ୍ଡ ନପାଇ ଖସିଯିବାରୁ ଅଧିକ ସାହସ ପାଇ ବୁଧବାର ସକାଳେ ପୁନର୍ବାର ମା’ ଓ ଝିଅଙ୍କୁ

- ଅଭିଯୁକ୍ତ ପୁଅକୁ ବାନ୍ଧିଲା ପୁଲିସ
- ୧୧ ଜଣଙ୍କ ନାଁରେ ମାମଲା

ବିଭିନ୍ନ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରି ଧମକଚମକ ଦେଇଥିଲେ। ଏ ସଂକ୍ରାନ୍ତରେ ପୁନର୍ବାର ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନଥିଲା। ଅପପକ୍ଷରେ ମୀନତି, ତାଙ୍କ ସ୍ୱାମୀ ଓ ଝିଅର ଜୀବନ ଅସୁରକ୍ଷିତ ଥିବାରୁ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହେବେ ବୋଲି କହିଥିଲେ। ଗୁରୁବାର ପୁଲିସ ଏହି ମାମଲାରେ ପୁଅ ସଞ୍ଜୟକୁ ଗିରଫ କରିଛି। ତେବେ, ଘଟଣାରେ ସମ୍ପୃକ୍ତ ଅନ୍ୟ ୧୧ ଜଣଙ୍କୁ ପୁଲିସ୍ ଧରିବାରେ ପ୍ରୟାସ ଜାରି ରଖିଛି।

# ବସୁନ୍ଧରା ନଦୀରେ ସେତୁ ନିର୍ମାଣ ପାଇଁ ଅନୁମତି

**ଭୁବନେଶ୍ୱର,୨୩।୯ (ସମିସ):** ରାୟଗଡ଼ା ଜିଲ୍ଲାରେ ଗୁଣପୁର ଗୁମୁଡ଼ା ରୋଡ୍ -ଗୁଡାରୀ ରାସ୍ତାରେ ବସୁନ୍ଧରା ନଦୀ ଉପରେ ଏକ ସୁଉଚ୍ଚ ସେତୁ ନିର୍ମାଣ କରାଯିବ। ନାବାର୍ଡ ଅଧୀନରେ ନିର୍ମାଣ ହେବାକୁ ଥିବା ଏହି ସେତୁ ପାଇଁ ୨୭.୯୬ କୋଟି ଟଙ୍କାର ବ୍ୟୟ ଅଟକଳକୁ ପ୍ରଶାସନିକ ଅନୁମୋଦନ ଦିଆଯାଇଛି। ଏହି ସେତୁ ଗୁଡ଼ାରୀ ଏନ୍ଏସି ଏବଂ ଉକ୍ତ ଅଞ୍ଚଳର ଅନ୍ୟାନ୍ୟ ଗ୍ରାମଗୁଡିକର ଜନସାଧାରଣଙ୍କ ପାଇଁ ସଂଯୋଗ ଯୋଗାଇଦେବ ବୋଲି ଜଣାପଡ଼ିଛି। ଏନେଇ ଗୁରୁବାର ପୂର୍ତ୍ତ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଲୋଇସିଂହା ରେଞ୍ଜର ଓ ଫରେଷ୍ଟର ନିଲମ୍ବିତ

**ବଲାଙ୍ଗିର, ୨୩।୯ (ସମିସ):** ବଲାଙ୍ଗିର ଜିଲ୍ଲା ଲୋଇସିଂହା ଫରେଷ୍ଟ ରେଞ୍ଜରେ ଦୀର୍ଘ ଦିନ ହେଲା ଚାଲିଥିବା ଅରାଜକତା ଓ ଦୁର୍ନୀତି ବିରୋଧରେ ବନ ବିଭାଗ ନେଇଛି ବଡ଼ କାର୍ଯ୍ୟାନୁଷ୍ଠାନ। ଲୋଇସିଂହା ଫରେଷ୍ଟର ଓ ରେଞ୍ଜରଙ୍କୁ ନିଲମ୍ବନ କରାଯାଇଛି। ଲୋଇସିଂହା ଓ ସାଲେଭଟା ସେକ୍ସନ ଦାୟିତ୍ୱରେ ଥିବା ଫରେଷ୍ଟର ମଧୁସୂଦନ ଗଡ଼ୁଆଙ୍କୁ ଡିଏଫଓଙ୍କ ସୁପାରିସକ୍ରମେ ଆରସିସିଏଫ ଏହି ଆଦେଶ ଦେଇଛନ୍ତି। ସେହିପରି ସରକାରୀ କାର୍ଯ୍ୟରେ ଅବହେଳା କରିଥିବା ଅଭିଯୋଗରେ ଲୋଇସିଂହା ରେଞ୍ଜର ରାଜକିଶୋର ନାଏକଙ୍କୁ



ନିଲମ୍ବିତ ଫରେଷ୍ଟର ମଧୁସୂଦନ ଗଡ଼ୁଆ

‘ସକାଳ’ ପ୍ରଭାବ

- ବନୀକରଣ ପ୍ରକଳ୍ପରେ ହୋଇଥିଲା ଦୁର୍ନୀତି ଅଭିଯୋଗ
- ତାଙ୍କ ସମୟରେ ବଢ଼ିଥିଲା କାଠ ମାଫିଆଙ୍କ ରାଜୁତି

ମଧ୍ୟ ନିଲମ୍ବିତ କରାଯାଇଛି।

ସୂଚନା ଅନୁସାରେ ଲୋଇସିଂହା ରେଞ୍ଜ ଅଧୀନ ଲୋଇସିଂହା ଓ ସାଲେଭଟା ସେକ୍ସନ ଦାୟିତ୍ୱରେ ରହିଥିଲେ ଫରେଷ୍ଟର ମଧୁସୂଦନ ଗଡ଼ୁଆ। କିଛି ବର୍ଷ ପୂର୍ବରୁ ସେ ପଦୋନ୍ନତି ପାଇ ଦୀର୍ଘ ଦିନ ଧରି ସାଲେଭଟା ସେକ୍ସନ ଦାୟିତ୍ୱ ରହିଥିଲେ। ପରେ ତାଙ୍କ ଅନୁରୋଧ କ୍ରମେ ତତ୍କାଳୀନ ଡିଏଫଓ ସମୀରକାନ୍ତ ଶତପଥୀ ତାଙ୍କୁ ଲୋଇସିଂହା ଦାୟିତ୍ୱ ଦେଇଥିଲେ; କିନ୍ତୁ ସେ ସାଲେଭଟା ସେକ୍ସନରେ ଥିବାବେଳେ ରଫାଖାଳ ବନୀକରଣ ପ୍ରକଳ୍ପରେ ଅନେକ ଅନିୟମିତତା କରିବା ସହିତ ପ୍ରକଳ୍ପ ପୋଡିଥିବା ଦର୍ଶାଇ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ହୋଇଥିଲା। ଏନେଇ ଦୈନିକ ‘ସକାଳ’ରେ ତଥ୍ୟ ସହିତ ଖବର ପ୍ରକାଶ ପାଇଥିଲା। ପରେ ସେ କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିବା ପାଇଁ ମଧ୍ୟ ପ୍ରୟାସ କରିଥିଲେ। ଏପରିକି ଅନ୍ୟ ବନୀକରଣ କାମରେ ମଧ୍ୟ ସେ ଅନିୟମିତତା କରିଥିବା ଅଭିଯୋଗ ହୋଇଥିଲା। ଅନ୍ୟପକ୍ଷରେ ଉକ୍ତ ଦୁଇ ସେକ୍ସନରେ କିଛି ବର୍ଷ ହେଲା ବେଆଇନ କାଠ କାରବାର ମଧ୍ୟ ବୃଦ୍ଧି ପାଇଥିଲା। କାଠ ମାଫିଆଙ୍କ ସହିତ ଶ୍ରୀ ଗଡ଼ୁଆଙ୍କ ମଧୁର ସମ୍ପର୍କ ଥିବା ନେଇ ଚର୍ଚ୍ଚା ହୋଇଥିଲା। କିଛି ଦିନ ତଳେ ଡିଏଫଓ ନିଜେ ଲୋଇସିଂହା ରେଞ୍ଜଠାରୁ ଅଳ୍ପ ଦୂରରେ ଥିବା ଏକ ଗୋଦାମରେ ଚଢଉ କରିଥିଲେ। ଏହି ବେଆଇନ କାରବାରରେ ଫରେଷ୍ଟରଙ୍କ କାର୍ଯ୍ୟକଳାପକୁ ନେଇ ସନ୍ଦେହ ପ୍ରକାଶ ପାଇଥିବାବେଳେ ଚଢଉ ସମୟରେ ଡିଏଫଓ ଫରେଷ୍ଟରଙ୍କ ଉପରେ ବର୍ଷିଥିଲେ। ଏପରିକି ଚଢଉ ପରେ ଶ୍ରୀ ଗଡ଼ୁଆ ଉକ୍ତ କାଠ ଗୋଦାମ ମାଲିକଙ୍କୁ ଫେରାର କରିବାରେ ସହାୟତା କରିଥିଲେ। ତେବେ ସରକାରୀ କାର୍ଯ୍ୟରେ ତାଙ୍କର ଅବହେଳା କରିଥିବାରୁ ତାଙ୍କୁ ଡିଏଫଓ ନୀତିଶ କୁମାର ତାଙ୍କୁ ନିଲମ୍ବିତ କରିବା ପାଇଁ ଆରସିସିଏଫଙ୍କୁ ସୁପାରିସ କରିଥିଲେ। ଫଳରେ ତାଙ୍କୁ ଆଜି ନିଲମ୍ବିତ କରାଯାଇଛି। ତାଙ୍କ ସ୍ଥାନରେ ଲୋଇସିଂହା ଫରେଷ୍ଟରଭାବେ ଠଣସୁନ୍ଦର ଧରୁଆ ଓ ସାଲେଭଟା ଫରେଷ୍ଟର ଭାବେ ଚିତ୍ତରଞ୍ଜନ ଖମାରି ଯୋଗଦେଇଛନ୍ତି।

# ମୋଟୁ ଥାନା ଆଇଆଇସି ଗିରଫ

**କଟକ,୨୩।୯ (ସମିସ):** ମାଲକାନଗିରି ଜିଲ୍ଲା ମୋଟୁ ଥାନାଧିକାରୀ ସୁଶାନ୍ତ ସାହୁଙ୍କୁ ଆଜି ଗିରଫ କରିଛି ଭିଜିଲାନ୍ସ। ଆଜି ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତରେ ହାଜର କରାଯାଇଥିଲା। ଅଦାଲତ ତାଙ୍କୁ ଅକ୍ଟୋବର ୫ତାରିଖ ପର୍ଯ୍ୟନ୍ତ ବିଚାରବିଭାଗୀୟ ହାଜତକୁ ପଠାଇଦେଇଛନ୍ତି। ପ୍ରକାଶ ଯେ ବୁଧବାର ସନ୍ଧ୍ୟାରେ ଶ୍ରୀ ସାହୁ କାର ଯୋଗେ କଟକ ଫୁଲନଖରାସ୍ଥିତ ନିଜ ବାସଭବନକୁ ଆସୁଥିବା ବେଳେ ଖୋର୍ଦ୍ଧା



ନିକଟରେ ଭିଜିଲାନ୍ସ ଟିମ ତାଙ୍କୁ ଅଟକାଇଥିଲା। ଶ୍ରୀ ସାହୁ ବିପୁଳ ଅର୍ଥ ନେଇ ଆସୁଥିବା ସମ୍ପର୍କରେ ଭିଜିଲାନ୍ସ ପୂର୍ବରୁ ସୂଚନା ପାଇଥିଲା। ତେବେ ଭିଜିଲାନ୍ସ ଟିମ କାରକୁ ତଲାସି କରିବା ପରେ ସେଥିରେ ୨.୮ ଲକ୍ଷଟଙ୍କା ଥିବା ଜଣାପଡ଼ିଥିଲା। ଏହି ଟଙ୍କା ସମ୍ପର୍କରେ ଶ୍ରୀ ସାହୁ ଭିଜିଲାନ୍ସକୁ ସନ୍ତୋଷଜନକ ଉତ୍ତର ଦେଇ ନପାରିବାରୁ ଉକ୍ତ ଟଙ୍କାକୁ ଜବତ କରାଯାଇଥିଲା। ତାଙ୍କ କଟକସ୍ଥିତ ବାସଭବନ ସହ ମୋଟୁ ଓ ମାଲକାନାଗିରର ଦୁଇ ସ୍ଥାନରେ ଚଢଉ କରିଥିଲା ଭିଜିଲାନ୍ସ। ଏହି ଚଢଉ ସମୟରେ ଶ୍ରୀ ସାହୁ ତାଙ୍କ ପତ୍ନୀଙ୍କ ନାମରେ ନଖରା ଠାରେ ଏକ ଜମି କିଣିବା ପାଇଁ ୨୪ଲକ୍ଷ୯୦ହଜାର ଟଙ୍କା ସେଲ ଡିଡ୍ ପଞ୍ଜୀକରଣ କରିଥିବା ଜଣାପଡ଼ିଥିଲା। ଏହାକୁ ମଧ୍ୟ ଭିଜିଲାନ୍ସ ଜବତ କରିଥିଲା। ଭୁବନେଶ୍ୱର ଭିଜିଲାନ୍ସରେ ଏନେଇ ଏକ ମାମଲା ରୁଜୁ ହୋଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବଲାଙ୍ଗିରରେ ହେବ....

ସମ୍ପର୍କିତ ମତ ବିନିମୟ ନିମନ୍ତେ ବ୍ୟବସ୍ଥା କରାଯିବ। ଅନୁରୂପ ଭାବରେ ପ୍ଲାନେଟାରିୟମ୍‌ରେ ଛାତ୍ରଛାତ୍ରୀ ତଥା ଜନସାଧାରଣଙ୍କ ସକାଶେ ମହାକାଶ ଅଭିଯାନ, ବିଶ୍ୱବ୍ରହ୍ମାଣ୍ଡ ଏବଂ ବିବର୍ତ୍ତନ ଇତ୍ୟାଦି ନେଇ ବିଭିନ୍ନ ପ୍ରଦର୍ଶନ ବ୍ୟବସ୍ଥା ରହିବ ବୋଲି ମନ୍ତ୍ରୀ ଶ୍ରୀ ପଣ୍ଡା ଉଲ୍ଲେଖ କରିଛନ୍ତି। ଏନେଇ ଗୁରୁବାର ମନ୍ତ୍ରୀ ନିର୍ମାଣ ସ୍ଥଳ ପରିଦର୍ଶନ କରିବା ସହ ବିଭାଗୀୟ ଅଧିକାରୀମାନଙ୍କ ସହିତ ବିଶଦ ଆଲୋଚନା କରିଥିଲେ। ବିଜ୍ଞାନ ଓ କାରିଗରୀ ବିଭାଗର ବରିଷ୍ଠ ବୈଜ୍ଞାନିକ ଲକ୍ଷ୍ମୀନାରାୟଣ ପାଢ଼ୀ ମଧ୍ୟ ଉପସ୍ଥିତ ଥିଲେ। ପୂର୍ବରୁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ପଣ୍ଡା ୮ ଜଣ ଭିନ୍ନକ୍ଷମ ଦମ୍ପତିଙ୍କୁ ଅଢ଼େଇ ଲକ୍ଷ ଟଙ୍କା ଲେଖାଏଁ ବିବାହ ପ୍ରୋତ୍ସାହନ ସହାୟତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବଲାଙ୍ଗିର ଜିଲ୍ଲାପାଳ ଚଞ୍ଚଲ ରାଣା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନବକୃଷ୍ଣ ସାହୁ, ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ରଶ୍ମିରଞ୍ଜନ ସାହୁଙ୍କ ସମେତ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

### ସଫଳ ଆୟୋଜନର...

ସୁଯୋଗ ମିଳିଥିଲା। ବିଶ୍ୱର ଶ୍ରେଷ୍ଠ ୮ଟି ଦଳକୁ ନେଇ ଆୟୋଜିତ ଏହି ହକି ଟୁର୍ଣ୍ଣାମେଣ୍ଟ ସଫଳତାର ସହ ଆୟୋଜନ କରି ଓଡ଼ିଶା ସେତେବେଳେ ଦେଶ ବିଦେଶରେ ଖୁବ୍ ପ୍ରଶଂସିତ ହୋଇପାରିଥିଲା। ଏହାପରଠାରୁ ଓଡ଼ିଶା ଆଉ କେବେ ପଛକୁ ଫେରିଚାହିଁନି। ଗତ ଦଶନ୍ଧି ମଧ୍ୟରେ ରାଜ୍ୟ ଦେଶ ତଥା ବିଦେଶର ୧୪ରୁ ଉର୍ଦ୍ଧ୍ୱ ବଡ଼ ବଡ଼ କ୍ରୀଡ଼ା ପ୍ରତିଯୋଗିତାକୁ ଆୟୋଜିତ କରି ନିଜକୁ ବାରମ୍ବାର ପ୍ରମାଣିତ କରିଛି। କଳିଙ୍ଗ ଷ୍ଟାଡିୟମ ହିଁ ଭାରତୀୟ ହକି ଦଳର ସମସ୍ତ ଗୁରୁତ୍ୱପୂର୍ଣ୍ଣ ଆନ୍ତର୍ଜାତୀୟ ମ୍ୟାଚ ଆୟୋଜନ କରୁଛି। ୨୦୧୫ ମସିହାରେ ଇଣ୍ଡୋ ଜାପାନ ଟେଷ୍ଟ ସିରିଜ, ୨୦୧୭ ମସିହାରେ ଏଫଆଇଏଚ ହକି ୱାର୍ଲ୍ଡ ଲିଗ ଫାଇନାଲ, ୨୦୧୮ ମସିହାରେ ହକି ବିଶ୍ୱକପ, ୨୦୧୯ ରେ ଏଫଆଇଏଚ ସିରିଜ ଫାଇନାଲ ଓ ପୁରୁଷ ତଥା ମହିଳା ଦଳର ଅଲମ୍ପିକ କ୍ୱାଲିଫାୟର୍ସ, ୨୦୨୦ ରେ ଭାରତୀୟ ଦଳର ଏଫଆଇଏଚ ପ୍ରୋ ଲିଗ ମ୍ୟାଚ ଆୟୋଜିତ ହୋଇଛି। ସେହିପରି ୨୦୧୭ରେ କଳିଙ୍ଗ ଷ୍ଟାଡିୟମରେ ଏସିଆନ ଆଥଲେଟିକ୍ସ ଚମ୍ପିୟାନସିପ ଆୟୋଜିତ ହୋଇଛି। ଏହି ଇଭେଣ୍ଟରେ ଭାରତ ସହ ୪୨ ଟି ଦେଶର ୭୦୦ରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତ୍ ଯୋଗଦେଇଥିବା ବେଳେ ମାତ୍ର ୩ ମାସ ମଧ୍ୟରେ କଳିଙ୍ଗ ଷ୍ଟାଡିୟମକୁ ନୂଆ ରୂପ ଦିଆଯାଇପାରିଥିଲା। ସେହିପରି ୨୦୧୮ ମସିହାରେ ଚତୁରାଷ୍ଟ୍ରୀୟ ମହିଳା ଗୋଲ୍ଡ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ, ଦ୍ୱିତୀୟ ହିରୋ ସୁପର କପ ଫୁଟବଲ, ଅନ୍ତର୍ଜାତୀୟ ଟେନିସ ଟୁର୍ଣ୍ଣାମେଣ୍ଟ ସଫଳତାର ସହ ଭୁବନେଶ୍ୱରରେ ଆୟୋଜିତ ହୋଇପାରିଛି।

### ଭିସୁଟ୍‌ରେ ପୁଣି...

କ୍ଷତ ସୃଷ୍ଟି ହୋଇଥିଲା। ଏ ନେଇ ଛାତ୍ରଜଣଙ୍କ ଆଣ୍ଟି ର‌୍ୟାଗିଂ ସେଲ୍‌ରେ ଅଭିଯୋଗ କରିଥିଲେ। ଆହତ ଛାତ୍ରଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏହା ଜଣାପଡ଼ିବା ପରେ ଷ୍ଟୁଡେଣ୍ଟ୍ ୱେଲଫେୟାର ଡିନଙ୍କ ସହ ଆଲୋଚନା ଚାଲୁ ରହିଛି। ଏହା ପୂର୍ବରୁ ଗତ ୧୮ ତାରିଖରେ ଦ୍ୱିତୀୟ ବର୍ଷର ଛାତ୍ରବାସକୁ କିଛି ଶେଷ ବର୍ଷର ଛାତ୍ର ଧସେଇ ପଶିଥିଲେ। ସେମାନେ ହଷ୍ଟେଲ କବାଟ ବାଡେଇବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏଥିସହ କିଛି ଛାତ୍ରଙ୍କୁ ଦୁର୍ବ୍ୟବହାର ମଧ୍ୟ କରିଥିଲେ। ଗୋଟେପଟେ କରୋନା କଟକଣା ଯୋଗୁଁ ପ୍ରାୟ ଦେଢ ବର୍ଷ ହେବ ସ୍କୁଲ ଓ କଲେଜ ବନ୍ଦ ରହିଛି। କଟକଣା ସାମାନ୍ୟ କୋହଳ ହୋଇଥିବା ବେଳେ କଲେଜ ଓ ବିଶ୍ୱବିଦ୍ୟାଳୟ ଖୋଲା ଯାଇଛି। ପାଠପଢ଼ା ଉଦ୍ଦେଶ୍ୟରେ ଭିସୁଟ୍ ଶିକ୍ଷାନୁଷ୍ଠାନ ଖୋଲା ଯାଇଥିବା ବେଳେ ୫ ଦିନ ମଧ୍ୟରେ ୨ଟି ର‌୍ୟାଗିଂ ଅଭିଯୋଗ ହୋଇଛି। ତେବେ ଏହି ବିଶ୍ୱବିଦ୍ୟାଳୟର ଆଣ୍ଟି ର‌୍ୟାଗିଂ ସେଲ୍ କିଭଳି କାର୍ଯ୍ୟ କରୁଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ‘ମହାନଦୀ’କୁ ବିପଦକୁ...

କିଛି ଅନୁଦାନ ଆସିଛି। ମହାନଦୀକୁ ପ୍ରଦୂଷଣମୁକ୍ତ କରିବା ଲାଗି କୌଣସି ପ୍ରସ୍ତାବ ମଧ୍ୟ କେନ୍ଦ୍ର ସରକାରଙ୍କ ପକ୍ଷରୁ ମଗାଯାଇନାହିଁ। ସେହିପରି ରାଜ୍ୟ ସରକାର ମଧ୍ୟ ମହାନଦୀକୁ ପ୍ରଦୂଷଣମୁକ୍ତ କରିବା ଲାଗି କୌଣସି ସ୍ୱତନ୍ତ୍ର ଯୋଜନା ହାତକୁ ନେଇ ନ ଥିବା ସଂପୃକ୍ତ ଅଧିକାରୀ କହିଛନ୍ତି।

ପରିବେଶବିତ୍‌ମାନଙ୍କ ମତରେ, ପ୍ରଦୂଷଣ ଦୃଷ୍ଟିରୁ ମହାନଦୀ ଆଦୌ ଚ୍ୟାଲେଞ୍ଜମୁକ୍ତ ନୁହେଁ। କାରଣ, ଛତିଶଗଡ ସରକାର ମହାନଦୀ ଜଳକୁ ରୋକିବା ପଛରେ ଏକ ବଡ଼ କାରଣ ହେଉଛି ଶିଳ୍ପାୟନ। ସଂପୃକ୍ତ ରାଜ୍ୟ ସରକାର ଶିଳ୍ପସଂସ୍ଥାକୁ ପାଣି ଯୋଗାଇ ଦେବା ପାଇଁ ମହାନଦୀର ଉପରମୁଣ୍ଡରେ ମାଳ ମାଳ ପ୍ରକଳ୍ପ କରିଛନ୍ତି। ଏହାଦ୍ୱାରା ମହାନଦୀରେ ଜଳାଭାବ ସୃଷ୍ଟି ହେଉଛି ଏବଂ ଏହି ପ୍ରସଙ୍ଗରେ ରାଜ୍ୟ ସରକାର କେନ୍ଦ୍ରଠାରୁ ନ୍ୟାୟ ନ ପାଇ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ଟ୍ରିବ୍ୟୁନାଲ ଗଠନ ହୋଇଥିଲା। ମାମଲା ବିଚାରାଧୀନ ରହିଛି। ଏହାର ଅନ୍ୟ ପ୍ରଭାବଟି ହେଲା, ଛତିଶଗଡ଼ ରାୟଗଡ ଜିଲ୍ଲାର ସମସ୍ତ ବର୍ଜ୍ୟବସ୍ତୁ କେଲୋ ନଦୀ ମଧ୍ୟ ଦେଇ ମହାନଦୀକୁ ଆସୁଛି। ସେଠାରେ ଏକାଧିକ ସ୍ପଞ୍ଜ ଆଇରନ୍ ଫ୍ୟାକ୍ଟ୍ରି ସହିତ ଶିଳ୍ପ ସଂସ୍ଥାର ପ୍ରଦୂଷଣ ମଧ୍ୟ ଏହି ନଦୀ ଗର୍ଭରେ ମିଶିବା କାରଣରୁ ଉପରମୁଣ୍ଡରୁ ସ୍ଥିତି ଗମ୍ଭୀର ହେଲାଣି।

ମହାନଦୀ ତଳକୁ ମଧ୍ୟ ନଦୀ ଅନେକ ସ୍ଥାନରେ ପ୍ରଦୂଷିତ ହେଉଛି। ଝାରସୁଗୁଡା ଜିଲ୍ଲାର ସମସ୍ତ ବର୍ଜ୍ୟ କୋଇଲା ପାଣି ମହାନଦୀ ଧାରଣ କରୁଛି। ହୀରାକୁଦ, ସମ୍ବଲପୁର ଓ ବୁର୍ଲା, ସୋନପୁର, ବୌଦ୍ଧ, ଆଠମଲ୍ଲିକ, କଟକର ମଇଳା ପାଣି ମଧ୍ୟ ଏହି ନଦୀରେ ପଡିବା କାରଣରୁ ତଳମୁଣ୍ଡରେ ପାଣି ପହଞ୍ଚିବା ବେଳକୁ ନଦୀ ବ୍ୟବହାର ଯୋଗ୍ୟ ହୋଇ ରହୁନାହିଁ। ତଥ୍ୟ ଅନୁସାରେ, ସମ୍ବଲପୁର ଓ କଟକରୁ ଯେଉଁ ମଇଳା ପାଣି ମିଶୁଛି, ତାହା ସି’ ଓ ଡି’ କାଟାଗୋରିଯୁକ୍ତ; ଅର୍ଥାତ୍ ଗାଧୋଇବା ପାଇଁ ମଧ୍ୟ ଅନୁପଯୁକ୍ତ।

ପରିବେଶବିତ୍‌ମାନେ ମହାନଦୀ ଜଳ ପ୍ରଦୂଷଣ କ୍ଷେତ୍ରରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଯୁକ୍ତି ବାଢୁଛନ୍ତି। ସେମାନଙ୍କ କହିବା କଥା ହେଉଛି, ନଦୀ ପ୍ରଦୂଷଣର ପ୍ରଭାବ ପରିବେଶ ଉପରେ ସିଧାସଳଖ ପଡିଲାଣି। ଓଡ଼ିଶାର ପାଞ୍ଚଟି ଗୁରୁତ୍ୱପୂର୍ଣ୍ଣ ଜୈବମଣ୍ଡଳ ଯଥା ସାତକୋଶିଆ, ଚିଲିକା, ଅଂଶୁପା, ଯୋବ୍ରା ଓ ଭିତରକନିକାକୁ ମଧ୍ୟ ବିପଦ ବଢୁଛି। ମହାନଦୀ ଯଦି ଏହିଭଳି ପ୍ରଦୂଷିତ ହୁଏ ଓ ଜଳ ସଙ୍କଟ ଦେଖାଯାଏ, ତେବେ ଆଗକୁ ସ୍ଥିତି ଗମ୍ଭୀର ରୂପ ଧାରଣ କରିପାରେ।

ଏମିତିରେ ବି ଶିଳ୍ପାୟନ କାରଣରୁ ମହାନଦୀରେ ଜଳ ସଙ୍କଟ ଯୋଗୁଁ ଓଡ଼ିଶାର ୧୬ଟି ଜିଲ୍ଲା ଗଭୀର ଭାବେ ପ୍ରଭାବିତ ହେଉଛି। ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜଳ ଯୋଗାଣ କ୍ଷେତ୍ରକୁ ଏହା ସଙ୍କଟ ଭିତରକୁ ଠେଲି ଦେଲାଣି। ଏସବୁ ଜିଲ୍ଲାର ନିତ୍ୟବ୍ୟବହାର୍ଯ୍ୟ ପାଇଁ ଆବଶ୍ୟକ ପାଣି କେନାଲ ମାଧ୍ୟମରେ ହେଉ ବା ସିଧାସଳଖ ଲୋକେ ବ୍ୟବହାର କରୁଛନ୍ତି। ଏଣୁ ସ୍ୱାସ୍ଥ୍ୟ ସେବା ପ୍ରତି ବିପଦ ସୃଷ୍ଟି କରୁଛି।

ପ୍ରଣିଧାନଯୋଗ୍ୟ, ମହାନଦୀ ଓଡ଼ିଶା ପାଇଁ ଅତ୍ୟନ୍ତ ଗୁରୁତ୍ୱ ରଖେ। ପାନୀୟ ସମସ୍ୟା, ଜୈବ ବିବିଧତା ବ୍ୟତୀତ କୃଷି କ୍ଷେତ୍ର ପାଇଁ ଏହାର ଅବଦାନ ଅତ୍ୟନ୍ତ ଉପଯୋଗୀ। ତିନିଟି ମୁଖ୍ୟ କ୍ଷେତ୍ରକୁ ଅବଦାନ ପରିପ୍ରେକ୍ଷୀରେ ଏହାର ସୁରକ୍ଷା ପାଇଁ ଯେତିକି ତତ୍ପରତା ପ୍ରକାଶ ପାଇବା କଥା ତାହା ଏଯାଏ ପରିଲକ୍ଷିତ ହୋଇନାହିଁ। କେନ୍ଦ୍ର ସରକାର ନଦୀ ସଂଯୋଗୀକରଣ ପାଇଁ ଯେଉଁଳି ତତ୍ପରତା ଦେଖାଉଛନ୍ତି, ମହାନଦୀକୁ କାହିଁକି ଓଡ଼ିଶା ସରକାର ବିଶେଷ ଗୁରୁତ୍ୱ ଦେଉଛନ୍ତି, ସେକଥା ବୁଝିବା ଲାଗି ଆଗ୍ରହ ଦେଖାଇନାହାନ୍ତି।

### ପୁଣି କମ୍ପିବ...

ଆୟୋଜକ ଭାରତ ସମେତ କୋରିଆ, ମାଲେସିଆ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ଇଜିପ୍ଟ, ବେଲଜିୟମ୍, ଇଂଲଣ୍ଡ, ଫ୍ରାନ୍ସ, ଜର୍ମାନୀ, ନେଦରଲ୍ୟାଣ୍ଡ, ସ୍ପେନ, ଯୁକ୍ତରାଷ୍ଟ୍ର ଆମେରିକା, କାନାଡ଼ା, ଚିଲି ଏବଂ ଆର୍ଜେଣ୍ଟିନା ଦଳ ଭାଗ ନେବେ।

ମୁଖ୍ୟମନ୍ତ୍ରୀ ଓଡ଼ିଶାରେ ଏହି ମେଗା ଇଭେଣ୍ଟ ଆୟୋଜିତ ହେଉଥିବାରୁ ଖୁସି ବ୍ୟକ୍ତ କରିବା ସହ ଭାରତୀୟ କନିଷ୍ଠ ହକି ଦଳ ବିଶ୍ୱକପ୍‌ରେ ଚମତ୍କାର ପ୍ରଦର୍ଶନ କରିବ ବୋଲି ଆଶାବ୍ୟକ୍ତ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗତ ସଂସ୍କରଣରେ କନିଷ୍ଠ ବର୍ଗରେ ଭାରତୀୟ ପୁରୁଷ ହକି ଦଳ ବିଶ୍ୱକପ୍ ବିଜୟୀ ହୋଇଥିଲା। ତେଣୁ ଆମ ଦଳ ଘରୋଇ ଗ୍ରାଉଣ୍ଡ ଏବଂ ପରିବେଶର ଭରପୂର ଫାଇଦା ଉଠାଇବା ସହ ପୁନର୍ବାର ବିଜୟୀ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ଦେଶର ସମ୍ମାନ ଦୃଷ୍ଟିରୁ ଏତେବଡ଼ ମେଗା ଇଭେଣ୍ଟକୁ ଆୟୋଜନ କରିବାକୁ ଓଡ଼ିଶା ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ରହିଛି। ଆଗାମୀ ଦୁଇମାସ ମଧ୍ୟରେ କନିଷ୍ଠ ପୁରୁଷ ହକି ବିଶ୍ୱକପ୍ ଆୟୋଜିତ ହେଉଛି। ଏଥିପାଇଁ ହକି ଇଣ୍ଡିଆ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ। କରୋନା ମହାମାରୀ ସମୟରେ ବିଶେଷକରି ଏତେ ସଂକ୍ଷିପ୍ତ ଅବଧି ମଧ୍ୟରେ ଏତେ ବଡ଼ ବୃହତ୍ କାର୍ଯ୍ୟକ୍ରମ ଆୟୋଜନ କରିବା ସହଜ ନୁହେଁ। ମାତ୍ର ଦେଶର ସମ୍ମାନ ଦୃଷ୍ଟିରୁ ଆମେ ସହଯୋଗ କରିବା ପାଇଁ ସମ୍ମତି ଦେଇଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ ହକି ପାଇଁ ଓଡ଼ିଶା ହୃଦୟରେ ଏକ ସ୍ୱତନ୍ତ୍ର ରହିଛି। ବହୁ ଆନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟରେ ଆମ ରାଜ୍ୟର କ୍ରୀଡ଼ାବିତ୍‌ମାନେ ଦେଶ ପାଇଁ ପ୍ରତିନିଧିତ୍ୱ କରିଛନ୍ତି। ଗତ ଏକ ଦଶନ୍ଧି ଧରି ଦେଶରେ ହକିର ବିକାଶ ପାଇଁ ଆମେ ହକି ଇଣ୍ଡିଆ ସହ ମିଳିତ ଭାବେ କାମ କରିଆସୁଛୁ। ଗତ ୨୦୧୮ ମସିହାଠାରୁ ଆମେ ହକି ଜାତୀୟ ଦଳର ପ୍ରାୟୋଜକ ରହିଆସିଛୁ। ନିକଟ ଅତୀତରେ ହକି ବିଶ୍ୱକପ୍ ସହ ବହୁ ବଡ଼ ବଡ଼ ଟୁର୍ଣ୍ଣାମେଣ୍ଟ ଓଡ଼ିଶାରେ ସଫଳତାର ସହ ଆୟୋଜିତ ହୋଇଛି। ଏପରି ଉଦ୍ୟମ ନିକଟରେ ଟୋକିଓ ଅଲମ୍ପିକ୍ସରେ ଉଭୟ ପୁରୁଷ ଓ ମହିଳା ହକି ଦଳକୁ ଐତିହାସିକ ସଫଳତା ପ୍ରଦାନରେ ସହାୟକ ହୋଇଛି। ହକି ଦଳର ଏପରି ସଫଳତା ଦେଶବ୍ୟାପୀ କ୍ରୀଡ଼ାପ୍ରେମୀଙ୍କ ପାଇଁ ଆନନ୍ଦର ଖୋରାକ୍ ଯୋଗାଇଛି। ଭାରତୀୟ ହକିର ହୃତ ଗୌରବ ଫେରିଆସିଥିବା ନେଇ ସାଧାରଣରେ ମତପ୍ରକାଶ ପାଇଥିବା ବେଳେ ଆଗାମୀ ଦିନରେ ଭାରତୀୟ ହକିକୁ ନେଇ ସାଧାରଣରେ ବିରାଟ ଉତ୍ସୁକତା ଦେଖାଦେଇଛି। ଆଗାମୀ ୨୦୨୩ରେ ହେବାକୁ ଥିବା ହକି ବିଶ୍ୱକପ୍ ସଫଳତାର ପଦଚିହ୍ନ ଛାଡ଼ିବା ସହ ଦେଶରେ ହକିର ବିକାଶ ପ୍ରକ୍ରିୟାକୁ ଗତି ପ୍ରଦାନ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଭାରତୀୟ ହକିକୁ ଓଡ଼ିଶାର ସମର୍ଥନକୁ ନେଇ ନିଜର ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଇବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଭାରତୀୟ ହକିର ଏହି ଯାତ୍ରାରେ ଏକ ଅଂଶ ରୂପେ ଆମେ ନିଜର ଯାତ୍ରା ଜାରି ରଖିବୁ। ଭାରତୀୟ ଜାତୀୟ ଦଳକୁ ଆଗାମୀ ୧୦ ବର୍ଷ ଯାଏଁ ଓଡ଼ିଶାର ସମର୍ଥନ ନେଇ ଆମେ ପୂର୍ବରୁ ଘୋଷଣା କରିସାରିଛୁ। ବର୍ତ୍ତମାନ ଦେଶର ସର୍ବବୃହତ୍ ହକି ଷ୍ଟାଡିୟମ ମଧ୍ୟ ରାଉରକେଲାରେ ନିର୍ମାଣାଧୀନ ରହିଛି। ରାଜ୍ୟବ୍ୟାପୀ ତୃଣମୂଳସ୍ତରରେ ଆଷ୍ଟ୍ରୋ ଟର୍ଫ ଆଧାରିତ ତାଲିମ ବ୍ୟବସ୍ଥା କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଦେଶରେ କ୍ରୀଡ଼ାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ସମ୍ପନ୍ନ ନୀତିକୁ ପ୍ରଶଂସା କରିଥିଲେ। ହକିକୁ ଓଡ଼ିଶାର ନିରବଚ୍ଛିନ୍ନ ସହଯୋଗ ଯୋଗୁଁ ବିଶ୍ୱ ହକିରେ ଓଡ଼ିଶା ପସନ୍ଦଯୋଗ୍ୟ ସ୍ଥାନ ପାଲଟିଛି ବୋଲି ଶ୍ରୀ ବେହେରା ମତବ୍ୟକ୍ତ କରିଛନ୍ତି। ସେହିପରି କାର୍ଯ୍ୟକ୍ରମରେ ଏଫ୍‌ଆଇଏଚ୍‌ର ଅଧ୍ୟକ୍ଷ ନରିନ୍ଦର ବାତ୍ରା ହକିରେ ଓଡ଼ିଶା ଏକ ନୂଆ ମାଇଲଖୁଣ୍ଟ ପ୍ରତିଷ୍ଠା କରିଥିବା ବେଳେ ବିଶ୍ୱସ୍ତରୀୟ କ୍ରୀଡ଼ା ଇଭେଣ୍ଟ ଆୟୋଜନରେ ନିଜ ଦକ୍ଷତାକୁ ପ୍ରତିପାଦିତ କରିପାରିଛି ବୋଲି କହିଛନ୍ତି। କଳିଙ୍ଗ ଷ୍ଟାଡିୟମ ବର୍ତ୍ତମାନ ବିଶ୍ୱର ସର୍ବଶ୍ରେଷ୍ଠ ଷ୍ଟାଡିୟମ ବୋଲି ସେ ଅଭିହିତ କରିଛନ୍ତି। କାର୍ଯ୍ୟକ୍ରମରେ ଓଡ଼ିଶା ହକି ପ୍ରଚାର ପ୍ରସାର ପରିଷଦର ଅଧ୍ୟକ୍ଷ ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ହକି ଇଣ୍ଡିଆର ସେକ୍ରେଟାରୀ ଜେନେରାଲ ରାଜେନ୍ଦ୍ର ସିଂ, ୫-ଟି ସଚିବ ଭି କେ ପାଣ୍ଡିଆନ୍, ରାଜ୍ୟ କ୍ରୀଡ଼ା ସଚିବ ଆର୍. ଭିନୀଲ୍ କ୍ରିଷ୍ଣା ପ୍ରମୁଖ ଉପସ୍ଥିତ ଥିଲେ।

### ବଜ୍ରପାତରେ ବାପା...

ପାଖ ଜମିରେ କାମ କରୁଥିବା ଲୋକମାନେ ଦୌଡ଼ିଆସି ଦେଖିଲେ ଯେ, ରାମନାଥ ଗଣ୍ଡଙ୍କ ମୃତ୍ୟୁ ହୋଇଯାଇଛି। ଝିଅ ଓ ମା’ଙ୍କୁ ବଞ୍ଚିଥିବା ଅବସ୍ଥାରେ ହାଟଭରଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ଡାକ୍ତର ସେଠାରେ ଝିଅ ଫୁଲକୋ ଗଣ୍ଡଙ୍କୁ ମୃତ ଘୋଷଣା କରିଥିଲେ। ଏହା ପରେ କୁନ୍ଦେଇ ପୋଲିସ ଘଟଣାର ତଦନ୍ତ ଜାରିରଖି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଆହତ ହୋଇଥିବା ରାମବାଇ ଗଣ୍ଡଙ୍କ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ଚାଲିଛି ଏବଂ ଘରେ ଆଉ ଛୋଟ ଦୁଇ ଭାଇ ଓ ଭଉଣୀ ବେସାହାରା ହୋଇ ପଡ଼ିରହିଛନ୍ତି। ତୁରନ୍ତ ସରକାର ବେସାହାରା ଦୁଇ ପିଲାଙ୍କୁ ସହାୟତା ଯୋଗାଇ ଦେବାକୁ ଜନସାଧାରଣରେ ଦାବି ହେଉଛି।

### କୂଅରୁ ମିଳିଲା...

ମୃତଶରୀର ଘର ଭିତରୁ ଉଦ୍ଧାର ହୋଇଥିଲା। ନାରାୟଣ ନିଖୋଜ ଥିବାରୁ ଏହି ଟ୍ରିପଲ୍ ମର୍ଡରରେ ତାଙ୍କର ସମ୍ପୃକ୍ତ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ଏପରିକି ମୃତ ସୋନିଙ୍କ ମାଆର ଏତଲାକ୍ରମେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ କରୁଥିଲା। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହି ଘଟଣା ସ୍ପଷ୍ଟ ହେବ ବୋଲି ଝାରସୁଗୁଡ଼ା ଜିଲ୍ଲା ଏସପି ବିକାଶ ଚନ୍ଦ୍ର ଦାସ ଗଣମାଧ୍ୟମ ସମ୍ମୁଖରେ କହିଛନ୍ତି।

### ଦକ୍ଷିଣରୁ ଉପକୂଳ...

ପଶୁପାଳକ କହିଛନ୍ତି ଯେ ମ୍ୟାଁମାର ୟାଙ୍ଗୁନର ଦକ୍ଷିଣ ଉପକୂଳରେ ବଙ୍ଗୋପ ସାଗରରେ ଏହି ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ପଶ୍ଚିମ ଦିଗରେ ଗତି କରି ୨୬ ତାରିଖରେ ଉତ୍ତର ଭାରତରେ ଥିବା ଲଘୁଚାପ ବଳୟ ସହିତ ମିଶ୍ରିତ ହେବ। ଦକ୍ଷିଣ ଓଡ଼ିଶାରେ ୨୫ ରାତିରୁ ଓ ଉପକୂଳ ଓଡ଼ିଶାରେ ୨୬ ରାତିରୁ ବର୍ଷା ହେବ। ୨୮ ସନ୍ଧ୍ୟା ପର୍ଯ୍ୟନ୍ତ ବର୍ଷାର ପ୍ରକୋପ ରହିବ। ପ୍ରଫେସର ପଶୁପାଳଙ୍କ କହିବା ଅନୁସାରେ ଉତ୍ତର ଓଡ଼ିଶା ଏବଂ ପଶ୍ଚିମ ଓଡ଼ିଶାରେ ବର୍ଷା କମ୍ ରହିବ। ଜଗତସିଂହପୁର ଜିଲ୍ଲାର ଦକ୍ଷିଣରେ ଥିବା ଉପକୂଳ ଓ ସଂଲଗ୍ନ ଜିଲ୍ଲାରେ ମଧ୍ୟମ ଧରଣର ଏବଂ କେତେକ ସ୍ଥାନରେ ପ୍ରାୟତଃ ଭାରି (୫୦ ମିମି ପର୍ଯ୍ୟନ୍ତ) ବର୍ଷାର ସମ୍ଭବନା ରହିଛି। ଆଭ୍ୟନ୍ତରୀଣ ଦକ୍ଷିଣରେ ମଧ୍ୟମ ଧରଣର ବର୍ଷା ହେବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ଲଘୁଚାପ ଯୋଗୁଁ ଉତ୍ତର ବଙ୍ଗୋପସାଗର ସଂଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗରରେ ପବନର ବେଗ ବୃଦ୍ଧି ପାଇ ଘଣ୍ଟା ପ୍ରତି ୪୦-୫୦ କିମି ରହିବ। ବେଳେ ବେଳେ ଏହା ବୃଦ୍ଧି ପାଇ ୬୦ କିମି ପହଞ୍ଚିବ। ଏହାକୁ ଦୃଷ୍ଟିରେ ରଖି ଗଭୀର ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି।

### ଝାଡ଼ଖଣ୍ଡରେ ପ୍ରବଳ...

ବନ୍ୟା ଆଶଙ୍କା କରାଯାଉଛି। ଗତ ଜୁଲାଇ ମାସରୁ ଅଦ୍ୟାବଧି ସୁବର୍ଣ୍ଣରେଖା ନଦୀରେ ପାଞ୍ଚ ଥର ପାଖାପାଖି ଛୋଟବଡ ବନ୍ୟା ଆସିଥିବାରୁ ଉତ୍ତର ବାଲେଶ୍ୱର ଅଞ୍ଚଳର ଜଳେଶ୍ୱର, ଭୋଗରାଇ, ବସ୍ତା ଓ ବାଲିଆପାଳ ଅଞ୍ଚଳ ପ୍ରଭାବିତ ହୋଇଛି। ଆଜି ଅପରାହ୍ନ ୩ଟା ସୁଦ୍ଧା ରାଜଘାଟ ଠାରେ ସୁବର୍ଣ୍ଣରେଖା ନଦୀର ଜଳସ୍ତର ୮.୮୮ ମିଟର ରହିଥିବା ବେଳେ ଏହା କ୍ରମଶଃ ବୃଦ୍ଧି ପାଇବ ବୋଲି ଜଳସମ୍ପଦ ବିଭାଗର ଜଳେଶ୍ୱରସ୍ଥିତ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ପ୍ରିୟବ୍ରତ ସିଂ ସୂଚନା ଦେଇଛନ୍ତି। ଅପରପକ୍ଷରେ ଜଳକା ନଦୀର ଜଳପତନ ଏବେ ମଧ୍ୟ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ମଥାନି ଠାରେ ସନ୍ଧ୍ୟା ୫ ଟା ସୁଦ୍ଧା ୬.୫୫ ମିଟର ଜଳସ୍ତର ରହିଛି। ବୁଢ଼ାବଳଙ୍ଗ ନଦୀ ମଧ୍ୟ ଏନଏଚ-୫ ନିକଟରେ ଆଜି ୩ ଟା ସୁଦ୍ଧା ୫.୩ ମିଟରରେ ପ୍ରବାହିତ ହେଉଛି।

### ମୁଖ୍ୟମନ୍ତ୍ରୀ କୋଭିଡ୍...

ଦିଆଯିବା ସହ ରାଜ୍ୟ ଜିଏସ୍‌ଟି ଛାଡ଼ କରାଯାଇଥିବା ଜିଲ୍ଲା ଶିଳ୍ପ କେନ୍ଦ୍ରର ସହକାରୀ ପରିଚାଳକ ଚିନ୍ମୟ ପରିଡ଼ା କହିଛନ୍ତି। ସେହିଭଳି ‘ସ୍ମୃତି’ ଯୋଜନା ଆନୁକୂଲ୍ୟରେ ଜିଲ୍ଲାର ବୟନ ଶିଳ୍ପ ଗୁଡ଼ିକୁ ମଧ୍ୟ କୋଭିଡ୍ ସହାୟତା ପ୍ରଦାନ କରାଯାଇଛି। ଏଥିନିମନ୍ତେ ରାଜ୍ୟ ସରକାରଙ୍କଠାରୁ ଜିଲ୍ଲାକୁ ୧.୧୩କୋଟି ଟଙ୍କା ମିଳିଥିବା ଜିଲ୍ଲା ଶିଳ୍ପ କେନ୍ଦ୍ର ପକ୍ଷରୁ କୁହାଯାଇଛି। ବୟନ ଶିଳ୍ପର ବିକାଶ ପାଇଁ ଏହା ବର୍ତ୍ତମାନ କାର୍ଯ୍ୟ କରୁଛି। ବ୍ରହ୍ମପୁର ସହରରେ ଥିଠବା ସମସ୍ତ ବୟନଶିଳ୍ପ ଏଥିରେ ସାମିଲ ଅଛନ୍ତି। ହୁମା ସ୍ଥିତ ଶୁଖୁଆ ଉତ୍ପାଦନ କେନ୍ଦ୍ର ନିମନ୍ତେ ଏହି ଯୋଜନାରେ ୪କୋଟି ୧୭ଲକ୍ଷ ଟଙ୍କା ସହାୟତା ମିଳିଛି। ବର୍ତ୍ତମାନ ଏଠାରେ ଉତ୍ପାଦନ ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାପଡ଼ିଛି। ସେହିଭଳି କୁକୁଡ଼ାଖଣ୍ଡିସ୍ଥିତ ମକା ପ୍ରକ୍ରିୟାକରଣ ୟୁନିଟ୍ ପାଇଁ ୫କୋଟି ୩୬ଲକ୍ଷ ଟଙ୍କା ସହାୟତା ରାଜ୍ୟ ସରାକରଙ୍କ ନିକଟରୁ ଆସିଛି। ବର୍ତ୍ତମାନ ଏଠାରେ ମକାକୁ ପ୍ରକ୍ରିୟାକରଣ କରାଯାଇ ସୁଇଟ୍‌କର୍ଣ୍ଣ ଗୋଟାମଞ୍ଜି ପ୍ୟାକେଟ୍, ମକା ପାଉଡ଼ର ଆଦି ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖାଯାଇଥିବା ଜିଲ୍ଲା ଶିଳ୍ପ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ସରକାରୀ ପ୍ରୋତ୍ସାହନ ଓ ସହାୟତା ଯୋଗୁଁ ଶିଳ୍ପ କେନ୍ଦ୍ର ଗୁଡ଼ିକ ଆଗେଇ ଚାଲିଛି। ଏଥିଦ୍ୱାରା ଯୁବପିଢ଼ି ମଧ୍ୟ ଶିଳ୍ପ, ଉଦ୍ୟୋଗ ପ୍ରତିଷ୍ଠା କରି ସ୍ୱାବଲମ୍ବୀ ହେବାକୁ ମନ ବଳାଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଗଞ୍ଜାମରେ ୩୦ପ୍ରତିଶତ ମହିଳା ଏଥିରେ ସାମିଲ ଅଛନ୍ତି। ଗତବର୍ଷ ଜିଲ୍ଲାରେ ୯ହଜାର ୮୦୩ଟି ଏମଏସଏମ୍ଇ ୟୁନିଟ୍ ଚାଲିଥିଲା। ସେଥିରୁ ୯ହଜାର ୬୦୮ଟି ୟୁନିଟ୍‌କୁ ଏମରଜେନ୍ସି କ୍ରେଡିଟ୍ ଲାଇନ୍ ଗ୍ରାଣ୍ଟ ମାଧ୍ୟମରେ ସହାୟତା ପ୍ରଦାନ କାରାଯାଇଛି। ଏହି ୟୁନିଟ୍ ଗୁଡ଼ିକୁ ଗତବର୍ଷ ଫେବୃଆରୀ ମାସରେ ସ୍କିମ୍ ଦ୍ୱାରା ୮୨୯୩ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ତେବେ ଏଥିରୁ ୧୮୫ଟି ଅନୁଷ୍ଠାନ ଋଣ ନେଇ ନ ଥିଲେ। ଋଣ ନେଇଥିବା ୟୁନିଟ୍‌ମାନଙ୍କ ମଧ୍ୟରେ କାଜୁ ପ୍ରସେସିଂ, ଡାଲି, ଚାଉଳ ପ୍ରକ୍ରିୟାକରଣ ଓ ଗ୍ରାନାଇଟ୍ ଭଳି ଅନେକ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ରହିଛି। ପ୍ରତି କ୍ଷେତ୍ରରେ ସରକାରୀ ସହାୟତା ମିଳୁଥିବାରୁ ଏ କ୍ଷେତ୍ରରେ ଅନେକ ଆଗ୍ରହ ବଢ଼ାଇଲେଣି। ମୁଖ୍ୟମନ୍ତ୍ରୀ କୋଭିଡ୍ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଏବେ ନୂଆ ଦିଶା ଭାବେ ଶିଳ୍ପ ଉଦ୍ୟୋଗ ପାଇଁ କାର୍ଯ୍ୟ କରୁଛି। ମହାମାରୀର ବିପତ୍ତି ସମୟରେ ଓଡ଼ିଶା ସରକାରଙ୍କ ସହାୟତା ଉଦ୍ୟୋଗୀମାନଙ୍କୁ ବିକଳ୍ପ ରାସ୍ତା ଦେଖାଇଛି।

● ୨ବର୍ଷ ବୟସରେ ୨ଟି ରେକର୍ଡ

# ପ୍ରଥମ କଲାମ ଆୱାର୍ଡ ବିଜେତା ମୃତ୍ୟୁଞ୍ଜୟ

**୧ମିନିଟ୍ ୫୯ସେକେଣ୍ଡରେ ୨୮ ରାଜ୍ୟ ଓ ରାଜଧାନୀର ନାଁ**

**ଭୁବନେଶ୍ୱର,୨୩।୯ (ସମିସ):** ଇଣ୍ଡିଆ ବୁକ୍ ଅଫ ରେକର୍ଡ ଓ କଲାମ୍ ଆୱାର୍ଡ ବିଜେତା ହୋଇଛନ୍ତି ୨ବର୍ଷର ମୃତ୍ୟୁଞ୍ଜୟ ନାୟକ । ନିକଟରେ ଅନଲାଇନ୍‌ରେ ଅନୁଷ୍ଠିତ ହେଉଥିବା ପ୍ରତିଯୋଗିତାରେ ଭାଗନେଇ ମାତ୍ର ୧ମିନିଟ୍ ୫୯ ସେକେଣ୍ଡରେ ୨୮ଟି ରାଜ୍ୟ ଏବଂ ରାଜଧାନୀର ନାଁ ନିର୍ଭୁଲ ଭାବରେ କହି ଏହି ରେକର୍ଡ ସୃଷ୍ଟି କରିଛନ୍ତି। ତେବେ ଏତେ କମ୍ ବୟସରେ ଓଡ଼ିଶାର ପ୍ରଥମ କଲାମ୍ ଆୱାର୍ଡ ବିଜେତା ହୋଇ ବାପା ମା’ଙ୍କୁ ଗର୍ବିତ କରାଇଛନ୍ତି ଶୁଭମ୍।



ସ୍ଥାନୀୟ ପୁରୁଣା ଭୁବନେଶ୍ୱରରେ ରହୁଥିବା ପ୍ରତାପ ନାୟକ ଏବଂ ଦୀପାଞ୍ଜଳି ନାୟକଙ୍କ ଏକମାତ୍ର ପୁଅ ହେଉଛନ୍ତି ମୃତ୍ୟୁଞ୍ଜୟ ଓରଫ ଶୁଭମ୍। ଲକଡାଉନ୍ ସମୟରେ ଶୁଭମକୁ ଅ, ଆ ଶିଖାଇବାକୁ ଆରମ୍ଭ କରିଥିଲେ ଶୁଭମଙ୍କ ବାପା ଏବଂ ମା’। କିନ୍ତୁ ଆଶ୍ଚର୍ଯ୍ୟର କଥା ମାତ୍ର ୨ବର୍ଷ ବୟସରେ ଥରେ କହୁଥିବା କଥାକୁ ସେ ମନେ ରଖିବା ସହ ପ୍ରାଞ୍ଜଳ ଭାବେ କହି ପାରୁଥିବାରୁ ତାଙ୍କ ସ୍ମରଣଶକ୍ତିକୁ ଉଭୟ ବାପା ମା’ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ତାଙ୍କୁ କେବଳ ପାଠ ନୁହେଁ ବରଂ ସାଧାରଣ ଜ୍ଞାନ, ମନ୍ତ୍ର, ଶ୍ଳୋକ ଆଦି କହିବା ପରେ ସବୁ ମନେ ରଖିପାରିଥିଲେ ଶୁଭମ୍। ଏହାପରେ ଅନ୍‌ଲାଇନରେ ଆୟୋଜିତ ଏକ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ବିଚାରକଙ୍କ ଭିଡିଓ କଲ୍‌ରେ ଶୁଭମ୍ ସମସ୍ତ ପ୍ରଶ୍ନର ନିର୍ଭୁଲ ଉତ୍ତର ଦେଇଥିଲେ। ରାଜ୍ୟ, ଦେଶ, ରାଜଧାନୀ, ସାଙ୍ଗକୁ ୟୁନିଭର୍ସ, ଗାଲାକ୍ସି, କଣ୍ଟିନେଟସ୍, ୟୁନିଅନ୍ ଟେରିଟୋରି ନାମ ଗୁଡ଼ିକ ପ୍ରାଞ୍ଜଳ ଭାବେ କହିଥିଲେ। କୁନି ବୟସରେ ତାଙ୍କର ପ୍ରଖର ବୁଦ୍ଧି ଓ ସ୍ମରଣଶକ୍ତିକୁ ଦେଖି ବିଚାରକମାନେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଥିଲେ। ଯାହା ଶୁଭଙ୍କୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡର ଅଧିକାରୀ କରାଯାଇଛି। ସେହିପରି ନିକଟରେ କଲାମ ୱାଲର୍ଡ ରେକର୍ଡ ଅଧିକାରୀ ହୋଇପାରିଛନ୍ତି ଶୁଭମ୍।

# ବାର୍‌ହା ଶିକାର ଅଭିଯୋଗରେ ୫ ଗିରଫ

**କୋରାପୁଟ,୨୩।୯ (ସମିସ):** କୋରାପୁଟ ସଦର ଥାନା ଅନ୍ତର୍ଗତ କର୍ତାସ ଜାନିଗୁଡ଼ା ଗ୍ରାମର ନଦୀ କୂଳରେ ୮ ଜଣ ବ୍ୟକ୍ତି ବାର୍‌ହା ଶିକାର କରି ତାକୁ ନିଜ ଭିତରେ ଭାଗ ବାଣ୍ଟୁଥିବା ସମୟରେ କୋରାପୁଟ ବନାଞ୍ଚଳ ଅଧିକାରୀ ରୋହିତ କୁମାର ଓ ତାଙ୍କ ଟିମ୍ ମିଳିତ ଭାବେ ଚଢ଼ଉ କରି ୫ ଜଣଙ୍କୁ ଗିରଫ କରିଥିବା ବେଳେ ୩ ଜଣ ଘଟଣାସ୍ଥଳରୁ ଚମ୍ପଟ ମାରିଛନ୍ତି। ଜବତ କରାଯାଇଥିବା ବାର୍‌ହା ମାଂସ ଓ ଅନ୍ୟାନ ସାମଗ୍ରୀକୁ କୋରାପୁଟ ଅଣାଯିବା ସହିତ ଗିରଫ ୫ ଜଣଙ୍କୁ ଡାକ୍ତରୀ ପରୀକ୍ଷା କରାଯାଇ କୋର୍ଟ ଚାଲାଣ କରାଯିବ ।


**AUCTION SALE NOTICE** L-64

Sealed Tenders are invited for sale of one condemned Diesel Jeep OR-02A-8875 (Mahindra & Mahindra 1992 Model). The Tenders will be received by the undersigned on or before 2.00 PM on dt. 27.10.2021 and will be opened on the same day at 3.00 PM in the presence of Tenderers or their authorized representative if any by the Chairman, Tender Committee, Intending Tenderers may inspect the vehicle in office premises within working hours before the date of submission of tenders and the details of the condemned Jeep to be sold along with terms and conditions can be had from the office of the undersigned. The sealed tenders should accompany 10% of the quoted value as earnest money in shape of Bank Draft in favour of Asst. Director, Soil Conservation, Bhadrak payable at State Bank of India, Bhadrak which will be refunded to the unsuccessful tenders on the same day. The successful tenderer is required to deposit 50% of the cost on the same day and balance within one week failing which the Earnest money / 50% deposit as the case may be forfeited to Government. After full payment is made order for removal of vehicle within 3 days will be issued. In ease of any dispute the decision of the chairman will be final and binding. The Chairman reserves the right to accept or reject any or all of the tenders without assigning any reason thereto.

Sd/- Asst. Director,
Soil Conservation, Bhadrak

OIPR-01028/11/0001/2122



# ଯୁବକଙ୍କୁ ମରଣାନ୍ତକ ଆକ୍ରମଣ



ବେଗୁନିଆପଡ଼ା,୨୩।୯(ସମିସ): କୋଦଳା ଥାନା ଲାଠୁଳି ଗ୍ରାମରେ ଆଜି ଅପରାହ୍ନ ସାଢ଼େ ୪ଟାରେ ଫାସୀ ଗ୍ରାମ ବାଉରୀ ସାହିର ଟୁକୁନା ଦାସଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ସୂଚନା ପ୍ରକାରେ ଟୁକୁନା ଟ୍ରାକ୍ଟରରେ ଗୁଡ଼ି ନେଇ ଲାଠୁଳି ଗ୍ରାମରେ ଅନଲୋଡ଼ କରିବା ସମୟରେ ସେହି ଗ୍ରାମ ହାଡ଼ିସାହିର ଯୁବକ ରବି ସେଠୀ ଏକ କାତିରେ ଆକ୍ରମଣ କରିଥିଲା। ଟୁକୁନା ପ୍ରାଣ ବିକଳରେ ସେହି ଗ୍ରାମରେ ରହୁଥିବା ହୋମଗାର୍ଡ ଭୁପେନ୍ଦ୍ର ମିଶ୍ରଙ୍କ ଘର ଭିତରେ ପଶିଯାଇଥିଲା। ଫଳରେ ସେ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଥିଲେ। ଏହାପରେ ରବି ଫେରାର ହୋଇଯାଇଥିଲା। କୋଦଳା ପୁଲିସ ପହଞ୍ଚି ଟୁକୁନାକୁ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଅଧିକ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ବଡ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନାନୁଯାୟୀ କି ଗତ ଗଣେଶ ପୂଜା ଦିନ ଟୁକୁନା ରବି ସ୍ତ୍ରୀକୁ ଫେରାର କରି ନେଇଯାଇଛି ବୋଲି ସେହି ରାଗରେ ଏହି ଆକ୍ରମଣ କରିଥିବା ସନ୍ଦେହ କରାଯାଉଛି।

## ନକଲି ଗୁଟ୍‌ଖା ଗୋଦାମ୍‌ରେ ଚଢ଼ଉ ଘଟଣା

# ମାସକ ମଧ୍ୟରେ ଜାମିନରେ ମୁକୁଳିଲେଣି ୬ ଜଣ

ବ୍ରହ୍ମପୁର,୨୩।୯(ସମିସ)

ବ୍ରହ୍ମପୁର ସହରରେ ନକଲି ଗୁଟ୍‌ଖାକୁ ନେଇ ଚାଲିଥିବା ଖୋଲତାଡ ଥଣ୍ଡା ପଡ଼ିବା ପରେ ଏବେ ପରିସ୍ଥିତି ପୂର୍ବବତ୍ ହୋଇଯାଇଛି। ପ୍ରଥମେ ଅଗଷ୍ଟ ୩ରେ କାଲୁପାତ୍ର ସାହିର ଦୁଇଟି ଗୋଦାମ୍ ଉପରେ ପୁଲିସ ଚଢାଉ କରି ବିପୁଳ ପରିମାଣର ନକଲି ଗୁଟ୍‌ଖା ଜବତ କରିବା ସହ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ଘଟଣାରେ ପୁଲିସ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ନାରୁ ସାହୁଙ୍କୁ ଘଟଣାର ୧୫ ଦିନ ପରେ ଗିରଫ କରିଥିଲା। ଇତି ମଧ୍ୟରେ ପୁଲିସ ବ୍ରହ୍ମପୁର ସହରର ଅନ୍ୟ ନକଲି ଗୁଟ୍‌ଖା ବ୍ୟବସାୟୀମାନଙ୍କ ଉପରେ ନଜର ରଖି ସେମାନଙ୍କର ବିଭିନ୍ନ ଗୋଦାମ୍ ଏବଂ ଘର ଉପରେ ଚଢାଉ କରି ବିପୁଳ ପରିମାଣର ଗୁଟ୍‌ଖା ଜବତ କରିବା ସହ ମାଲିକ ଏବଂ କର୍ମଚାରୀମାନଙ୍କୁ ମଧ୍ୟ ଗିରଫ କରିଥିଲା।

ତେବେ ଅଭିଯୁକ୍ତମାନେ ଗିରଫ ହେବାର ମାତ୍ର ଦେଢ ମାସ ମଧ୍ୟରେ ସମସ୍ତ ଅଭିଯୁକ୍ତ ଜାମିନରେ ମୁକୁଳି ଯାଇଛନ୍ତି। ନାରୁ ସାହୁ ଚଳିତ ମାସ ୧୭ ତାରିଖରେ ଜାମିନ ପାଇଥିବା ବେଳେ ନକଲି ଗୁଟ୍‌ଖା ଗଚ୍ଛିତ ରଖିଥିବା ମାମଲାରେ ଗିରଫ ପଙ୍କଜ ଚୌଧୁରୀଙ୍କ ସମେତ ୬ ଜଣ ଚଳିତ ମାସରେ ପର୍ଯ୍ୟାୟକ୍ରମେ ଜାମିନ ପାଇଛନ୍ତି। ସେମାନେ ଏବେ ପୁଣି ଏହି ବ୍ୟବସାୟ ଆରମ୍ଭ କରିବା ପାଇଁ ଯୋଜନା ଆରମ୍ଭ କରିଦେଇଛନ୍ତି। ତେବେ ପୁଲିସ ଏବଂ ପ୍ରଶାସନର ତୀକ୍ଷଣ ନଜରକୁ ଦୃଷ୍ଟିରେ ରଖି ନକଲି ଗୁଟ୍‌ଖା ବ୍ୟବସାୟୀମାନେ ପରିସ୍ଥିତିକୁ ଅନାଇ ବସିଛନ୍ତି। ସହର ମଧ୍ୟରେ ଥିବା ଗୋଦାମ୍ ଏବଂ କାରଖାନାକୁ ଏମାନେ ସହର ବାହାରକୁ ଅନ୍ୟ ପୁଲିସ ଜିଲ୍ଲା ଅଧିନକୁ ନେବା ପାଇଁ ଯୋଜନା କରୁଛନ୍ତି। ନକଲି ଗୁଟ୍‌ଖା ବ୍ୟବସାୟ ଏକ ଲାଭଦାୟକ ବ୍ୟବସାୟ ହୋଇଥିବା ଯୋଗୁଁ ଅଭିଯୁକ୍ତମାନେ ବାରମ୍ବାର ଜେଲ ଯାଇ ଜାମିନରେ ଆସିବା ପରେ ମଧ୍ୟ ଏହି ବ୍ୟବସାୟକୁ କୌଣସି ମତେ ଚଳାଇ ରଖିବା ପାଇଁ ଯୋଜନା କରୁଛନ୍ତି। ବ୍ୟବସାୟୀମାନେ ଏବେ ନୂତନ ସ୍ଥାନ ଖୋଜିବା ସହ ଭଡା ସୂତ୍ରରେ ସହରର କିଛି ଜନବସତି ଅଞ୍ଚଳରେ ଘର ନେଉଥିବା ସୂଚନା ମିଳିଛି। ରାତିରେ ସେଠାରେ ଗୁଟଖା ପ୍ରସ୍ତୁତ କରାଯାଇ ବାହାର ଅଞ୍ଚଳକୁ ଚାଲାଣ ହେବ ବୋଲି ଜଣାପଡ଼ିଛି। ମାତ୍ର ମାସେ ଏବଂ ତାହାଠାରୁ କମ୍ ଦିନ ଜେଲରେ ରହି ଜାମିନ ପାଇଯାଉଥିବା ଯୋଗୁଁ ନକଲି ଗୁଟ୍‌ଖା ବ୍ୟବସାୟୀମାନେ ସେମାନଙ୍କର ବ୍ୟବସାୟକୁ ଜାରି ରଖିବାକୁ ସାହାସ କରୁଛନ୍ତି। ସେମାନଙ୍କୁ ଗିରଫ କରିବା ସହ ସମ୍ପତ୍ତି ଏବଂ ବ୍ୟାଙ୍କ ଆକାଉଣ୍ଟକୁ ଜବତ ଗରାଗଲେ ଏମାନେ ଏହି ବ୍ୟବସାୟରୁ ଦୂରେଇ ରହିବେ। ଅଗଷ୍ଟ ଏବଂ ସେପ୍ଟେମ୍ବର ମାସରେ ୬/୭ ଜଣ ନକଲି ଗୁଟ୍‌ଖା ବ୍ୟବସାୟୀ ଗିରଫ ହୋଇଥିବା ବେଳେ ଆହୁରି ଅନେକ ନକଲି ଗୁଟ୍‌ଖା ବ୍ୟବସାୟୀ ସହରରେ ଲୁକ୍କାୟିତ ଭାବେ ରହିଛନ୍ତି।

ପୁଲିସ ଏବଂ ପ୍ରଶାସନର ଚଢାଉ ପରେ କିଛି ନିଜ ଗୋଦାମ୍ ଏବଂ କାରଖାନା ବନ୍ଦ କରି ଫେରାର ମଧ୍ୟ ହୋଇଯାଇଛନ୍ତି। ଧିରେ ଧିରେ ଏବେ ଫେରାର ବ୍ୟବସାୟୀମାନେ ସହରରେ ପ୍ରବେଶ କରିବା ସହ ଜାମିନରେ ଆସିଥିବା ବ୍ୟବସାୟୀଙ୍କ ମଧ୍ୟରେ ସଲାସୁତରା ଆରମ୍ଭ କରିଦେଇଛନ୍ତି।

# ସରକାରୀ ଅଫିସ୍ ଘେରଉ କରିବେ ସାହାରା ଜମାକାରୀ ଓ ଏଜେଣ୍ଟ

ଭଞ୍ଜନଗର,୨୩।୯(ସମିସ)

ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା ସାହାରା ଇଣ୍ଡିଆ ବିପକ୍ଷରେ ଉଭୟ ଜମାକାରୀ ଏବଂ ଏଜେଣ୍ଟଙ୍କ ଅସନ୍ତୋଷ ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି। ଜମାକାରୀ ଜମା କରିଥିବା ଅର୍ଥ ରାଶିର ଜମା ଅବଧି ସରିଥିଲେ ମଧ୍ୟ ସଂସ୍ଥା ତରଫରୁ ଜମାକାରୀଙ୍କୁ ଅର୍ଥ ଫେରସ୍ତ ନକରିବା ଫଳରେ ବହୁ ସମୟରେ ଏଜେଣ୍ଟ ମାନେ ଜମାକାରୀଙ୍କ ଆକ୍ରୋଶର ଶିକାର ହେଉଥିବା ନଜିର ରହିଛି। ଏହି ସବୁ ସମସ୍ୟାର ସମାଧାନ ପାଇଁ ଆଗାମୀ ଦିନରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଘେରାଉ କରି ସେମାନଙ୍କ ବିଭିନ୍ନ ଦାବି ଉପସ୍ଥାପନ କରିବା ପାଇଁ ଏଜେଣ୍ଟ ଏବଂ ଜମାକାରୀମାନେ ଆଲୋଚନା କରିଛନ୍ତି। ବୁଧବାର ଅନୀଲ କୁମାର ରାଓଙ୍କ ତତ୍ତ୍ୱାବଧାନରେ ଭଞ୍ଜନଗର ଝାଙ୍କରେଇ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏକ ବୈଠକରେ ମୁଖ୍ୟ ଅତିଥି ଭାବେ ସାହାରା ଜମାକାରୀ ମଞ୍ଚ ରାଜ୍ୟ ସଭାପତି ବିଜୟ କୁମାର ପାଢୀ ଏବଂ ସମ୍ମାନିତ ଅତିଥି ଭାବେ ଉପସଭାପତି ସୁନୀଲ କୁମାର ଦାସ, ସଭ୍ୟ ନାରାୟଣ ପାଣିଗ୍ରାହୀ, ବେଲଗୁଣ୍ଠା ଏବଂ ଭଞ୍ଜନଗର ସମ୍ପାଦକ ବିଶ୍ୱନାଥ ପାତ୍ର, କେଦାର ସେନାପତି ଏବଂ ସଦସ୍ୟ ରାମଚନ୍ଦ୍ର ପ୍ରଧାନ ଉପସ୍ଥିତ ରହି ଜମାକାରୀଙ୍କ ଦାବିଗୁଡ଼ିକ ସମ୍ପର୍କରେ ଆଲୋଚନା କରିଥିଲେ। ସେମାନଙ୍କ ପ୍ରମୁଖ ଦାବିଗୁଡିକ ମଧ୍ୟରେ ଜମାକାରୀଙ୍କ ଜମା ଟଙ୍କା ସୁଧ ସହ ତୁରନ୍ତ ଫେରସ୍ତ, ନୂଆ ଜମା ସଂଗ୍ରହ ଉପରେ ରୋକ୍ ଏବଂ ସଂସ୍ଥାର ଠକାମୀ କାର୍ଯ୍ୟକଳାପ ଉପରେ ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ। ଏହି ବୈଠକରେ ବେଲଗୁଣ୍ଠା ଏବଂ ଭଞ୍ଜନଗର ଅଞ୍ଚଳରୁ ୬୦ ଜଣ ଜମାକାରୀ ଏବଂ ଏଜେଣ୍ଟ ଯୋଗ ଦେଇଥିଲେ।

# ରକ୍ତଦାନ କରି ଜନ୍ମଦିନ ପାଳିଲେ ସ୍ୱେଚ୍ଛାସେବୀ



ରମ୍ଭା,୨୩।୯(ସମିସ): ସ୍ୱେଚ୍ଛାସେବୀ ରାକେଶ କୁମାର ନାୟକ ନିଜର ୨୬ତମ ଜନ୍ମଦିନ ରକ୍ତଦାନ କରି ପାଳନ କରିଛନ୍ତି। ସେ ବ୍ଲଡ ବ୍ୟାଙ୍କକୁ ଯାଇ ସ୍ୱେଚ୍ଛାକୃତ ଭାବେ ଗୋଟେ ୟୁନିଟ ରକ୍ତଦାନ କରିଥିଲେ। ପରେ ଭଞ୍ଜନଗର ନିକଟରେ ଥିବା କୁଷ୍ଠରୋଗୀ ଆଶ୍ରମକୁ ଯାଇ ରୋଗାଗ୍ରସ୍ତ ବ୍ୟକ୍ତିମାନଙ୍କୁ ଖାଦ୍ୟ ପରସିଥିଲେ। କିଛିସମୟ ଭାବର ଆଦାନ ପ୍ରଦାନ କରିଥିଲେ। ଏହା ସହିତ ଅନାଥାଶ୍ରମର ଛୋଟ ଛୋଟ ପିଲାମାନଙ୍କ ସହ ଜନ୍ମଦିନ ପାଳନ କରିବା ସହିତ ସେମାନଙ୍କୁ ଖେଳଣା ଚକଲେଟ ମଧ୍ୟ ବାଣ୍ଟିଥିଲେ।

# ଅଙ୍ଗନବାଡ଼ି କର୍ମୀ ଚୟନରେ ଅନିୟମିତତା ଅଭିଯୋଗ



**ପାରଳାଖେମୁଣ୍ଡି, ୨୩।୯ (ସମିସ):** ଗଜପତି ଜିଲ୍ଲା ନାରାୟଣପୁର ଗ୍ରାମପଞ୍ଚାୟତର ପରିଡ଼ା ଗ୍ରାମର ଅଙ୍ଗନବାଡି କର୍ମୀ ଚୟନରେ ଅନିୟମିତତା ସମ୍ପର୍କରେ ଗ୍ରାମବାସୀ ଜିଲ୍ଲା ପ୍ରଶାସନର ଦ୍ୱାରସ୍ତ ହୋଇଥିବା ଜଣାପଡ଼ିଛି। ସେମାନେ ଜଣାଇଛନ୍ତି ଯେ, ନାରାୟଣପୁର ଗ୍ରାମପଞ୍ଚାୟତର ପରିଡ଼ା ଗ୍ରାମବାସୀ ଅଙ୍ଗନବାଡି କର୍ମୀ ନିମନ୍ତେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଉକ୍ତ ପଦବୀ ନିମନ୍ତେ ଦୁଇ ଜଣ ପ୍ରାର୍ଥୀ ଆବେଦନ କରିଥିଲେ। ଜଣେ ପରିଡ଼ାର, ଅନ୍ୟ ଜଣେ ସେବତି କାଟା ନିକଟସ୍ଥ ଲାଲୁ ସାହି ଗ୍ରାମର। ଯେହେତୁ ପରିଡ଼ା ଗ୍ରାମର ନଳିନୀ ଶବର ଜଣେ ମାତ୍ର ପ୍ରାର୍ଥିନୀ ଅଛନ୍ତି ସେ ହିଁ ନିଯୁକ୍ତି ପାଇବା କଥା। କିନ୍ତୁ ନିକଟସ୍ଥ ଲାଲୁସାହି ଗ୍ରାମର ପ୍ରାର୍ଥିନୀଙ୍କୁ ଚୟନ କରାଯାଇଥିବାରୁ ପରିଡ଼ା ଗ୍ରାମବାସୀ ଏହାକୁ ବିରୋଧ କରିଛନ୍ତି। ଏହା ସମ୍ପୂର୍ଣ୍ଣ ବେନିୟମ ଓ ଅନିୟମିତତା। ଉକ୍ତ ଲାଲୁସାହିର ପ୍ରାର୍ଥନୀଙ୍କର ଲାଲୁ ସାହିର ଆଧାରକାର୍ଡ, ରାସନକାର୍ଡ ଭୋଟ ପରିଚୟ ପତ୍ର ଏବଂ ଅନ୍ୟାନ୍ୟ ଦଲିଲ ଅଛି। କିନ୍ତୁ ଠକକତା କରି ପରିଡ଼ା ଗ୍ରାମର ବାସିନ୍ଦା ପ୍ରାମାଣ ପତ୍ର ସେ ପାଇଛନ୍ତି। ଯାହା ସମ୍ପୂର୍ଣ୍ଣ ଜାଲ ଅଟେ। ଏ ନେଇ ଉପଜିଲ୍ଲାପାଳଙ୍କୁ ଅଭିଯୋଗ କରାଯାଇଥିଲେ ମଧ୍ୟ ସେ ସିଡିପିଓଙ୍କ ତଦନ୍ତ ପାଇଁ ପଠାଇଥିଲେ। ଏ ନିୟମିତତା ସିଡିପିଓଙ୍କ ଜାଣତରେ ହୋଇଥିବାରୁ ତଦନ୍ତରେ ସ୍ୱଚ୍ଛତା ରହିଲା ନାହିଁ ବୋଲି ପରିଡ଼ା ଗ୍ରାମବାସୀ କହିଛନ୍ତି। ସେହିପରି ନାରାୟଣପୁର ପଞ୍ଚାୟତ ବାଘର୍ଲା ଗ୍ରାମ ଅଙ୍ଗନବାଡି କର୍ମୀଙ୍କ ଚୟନରେ ମଧ୍ୟ ଅନିୟମିତତା ହୋଇଥିବାର ଅନୁରୂପକ ଅଭିଯୋଗ ହୋଇଛି। ବାଘର୍ଲା ଏହି କେନ୍ଦ୍ର ପାଇଁ କର୍କେଇ ଶବରଙ୍କୁ ନିଯୁକ୍ତି ଦିଆଯାଇଛି। ଯାହାକି ଅନିୟମିତତା ଘଟିଛି। ଯଦି କର୍କେଇଙ୍କୁ ନିଯୁକ୍ତି ଦିଆଯାଏ ତେବେ ଏହି ଅଞ୍ଚଳର ପିଲାମାନେ ସୁରକ୍ଷିତ ରହିପାରିବେ ନାହିଁ ବୋଲି ପ୍ରଶାସନକୁ ଜଣାଇଛନ୍ତି। ସେମାନେ ନିବେଦନ କରିଛନ୍ତି ଯେ, ଏହି ପଦବୀକୁ ରଦ୍ଦ କରାଯିବା ସହ ଉପଯୁକ୍ତ ପ୍ରାର୍ଥିନୀଙ୍କୁ ଚୟନ କରାଗଲେ ନ୍ୟାୟ ମିଳିପାରିବ ବୋଲି କହିଛନ୍ତି।

● ଘରୋଇ ଗୋଲ୍ଡ ଲୋନ୍ ବ୍ୟାଙ୍କରୁ ଠକେଇ

# କମ୍ କ୍ୟାରେଟ୍ ସୁନା ଦେଇ ୧୭ ଲକ୍ଷ ଟଙ୍କା ଲୁଟ୍

ବ୍ରହ୍ମପୁର, ୨୩।୯ (ସମିସ)

ଘରୋଇ ବ୍ୟାଙ୍କଗୁଡ଼ିକ ନିଜ ନିଜ ବ୍ୟାଙ୍କର ବ୍ୟବସାୟ ପାଇଁ ଏବେ ବ୍ୟାଙ୍କର ନିୟମକୁ ମଧ୍ୟ ଭୁଲିଯାଇ ଗ୍ରାହକଙ୍କୁ ନିଜର କରିବାକୁ ଚେଷ୍ଟା କରୁଛନ୍ତି। ଏପରି ପରିସ୍ଥିତିରେ ଜଣେ ଗ୍ରାହକ ବ୍ୟାଙ୍କକୁ ଚୂନ ଲାଗେଇବାରେ ସଫଳ ହୋଇଛି।

ଆଜି ବ୍ୟାଙ୍କ ପକ୍ଷରୁ ଅଡିଟ ହେବା ପରେ ସୁନା ଖରାପ୍ ଥିବା ଜଣା ପଡ଼ିଥିଲା। ପରେ ବ୍ୟାଙ୍କ ମ୍ୟାନେଜର ସ୍ଥାନୀୟ ବୈଦ୍ୟନାଥପୁର ଥାନାରେ ଏତଲା ଦେଇଛନ୍ତି। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ନେଇ ଥାନା ଅଧିକାରୀ ରାମକୁମାର ମୁର୍ମୁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ କିଛି ମାସ ପୂର୍ବେ ଆସ୍କା ଅଞ୍ଚଳର ଏନ୍. ଆଚାରି ନାମକ ଜଣେ ସୁନାରୀ ଏବଂ ତାଙ୍କ ପରିବାର ଲୋକେ ପ୍ରାୟ ୫ ଶହ ଗ୍ରାମ ଖରାପ ସୁନା ଅର୍ଥାତ ୧୦ କ୍ୟାରେଟ ଗେଜର ସୁନା ଅଳଙ୍କାର ଆଣି ଉକ୍ତ ବ୍ୟାଙ୍କରେ ବନ୍ଧକ ରଖିଥିଲେ। ପରେ ୨୨ କ୍ୟାରେଟ ଓଜନର ସୁନା ମୂଲ୍ୟରେ ୧୭ ଲକ୍ଷ ଟଙ୍କା ଋଣ ନେଇଥିଲେ। ଏ ନେଇ ଆଜି ଅଡ଼ିଟ ହେବା ପରେ ଏହା ଜଣା ପଡ଼ିଥିଲା। ପରେ ଘଟଣାର ତଦନ୍ତ କରି ଆଜି ବ୍ୟାଙ୍କ କର୍ତ୍ତୃପକ୍ଷ ଥାନାରେ ଏତଲା ଦେଇଛନ୍ତି।

# ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଋଣ ବିତରଣ



ଭଞ୍ଜନଗର/ଆସିକା,୨୩।୯(ସମିସ):

ବେଲଗୁଣ୍ଠା ବ୍ଲକ୍ କାର୍ଯ୍ୟାଳୟରେ ଭତ୍ତା ଏବଂ ଋଣ ବିତରଣ ମେଳା ଅନୁଷ୍ଠିତ ହୋଇଯାଇଛି। ବେଲଗୁଣ୍ଠା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶଶି ଭୂଷଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ୪୧୫ ଜଣ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ, ବିଧବା ଏବଂ ଦିବ୍ୟାଙ୍ଗ ଭତ୍ତା ପ୍ରଦାନ କରିଥିଲେ। ୬୪ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୩କୋଟି ୪୯ଲକ୍ଷ ୧୫ହଜାର ଟଙ୍କାର ଋଣ ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥି ଭାବେ ସାଂସଦ ପ୍ରତିନିଧି ପ୍ରଶାନ୍ତ ନାୟକ, ବ୍ଲକ୍ ଉପାଧ୍ୟକ୍ଷା ପ୍ରତିନିଧି ସନ୍ତୋଷ ମଲ୍ଲ, ଜିଲ୍ଲା ପରିଷଦ ସଭ୍ୟ ଅମିତ୍ ନାୟକ, ସମନ୍ୱିତ ମହିଳା ଏବଂ ଶିଶୁ ବିକାଶ ଅଧିକାରୀ ଓ ଅଙ୍ଗନବାଡ଼ି ସୁପରଭାଇଜର ଉପସ୍ଥିତ ଥିଲେ। ସମସ୍ତ ବ୍ୟାଙ୍କ ଶାଖା ପରିଚାଳକ ଏବଂ ବ୍ଲକ କର୍ମଚାରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ସେହିପରି ଓଡ଼ିଶା ଜୀବିକା ମିଶନ୍ ଓ ମିଶନ୍ ଶକ୍ତିର ମିଳିତ ଆନୁକୂଲ୍ୟରେ ଆସିକା ବ୍ଲକ ସମ୍ମିଳନୀ କକ୍ଷରେ ଏକ ବ୍ଲକସ୍ତରୀୟ ମେଗା ସମନ୍ୱୟ ମେଳା ଅନୁଷ୍ଠିତ ହୋଇଯାଇଛି। ଆସିକା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୋଶନ୍ କୁମାର ଶତପଥିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଏହି ବ୍ଲକସ୍ତରୀୟ ମେଗା ସମନ୍ୱୟ ମେଳାରେ ସାଂସଦ ପ୍ରମିଳା ବିଷୋୟୀ, ବିଧାୟିକା ମଞ୍ଜୁଳା ସ୍ୱାଇଁ, ଆସିକା ବ୍ଲକ ଅଧ୍ୟକ୍ଷ ହରେକୃଷ୍ଣ ମଲ୍ଲିକ, ସିଡିପିଓ ଭାରତୀ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ବ୍ଲକସ୍ତରୀୟ ମେଗା ସମନ୍ୱୟ ମେଳାରେ ଆସିକା ବ୍ଲକ ପରିସରଭୁକ୍ତ ବିଭିନ୍ନ ଗ୍ରାମାଞ୍ଚଳର ପ୍ରାୟ ୨୩୫ଟି ସ୍ୱୟଂ ସହାୟିକା ଗୋଷ୍ଠୀକୁ ୪କୋଟି ୪୩ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯାଇଥିଲା।

# ଘୋଡ଼ାଶାଳ ଘାଟିରେ ଓଲଟିଲା ଗାଡ଼ି

**ଆର୍.ଉଦୟଗିରି, ୨୩।୯ (ସମିସ):** ଗଜପତି ଜିଲ୍ଲା ଆର.ଉଦୟଗିରି ନିକଟସ୍ଥ ଘୋଡ।ାଶାଳ ଘାଟିରେ ଏକ ବୁଲାଣିରେ ଆଜି ସନ୍ଧ୍ୟା ସମୟରେ ଏକ ପିକ୍‌ଅପ୍ ଭ୍ୟାନ୍ ଓଲଟି ପଡ଼ିଛି। ଏଥିରେ ଚାଳକ ଅଳ୍ପକେ ବର୍ତ୍ତି ଯାଇଛି। ସୂଚନା ଅନୁସାରେ ଆଜି ସନ୍ଧ୍ୟା ସମୟରେ ଗଞ୍ଜାମ ଜିଲ୍ଲା ଡେଙ୍ଗାଉସ୍ତ ଅଞ୍ଚଳର ଏକ ମାଲ ବୋଝେଇ ଭ୍ୟାନ ପରିମଳ ଅଞ୍ଚଳକୁ ଦୋକାନୀ ସାମଗ୍ରୀ ଦେବାକୁ ଯାଉଥିବା ବେଳେ ହଠାତ ଆର.ଉଦୟଗିରି ପରେ ପରେ ପଡୁଥିବା ଘୋଡାଶାଳ ଘାଟି ଏବଂ କନକ ଦୁର୍ଗା ମନ୍ଦିର ନିକଟସ୍ଥ ବୁଲାଣିରେ ଗାଡିର ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ତେବେ ଉକ୍ତ ଗାଡ଼ିରେ ଥିବା ସମସ୍ତ ରାସନ ଜିନିଷ ନଷ୍ଟ ହେବା ସାଙ୍ଗକୁ ଗାଡ଼ିରେ ଥିବା ଡ୍ରାଇଭର ସାମାନ୍ୟ ଖଣ୍ଡିଆ ଖାବରା ହୋଇ ଅଳ୍ପକେ ବର୍ତ୍ତିଯାଇଛନ୍ତି। ପରିମଳ ଝାଲରସିଂ ରାସ୍ତା ଘାଟି ଏବଂ ଅଙ୍କା ବଙ୍କା ରାସ୍ତାରେ ପରିପୂର୍ଣ୍ଣ ହୋଇଥିବା ବେଳେ ସେହି ରାସ୍ତାରେ ପ୍ରତ୍ୟେକ ଦିନ ଛୋଟ ବଡ଼ ଦୁର୍ଘଟଣା ଘଟି ଅନେକ ନିରୀହ ଲୋକଙ୍କ ଧନ ଜୀବନ ନଷ୍ଟ ହେଉଛି।



# ଦରମା ବୃଦ୍ଧି ନେଇ ଏଆଇଏସ୍ ବ୍ରାଞ୍ଚ ହେଡ଼ଙ୍କୁ ସିକ୍ୟୁରିଟି ଗାର୍ଡଙ୍କ ଦାବି




ବ୍ରହ୍ମପୁର,୨୩।୯(ସମିସ)

ବ୍ରହ୍ମପୁର ସିଟି ହସ୍ପିଟାଲରେ କାର୍ଯ୍ୟରତ ଏଆଇଏସ୍ ସିକ୍ୟୁରିଟି ଇଣ୍ଟେଲିଜେନ୍ସ ସର୍ଭିସ୍‌ରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ସିକ୍ୟୁରିଟି ଗାର୍ଡ ନିଜର ବିଭିନ୍ନ ଦାବି ନେଇ ଗୁରୁବାର ଏକାଠି ହୋଇଛନ୍ତି। ଏଆଇଏସ୍ ପକ୍ଷରୁ ରାୟଗଡ଼ା ବ୍ରାଞ୍ଚ ହେଡ ମନୋରଞ୍ଜନ ବେଉରା ହସ୍‌ପିଟାଲ ପରିଦର୍ଶନରେ ଆସିଥିଲେ। ଦୀର୍ଘବର୍ଷ ଧରି କାର୍ଯ୍ୟରତ ସିକ୍ୟୁରିଟି ଗାର୍ଡଙ୍କ ଦରମା ବୃଦ୍ଧି ହେଉନଥିବା, ଉଚିତ ଦରମା ଦେବାକୁ ସେମାନେ ବହୁଦିନ ଧରି ଦାବି କରି ଆସୁଛନ୍ତି। କିନ୍ତୁ ବ୍ରାଞ୍ଚହେଡ୍ ଦୀର୍ଘଦିନ ଧରି ହସପିଟାଲ ପରିଦର୍ଶନରେ ଆସୁନଥିବାରୁ ଗାର୍ଡମାନେ ନିଜର ଦାବି ସମ୍ପର୍କରେ ଜଣାଇ ପାରୁନଥିଲେ। ଆଜି ବ୍ରାଞ୍ଚହେଡ୍ ବେଉରା ପରିଦର୍ଶନରେ ଆସିଥିବା ବେଳେ ତାଙ୍କୁ ଗାର୍ଡମାନେ ନିଜର ଅଭିଯୋଗ ଜଣାଇବା ପାଇଁ ଅଟକାଇଥିଲେ। ଗାର୍ଡମାନଙ୍କ ଅଭିଯୋଗ ପ୍ରକାରେ ସିଟି ହସପିଟାଲରେ ୩୩ଜଣ ଗାର୍ଡ ଏବଂ ୩ ଜଣ ସୁପରଭାଇଜର ନିୟୋଜିତ ରହିଛନ୍ତି। ଗାର୍ଡ ଭାବେ ନିଯୁକ୍ତି ପାଇବା ପଇଁ ପ୍ରାୟ ୧୫ହଜାରରୁ ୩୦ହଜାର ଟଙ୍କା ପର୍ଯ୍ୟନ୍ତ ସେମାନଙ୍କ ଠାରୁ କମ୍ପାନୀ ଆଦାୟ କରିଛି। ୨୦୨୦ ଚୁକ୍ତି ମୁତାବକ ଗାର୍ଡମାନଙ୍କ ମସିକ ଦରମା ୧୧ ହଜାର ୩୦୫ ଟଙ୍କା ରହିଥିବା ବେଳେ ସୁପରଭାଇଜରଙ୍କ ମାସିକ ଦରମା ୧୩ ହଜାର ୦୭୧ ଟଙ୍କା ଦେବା ନେଇ ଉଲ୍ଲେଖ ରହିଛି। ହସପିଟାଲରୁ ଗାର୍ଡଙ୍କ ପିଛା ୧୨ହଜାର ୨୪୨ଟଙ୍କା ଏବଂ ସୁପରଭାଇଜରଙ୍କ ପାଇଁ ୧୩ହଜାର ୯୮୬ ଟଙ୍କା କମ୍ପାନୀ ଆଦାୟ କରୁଥିବା ବେଳେ ଗାର୍ଡମାନେ ୭୦୦୯ଟଙ୍କା ଏବଂ ସୁପରଭାଇଜରମାନେ ୯ହଜାର ୩୦ ଟଙ୍କା ଦରମା ପାଉଥିବା ଅଭିଯୋଗ କରିଛନ୍ତି। ଚୁକ୍ତି ମୁତାବକ ଦରମା ଦିଆଯାଉ ନ ଥିବା ବେଳେ ଦିର୍ଘ ତିନିବର୍ଷ ଧରି ଦରମା ବୃଦ୍ଧି କରାଯାଇନାହିଁ। କୋଭିଡ୍ ସମୟରେ ଗାର୍ଡମାନଙ୍କୁ ଓଭର ଡ୍ୟୁଟି କରାଇଥିବା ବେଳେ ସେମାନଙ୍କୁ ତାହା ପାଇଁ ସ୍ୱତନ୍ତ୍ର ଦରମା ପ୍ରଦାନ କରାଯାଇନାଥିବା ଏଠାରେ ଅଭିଯୋଗ ହୋଇଛି।

# ଦୁର୍ଗାପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ




**ପାରଳାଖେମୁଣ୍ଡି, ୨୩।୯ (ସମିସ):** ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହରର କଲେଜ ଛକ ଠାରେ ଦୁର୍ଗା ପୂଜା ପାଇଁ ଗଜପତି ମୋଟର ଆସୋସିଏସନ ପକ୍ଷରୁ ଶୁଭଖୁଣ୍ଟିର ପୂଜାର୍ଚ୍ଚନା ସହ ସ୍ଥାପନ କରାଯାଇଛି। ଅନୁଷ୍ଠାନର ସଭାପତି କେ.ପ୍ରସାଦଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ଅନୁଷ୍ଠିତ ହୋଇଥିବା ବେଳେ ପଣ୍ଡିତ ରାମକୃଷ୍ଣ ମିଶ୍ରଙ୍କ ପୌରୋହିତ୍ୟରେ ଏହା ସମ୍ପାଦନ ହୋଇଥିଲା। ଦୀର୍ଘ ୨୮ ବର୍ଷ ହେଲା ଏଠାରେ ମା' ଦୁର୍ଗାଙ୍କ ପୂଜାର୍ଚ୍ଚନା କରାଯାଉଥିବା ବେଳେ ପ୍ରତ୍ୟେକ ବର୍ଷ ଏଠାରେ ଧୂମଧାମରେ ପୂଜାକରାଯାଇଥାଏ। ହେଲେ ପୂର୍ବବର୍ଷ କରୋନା କଟକଣା ଯୋଗୁଁ ପାବନ୍ଦି ଲାଗିଥିଲା। ଆଜିର ଏହି ଶୁଭଖୁଣ୍ଟି ସ୍ଥାପନ ଅବସରରେ ଏସୋସିଏସନର ସମସ୍ତ ସଦସ୍ୟମାନେ ଉପସ୍ଥିତ ରହି ପୂଜା କାର୍ଯ୍ୟକୁ ପରିଚାଳନା କରିଥିଲେ।

# ଏମ୍‌କେସିଜିରେ କୋଠା ମାଳ ମାଳ; ଲିଫ୍ଟ ଅଚଳ

ବ୍ରହ୍ମପୁର,୨୩।୯ (ସମିସ)

ଉନ୍ନତିର ରାସ୍ତାରେ ଚାଲିଥିବା ବ୍ରହ୍ମପୁର ଏମ୍‌କେସିଜି ବଡମେଡିକାଲ ଏବେ ସମସ୍ୟାରେ ଭରପୂର। କେତେବେଳେ ଡାକ୍ତର ନାହାନ୍ତି ତ କେତେବେଳେ ରୋଗୀଙ୍କୁ ସେବା ମିଳୁନି। କେତେବେଳେ ରକ୍ତ ମିଳୁନାହିଁ ତ କେତେବେଳେ ଦଲାଲଙ୍କ ଶିକାର ହେଉଛନ୍ତି ରୋଗୀ ଏବଂ ସମ୍ପର୍କୀୟ। ଏଠି ମାଳ ମାଳ କୋଠା ନିର୍ମାଣ ହୋଇ ପଡ଼ିଥିଲେ ମଧ୍ୟ ତାହା ବ୍ୟବହାର ହୋଇପାରୁନାହିଁ। ସବୁଠାରୁ ବଡ ସମସ୍ୟା ହେଲା ଏମ୍‌କେସିଜି ମେଡିକାଲ କଲେଜରେ ବିଭିନ୍ନ ବିଭାଗର କୋଠାରେ ଲାଗିଥିବା କେତେକ ଲିଫ୍ଟ ଏବେ ଅଚଳ ହୋଇପଡ଼ିଛି। କିଛି କାମ କରୁଛି ତ କିଛି ଅବ୍ୟବହୃତ ହୋଇ ପଡ଼ି ରହିଛି। ନିୟମିତ ତିଆରି ଏବଂ ରକ୍ଷଣାବେକ୍ଷଣ ଅଭାବରୁ ଏହିପରି ସମସ୍ୟା ଉପୁଜୁଥିବା ଦେଖିବାକୁ ମିଳିଛି। ଏ ନେଇ ଏମକେସିଜି କର୍ତ୍ତୃପକ୍ଷ ବାରମ୍ବାର ଦାୟିତ୍ୱରେ ଥିବା ପୂର୍ତ୍ତ ବିଭାଗକୁ ଚିଠି ଲେଖିଲେ ମଧ୍ୟ କେହି କର୍ଣ୍ଣପାତ



ହଇରାଣ ହେଉଛନ୍ତି ରୋଗୀ, ସମ୍ପର୍କୀୟ ଓ ଡାକ୍ତର

କରୁନାହାନ୍ତି। ଫଳରେ ସାଧାରଣ ରୋଗୀ ଏବଂ ସମ୍ପର୍କୀୟଙ୍କ ସମେତ ଡାକ୍ତର, ନର୍ସ ଏବଂ ଅନ୍ୟ କର୍ମଚାରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଜି ସର୍ଜରୀ ସ୍ପେଶାଲିଷ୍ଟ କୋଠାରେ ଲାଗି ରହିଥିବା ୪ଟି ଲିଫ୍ଟ ମଧ୍ୟରୁ ୩ଟି ଅଚଳ ହୋଇ ପଡ଼ିବା ବେଳେ ମେଡିସିନ୍ ବିଭାଗରେ ଲାଗିଥିବା ଦୁଇଟି ଲିଫ୍ଟ ମଧ୍ୟରୁ ଗୋଟିଏ ଅଚଳ ହୋଇପଡ଼ିଛି। ଯେଉଁ ଗୁଡିକ ଚାଲୁଛି ସେଥିରେ କୋଠାର ଉପର ମହଲାକୁ ଯିବା ପାଇଁ ରୋଗୀଙ୍କଠାରୁ ଆରମ୍ଭ କରି ଡାକ୍ତର ଓ କର୍ମଚାରୀମାନେ ଲମ୍ବା ଧାଡି କରି ଅପେକ୍ଷା କରୁଛନ୍ତି। ଗୋଟିଏ ପଟେ କରୋନା କଟକଣା ଲାଗୁ ରହିଥିବା ବେଳେ ଅନ୍ୟପଟେ ଲିଫ୍ଟ ଗୁଡିକରେ ଭରପୁର ଗହଳି ସବୁ କଟକଣାକୁ ଫୁ କରିଦେଉଛି। ଲିଫ୍ଟରେ ଆବଶ୍ୟକରୁ ଅଧିକ ଲୋକ ଯାତାୟତ କରୁଥିବାରୁ ଏଗୁଡିକ ମଧ୍ୟ ଶୀଘ୍ର ଅଚଳ ହେବା ସମ୍ଭାବନା ଦେଖା ଦେଇଛି। ସର୍ଜରୀ ସ୍ପେସାଲିଷ୍ଟ କୋଠା ୨୦୧୬ରୁ କାର୍ଯ୍ୟକ୍ଷମ ହେଉଥିବା ବେଳେ ଏଠାରେ ୫ଶହରୁ ଊର୍ଦ୍ଧ୍ୱ ଶଯ୍ୟା ବିଭିନ୍ନ ବିଭାଗରେ ରହିଛି। ଏହି ୪ ମହଲା ବିଶିଷ୍ଟ କୋଠାରେ ଓଟି କମ୍ପେଲକ୍ସ, ନାଶା ଗଳା କର୍ଣ୍ଣ, ଅସ୍ଥିଶଲ୍ୟ ବିଭାଗର ଇନ୍‌ଡୋର, ସର୍ଜରୀ ଇନ୍‌ଡୋର ରହିଛି। ଏହି କୋଠାର ବିଭିନ୍ନ ମହଲାରେ ଅସ୍ତ୍ରୋପଚାରର ଗୃହ ରହିଥିବାରୁ ଦୈନିକ ୨୦ରୁ ଊର୍ଦ୍ଧ୍ୱ ଅସ୍ତ୍ରୋପଚାର ମଧ୍ୟ ହେଉଥିବା ଜଣାପଡ଼ିଛି। ଅସ୍ତ୍ରୋପଚାର ପରେ ରୋଗୀଙ୍କୁ ଅନ୍ୟ ୱାର୍ଡକୁ ସ୍ଥାନାନ୍ତର କରିବା ସମୟରେ ଲିଫ୍ଟର ଆବଶ୍ୟକତା ନିହାତି ରହୁଛି। କିନ୍ତୁ ଅନେକ ଲିଫ୍ଟ ଅଚଳ ହୋଇଥିବା ଯୋଗୁଁ ରୋଗୀ ଏବଂ ରୋଗୀଙ୍କ ସମ୍ପର୍କୀୟଙ୍କ ସମେତ କର୍ମଚାରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କୋଠାରେ ନିର୍ମାଣ ହୋଇଥିବା ର୍ୟାମ୍ପରେ ରୋଗୀଙ୍କୁ ନେବା ଆଣିବା କରାଯାଉଛି। ମେଡିକାଲ କଲେଜ, ହସ୍‌ପିଟାଲ୍ ଏବଂ ହଷ୍ଟେଲକୁ ମିଶାଇ ଏମକେସିଜିରେ ମୋଟ ୫୯ଟି ଲିଫ୍ଟ ଲଗାଯାଇଛି। ସେଥିରୁ ଅଧିକାଂଶ ଅଚଳ ହୋଇପଡ଼ିଛି। ନିୟମିତ ରକ୍ଷଣାବେକ୍ଷଣ ହୋଇ ପାରୁନଥିବା ଯୋଗୁଁ ବାରମ୍ବାର ଲିଫ୍ଟଗୁଡିକ ଅଚଳ ହୋଇ ପଡୁଥିବା ବେଳେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ୍ୟ କେହି ଦୃଷ୍ଟି ଦେଉନାହାନ୍ତି। ସର୍ଜରୀ ୱାର୍ଡରେ ଗତ ସପ୍ତାହରେ ହିଁ କିଛି ଅଚଳ ଲିଫ୍ଟର ମରାମତି କରାଯାଇଥିଲା। ସେଗୁଡିକ ପୁଣି ଅଚଳ ହୋଇପଡ଼ିଛି। ଲିଫ୍ଟ ଗୁଡିକ ଅଚଳ ହେବା ଦ୍ୱାରା ସେହି ସ୍ଥାନ ମାନଙ୍କରେ ଲୋକେ ଅଯଥାରେ ଅପେକ୍ଷା କରିବା ଫଳରେ ଗହଳି ହେଉଛି। ବୟସ୍କମାନେ ବାଧ୍ୟ ହୋଇ ଚଳନ୍ତା ଲିଫ୍ଟ ସମ୍ମୁଖରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ମଧ୍ୟ ଗହଳିରେ ପଶି ନପାରି ହତାଶ ହେଉଛନ୍ତି। ତୁରନ୍ତ ମେଡିକାଲର ଲିଫ୍ଟ ଗୁଡିକୁ ସଚଳ ନ କଲେ ଆଗାମୀ ଦିନରେ ଏହା ଏକ ଜନ ଅସନ୍ତୋଷର କାରଣ ହେବ ବୋଲି ଜଣାପଡ଼ିଛି।

## ସପ୍ତମ ଶ୍ରେଣୀ ଛାତ୍ରର ଆତ୍ମହତ୍ୟା

**ଆସିକା,୨୩।୯ (ସମିସ):** ଆସିକା ଥାନା ଅନ୍ତର୍ଗତ ନଳବଣ୍ଟା ଗାଁ ପାଟଣା ସାହିର ତାରା ଚରଣ ମହାପାତ୍ରଙ୍କ ପୁଅ ଆକାଶ ଆଜି ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଆକାଶ ମୋବାଇଲରେ ବିଭିନ୍ନ ଗେମ ଖେଳୁଥିବା ବେଳେ ମା' ବାରଣ କରିବା ସହ ତାଗିଦ୍ ମଧ୍ୟ କରିଥିଲେ। କିନ୍ତୁ ଆକାଶ ମା'ର ତାଗିଦ୍‌କୁ ସହ୍ୟ କରି ନ ପାରି ଘରେ କେହି ନଥିବା ସମୟରେ ଫ୍ୟାନରେ ଲୁଗା ବାନ୍ଧି ଆତ୍ମହତ୍ୟା କରିଥିଲା। ଘର ଲୋକେ ଉପର ଘରକୁ ଯାଇ ଆକାଶ ଫ୍ୟାନରେ ଝୁଲୁ ଥିବା ଦେଖି ସଙ୍ଗେ ସଙ୍ଗେ ଆସିକା ମେଡିକାଲକୁ ଆଣିଥିଲେ। ଏଠାରେ ଡାକ୍ତର ଆକାଶକୁ ମୃତ ଘୋଷଣା କରିଥିଲେ। ଖବର ପାଇ ଆସିକା ପୁଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି କେସନଂ.୨୧/୨୧ରେ ମାମଲା ରୁଜୁ କରିଛି।

## ସଡ଼କ ଦୁର୍ଘଟଣାରେ ଯୁବକ ମୃତ

**ଗଞ୍ଜାମ,୨୩।୯ (ସମିସ):** ଆନ୍ଧ୍ରପ୍ରଦେଶର ସୀମାଞ୍ଚଳ ଠାକୁରଙ୍କୁ ଦର୍ଶନ କରି ଫେରୁଥିବା ବେଳେ ସଡ଼କ ଦୁର୍ଘଟଣାରେ ଗଞ୍ଜାମ ସହର ୪ ନମ୍ବର ୱାର୍ଡର ପ୍ରତାପ ମହାରଣାଙ୍କ ପୁଅ ଚନ୍ଦନ (୨୫)ଙ୍କ ମୃତ୍ୟୁ ହୋଇଛି। ଗତ ମଙ୍ଗଳବାର ପ୍ରତାପଙ୍କ ଦୁଇ ପୁଅ ଚନ୍ଦନ ଓ ରାଜା ବାଇକ୍‌ରେ ସୀମାଞ୍ଚଳ ଦର୍ଶନ କରି ଫେରୁଥିଲେ। ଚନ୍ଦନ ବାଇକ୍ ଚଳାଉଥିଲେ। ବିଜାନଗର ନିକଟରେ ଏକ ଟ୍ରକ ସହ ଧକ୍କା ହୋଇ ଦୁଇ ଭାଇ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ଚନ୍ଦନ ଗୁରୁତର ହୋଇଥିବା ବେଳେ ସାନ ଭାଇ ରାଜା ସାମାନ୍ୟ ଆହତ ହୋଇଥିଲେ। ତାଙ୍କୁ ସେଠାରୁ ବିଶାଖାପାଟଣା ମେଡିକାଲକୁ ଚିକିତ୍ସା ନିମନ୍ତେ ନିଆଯାଇଥିଲା। ବୁଧବାର ସନ୍ଧ୍ୟାରେ ଚନ୍ଦନଙ୍କ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଛି।

## ବିଦ୍ୟୁତ ଆଘାତରେ ବୃଦ୍ଧ ମୃତ

**ଛତ୍ରପୁର,୨୩।୯ (ସମିସ):** ଛତ୍ରପୁର ଥାନା ଅନ୍ତର୍ଗତ ବିପୁଳିଙ୍ଗି ଗ୍ରାମରେ ବିଦ୍ୟୁତ ଆଘାତରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ବିପୁଳିଙ୍ଗ ଗ୍ରାମ ବଡ ସାହିର ସୁକ୍ରୁ ଦାସ (୬୫)। ମିଳିଥିବା ସୂଚନା ମୁତାବକ ଆଜି ସକାଳେ ସୁକ୍ରୁ ନିଜ ବାସଭବନରେ ଫ୍ୟାନ ଲଗାଉଥିବା ବିଦ୍ୟୁତ ସଂସ୍ପର୍ଶରେ ଆସି ଅଚେତ ହୋଇ ତଳେ ପଡ଼ି ଯାଇଥିଲେ। ପରିବାର ଲୋକ ତାଙ୍କୁ ଉଦ୍ଧାର କରି ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥଲେ। ଛତ୍ରପୁର ପୁଲିସ ଥାନା କେସନଂ. ୧୦/୨୧ରେ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇଛନ୍ତି।

## ନିଖୋଜ ବୃଦ୍ଧଙ୍କ ମୃତଦେହ ମିଳିଲା

**ଛତ୍ରପୁର/ଗଞ୍ଜାମ,୨୩।୯ (ସମିସ):** ଛତ୍ରପୁର ଥାନା ଅନ୍ତର୍ଗତ ବଡମାଧପୁର ଗ୍ରାମ ପଞ୍ଚାୟତ ଗୋବା ଗ୍ରାମ ଠାରେ ଥିବା ଋଷିକୁଲ୍ୟା ନଦୀ ପଠାରୁ ବୁଧବାର ନିଖୋଜ ହୋଇଥିବା ବୃଦ୍ଧଙ୍କ ମୃତଦେହକୁ ଗୁରୁବାର ଗଞ୍ଜାମ ଥାନା ଅନ୍ତର୍ଗତ କଲ୍ୟାଣପୁର ନିକଟ ନଦୀ ପଠାରୁ ଠାବ କରିଛି ପୁଲିସ। ବୁଧବାର ଗୋବିନ୍ଦ ଦାସ ନାମକ ୬୨ ବର୍ଷ ବୟସ୍କ ବ୍ୟକ୍ତି ନଦୀ ପାର ହୋଇ ପ୍ରତାପପୁର ଯାଉଥିବା ସମୟରେ ନଦୀପାଣିରେ ଗୋଡ ଖସି ନଦୀ ସ୍ରୋତରେ ଭାସି ଯାଇଥିଲେ। ଘଟଣା ସ୍ଥଳରେ ପୁଲିସ୍, ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ବାସିନ୍ଦା ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କ ଖୋଜଖବର ମିଳିନଥିଲା। ଆଜି ସନ୍ଧ୍ୟାରେ ତାଙ୍କ ମୃତଦେହକୁ ଗଞ୍ଜାମ ଥାନା ଅନ୍ତର୍ଗତ କଲ୍ୟାଣପୁର ଗ୍ରାମ ନଦୀ ପଠାରୁ ଠାବ କରାଯାଇଥିବା ଛତ୍ରପୁର ଥାନା ଅଧିକାରୀ ସତ୍ୟ ରଞ୍ଜନ ପ୍ରଧାନ ସୂଚନା ମିଳିଛି।

## ବାଇକ୍-ସାଇକଲ ଧକ୍କା; ୨ ଗୁରୁତର

**ଭଞ୍ଜନଗର,୨୩।୯ (ସମିସ):** ବେଲଗୁଣ୍ଠା ଥାନା ଅଧୀନ ଅଢେଇ ଗାଁ ନିକଟରେ ବାଇକ ସାଇକଲ ମୁହାଁମୁହିଁ ଧକ୍କା ହେବା ଫଳରେ ଦୁଇ ବାଇକ ଆରୋହୀ ଗୁରୁତର ଆହାତ ହୋଇଛନ୍ତି। ଆହତମାନେ ହେଲେ ଥୋଲଣ୍ଡା ଗ୍ରାମର ଗଣେଷ ନାଇକ ଏବଂ ବିଗିଲି ନାଇକ। ଉଭୟ ଗ୍ରାମରୁ ବେଲଗୁଣ୍ଠାକୁ ଆସୁଥିବା ବେଳେ ଅଢେଇଗାଁ ନିକଟରେ ଏକ ସାଇକଲ ସହ ଧକ୍କା ହୋଇଥିଲା। ଏଥିରେ ଉଭୟ ବାଇକରୁ ପଡ଼ି ଗୁରୁତର ହୋଇଥିବା ବେଳେ ସୌଭାଗ୍ୟବଶତଃ ସାଇକଲ ଚାଳକ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟଙ୍କୁ ଆମ୍ବୁଲାନ୍ସରେ ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରାଯାଇଛି।

## ଦୁଇ ଭାଇଙ୍କ ମଧ୍ୟରେ ହଣାକଟା

ଭଞ୍ଜନଗର,୨୩।୯ (ସମିସ): ସମ୍ପତ୍ତି ଭାଗବଣ୍ଟାକୁ ନେଇ ବେଲଗୁଣ୍ଠା ବ୍ଲକ୍ ଜିଲିବା ଗ୍ରାମର ହରିଜନ ସାହିରେ ଦୁଇ ଭାଇଙ୍କ ମଧ୍ୟରେ ହଣାକଟା ହୋଇଛି। ସୂଚନା ପ୍ରକାରେ ଗ୍ରାମର ପାଣ୍ଡବ ନାଇକଙ୍କ ଦୁଇ ପୁଅ ଜୟରାମ ଏବଂ କୈଳାସଙ୍କ ମଧ୍ୟରେ ପୂର୍ବରୁ ସମ୍ପତ୍ତି ଭାଗବଣ୍ଟାକୁ କେନ୍ଦ୍ର କରି ଅଶାନ୍ତି ଲାଗି ରହୁଥିଲା। ଆଜି ଏହା ଉଗ୍ର ରୂପ ନେଇ ହଣାକଟା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ବୁଧବାର ରାତ୍ର ସାଢ଼େ ୮ଟାରେ ଜୟରାମ ଏବଂ କୈଳାସଙ୍କ ମଧ୍ୟରେ ଗଣ୍ଡଗୋଳ ଆରମ୍ଭ ହୋଇ ପରସ୍ପରକୁ ଆକ୍ରମଣ କରିଥିଲେ। ଏଥିରେ ଦୁହେଁ ଆହତ ହୋଇଥିଲେ। ଉଭୟଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରଥିଲେ। ଏନେଇ ଥାନାରେ କୌଣସୀ ଏତଲା ଦାୟର ହୋଇନଥିବା ବେଲଗୁଣ୍ଠା ଥାନା ଅଧିକାରୀ ପ୍ରକାଶ କୁମାର ସାହୁ ସୂଚନା ଦେଇଛନ୍ତି।

## କରସିଂ ଲୁଟ୍ ଘଟଣାରେ ଆଉ ଜଣେ ଗିରଫ

ବୁଗୁଡ଼ା,୨୩।୯ (ସମିସ): ଗଞ୍ଜାମ ଜିଲ୍ଲା ବୁଗୁଡ଼ା ଥାନା ଅନ୍ତର୍ଗତ କରସିଂ ଗ୍ରାମରେ ହୋଇଥିବା ଲୁଟ୍ ଘଟଣାରେ ପୁଲିସ ଆଜି ଆଉ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଆଇଆଇସି ଚିତ୍ତ ରଞ୍ଜନ ବେହେରା ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ ଜଣକ ହେଲେ ବୁଗୁଡ଼ା ଥାନା କରଚୁଲି ପଞ୍ଚାୟତ ଅନ୍ତର୍ଗତ ଜେଏକ ଗ୍ରାମର ସଞ୍ଜୟ ନାୟକ। ସଞ୍ଜୟ ଠାରୁ ଏକ ବାଇକକୁ ମଧ୍ୟ ଜବତ ହୋଇଛି। ପୂର୍ବରୁ ଦୁଇ ଲୁଟେରା ନୟାଗଡ଼ ଥାନା ଅନ୍ତର୍ଗତ ଦୁର୍ଗାପ୍ରସାଦ ଗ୍ରାମର ଜିତୁ ପ୍ରଧାନ ଓ ଜୟ କୃଷ୍ଣ ପ୍ରଧାନଙ୍କୁ ଗିରଫ କରାଯାଇଥିଲା। ଆଜି ସଞ୍ଜୟକୁ ଗିରଫଦାରି ପରେ ଏହି ସଂଖ୍ୟା ତିନିରେ ପହଞ୍ଚିଛି। ସୂଚନାଯୋଗ୍ୟ ଯେ, କରସିଂ-ଜଗନ୍ନାଥ ପ୍ରସାଦ ମୁଖ୍ୟ ରାସ୍ତା କଡରେ ଘର କରିଥିବା କୃଷ୍ଣ ପ୍ରଧାନଙ୍କ ଘରୁ ଗତ ଜୁଲାଇ ୨୬ ତାରିଖ ଦିନ ଦିପ୍ରହରରେ ଲୁଟେରାମାନେ ଘରେ ପଶି ମାଉଜର୍ ଓ ଛୁରି ଦେଖାଇ ଲକ୍ଷାଧିକ ଟଙ୍କାର ସୁନା ଗହଣା ଓ ନଗଦ ଟଙ୍କା ଲୁଟି ନେଇଥିଲେ। ପୂର୍ବାହ୍ନ ସାଢେ ୧୧ଟା ସମୟରେ ଦୁଇଟି ପଲସର ବାଇକରେ ୪ ଜଣ ଦୁର୍ବୃତ୍ତ ପହଞ୍ଚି ପ୍ରଥମେ ପିଇବା ପାଇଁ ପାଣି ମାଗିଥିଲେ। ୭୫ ବର୍ଷୀୟ ବୃଦ୍ଧ କୃଷ୍ଣ ସେମାନଙ୍କୁ ପାଣି ଦେବା ପାଇଁ କବାଟ ଖୋଲିବା କ୍ଷଣି ତାଙ୍କୁ ଧକ୍କା ମାରି ୪ ଜଣଯାକ ଘର ଭିତରେ ପଶି ଯାଇଥିଲେ। ଜଣକ ହାତରେ ମାଉଜର ଥିବା ବେଳେ ଅନ୍ୟ ୩ ଜଣ ଛୁରୀ ଧରି କୃଷ୍ଣଙ୍କ ସ୍ତ୍ରୀ ତନୁଙ୍କ ବେକ ଓ କାନରୁ ସୁନା ଚେନ, କାନ ଫୁଲ, ଝିକା ଓ ପାଦରୁ ପାଉଁଜି ଛଡାଇ ନେଇଥିଲେ। ବୋହୁ ସୁଜାତାଙ୍କ ବେକରୁ ମଙ୍ଗଳସୂତ୍ର, କାନ ଫୁଲ ଏବଂ ଦଶମ ଶ୍ରେଣୀରେ ପଢୁଥିବା ନାତୁଣୀ ବୈଶାଳିନୀର ବେକରୁ ସୁନା ଚେନ ନେବା ସହ ଆଲମୀରା ଖୋଲି ଗୋଟିଏ ରାଣୀ ହାର, ଚେନ, ଛୋଟ ହାର, ଚୁଡ଼ି ୪ ପଟ ଓ କାନର ୬ ହଳ ଲୁଟି ନେଇଥିଲେ। ଲୁଟ୍ ସମୟରେ ପୁଅ ନିଶାକର ବିଲକୁ ଯାଇଥିବା ବେଳେ ବୋହୁ ସୁଜାତା ସାହସ ଜୁଟାଇ ଲୁଟେରାଙ୍କ ସହ ଲଢ଼ି ସେମାନଙ୍କ ମୁହଁରୁ ମାସ୍କ ଟାଣି ବାହାର କରିଥିଲେ। ଲୁଟେରାଙ୍କ ଛୁରା ମାଡ଼ରେ ସୁଜାତାଙ୍କ ବେକରେ ମଧ୍ୟ ସାମାନ୍ୟ ଆଘାତ ଲାଗିଥିଲା। ଏନେଇ ନିଶାକର ବୁଗୁଡ଼ା ଥାନାରେ ଏତଲା ଦେବା ପରେ ପୁଲିସ କେସ୍ ନଂ-୩୭୩/୨୧ରେ ଏକ ମାମଲା ରୁଜୁ କରି ଅନୁସନ୍ଧାନ ଜାରି ରଖିଥିଲା।



## ଓପ୍ରା ମିସ୍ ଇଣ୍ଡିଆରେ ବିଜେତା ଅଭିପ୍ସାଙ୍କୁ ସମ୍ବର୍ଦ୍ଧନା

**ବ୍ରହ୍ମପୁର,୨୩।୯ (ସମିସ):** ବ୍ରହ୍ମପୁରର ଅଭିପ୍ସା ପ୍ରିୟଦର୍ଶିନୀ ଓପ୍ରା ମିସ୍ ଇଣ୍ଡିଆରେ ଶ୍ରେଷ୍ଠ ବିବେଚିତ ହୋଇ ମୁକୁଟ ହାସଲ କରିଛନ୍ତି। ଗତ ୧୯ତାରିଖରେ ଦିଲ୍ଲୀର ଆଗ୍ରାଠାରେ ଓପ୍ରା ସୁନ୍ଦରୀ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତର ୪୦ଜଣ ସୁନ୍ଦରୀ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ବେଳେ ଓଡ଼ିଶାରୁ ଦୁଇଜଣ ଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ବାଦ୍ ଦେଇ ଅଭିପ୍ସା ବିଜୟ ମୁକୁଟ ହାତେଇଥିବା ସେ କହିଛନ୍ତି। ଏନେଇ ସ୍ଥାନୀୟ ଗୋଦାବରୀଶ ନଗର ସ୍ଥିତ ଦ ଡ୍ରିମ୍ ହାଉସ୍ ପରିସରରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁମ୍ବାଇ ଗ୍ଲୋବାଲ ଇଣ୍ଡିଆ ଓଡ଼ିଶା ଆମ୍ବାସଡ଼ର ଶ୍ରୀମତୀ ସୁନ୍ଦରୀ ରାମେଶ୍ୱରୀ ନନ୍ଦ, ଅଭିପ୍ସାଙ୍କ ମା' ସୁନିତା ସ୍ୱାଇଁ ଓ ବାପା ଅଶ୍ୱିନୀ କୁମାର ନାୟକ ଯୋଗଦେଇଥିଲେ। ଏଠାରେ ଅଭିପ୍ସାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଦକ୍ଷିଣ ଓଡ଼ିଶା ପାଇଁ ସେ ଗର୍ବ ଓ ଗୌରବ ଆଣିଦେଇଥିବା ଏଠାରେ କୁହାଯାଇଛି। ପିଲାଟି ଦିନରୁ ଅଭିପ୍ସା ନୃତ୍ୟ ଓ ମଞ୍ଚରେ ବିଭିନ୍ନ କଳା ପରିବେଷଣ କରି ବହୁବାର ସଫଳତା ଆଣିଛନ୍ତି। ବର୍ତ୍ତମାନ ପୁଣି ଆଉ ପାଦେ ଆଗେଇ ଆସିଥିବା ତାଙ୍କ ପିତାମାତା କହିଛନ୍ତି। ଛୋଟ ଶିଶୁ ମାନଙ୍କୁ ନୃତ୍ୟ ଶିକ୍ଷା ଦେବା ପାଇଁ ସେ ନିଜସ୍ୱ ଉଦ୍ୟମରେ ଏକ ଅନୁଷ୍ଠାନ କରିଛନ୍ତି।

## ସ୍ୱାସ୍ଥ୍ୟ ଶିବିରରେ ୮୫ ଜଣଙ୍କୁ ଚିକିତ୍ସା



**ବ୍ରହ୍ମପୁର,୨୩।୯ (ସମିସ):** 'ସ୍ୱାଇକାର୍ଥ' ଓ ବରିଷ୍ଠ ନାଗରିକ ମଞ୍ଚ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ବିଜିପୁର ଭକ୍ତି ଭବନଠାରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମଧୁମେହ, ଆଣ୍ଠୁ ଗଣ୍ଠି ବ୍ୟଥା ଓ ରକ୍ତଚାପ ରୋଗରେ ପୀଡ଼ିତ ପ୍ରାୟ ୮୫ଜଣଙ୍କୁ ଡ଼ାକ୍ତରୀ ପରାମର୍ଶ ଦିଆଯାଇଛି। ଡାକ୍ତର ସୁଶିଲ କୁମାର ପତି ଉପଯୁକ୍ତ ପରାମର୍ଶ ସହ ରୋଗର ନିରାକରଣ ନିମନ୍ତେ ବିଭିନ୍ନ ପ୍ରକାର ଔଷଧ ସେବନ ପାଇଁ କହିଥିଲେ। ଶିବିରକୁ ମଞ୍ଚ ସଭାପତି ତ୍ରିନାଥ ମହାରଣା ଉଦ୍‌ଘାଟନ କରିଥିଲେ। ଯୁଗ୍ମ ସମ୍ପାଦକ ଶିମାଞ୍ଚଳ ପତି ଶିବିର ସମ୍ପର୍କରେ ସୂଚନା ଦେଇଥିଲେ। ସରିତା ରଥ, ସଚିନ ଗୌଡ଼, ଏମ୍.ନରେଶ, ପ୍ରିତମ୍ ପ୍ରଧାନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଜାତୀୟ ସେବା ଯୋଜନା; ଏକ ଦୃଷ୍ଟିପାତ



ଡକ୍ଟର ଶ୍ରୀକାନ୍ତ ମହାପାତ୍ର, ପ୍ରାକ୍ତନ ଅଧ୍ୟକ୍ଷ
ଶଶିଭୂଷଣ ନଗର, ବ୍ରହ୍ମପୁର
ମୋ- ୯୯୩୭୫୦୦୬୭୧

ବିଭିନ୍ନ ଜନହିତକର ଯୋଜନା ପରିପ୍ରେକ୍ଷୀରେ ସାରା ଦେଶରେ ଜାତୀୟ ସେବା ଯୋଜନା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି। ଛାତ୍ରଛାତ୍ରୀମାନେ ଦେଶର ଭବିଷ୍ୟତ। ସେମାନଙ୍କ ମଧ୍ୟରେ ସେବା ମନୋଭାବ ଜାଗ୍ରତ ଲକ୍ଷ୍ୟରେ ଜାତୀୟ ସେବା ଯୋଜନା ଯୁକ୍ତ ୨ କଲେଜ ଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରରେ ଫଳପ୍ରଦ ହୋଇପାରିଛି। ଛାତ୍ରଛାତ୍ରୀଙ୍କର ଉଚ୍ଚଚିନ୍ତା, ଆଦର୍ଶ ଭାବଧାରା ଓ କର୍ତ୍ତବ୍ୟନିଷ୍ଠା ଉପରେ ଦେଶ ଓ ଜାତିର ସମୃଦ୍ଧି ନିର୍ଭର କରେ। ଦେଶ ତଥା ଜାତିର ବୃହତ୍ତର ସ୍ୱାର୍ଥରେ ସେହି ଶକ୍ତିର ଉପଯୁକ୍ତ ବିନିଯୋଗ ଓ ସାଧାରଣ ଜନତାର ସେବାରେ ସଂଶ୍ଲିଷ୍ଟତା ପାଇଁ ଜାତୀୟ ସେବା ଯୋଜନା ସୃଷ୍ଟି। ଏହାଦ୍ୱାରା ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶ ସହ ବ୍ୟକ୍ତିତ୍ୱର ବିକାଶ ଘଟିଥାଏ।

**(ଜାତୀୟ ସେବା ଯୋଜନା ପ୍ରତିଷ୍ଠା ଦିବସ ଉପଲକ୍ଷେ)**

ଜାତିର ପିତା ମହାତ୍ମାଗାନ୍ଧୀଙ୍କ ସ୍ୱପ୍ନ ଥିଲା ଛାତ୍ରଛାତ୍ରୀ ଦେଶ ଗଠନରେ ସହାୟକ ହେବେ ଏବଂ ଏକ ସୁନାର ଭାରତ ଗଠନ କରିବେ। ଏହି ଯୋଜନା ସେମାନଙ୍କ ମନରୁ ହିଂସା, ଦ୍ୱେଷ, ପରଶ୍ରୀକାତରତା, କ୍ରୋଧ ଆଦି ଦୁର୍ଗୁଣଗୁଡ଼ିକ ଦୂରୀଭୂତ କରିଥାଏ। ଏହି ଯୋଜନା ୧୯୬୯ ମସିହା ସେପ୍ଟେମ୍ବର ୨୪ ତାରିଖ ଦିନ ଗାନ୍ଧିଜୀଙ୍କ ଜନ୍ମ ଶତ ବାର୍ଷିକୀରେ ଶୁଭାରମ୍ଭ ହୋଇଥିଲା।

ଜାତୀୟ ସେବା ଯୋଜନାର ପୃଷ୍ଠଭୂମିକୁ ଦୃଷ୍ଟିଦେଲେ ଜଣାଯାଏ, ପ୍ରଥମେ ୧୯୪୯ ମସିହାରେ ଡକ୍ଟର ରାଧାକ୍ରିଷ୍ଣନ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ବିଶ୍ୱବିଦ୍ୟାଳୟ ଆୟୋଗ, ସାଧାରଣ ଜନତାର ସେବା ପାଇଁ ଛାତ୍ର ଶକ୍ତିର ସଦ୍‌ବିନିଯୋଗ କରିବା ସକାଶେ ସମାଜ ସେବାକୁ ଶିକ୍ଷାର ଏକ ଅଙ୍ଗରୂପେ ସୁପାରିସ କରିଥିଲେ। ୧୯୫୦ ମସିହାରେ କେନ୍ଦ୍ରୀୟ ଶିକ୍ଷା ଉପଦେଷ୍ଟା ବୋର୍ଡ ଏହି ପ୍ରସ୍ତାବକୁ ଗ୍ରହଣ କରିବାକୁ ସୁପାରିସ କରିଥିଲା। ୧୯୫୮ରେ ପ୍ରଧାନମନ୍ତ୍ରୀ ନେହେରୁ ରାଜ୍ୟ ମୁଖ୍ୟମନ୍ତ୍ରୀମାନଙ୍କୁ ଏ ବିଷୟରେ ଚିଠି ଲେଖି ଜଣେ ସ୍ନାତକ ଅନ୍ତତଃ ପକ୍ଷେ ଏକ ବର୍ଷ କଲେଜରେ ସମାଜସେବା କ୍ଷେତ୍ରରେ ନିଜକୁ ନିୟୋଜିତ କରିବା ପାଇଁ ଗୁରୁତ୍ୱ ଦେଇଥିଲେ। ୧୯୫୯ ମସିହାରେ ଅନୁଷ୍ଠିତ ଶିକ୍ଷାମନ୍ତ୍ରୀ ସମ୍ମିଳନୀରେ ଏହି ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ୧୯୬୦ ମସିହାରେ ପ୍ରଫେସର କେ.ଜି. ସାଇଉଦ୍ଦିନ ଜାତୀୟ ସେବାକୁ ସ୍କୁଲ ଓ କଲେଜ ସ୍ତରରେ ପ୍ରଚଳନ ନେଇ ସରକାରଙ୍କୁ ରିପୋର୍ଟ ଦେଇଥିଲେ। ୧୯୬୧-୬୬ ମସିହା ମଧ୍ୟରେ ଦ୍ୱିତୀୟ ଶିକ୍ଷା କମିସନ୍ ଜାତୀୟ ସେବା ଯୋଜନା ଉପରେ ଗୁରୁତ୍ୱ ଦେଇଥିଲେ। ୧୯୬୯ରେ ରାଜ୍ୟ ଶିକ୍ଷାମନ୍ତ୍ରୀ ସମ୍ମିଳନୀରେ ମଧ୍ୟ ଏହା ଗୃହୀତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଦେଶର ୩୭ଟି ବିଶ୍ୱବିଦ୍ୟାଳୟ ୪୦ ହଜାର ଛାତ୍ରଛାତ୍ରୀଙ୍କୁ ନେଇ କାର୍ଯ୍ୟ ଆରମ୍ଭ କରିଥିଲେ। ଏହାର ଆଭିମୁଖ୍ୟ ହେଉଛି 'ନଟ୍ ମି, ବଟ୍ ୟୁ'; ଅର୍ଥାତ୍ 'କେବଳ ମୁଁ ନୁହେଁ, ତୁମେ ମଧ୍ୟ'।

କୋଣାର୍କ ରଥଚକ୍ର ହେଉଛି ଜାତୀୟ ସେବା ଯୋଜନାର ସଂକେତ। ଏହି ଚକ୍ରରେ ଥିବା ୧୨ଟି ଅର ଦିବସର ୨୪ ଘଣ୍ଟାର ପ୍ରତିନିଧିତ୍ୱ କରେ। ଏହି ସଂକେତ ଆମକୁ ସବୁବେଳେ ମନେ ପକାଇ ଦିଏ ଯେ, ଜୀବନର ସଫଳତା ହାସଲ କରିବାକୁ ହେଲେ ଆମକୁ ସବୁବେଳେ ମାଡ଼ି ଚାଲିବା ଉଚିତ। ଜାତୀୟ ସେବା ଯୋଜନାର ପ୍ରତୀକ ୨ ରଙ୍ଗ ବିଶିଷ୍ଟ। ରଙ୍ଗବର୍ଣ୍ଣ ଶକ୍ତି ଓ ଉତ୍ସାହର ପ୍ରତୀକ। ନୀଳବର୍ଣ୍ଣ ସମାଜ ସେବାର ପ୍ରତୀକ।

ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମଗୁଡ଼ିକ ମୁଖ୍ୟତଃ ୨ ଭାଗରେ ବିଭକ୍ତ କରାଯାଇଥାଏ; ଯଥା- ନିୟମିତ ଓ ସ୍ୱତନ୍ତ୍ର କାର୍ଯ୍ୟକ୍ରମ। ସ୍ୱେଚ୍ଛାସେବୀମାନେ ଜନ ସାଧାରଣଙ୍କର ଆବଶ୍ୟକତା ଓ ସରକାର ବା ଜନମଙ୍ଗଳ ନୀତିକୁ ଆଖି ଆଗରେ ରଖି କାର୍ଯ୍ୟକ୍ରମମାନ ପ୍ରସ୍ତୁତ କରନ୍ତି। ଶିକ୍ଷା ବୃତ୍ତିକ କାର୍ଯ୍ୟ ହିସାବରେ ଜନଶିକ୍ଷା, ପ୍ରାକ୍ ବିଦ୍ୟାଳୟ ଶିକ୍ଷା, ଅଣ ଆନୁଷ୍ଠାନିକ ଶିକ୍ଷା ଉପରେ ଗୁରୁତ୍ୱ ଦିଅନ୍ତି। ସ୍ୱାସ୍ଥ୍ୟରକ୍ଷା କାର୍ଯ୍ୟକ୍ରମରେ ଜନସାଧାରଣଙ୍କୁ ସଚେତନ କରାଇବା, ପରିବାର କଲ୍ୟାଣ କାର୍ଯ୍ୟକ୍ରମ, ସାର୍ବଜନୀନ ଟିକାଦାନ, ବର୍ତ୍ତମାନ କୋଭିଡ୍ ମହାମାରୀ ସମୟରେ ଜନସାଧାରଣଙ୍କୁ ଏହାର କାରଣ ଓ ନିରାକରଣ ଉପରେ ଗୁରୁତ୍ୱ ଦିଆଯାଉଛି। ଏହା ବ୍ୟତୀତ ମହିଳାମାନଙ୍କ ଆଇନଗତ ଓ ସାମ୍ବିଧାନିକ ଅଧିକାର ସମ୍ପର୍କରେ ସଚେତନ କରାଇବା, ଯୌତୁକ ପ୍ରଥା, ମଦ୍ୟପାନ, ସାମାଜିକ କୁସଂସ୍କାର ବିରୋଧରେ ସଚେତନତା ସୃଷ୍ଟି କରିବାରେ ଛାତ୍ରଛାତ୍ରୀ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି।

ଏହି ଯୋଜନାର ସଫଳତା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଯୋଗ୍ୟତା ସମ୍ପନ୍ନ ଅଫିସରଙ୍କୁ ନିଯୁକ୍ତି କରିବା ଉଚିତ। ଏହା ବ୍ୟତୀତ କଲେଜ ସ୍ତରରେ ଅଧ୍ୟକ୍ଷ ଓ ବିଶ୍ୱବିଦ୍ୟାଳୟ ସ୍ତରରେ କୁଳପତିମାନେ ଉପଯୁକ୍ତ ବ୍ୟକ୍ତିଙ୍କୁ ନିୟୋଜିତ କଲେ ଏହି ଯୋଜନା ଫଳପ୍ରଦ ହୋଇପାରିବ।

# ଆମ ପୁଲିସ ସମିତି ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଛତ୍ରପୁର,୨୩।୯ (ସମିସ)

ଛତ୍ରପୁର ଆଦର୍ଶ ଥାନାର ଆମ ପୁଲିସ ସମିତି ପକ୍ଷରୁ ଛତ୍ରପୁର ସହରର ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ଓ ବ୍ୟବସାୟୀମାନଙ୍କୁ ନେଇ ଏକ ସଚେତନ କାର୍ଯ୍ୟକ୍ରମ ସ୍ଥାନୀୟ ଶିବ କୁମାର ପଟ୍ଟନାୟକ ରିଡିଙ୍ଗ ରୁମ ଠାରେ ଅନୁଷ୍ଠିତ ହୋଇଯାଇଛି। ଛତ୍ରପୁର ପ୍ରେସ କ୍ଲବର ସଭାପତି ପ୍ରଶାନ୍ତ କୁମାର ମହାରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛତ୍ରପୁର ଥାନାଧିକାରୀ ସତ୍ୟ ରଞ୍ଜନ ପ୍ରଧାନ ଯୋଗ ଦେଇ ସହରରେ ପବ୍ଲିକ ଓ ପୁଲିସ୍ ମଧ୍ୟରେ ଏକ ସୁସମ୍ପର୍କ ଗଠନ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହା ସହିତ ସହରରେ ଥିବା ସମସ୍ତ ଦୋକାନମାନଙ୍କରେ ସିସି କ୍ୟାମେରା ଲଗାଇବା ଦ୍ୱାରା ଅପରାଧ ନିୟନ୍ତ୍ରଣ କରାଯାଇପାରିବ ବୋଲି କହିଥିଲେ। ରାତିଦିନ ଯେକୌଣସି ସମୟରେ ଅସୁବିଧା ହେଲେ ବିନା ଦ୍ୱିଧାରେ ଫୋନ ମାଧ୍ୟମରେ ଯୋଗାଯୋଗ




କରିବା ପାଇଁ ସେ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ରାତ୍ର ବେଳେ ସହରରେ ପୁଲିସ ପେଟ୍ରୋଲିଂକୁ କଡାକଡି କରାଯିବ ବୋଲି କହିଥିଲେ। ଛତ୍ରପୁର ଥାନାର ସବ ଇନିସପେକ୍ଟର ସତ୍ୟଜିତ ବେଣିଆ, ବିଶ୍ୱମ୍ଭର କଅଁର, ଏଏସଆଇ ଶଶିଭୂଷଣ ତ୍ରିପାଠୀ ମଞ୍ଚାସୀନ ଥିଲେ। ଛତ୍ରପୁର ପ୍ରେସ କ୍ଲବର ସଭାପତି ଶ୍ରୀ ମହାରଣା ଥାନାଧିକାରୀଙ୍କ ସମାଜସେବା କାର୍ଯ୍ୟକୁ ପ୍ରଶଂସା କରିବା ସହିତ ସହରରେ ଚାଲିଥିବା ଜୁଆ ଆଡ୍ଡା, ମଦ ଆଡ୍ଡା ଉପରେ ଘନ ଘନ ଚଢାଉ କରିବା ପାଇଁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛତ୍ରପୁର ମଝିବଜାର ମହାଶକ୍ତି ବଣିକ ସଂଘର ସଭାପତି କିଶୋର ଚନ୍ଦ୍ର ସେନାପତି, ବଡବଜାର ବ୍ୟବସାୟୀ ସଂଘର ସଭାପତି ସଞ୍ଜିତ୍ କୁମାର ରାଉଳ, ଅପରବସଷ୍ଟାଣ୍ଡ ବ୍ୟବସାୟୀ ସଂଘର ସଭାପତି ବି.ରାଜିବାବୁ, ରିକାପଲ୍ଲୀ ବ୍ୟାଘ୍ରଦେବୀ ବଣିକ ସଂଘର ସଭାପତି ଲକ୍ଷ୍ମୀ ନାରାୟଣ ପଣ୍ଡା, ଷ୍ଟେସନ ରୋଡ୍ ବ୍ୟବସାୟିକ ସଂଘର ସଭାପତି ଇଜୁ ଆମିନ୍ ଖାନ୍, ସୁପରମାର୍କେଟର ପ୍ରୋପାଇଟର ଶଙ୍କର ରାଓ, ଛତ୍ରପୁର ପ୍ରେସ୍ କ୍ଲବର ଉପସଭାପତି ସୁଧିର ନାହାକ, ସହ ସମ୍ପାଦକ କେ. ସତ୍ୟ ନାରାୟଣ ରେଡ୍ଡୀ ଯୋଗଦେଇଥିଲେ। ପୁଲିସ ଓ ଜନସାଧାରଣ ମଧ୍ୟରେ ସୁସମ୍ପର୍କ ରଖିବା ନିମନ୍ତେ ଛତ୍ରପୁର ଆଇଆଇସି ଶ୍ରୀ ପ୍ରଧାନଙ୍କୁ ସହରରେ ଉପୁଜିଥିବା ଟ୍ରାଫିକ ସହ ବିଭିନ୍ନ ସମସ୍ୟା ସମାଧାନ କରିବା ନିମନ୍ତେ କହିଥିଲେ। ଏହି କାର୍ଯ୍ୟକ୍ରମ ରେ ଛତ୍ରପୁର ପ୍ରେସ କ୍ଲବର ଉପଦେଷ୍ଟା ରବୀନ୍ଦ୍ର ନାଥ ପଣ୍ଡା, ରବୀନ୍ଦ୍ର କୁମାର ପଣ୍ଡା ଓ ବସନ୍ତ କୁମାର ମହାରଣା, ଉପ ସଭାପତି ଦିଲ୍ଲୀପ କୁମାର ସାମଲ, କୋଷାଧ୍ୟକ୍ଷ ସରୋଜ କୁମାର ସାମଲ, ସାମ୍ବାଦିକ ସୁଜୟ ସୁପ୍ରକାଶ ଧଳ, ଦେବବ୍ରତ ପଣ୍ଡା, ଗୌର ପ୍ରସାଦ ମହାପାତ୍ର ଓ ସନ୍ତୋଷ କୁମାର ସାହୁଙ୍କ ଉପସ୍ଥିତ ଥିଲେ। ଶେଷରେ ସବଇନସପେକ୍ଟର ସତ୍ୟଜିତ ବେଣିଆ ଧନ୍ୟବାଦ ପ୍ରଦାନ କରିଥିଲେ। କନଷ୍ଟେବଳ ସନ୍ତୋଷ ରେଡ୍ଡୀ ଓ ଅନ୍ୟ କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ।

# ସମବାୟ ସମିତିରୁ ସାର ମିଳୁନି

## କଳା ବଜାରରୁ କିଣୁଛନ୍ତି ଚାଷୀ



କାଶୀନଗର, ୨୩।୯ (ସମିସ)

ଗଜପତି ଜିଲ୍ଲା କାଶୀନଗର ବ୍ଲକ ଓ ଏନ୍‌ଏସିର ଚାଷୀମାନଙ୍କୁ ଏଯାଏଁ ସାର ମିଳି ନଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ପିପୁଲ୍ସ ମିଡିଆ, ଗଜପତିର ଏକ ପ୍ରତିନିଧି ଦଳ ସତ୍ୟାସତ୍ୟ ଜାଣିବା ପାଇଁ ଗୁରୁବାର ସ୍ଥାନୀୟ କୃଷି ସମ୍ପ୍ରସାରଣ ଅଧିକାରୀ (ଏଇଓ)ଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ଆଲୋଚନା ଅବସରରେ ଜଣାପଡ଼ିଥିଲା ଯେ, କାଶୀନଗର ବ୍ଲକ ଓ ଏନ୍‌ଏସିରେ ମୋଟ ୧୬ଜଣ ସମବାୟ ସମିତି ସମ୍ପାଦକ ନିୟୋଜିତ ହୋଇଛନ୍ତି। ପଞ୍ଚାୟତ ସମିତି ଅନ୍ତର୍ଗତ ଅଞ୍ଚଳରେ ନିୟୋଜିତ ସେକ୍ରେଟାରୀମାନେ କିଛି କିଛି ସାର ମଗାଇ ଧାର୍ଯ୍ୟ ମୂଲ୍ୟରେ ବିକ୍ରି କରିଥିବା ବେଳେ ଏନ୍‌ଏସିରେ ଥିବା ସେକ୍ରେଟାରୀ ଏ ପର୍ଯ୍ୟନ୍ତ ସାର ବିକ୍ରି ଆରମ୍ଭ କରିନାହାନ୍ତି। ସମ୍ପୃକ୍ତ ସେକ୍ରେଟାରୀ ଆର୍.ନବୀନ କୁମାର ଏ ସମ୍ପର୍କରେ ଦେଇଥିବା ସଫେଇ ଅନୁଯାୟୀ, ପ୍ରାୟ ଏକ ମାସ ତଳେ ୨୨୫ ଆବଶ୍ୟକତା ଥିବା ବେଳେ ୨୨୫ ବସ୍ତା କାହାକୁ କିପରି ବିକ୍ରି କରାଯିବ, ସେ ସମ୍ପର୍କରେ ନିଷ୍ପତ୍ତି ନିଆଯାଇ ନଥିବା ଯୋଗୁଁ ଆସିଥିବା ଷ୍ଟକ ରଖା ଯାଇ ଗୁରୁବାର ପୁଣି ୪୫୦ ବସ୍ତା ସାର ସମିତିରେ ପହଞ୍ଚିଛି। ଶୁକ୍ରବାର ଠାରୁ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ମୂଲ୍ୟରେ ଓ ପଏଣ୍ଟ ଅଫ ସେଲ୍‌ଫ (ପସ୍) ମେସିନ୍ ସହାୟତାରେ ବିକ୍ରି ଆରମ୍ଭ ହେବ। ଗତବର୍ଷ ୧୪୦୦ ବସ୍ତା ସାର ବିକ୍ରି କରାଯାଇଥିଲା। ଏବର୍ଷ ସେତିକି ବା ତା' ଠାରୁ ଅଧିକ ବିକ୍ରି ହୋଇପାରେ ବୋଲି ଗଣମାଧ୍ୟମକୁ ଜଣାଇବା ସହ ସମିତିରୁ ଟ୍ରାକ୍ଟର ଓ ଧାନ ମେସିନକୁ ବ୍ୟକିଗତ କାମ ଲଗାଉଥିବା ଅଭିଯୋଗକୁ ସ୍ୱୀକାର କରିଛନ୍ତି। କେତେକ ଚାଷୀ କହିଛନ୍ତି ସମବାୟ ସମିତରୁ ସାର ମିଳୁ ନ ଥିବାରୁ ସେମାନେ ଆବଶ୍ୟକ ସାର କଳାବଜାରକୁ ଚଢା ଦରରେ କିଣିବାକୁ ବାଧ୍ୟ ହେଉଛନ୍ତି। କାଶୀନଗର ରଇତ ସଂଘ ସଭାପତି ପ୍ରଶାନ୍ତ ମିଶ୍ର, ତ୍ରୁଟିପୂର୍ଣ୍ଣ କୃଷିନୀତିର ଏହା ପରିମାଣର ସାର ରିଆତି ମୂଲ୍ୟରେ ଯୋଗାଇ ଦେବାକୁ ଦାବି ରଖିଛନ୍ତି। କୃଷି ସମ୍ପ୍ରସାରଣ ଅଧିକାରୀ ଫିରୋଜ୍ ଆରା କହିଛନ୍ତି ଯେ, କଳାବଜାରରେ ସାର ବିକ୍ରି ହେଉଥିବା ସୂଚନା ତାଙ୍କ ପାଖରେ ନଥିଲା। ଏଣିକି ତଦନ୍ତ ପରେ ଆଇନ୍ ଅନୁଯାୟୀ ସେ କାର୍ଯ୍ୟକୁ ଗ୍ରହଣ କରିବାକୁ ପଦକ୍ଷେପ ନେବେ।

## ବଜ୍ରପାତରେ ୧୦ ବଳଦ ମୃତ



ମୋହନା, ୨୩।୯ (ସମିସ): ଗଜପତି ଜିଲ୍ଲା ମୋହନା ବ୍ଲକ ବାଡେଗୁଡା ପଞ୍ଚାୟତ ଅନ୍ତର୍ଗତ ଉପର ପାଲ୍ଲା ଗ୍ରାମରେ ବଜ୍ରପାତ ଘଟି ୧୦ଟି ବଳଦର ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଛି। ଅପରାହ୍ନ ୩ଟା ସମୟରେ ହଠାତ ବର୍ଷା ହେବା ସହ ବଜ୍ରପାତ ହୋଇଥିଲା। ସେହି ସମୟରେ ପାହାଡ଼ ଉପରେ ଥିବା ଏକ ପଥର କୋରଡରେ ବଳଦମାନେ ଆଶ୍ରୟ ନେଇଥିଲେ। ହଠାତ ସେହିସ୍ଥାନରେ ବଜ୍ରପାତ ହେବା ଯୋଗୁଁ ଘଟଣାସ୍ଥଳରେ ବଳଦମାନଙ୍କ ମୃତ୍ୟୁ ହୋଇଯାଇଥିଲା। ଏଥିରେ କାମେଶ୍ୱର ମଲ୍ଲିକଙ୍କ ୫ଟି, ସୁଶାନ୍ତ ମଲ୍ଲିକଙ୍କ ୩ଟି ଏବଂ ମହେନ୍ଦ୍ର ମଲ୍ଲିକଙ୍କ ୨ଟି ବଳଦ ରହିଛି। ଖବର ପାଇ ମୋହନା ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ବୀରେନ୍ଦ୍ର ପଣ୍ଡା ଘଟଣାସ୍ଥଳକୁ ଯାଇ ବଳଦ ଗୁଡିକର ଶବ ବ୍ୟବଚ୍ଛେଦ କରାଇଥିଲେ। ପ୍ରାଣୀ ସମ୍ପଦ ବିଭାଗ ବ୍ୟବଚ୍ଛେଦ ରିପୋର୍ଟ ଦେବା ପରେ କ୍ଷତିଗ୍ରସ୍ତ ବଳଦ ମାଲିକମାନଙ୍କୁ ଆବଶ୍ୟକୀୟ ସରକାରୀ ସହାୟତା ଯୋଗାଇଦିଆଯିବ ବୋଲି ମୋହନା ଅତିରିକ୍ତ ତହସିଲଦାର ଆଶିଷ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

## ପୁଲିସ କର୍ମଚାରୀ ପୁରସ୍କୃତ

କାଶୀନଗର, ୨୩।୯ (ସମିସ): ଗଜପତି ଜିଲ୍ଲା କାଶୀନଗରର ମାଟିର ପୁଅ କିରଣ ଚନ୍ଦ୍ର ପାତ୍ର ଶ୍ରେଷ୍ଠ ପୁଲିସ କର୍ମଚାରୀ ଭାବେ ଡିଜିପିଙ୍କ ତରଫରୁ ପୁରସ୍କାର ପାଇଛନ୍ତି। ୨୦୦୬ରେ ସେ ପୁଲିସ ବିଭାଗରେ ଯୋଗ ଦେଇଥିଲେ। ବାରାଣସୀ ସରକାରୀ ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ସ୍ୱର୍ଗତ ବଳରାମ ପାତ୍ରଙ୍କ ସେ ସନ୍ତାନ ଅଟନ୍ତି। ୨୦୨୦-୨୧ ପାଇଁ ତାଙ୍କୁ ଶ୍ରେଷ୍ଠ ପୁଲିସ କର୍ମଚାରୀ ରୂପେ ଡିଜିପିଙ୍କ ସମେଣ୍ଡେସନ୍ ରୋଲ୍ ପୁରସ୍କାର ମିଳିଛି। ରାୟଗଡ଼ା ଏସ୍‌ପି



ବିବେକାନନ୍ଦ ଶର୍ମା ଏହି ପୁରସ୍କାର କିରଣ କୁମାରଙ୍କୁ ପ୍ରଦାନ କରିଛନ୍ତି। ପ୍ରତିକ୍ରିୟାରେ କିରଣ କୁମାର କହିଛନ୍ତି ଯେ ଉକ୍ତ ପୁରସ୍କାର ପାଇ ସେ ଖୁସ୍ ଗର୍ବିତ। ଅଧିକ ନିଷ୍ଠା ଓ ଆନ୍ତରିକତାର ସହ କାର୍ଯ୍ୟ କରିବା ସକାଶେ ଏହା ତାଙ୍କୁ ପ୍ରେରଣା ଯୋଗାଇବ।

## ଉଦ୍ୟାନ ବିଭାଗ ପକ୍ଷରୁ କୃଷି ସିଞ୍ଚନ ଯୋଜନାକୁ ଗୁରୁତ୍ୱ

ପାରଳାଖେମୁଣ୍ଡି, ୨୩।୯ (ସମିସ): ଗଜପତି ଜିଲ୍ଲାରେ ଉଦ୍ୟାନ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ କୃଷିସିଞ୍ଚନ ଯୋଜନା ମାଧ୍ୟମରେ ଚାଷୀମାନଙ୍କୁ ଅଳ୍ପଜଳସେଚନ ସକାଶେ ବିଶେଷ ପଦକ୍ଷେପ ନିଆଯାଉଛି। ଜିଲ୍ଲାରେ ୭ଟି ବ୍ଲକ ପାଇଁ ୨୦୨୧ ମସିହା ନିମନ୍ତେ ୧୫ ଶହ ୯୦ ହେକ୍ଟର ଅଣୁ ଜଳ ସେଚନ ପଦକ୍ଷେପ ନିଆଯାଇଛି। ଅଣୁ ଜଳସେଚନ କହିଲେ ବୁନ୍ଦା ଜଳ ସେଚନ ଓ ସିଞ୍ଚନ ଜଳସେଚନକୁ ବୁଝାଯାଇଥାଏ। ଏହା ଗୋଟିଏ ଉନ୍ନତ ଜ୍ଞାନ କୌଶଳ ଅଟେ। ଉଦ୍ୟାନ ଫସଲରେ କୃଷି ସିଞ୍ଚନ ଉନ୍ନତ ପ୍ରଣାଳୀ ଏହା ଦ୍ୱାରା କୃଷିର ଯଦି ଓ ପ୍ରାରମ୍ଭିକ ଖର୍ଚ୍ଚ ଅଧିକ ହୁଏ ପାଣିର ସୁପରିଚାଳନା ଯୋଗୁଁ ଫସଲ ଭଲ ଅମଳ ହୋଇଥାଏ। ଏଥିରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଭାବେ ସହଯୋଗ ରହିଛି। ବଡ ଚାଷୀ ସକାଶେ ଶତକଡା ୭୦ ପ୍ରତିଶତ ରିହାତି, ଛୋଟ ଓ ନାମମାତ୍ର ଚାଷୀ ସକାଶେ ଶତକଡା ୭୦ ପ୍ରତିଶତ ଏବଂ ଆଦିବାସୀ ହରିଜନ ସକାଶେ ଶତକଡା ୮୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି। ଏହା ଦ୍ୱାରା ବୁନ୍ଦା ଜଳସେଚନ ସହିତ ପଲିଥିନ୍ ଆଚ୍ଛାଦନ କରିବା ଦ୍ୱାରା ଘାସ ଓ ରୋଗ ପୋକ ନିୟନ୍ତ୍ରଣ ହୋଇଥାଏ। କେନ୍ଦ୍ର ସରକାରଙ୍କ ୫୦ ପ୍ରତିଶତ ଜାତୀୟ ଉଦ୍ୟାନ ମିଶନ ଯୋଜନା ରହିଛି। ନିକଟରେ ଅଣୁ ଜଳ ସେଚନ ଉପରେ ଏକ କର୍ମଶାଳା ହୋଇଥିଲା। ସେଥିରେ ଅନୁମୋଦିତ ସଂସ୍ଥା ଓ ଜିଲ୍ଲାସ୍ତରୀୟ ବ୍ଲକସ୍ତରୀୟ ବିଭାଗୀୟ କର୍ମଚାରୀ ଓ ଅଗ୍ରଣୀ ଚାଷୀ ଉପସ୍ଥିତ ଥିଲେ। ଏହି ବିଷୟରେ ଚାଷୀଙ୍କୁ ସଚେତନତା କରାଯାଇଥିଲା। ଯାହାଫଳରେ ଆଗାମୀ ଦିନରେ ଚାଷୀ ଉପକୃତ ହୋଇପାରିବେ ବୋଲି ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ କେ. ସୁଦର୍ଶନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ଜଙ୍ଗଲ ସୁରକ୍ଷା କମିଟି ଗଠନରେ ଜାଲିଆତି ଅଭିଯୋଗ

ବାଲିଗୁଡା, ୨୩।୯ (ସମିସ): କନ୍ଧମାଳ ଜିଲ୍ଲା ବାଲିଗୁଡା ଏନଏସି ଦିନକୁ ଦିନ ଦୁର୍ନୀତି ଓ ଜାଲିଆତି ବୃଦ୍ଧି ପାଇବାକୁ ଲାଗିଛି। ଏଥିରେ କିଛି ସ୍ୱାର୍ଥନ୍ୟସ୍ତ ଗୋଷ୍ଠୀ ଓ କିଛି ଅସାଧୁ ଏନଏସି କର୍ମଚାରୀଙ୍କ ସମ୍ପୃକ୍ତି ରହୁଥିବା ଅଭିଯୋଗ ହେଉଛି। ପୁଣି ବାଲିଗୁଡା ଏନଏସି ଏକ ରୋଚକ ଘଟଣା ସାମ୍ନାକୁ ଆସିଛି। ସରକାରଙ୍କ ପ୍ରସ୍ତାବିତ ପ୍ରକଳ୍ପ ଗୋଷ୍ଠୀକେନ୍ଦ୍ର ଓ ପାର୍କ ନିର୍ମାଣ ପାଇଁ ଗଠିତ ଜଙ୍ଗଲ ସୁରକ୍ଷା କମିଟି ଗଠନରେ ବ୍ୟାପକ ଜାଲିଆତି କରାଯାଇଛି। ଏହି କମିଟି ଗଠନରେ ଏନଏସିର ୫ ନମ୍ବର ୱାର୍ଡର ଲୋକଙ୍କୁ ନ ଜଣାଇ ତରବରିଆ ଭାବେ କିଛି ସ୍ୱାର୍ଥପର ଗୋଷ୍ଠୀଙ୍କୁ ଧରି ଏନଏସିର କର୍ମଚାରୀ କରିଛନ୍ତି। କେତେକ ଲୋକଙ୍କୁ ଡାକି ଜାଲିଆତି କରି କମିଟି ଗଠନ କରାଯାଇଛି। ଯାହାକୁ ବିରୋଧ କରିଛନ୍ତି ଶତାଧିକ ୱାର୍ଡବାସୀ। ନିରପେକ୍ଷ ତଦନ୍ତ କରି ଗଠିତ କମିଟିକୁ ଖାରଜ କରି ପୁନଃ ନୂତନ କମିଟି ଗଠନ ପାଇଁ ସହକାରୀ ଜିଲ୍ଲାପାଳ ହରିଶଚନ୍ଦ୍ର ପ୍ରଧାନଙ୍କ ଜରିଆରେ ଦାବିପତ୍ର ଉପଜିଲ୍ଲାପାଳଙ୍କୁ ଗ୍ରାମବାସୀ ଦେଇଥିବା ଜଣାପଡ଼ିଛି।

## ଷ୍ଟୋଭ ଫାଟି ଗୁରୁତର ଆହତଙ୍କୁ ସହାୟତା

ଶେରଗଡ଼, ୨୩।୯ (ସମିସ): ଷ୍ଟୋଭ ଫାଟି ଗୁରୁତର ଆହତ ହୋଇଥିବା ମୁକେଶ ବେହେରାଙ୍କୁ ପ୍ରଶାସନ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ଘଟଣାରୁ ପ୍ରକାଶ ଯେ, ଶେରଗଡ଼ ପଞ୍ଚାୟତ ରାମଗିରି ଗ୍ରାମର ବାବୁଲା ବେହେରାଙ୍କ ପୁତ୍ର ମୁକେଶ (୨୫) ଗତ ୧୧ ତାରିଖ ଦିନ ସନ୍ଧ୍ୟାରେ ଘରେ ରୋଷେଇ କରୁଥିବା ସମୟରେ ଗ୍ୟାସ୍ ସରିଯାଇଥିଲା। ମୁକେଶ ଅଧାରେ ଥିବା ରୋଷେଇ କାମ ଶେଷ କରିବା ପାଇଁ ଷ୍ଟୋଭ ଚାଲୁ କରିଥିଲେ। କିଛି ସମୟ ଚାଲିବା ପରେ ହଠାତ୍ ଷ୍ଟୋଭଟି ଫାଟି ଯାଇଥିଲା। ଷ୍ଟୋଭ ଫାଟିବାରୁ ମୁକେଶ ଗୁରୁତର ହୋଇ ପଡ଼ିଥିଲେ। ଗୁରୁତର ମୁକେଶଙ୍କୁ ପରିବାର ଲୋକେ ବ୍ରହ୍ମପୁର ବଡ ମେଡିକାଲ ରେ ଚିକିତ୍ସା କରାଉଥିଲେ। ଚିକିତ୍ସା ପରେ ମୁକେଶ ଆଜି ଘରକୁ ଫେରିଥିବା ବେଳେ ପ୍ରଶାସନ ପକ୍ଷରୁ ବିଡ଼ିଓ ଶମ୍ଭୁନାଥ ନନ୍ଦୀ, ସହକାରୀ ଯନ୍ତ୍ରୀ କେଦାର ନାଥ ପଣ୍ଡା, ସ୍ଥାନୀୟ ସରପଞ୍ଚ ପ୍ରତିନିଧି ବାଲାଜୀ ପ୍ରଧାନଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୧୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ପ୍ରଶାସନ ପକ୍ଷରୁ ମୁକେଶଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି।

# ଦୁର୍ଗାପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ

ଜି. ଉଦୟଗିରି, ୨୩।୯ (ସମିସ)



ଜି. ଉଦୟଗିରି ଦୁର୍ଗାପୂଜା କମିଟି ତରଫରୁ ଆଜି ପ୍ରସ୍ତୁତିର ଶୁଭାରମ୍ଭ ପୂର୍ବକ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଜି. ଉଦୟଗିରି ପ୍ରସିଦ୍ଧ ଏବଂ ବହୁ ପୂରାତନ ପୂଜା ମଣ୍ଡପର ଦୁର୍ଗାପୂଜା ପର୍ବ ମହାଆଡମ୍ବରରେ ପାଳନ ହୋଇ ଆସୁଥିବା ବେଳେ କରୋନା ମହାମାରୀ କାରଣରୁ ଏବେ କିଛି ବର୍ଷ ହେଲା କେବଳ ରୀତିନୀତି ସମ୍ପୂର୍ଣ୍ଣ ହୋଇ ଆସୁଥିବା ବେଳେ ଚଳିତ ବର୍ଷ ମଧ୍ୟ କରୋନା କଟକଣା ମଧ୍ୟରେ ନିରାଡମ୍ବର ପାଳନ କରିବା ପାଇଁ ପୂଜା କମିଟି ସ୍ଥିର କରିଛି।

ଆଜି ଶୁଭଖୁଣ୍ଟି ସ୍ଥାପନ ଅବସରରେ ପୂଜା କମିଟି ସଭାପତି କାଳୁଚରଣ ପଣ୍ଡା, ସମ୍ପାଦକ ଅରୁଣ କୁମାର ଷଡଙ୍ଗି, ବ୍ୟବସାୟୀ ସଂଘ ସଭାପତି ମନୋଜ ମହାପାତ୍ର, କୋଷାଧ୍ୟକ୍ଷ ସଞ୍ଜିବ କୁମାର ସୁବୁଦ୍ଧି, କାର୍ଯ୍ୟକାରିଣୀ ସଭ୍ୟ ଚନ୍ଦନ ପାଣିଗ୍ରାହୀ, ଦେବୀ ପ୍ରସାଦ, ଗଙ୍ଗ ପାତ୍ରଙ୍କ ସହିତ କର୍ତ୍ତା ରବିନ କୁମାର ପାଢ଼ୀ, ପୁରୋହିତ ସୂର୍ଯ୍ୟ ନାରାୟଣ ଆଚାର୍ଯ୍ୟ, ସୁଧାଂଶୁ ଆଚାର୍ଯ୍ୟ, ସଞ୍ଜୟ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ତତ୍ପରତା

ପାରଳାଖେମୁଣ୍ଡି, ୨୩।୯ (ସମିସ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗସ୍ତ ରହିଛି। ଏ ନେଇ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଆସନ୍ତା ଅକ୍ଟୋବର ୧ ତାରିଖରେ ମୁଖ୍ୟମନ୍ତ୍ରୀ ଆସିବେ ବୋଲି ଯେଉଁ ଆଭାସ ମିଳିଛି ତାହାକୁ ନେଇ ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ନେତାମାନେ ବିଭିନ୍ନ କାର୍ଯ୍ୟର ବାରମ୍ବାର ତଦାରଖ କରିବା ଓ ଦଳୀୟ ନେତୃତ୍ୱକୁ ଏକାଠି କରିବାରେ ବ୍ୟସ୍ତ ରହୁଛନ୍ତି। ତେବେ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି ଯେ, ବହୁ ପ୍ରତୀକ୍ଷିତ ବାଇପାସ ରାସ୍ତା ନିର୍ମାଣ କାର୍ଯ୍ୟ ଅତି ତୁରନ୍ତ ଆରମ୍ଭ ହେବାକୁ ଯାଉଛି। ଏହି ନିର୍ମାଣ କାର୍ଯ୍ୟର ଶୁଭ ଦେବା ପାଇଁ ମୁଖ୍ୟମନ୍ତ୍ରୀ ପାରଳାଖେମୁଣ୍ଡି ଗସ୍ତରେ ଆସୁଥିବା ସୂଚନା ମିଳିଛି। ଏହି ବାଇପାସ ରାସ୍ତାର ସମୁଦାୟ ଦୈର୍ଘ୍ୟ ୯ କିମି। ଏହି ବାଇପାସ ନିର୍ମାଣ ପାଇଁ ଗତ ବହୁ ଦିନ ଧରି ପାରଳାବାସୀଙ୍କ ଦାବି ରହିଆସିଥିଲା। ପାରଳାଖେମୁଣ୍ଡି ସହର ଉପକଣ୍ଠ ଯାଜପୁର ଗ୍ରାମଠାରୁ ଏହି ବାଇପାସ ନିର୍ମାଣ ରାସ୍ତା ଆରମ୍ଭ ହୋଇ ବେତାଗୁଡା ଦେଇ ଗୁମ୍ମାନାଳ ନିକଟ ଦେଇ ପାରଳା ସହରର ଦକ୍ଷିଣ ପାର୍ଶ୍ୱରେ ସହର ମଧ୍ୟକୁ ସଂଯୋଗ ହେବ। ଏହି ବାଇପାସ ରାସ୍ତାଟି କାର୍ଯ୍ୟକାରୀ ହେଲେ ପାରଳାଖେମୁଣ୍ଡି ସହରରେ ସମସ୍ତ ପ୍ରକାର ଟ୍ରାଫିକ ସମସ୍ୟାର ସମାଧାନ ହୋଇପାରିବ। ଗଜପତି ଜିଲ୍ଲାପାଳ ଲିଙ୍ଗରାଜ ପଣ୍ଡା ଏହି ବାଇପାସ ରାସ୍ତା ନିର୍ମାଣ କାର୍ଯ୍ୟ ଆଗାମୀ ୩/୪ ମାସ ମଧ୍ୟରେ ଶେଷ କରିବା ପାଇଁ ଏଥି ପୂର୍ବରୁ ପାରଳାଖେମୁଣ୍ଡି ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଗାମୀ ୧ ତାରିଖରେ ଗଜପତି ଜିଲ୍ଲାରେ ନୂତନ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଶୁଭାରମ୍ଭ କରିବା ଏକ ପ୍ରକାର ନିଶ୍ଚିତ ହୋଇଛି। ସେହି ଦିନ ହିଁ ପାରଳାଖେମୁଣ୍ଡି ସହରର ଏହି ବହୁ ପ୍ରତିକ୍ଷିତ ବାଇପାସ ରାସ୍ତାର ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରିବେ।

# ଦାରିଙ୍ଗବାଡ଼ି-ପର୍ତମାହା ରାସ୍ତା ଶୋଚନୀୟ

ଦାରିଙ୍ଗବାଡି, ୨୩।୯ (ସମିସ): ଦାରିଙ୍ଗବାଡି ଠାରୁ ପର୍ତମାହା ପର୍ଯ୍ୟନ୍ତ ହୋଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତା କଡରେ ବ୍ଲକ କାର୍ଯ୍ୟାଳୟ ଅବସ୍ଥିତ ରହିଥିବା ସହ ଗ୍ରୀନବାଡି ଓ ପର୍ତମାହା ପଞ୍ଚାୟତର ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଗମନାଗମନ ପାଇଁ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ହେଲେ ଉକ୍ତ ରାସ୍ତାର ଅବସ୍ଥା ନକହିବା ଭଲ। ଗ୍ରୀନବାଡି ଓ ପର୍ତମାହା ପଞ୍ଚାୟତର କୌଣସି ଗ୍ରାମକୁ ଗଲେ ଏହି ରାସ୍ତା ଦେଇ ଗାଁକୁ ଯିବାକୁ ପଡ଼ିଥାଏ। ହେଲେ ରାସ୍ତାର ଯେଉଁ ଭଳି ଭାବେ ଖାଲଖମା ହୋଇଛି ଚାଲିକି ଯିବା ମଧ୍ୟ ଅସମ୍ଭବ ହୋଇପଡ଼ିଛି। ଏଭଳି କି ଉକ୍ତ ରାସ୍ତାରେ ପ୍ରତ୍ୟକ ଦିନ ଛୋଟବଡ଼ ଦୁର୍ଘଟଣା ମଧ୍ୟ ଘଟୁଥିବା ନଜିର ରହିଥିବା ଦେଖିବାକୁ ମିଳିଛି। ସେହିଭଳି ସିକପାଟା ରାସ୍ତା ଅତି ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତାକୁ ନେଇ ଅନେକ ଥର ଅଭିଯୋଗ କରି ଆସୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଏହାର କୌଣସି ସମାଧାନ ହେଉନାହିଁ। ଅଞ୍ଚଳବାସୀଙ୍କ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ରାସ୍ତା ଗୁଡିକର ମରାମତି କରାଯାଉନାହିଁ। ଯଦି ଯଥା ଶୀଘ୍ର ଉକ୍ତ ରାସ୍ତାର ମରାମତି କରାନଯାଏ ତାହାହେଲେ ଅଞ୍ଚଳବାସୀ ଆନ୍ଦୋଳନ କରିବେ ବୋଲି କହିଛନ୍ତି।



# ଗଞ୍ଜାମରେ ମେଗା ରକ୍ତଦାନ ଶିବିର; ୧୦୨ ୟୁନିଟ୍ ସଂଗ୍ରହ



ଗଞ୍ଜାମ, ୨୩।୯ (ସମିସ): ଗଞ୍ଜାମ ଏନ୍‌ଏସି ଅନ୍ତର୍ଗତ ବରପଲ୍ଲୀ ଗ୍ରାମରେ ବରପଲ୍ଲୀ ୟୁଥ କ୍ଲବ ଓ ଗଂଜାମ ମହାବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ମିଳିତ ଆନୁକୂଲ୍ୟରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷୀକ ଠାକୁର ପ୍ରସାଦ ପାତ୍ର ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ରକ୍ତଦାନ ଶିବିରରେ ୧୦୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଅଷ୍ଟମ ବାଟାଲିୟନ ଆସିଷ୍ଟାଣ୍ଟ କମାଡେଣ୍ଟ ଅରୁଣ କୁମାର ପ୍ରଧାନ, ଗଞ୍ଜାମ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରବୀଣ କୁମାର ନନ୍ଦ, ରାଜନୀତି ବିଜ୍ଞାନ ମୁଖ୍ୟ ଅଧ୍ୟାପକ ଅମର ପ୍ରସାଦ ବିଷୋୟୀ, ଇତିହାସ ବିଭାଗର ମୁଖ୍ୟ ପ୍ରଭାତୀ ତ୍ରିପାଠୀ, ଗଞ୍ଜାମ ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ, ପୂର୍ବତନ ଅଧିକ୍ଷଣ ଯନ୍ତ୍ରୀ ବିନୋଦ କୁମାର ପାଢୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଜୟ କୁମାର ବେହେରା, ରାଜ୍ୟ ଛାତ୍ର ସମ୍ପାଦକ ବିଭୁତି ଭୂଷଣ ସ୍ୱାଇଁ, ଗଞ୍ଜାମ ଏନଏସି ଛାତ୍ର ସଭାପତି ରାକେଶ ରଞ୍ଜନ ଦାସ, ପ୍ରଶାନ୍ତ କୁମାର ପଲାଇ, ସଂଗ୍ରାମ ପଲାଇ, ପ୍ରଭାତ କୁମାର ପଲାଇ, ପୂର୍ବତନ ଛାତ୍ର ସଂସଦ ସଭାପତି ବାଦଲ କୁମାର ପ୍ରଧାନ, ମହେଶ କୁମାର ଗୌଡ଼, ପୂର୍ବତନ କାଉନସିଲର ଦୁର୍ଗାମାଧବ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବତନ ଗଞ୍ଜାମ ମହାବିଦ୍ୟାଳୟର ଛାତ୍ର ସଭାପତି ଶିବାନନ୍ଦ ପଲାଇ ଓ ଛାତ୍ରନେତା ଅକ୍ଷୟ ପ୍ରଧାନଙ୍କ ନେତୃତ୍ୱରେ ଏପରି ସଫଳତାକୁ ଅତିରିକ୍ତ ଆରକ୍ଷୀ ଅଧିକ୍ଷୀକ ଠାକୁର ପ୍ରସାଦ ପାତ୍ର ପ୍ରଶଂସା କରିଛନ୍ତି। ଶୁଭେନ୍ଦୁ କୁମାର ପଲାଇ, ବିଭୁପ୍ରସାଦ ତରେଇ, ସାଗର ତରେଇ, ଛାତ୍ର ନେତା ଚିଦାନନ୍ଦ ପ୍ରଧାନ ଓ ବରପଲ୍ଲୀର ସମସ୍ତ ଗ୍ରାମବାସୀ ଓ ମହାବିଦ୍ୟାଳୟର ଏନସିସି ସମସ୍ତ ଛାତ୍ରଛାତ୍ରୀ ଯୋଗ ଦେଇ ସହଯୋଗ କରିଥିଲେ।

# ମୋବାଇଲ ଟାୱାର ଅଛି; ନେଟ୍‌ୱର୍କ ନାହିଁ

ତୁମୁଡିବନ୍ଧ, ୨୩।୯ (ସମିସ)

ଟାୱାର ଅଛି; ହେଲେ ନେଟ୍‌ୱର୍କ ନାହିଁ। ମୋବାଇଲ କିଣି ଖାଲି ଖେଳନା ଭଳି ବ୍ୟବହାର କରୁଛନ୍ତି କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକର ବହୁ ଗ୍ରାମର ଲୋକମାନେ। ଏହି ବ୍ଲକ ବେଲଘର ଥାନା ଅନ୍ତର୍ଗତ ଆଦିବାସୀ ବହୁଳ ପଞ୍ଚାୟତ ବେଲଘର, ଗୁମା, ବିଳାମାଲ, ଝିରିପାଣି ଏବଂ ଲଙ୍କାଗଡ଼ର ଲୋକମାନଙ୍କ ପାଇଁ ଯୋଗାଯୋଗ ସାତ ସପନ ପାଲଟିଛି। ବେଲଘର ପଞ୍ଚାୟତରେ ଅନେକ ଅନୁଷ୍ଠାନ ଯଥା- କୁଟିଆ କନ୍ଧ ଉନ୍ନୟନ ସଂସ୍ଥା, ସିଆରପିଏଫ କ୍ୟାମ୍ପ, ଥାନା, ବନବିଭାଗ ମେଡିକାଲ ଏବଂ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରାକୃତିକ ସୌନ୍ଦର୍ଯ୍ୟର କାଠ ବଙ୍ଗଳା ଅବସ୍ଥିତ ଅଛି। ଅନ୍ୟପକ୍ଷରେ କରୋନା ପାଇଁ ଅନ୍‌ଲାଇନ୍ ପାଠ ପଢ଼ା ଚାଲୁଛି। ତେଣୁ ଏ ସବୁ ପାଇଁ ମୋବାଇଲ୍ ନେଟ୍‌ୱର୍କ ମିଳୁଛି। ତେବେ ଛାତ୍ରଛାତ୍ରୀ ୫ କିମି ପାହାଡ଼ ଚଢି ଗଲେ ନେଟ୍‌ୱର୍କ ଟିକେ ପାଇଥାନ୍ତି। ଖରା ହେଉ କି ବର୍ଷା ହେଉ ସେ ପାହାଡ଼ରେ ବସି ଦିନ କାଟିବାକୁ ପଡୁଛି ଛାତଛାତ୍ରୀଙ୍କୁ।

ଗୁମା, ଝିରିପାଣି ଓ ବିଳାମାଲ ପଞ୍ଚାୟତର କୁଟିଆ ଆଦିବାସୀମାନେ ଯେ କୌଣସି କାମ ପାଇଁ ବେଲଘର ଉପରେ ନିର୍ଭର କରିଥାନ୍ତି। ବିଭିନ୍ନ କାମ ନେଇ ବେଲଘର ଆସିଥାନ୍ତି। କିନ୍ତୁ ନେଟ୍‌ୱର୍କ ନ ଥିବା ହେତୁ କାମ ନ ସାରି ନିରାଶ ହେଇ ଘରକୁ ଫେରିଥାନ୍ତି। ଶିକ୍ଷାର୍ଥୀମାନେ କଲେଜ କିମ୍ବା ସ୍କୁଲର ନାମ ଲେଖାଇବା ପାଇଁ ୩୫ ଦୂର ତୁମୁଡିବନ୍ଧକୁ ଆସିଥାନ୍ତି। ଗରିବ ଆଦିବାସୀ ଶିକ୍ଷାର୍ଥୀମାନେ, ଯେଉଁମାନେ ଓଳିଏ ଖାଇଲେ ଆଉ ଗୋଟେ ଓଳି ଖାଇବାକୁ ମିଳିବ କି ନାହିଁ ବୋଲି ଚିନ୍ତା କରିଥାନ୍ତି; ସେମାନେ ବେଲଘରରୁ ତୁମୁଡିବନ୍ଧକୁ ଯିବା ଆସିବା ୬୦ ଟଙ୍କା ସଂଗ୍ରହ କରିବା କଷ୍ଟକର ହୋଇପଡେ। ନେଟ୍‌ୱର୍କ ସମସ୍ୟା ଯୋଗୁଁ ଗୁରୁତର ରୋଗୀ କିମ୍ବା ଗର୍ଭବତୀଙ୍କୁ ମେଡିକାଲ ନେବାରୁ ଆମ୍ବୁଲାନ୍ସ ଡାକି ହୋଇନଥାଏ। କୁଟିଆ ଉନ୍ନୟନ ସଂସ୍ଥାର କର୍ମଚାରୀମାନଙ୍କୁ କୌଣସି ଅନଲାଇନ କାମ ପାଇଁ ୩୫ କିମି ଦୂର ତୁମୁଡିବନ୍ଧ ଆସିବାକୁ ପଡୁଛି। ଏଠାରେ ବିଏସ୍‌ଏନ୍‌ଏଲର ଏକ ଟାୱାର ବସିଛି। କିନ୍ତୁ ନଥିବା ଭଳି। ସେଥିରୁ କେଯଣସି ନେଟ୍‌ୱର୍କ ଆସୁନି। ଫଳରେ ଅଞ୍ଚଳର ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି।





# ଆଇନ ସେବା ପ୍ରାଧିକରଣ ତରଫରୁ ସଚେତନତା ଶିବିର

ପାରଳାଖେମୁଣ୍ଡି, ୨୩।୯ (ସମିସ): କଟକ ସ୍ଥିତ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ଓ ଜିଲ୍ଲାଜଜ୍ ତଥା ଅଧ୍ୟକ୍ଷ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସତ୍ୟପ୍ରିୟ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଗଜପତି ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ କୋଭିଡ କଟକଣାକୁ ମାନି ଏକ ଅନଲାଇନ୍‌ସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାଜଜ୍ ହେମନ୍ତ ସେଠୀ, ମୁଖ୍ୟ ବିଚାର ବିଭାଗୀୟଅଧିକାରୀ ମାନସ ପଣ୍ଡା, ପ୍ରାଧିକରଣ ସଚିବ ବ୍ୟୋମକେଶ ନାୟକ ଯୋଗ ଦେଇଥିଲେ। ଆରକ୍ଷୀ ଅଧିକାରୀ ଜୟରାମ ଶତପଥୀ, ପ୍ୟାନେଲ ଲୟର ଓ ପାରା ଲିଗାଲ କର୍ମୀ ଯୋଗ ଦେଇଥିଲେ। ପ୍ରାଧିକରଣର ସଚିବ ଶ୍ରୀ ନାୟକ ଯୋଗ ଦେଇ ସାଇବର ଅପରାଧ ଓ ସାମାଜିକ ଗଣମାଧ୍ୟମରେ ହେଉଥିବା ଠକେଇ କିପରି ରୋକାଯାଇପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା।। ସାଇବର ଅଭିଜ୍ଞତା ଥିବା ଜିଲ୍ଲା ପୁଲିସ ଅଧୀନରେ କାର୍ଯ୍ୟରତ କର୍ମଚାରୀ ପ୍ରଶାନ୍ତ ପରିଛା ସାମାଜିକ ଗଣମାଧ୍ୟମର ଉପକାରିତା ଓ ଅପକାରିତା ବିଷୟରେ ବିସ୍ତୃତ ଭାବେ ଉପସ୍ଥାପିତ ଜନସାଧାରଣଙ୍କୁ ସଚେତନତା କରାଇଥିଲେ। ସାଧାରଣ ଜନସାଧାରଣ କିପରି ସାଇବାର ଅପରାଧ ମାନଙ୍କ ଠକେଇ ଠାରୁ ବଞ୍ଚିତ ହେବେ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲେ। ଏହି ସମସ୍ତେ କାର୍ଯ୍ୟକ୍ରମକୁ ପ୍ରାଧିକରଣ କର୍ମଚାରୀମାନେ ପରିଚାଳନା କରିଥିଲେ।

# ଅଟୋ ଧକ୍କାରେ ବସ୍‌ଚାଳକ ମୃତ

ଦିଗପହଣ୍ଡି, ୨୩।୯ (ସମିସ): ଦିଗପହଣ୍ଡି-ଚିକିଟି ମୁଖ୍ୟରାସ୍ତାର ବାଲିଯୋଡ଼ି ନିକଟରେ ଗୁରୁବାର ଭୋରରେ ଏକ ଯାତ୍ରୀବାହୀ ଅଟୋ ଧକ୍କାରେ ମା' ଲକ୍ଷ୍ମୀ ନାମକ ଘରୋଇ ବସ୍ ଚାଳକର ମୃତ୍ୟୁ ହୋଇଛି। ମୃତକ ଜଣକ ନୟାଗଡ଼ ଜିଲ୍ଲା ସଦରଥାନା ଦେଉଳି ଗ୍ରାମର ସୁଧାକର ସାହୁ। ବସ୍ ଚାଳକ ସୁଧାକର ଭୁବନେଶ୍ୱରରୁ ଭାୟା ଦିଗପହଣ୍ଡି ଦେଇ ଚିକିଟି ଆସୁଥିବା ଓଆର୨୫ବି-୧୦୦୧ ନମ୍ବରର ମା' ଲକ୍ଷ୍ମୀ ନାମକ ଘରୋଇ ବସ୍‌ରେ ଦୀର୍ଘଦିନ ଧରି ଚାଳକ ଭାବେ କାମ କରୁଥିଲେ। ପ୍ରତିଦିନ ଭଳି ବୁଧବାର ରାତିରୁ ବସ୍‌ଟି ଭୁବନେଶ୍ୱରରୁ ଚିକିଟି ଅଭିମୁଖେ ବାହାରିଥିଲା। ଦିଗପହଣ୍ଡିରେ ସମସ୍ତ ଯାତ୍ରୀ ଓହ୍ଲାଇ ପଡ଼ିଥିବା ବେଳେ ଚିକିଟି ଯିବା ପାଇଁ ବସ୍‌ରେ ଅନ୍ୟ କୌଣସି ଯାତ୍ରୀ ନଥିଲେ। ବାଲିଯୋଡ଼ି ନିକଟ ରାସ୍ତା ପାର୍ଶ୍ୱସ୍ଥ ନାଳ ନିକଟରେ ଚାଳକ ସୁଧାକର ବସ୍ ରଖି ଶୌଚ ହେଉଥିଲେ। ସେଠାରୁ ଫେରିବା ପରେ ବସ୍ ପଛପଟେ ଠିଆ ହୋଇ ଡ୍ରେସ୍ ପିନ୍ଧୁଥିବା ସମୟରେ ପାଟପୁର ଥାନା ଅଧୀନ ଗଙ୍ଗାପୁରର କିଛି ଶ୍ରମିକଙ୍କୁ ନେଇ ଚିକିଟି ଯାଉଥିବା ଏକ ଅଟୋ ଭାରସାମ୍ୟ ହରାଇ ତାଙ୍କୁ ଧକ୍କା ଦେଇଥିଲା। ବସ୍ ଚାଳକ ଜଣକ ଉଭୟ ଅଟୋ ଓ ବସ୍ ମଧ୍ୟରେ ଚାପିହୋଇ ସେଠାରେ ହିଁ ମୃତ୍ୟୁବରଣ କରିଥିଲେ। ଅଟୋରେ ବସିଥିବା ୪/୫ ଶ୍ରମିକ ଆହତ ହୋଇଥିଲେ। ଆହତଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଖବରପାଇ କେ. ନୂଆଗାଁ ଥାନା ପୋଲିସ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ଡାକ୍ତରଖାନାକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ପୁଲିସ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛନ୍ତି। ପୁଲିସ ମକଦ୍ଦମା ରୁଜୁ କରି ବସ୍ ଏବଂ ଅଟୋକୁ ଜବତ କରି ତଦନ୍ତ ଚଳାଇଛି।



# ଓଡ଼ିଶାରେ ଅନ୍ତର୍ଜାତୀୟ ହକି ଟୁର୍ଣ୍ଣାମେଣ୍ଟ



ଦିନଥିଲା ଓଡ଼ିଶାରେ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତା କହିଲେ କଟକ ବାରବାଟୀରେ କେବଳ କ୍ରିକେଟ ମ୍ୟାଚ୍‌କୁ ବୁଝାଉଥିଲା। ଏବେ ସେହି ଧାରା ପରିବର୍ତ୍ତନ ହୋଇଛି। ଓଡ଼ିଶା ସରକାରଙ୍କ ପ୍ରୋତ୍ସାହନରେ ଭୁବନେଶ୍ୱରରେ ହକି, ଦୌଡ଼କୁଦ, ରଗ୍‌ବୀ, ଫୁଟବଲ, ଲନ୍ ଟେନିସ ଓ କଟକରେ ଟେବଲ ଟେନିସର ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି। ଭୁବନେଶ୍ୱରକୁ ଏବେ କ୍ରୀଡ଼ାର ରାଜଧାନୀ କୁହାଯାଉଥିଲାବେଳେ ଚଳିତବର୍ଷ ଜୁନିୟର ବିଶ୍ୱକପ୍ ହକି ଆୟୋଜନ କରିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ଏହି ଘୋଷଣା ସହ ଓଡ଼ିଶାରେ ଅନ୍ତର୍ଜାତୀୟ କ୍ରୀଡ଼ା ଆୟୋଜନରେ ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡି ହୋଇଯାଇଛି। ଏହି ଅବସରରେ ଓଡ଼ିଶାରେ ଏଯାଏ ଆୟୋଜିତ ହୋଇଥିବା ଅନ୍ତର୍ଜାତୀୟ ହକି ଟୁର୍ଣ୍ଣାମେଣ୍ଟ ସମ୍ପର୍କରେ ସଂକ୍ଷେପ ସୂଚନା ପ୍ରଦାନ କରାଯାଉଛି।

## ଚାମ୍ପିଅନ୍ସ ଟ୍ରଫି-୨୦୧୪

ରାଜଧାନୀ ଭୁବନେଶ୍ୱରର କେନ୍ଦ୍ରସ୍ଥଳରେ ନିର୍ମିତ ହୋଇଛି କଳିଙ୍ଗ ଷ୍ଟାଡିୟମ୍। ଏହି ଷ୍ଟାଡିୟମ୍‌ରେ ଅତ୍ୟାଧୁନିକ ହକି କମ୍ପ୍ଲେକ୍ସର ନିର୍ମାଣ ଓ ଇଣ୍ଡିଆନ୍ ହକି ଲିଗ୍‌ର ସଫଳ ଆୟୋଜନ ପରେ ପ୍ରଥମଥର ଏକ ଅନ୍ତର୍ଜାତୀୟ ହକି ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାର ଅଧିକାର ହାସଲ କରିଥିଲା। ଏଥିଲାଗି ଷ୍ଟାଡିୟମ୍‌ର ଆଧୁନିକୀକରଣ କରାଯିବା ପରେ ୨୦୧୪ ଡିସେମ୍ବର ୬ରୁ ୧୪ ତାରିଖଯାଏ ସମ୍ମାନଜନକ ଚାମ୍ପିଅନ୍ସ ଟ୍ରଫି ହକି ସଫଳତାର ସହ ଆୟୋଜିତ ହୋଇଥିଲା। ଚାମ୍ପିଅନ୍ସ ଟ୍ରଫିର ଏହା ଥିଲା ୩୫ତମ ସଂସ୍କରଣ। ଆୟୋଜକ ଭାରତ ସମେତ ବିଶ୍ୱର ଶ୍ରେଷ୍ଠ ୮ଟି ଦେଶକୁ ନେଇ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପାକିସ୍ତାନକୁ ୨-୦ ଗୋଲରେ ହରାଇ ଜର୍ମାନୀ ୧୦ମ ଥର ଲାଗି ଟାଇଟଲ ବିଜୟୀ ହୋଇଥିଲା। ଏହି ଦେଶର ମୋରିସ୍ ଫୁର୍ଷ୍ଟେ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ୫ଜଣ ଖେଳାଳି ୪ଟି ଲେଖାଏଁ ଗୋଲ ସ୍କୋର କରିଥିଲେ। ଏଥିରେ ଭାଗ ନେଇଥିବା ୮ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ଭାଗ କରାଯାଇଥିଲା। ଲିଗ୍ ପର୍ଯ୍ୟାୟରେ ରାଉଣ୍ଡ ରବିନ୍ ଲିଗ୍ ମ୍ୟାଚ୍ ପରେ କ୍ୱାର୍ଟର ଫାଇନାଲରେ କେଉଁ ଦଳ କାହା ସହ ଖେଳିବ ତାହା ସ୍ଥିର ହୋଇଥିଲା। ଭାରତୀୟ ଦଳ ନେଦରଲାଣ୍ଡସକୁ ୩-୨ରେ ହରାଇ ତୃତୀୟ ସ୍ଥାନିତ ଦଳ ଭାବେ କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। କ୍ୱାର୍ଟର ଫାଇନାଲରେ ଭାରତ ୪-୨ ଗୋଲରେ ବେଲଜିୟମକୁ ହରାଇ ସେମିଫାଇନାଲରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ଏହି ମ୍ୟାଚ୍ ଦେଖିବାକୁ ଷ୍ଟାଡିୟମ୍‌ରେ ଭରପୁର ଦର୍ଶକ ଉପସ୍ଥିତ ସତ୍ତ୍ୱେ ଭାରତ ୩-୪ ଗୋଲରେ ପାକିସ୍ତାନଠାରୁ ହାରିଯାଇଥିଲା। ମ୍ୟାଚ୍ ଜିତିବା ପରେ ପାକିସ୍ତାନୀ ଖେଳାଳିଙ୍କ ଅଶୋଭନୀୟ ବ୍ୟବହାର ସମସ୍ତଙ୍କୁ କ୍ଷୁବ୍ଧ କରିଥିଲା। ଅନ୍ତର୍ଜାତୀୟ ହକି ମହାସଂଘ ମଧ୍ୟ ଏହାକୁ ନିନ୍ଦା କରିଥିଲା। ଏହା ପରେ ଫାଇନାଲରେ ପାକିସ୍ତାନ ପରାଜିତ ହୋଇଥିଲା। ତୃତୀୟସ୍ଥାନ ଲାଗି ମ୍ୟାଚ୍‌ରେ ମଧ୍ୟ ଭାରତ ୧-୨ ଗୋଲରେ ଅଷ୍ଟ୍ରେଲିଆଠାରୁ ହାରିଯାଇଥିଲା।

## ହକି ୱାର୍ଲ୍ଡ ଲିଗ୍ (୨୦୧୭)

ଚାମ୍ପିଅନ୍ସ ଟ୍ରଫି ଆୟୋଜନର ୩ ବର୍ଷ ପରେ ପୁରୁଷ ଏଫ୍‌ଆଇଏଚ୍ ହକି ୱାର୍ଲ୍ଡ ଲିଗ୍‌ର ତୃତୀୟ ସଂସ୍କରଣର ଫାଇନାଲ ବା ଚୂଡାନ୍ତ ପର୍ଯ୍ୟାୟ କଳିଙ୍ଗ ଷ୍ଟାଡିୟମ୍‌ରେ ୨୦୧୭ ଡିସମ୍ବର ୧ରୁ ୧୦ ତାରିଖ ଯାଏ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗ୍ୟତା ଅର୍ଜନ କରିଥିବା ଭାରତ ସମେତ ୮ଟି ଦେଶ ଅଂଶଗ୍ରହଣ କରିଥିଲେ। ଏହି ଦେଶ ଗୁଡିକ ହେଲେ ଅଷ୍ଟ୍ରେଲିଆ, ଆର୍ଜେଣ୍ଟିନା, ଜର୍ମାନୀ, ବେଲଜିୟମ, ସ୍ପେନ୍, ନେଦରଲାଣ୍ଡସ, ଇଂଲଣ୍ଡ ଓ ଭାରତ। ଏଥିରେ ଆୟୋଜକ ଦେଶ ଭାରତ ଭଲ ପ୍ରଦର୍ଶନ କରି ତୃତୀୟ ସ୍ଥାନ ଅଧିକାର କରିଥିଲା। ଭାରତ ୨-୧ ଗୋଲରେ ଜର୍ମାନୀକୁ ପରାସ୍ତ କରି କଳିଙ୍ଗ ଷ୍ଟାଡିୟମ୍‌ରେ ପ୍ରଥମଥର ପୋଡିୟମ୍ ଫିନିଶ କରିଥିଲା। ଫାଇନାଲରେ ଅଷ୍ଟ୍ରେଲିଆ ୨-୧ ଗୋଲରେ ଅଲିମ୍ପିକ୍ ଚାମ୍ପିଅନ୍ ଆର୍ଜେଣ୍ଟିନାକୁ ପରାସ୍ତ କରି ଦ୍ୱିତୀୟ ଟାଇଟଲ ଜିତିଥିଲା। ଜର୍ମାନୀର ମ୍ୟାଟ୍ସ ଗ୍ରାମବୁଶଙ୍କୁ ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ଓ ବେଲଜିୟମର ଲଏକ୍ ଲୁଏପାର୍ଟଙ୍କୁ ଟପ୍ ସ୍କୋରର ବିବେଚିତ କରାଯାଇଥିଲା।



## ପୁରୁଷ ହକି ବିଶ୍ୱକପ୍ (୨୦୧୮)

୨୦୧୮ ରେ ହକିର ସର୍ବଶ୍ରେଷ୍ଠ ଟୁର୍ଣ୍ଣାମେଣ୍ଟ ହକି ବିଶ୍ୱକପ୍‌ର ୧୪ତମ ସଂସ୍କରଣ ନଭେମ୍ବର ୨୮ରୁ ଆରମ୍ଭ ହୋଇ ଡିସେମ୍ବର ୧୬ରେ ଶେଷ ହୋଇଥିଲା। ଏଥିରେ ୫ଟି ମହାଦେଶର ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ନେଦରାଲାଣ୍ଡସକୁ ହରାଇ ବେଲଜିୟମ ପ୍ରଥମଥରଚାମ୍ପିଅନ୍‌ହୋଇଥିଲା।ଅଷ୍ଟ୍ରେଲିଆତୃତୀୟସ୍ଥାନଅଧିକାର କରିଥିଲା। କ୍ୱାର୍ଟର ଫାଇନାଲରେ ନେଦାଲାଣ୍ଡସଠାର ହାରି ଭାରତ ପଦକ ଦୌଡକୁ ଯାଇ ପାରି ନଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୩୬ଟି ମ୍ୟାଚ୍ ଆୟୋଜିତ ହୋଇଥିଲା। ବେଲଜିୟମର ଆର୍ଥର ଭାନ ଡୋରେନ୍ ଶ୍ରେଷ୍ଠ ଖେଳାଳି, ବେଲଜିୟମର ଆଲେକ୍‌ଜାଣ୍ଡର ହେଣ୍ଡ୍ରିକ୍ସ ଓ ଅଷ୍ଟ୍ରେଲିଆର ବ୍ଲେକ ଗୋଭର୍ସ ୭ଟି ଲେଖାଏଁ ଗୋଲ ସ୍କୋର କରି ଟପ୍ ସ୍କୋରର ବିବେଚିତ ହୋଇଥିଲେ।

ଏହି ଟୁର୍ଣ୍ଣାମେଣ୍ଟ ପରେ ଅନ୍ତର୍ଜାତୀୟ ସ୍ତରରେ ଭାରତର ବେଶ୍ ସୁନାମ ବଢ଼ିଥିଲା। ବିଶ୍ୱରେ ଏହାକୁ ଅନ୍ୟଏକ ଶ୍ରେଷ୍ଠ ଟୁର୍ଣ୍ଣାମେଣ୍ଟ ଭାବେ ବିବେଚନା କରାଯାଇଥିଲା।

## ପୁରୁଷ ହକି ସିରିଜ୍ ଫାଇନାଲ୍ସ (୨୦୧୯)

ଏଫ୍‌ଆଇଏଚ୍‌ର ଅନ୍ୟତମ ହକି ଟୁର୍ଣ୍ଣାମେଣ୍ଟ ପୁରୁଷ ହକି ସିରିଜ୍ ଫାଇନାଲ୍ସର ଗୋଟିଏ ରାଉଣ୍ଡ ମୁକାବିଲା ଜୁନ୍ ୬ରୁ ୧୬ ତାରିଖ ଯାଏ ଅନୁଷ୍ଠିତ ହୋଇଥିଲା। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଗୋଟିଏ ଗ୍ରୁପ୍‌ରେ ଭାରତ ଶୀର୍ଷସ୍ଥାନ ଅଧିକାର କରିବା ସହ ଚାମ୍ପିଅନ୍ ହୋଇଥିଲା। ଏହି ପର୍ଯ୍ୟାୟର ସେମିଫାଇନାଲରେ ଭାରତ ୭-୨ ଗୋଲରେ ଜାପାନକୁ ହରାଇଥିଲା। ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ୪-୨ ଗୋଲରେ ହରାଇ ଭାରତ ପ୍ରଥମ ସ୍ଥାନ ଅଧିକାର କରିଥିଲା। ଚାମ୍ପିଅନ୍ ଭାରତ ଓ ରନର୍ସ ଅପ୍ ଦକ୍ଷିଣ ଆଫ୍ରିକା ଅଲିମ୍ପିକ୍ସ କ୍ୱାଲିଫାୟର୍ସକୁ ଯୋଗ୍ୟତା ଅର୍ଜନ କରିଥିଲେ।

## ଅଲିମ୍ପିକ୍ କ୍ୱାଲିଫାୟର୍ସ (୨୦୧୯)

ଉଭୟ ପୁରୁଷ ଓ ମହିଳା ବିଭାଗରେ ଅଲିମ୍ପିକ୍ ହକି କ୍ୱାଲିଫାୟର୍ସର ୩ଟି ଟୁର୍ଣ୍ଣାମେଣ୍ଟ ମଧ୍ୟରୁ ଭୁବନେଶ୍ୱରରେ ଗୋଟିଏ ଟୁର୍ଣ୍ଣାମେଣ୍ଟ ନଭେମ୍ବର ୧ ଓ ୨ ତାରିଖରେ ଅନୁଷ୍ଠିତ ହୋଇଥିଲା। ଏଠାରେ ଭାରତ ଉଭୟ ମ୍ୟାଚ୍‌ରେ ବିଜୟୀ ହୋଇ ଟୋକିଓ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିଥିଲା।

## ଏଫ୍‌ଆଇଏଚ୍ ପ୍ରୋ ଲିଗ୍ (୨୦୨୦)

ଏଫ୍‌ଆଇଏଚ୍‌ର ଅନ୍ୟତମ ଶ୍ରେଷ୍ଠ ହକି ଟୁର୍ଣ୍ଣାମେଣ୍ଟ ହେଉଛି ପ୍ରୋ-ଲିଗ୍। ଏହି ଟୁର୍ଣ୍ଣାମେଣ୍ଟର ୩ଟି ରାଉଣ୍ଡ ମୁକାବିଲା କଳିଙ୍ଗ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମୁକାବିଲା ଭାରତ ଓ ନେଦରଲାଣ୍ଡ ମଧ୍ୟରେ ୨୦୨୦ ଜାନୁଆରୀ ୧୮ ଓ ୧୯ ତାରିଖରେ ଖେଳାଯାଇଥିଲା। ଏହାମଧ୍ୟରୁ ପ୍ରଥମ ମ୍ୟାଚ୍‌ରେ ଭାରତ ୫-୨ ଗୋଲରେ ବିଜୟୀ ହୋଇଥିଲାବେଳେ ଦ୍ୱିତୀୟ ମ୍ୟାଚ୍‌କୁ ୩-୩ ଗୋଲରେ ଡ୍ର ରଖିଥିଲା।

ସେହିପରି ବେଲଜିୟମ ସହ ଦ୍ୱିତୀୟ ପର୍ଯ୍ୟାୟ ମ୍ୟାଚ୍ ୨୦୨୦ ଫେବୃଆରୀ ୮ ଓ ୯ରେ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍‌ରେ ଭାରତ ୨-୧ ଗୋଲରେ ବିଜୟୀ ହୋଇଥିଲାବେଳେ ଦ୍ୱିତୀୟ ମ୍ୟାଚ୍‌କୁ ବେଲଜିୟମ ୩-୨ ଗୋଲରେ ଜିତିଥିଲା। ଅଷ୍ଟ୍ରେଲିଆ ସହ ତୃତୀୟ ପର୍ଯ୍ୟାୟ ମୁକାବିଲା ଫେବୃଆରୀ ୨୨ ଓ ୨୩ରେ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ୪-୩ ଗୋଲରେ ଜିତିଥିଲାବେଳେ ଦ୍ୱିତୀୟ ମ୍ୟାଚ୍ ୨-୨ ଗୋଲରେ ଡ୍ର ରହିଥିଲା।

## ହକି ବିଶ୍ୱକପ୍ (୨୦୨୧ ଓ ୨୦୨୩)

ଏହା ପରେ ଚଳିତବର୍ଷ ନଭେମ୍ବର ୨୮ରୁ ଡିସେମ୍ବର ୫ ତାରିଖ ଯାଏ ଜୁନିଅର ହକି ବିଶ୍ୱକପ୍ ଏଠାରେ ଅନୁଷ୍ଠିତ ହେବ। ଏହା ପୂର୍ବରୁ ୨୦୨୩ରେ ଦ୍ୱିତୀୟଥର ପୁରୁଷ ହକି ବିଶ୍ୱକପ୍ ଆୟୋଜନ କରିବାକୁ ଅଧିକାର ପାଇଛି। ଏହି ସବୁ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବା ଫଳରେ ଓଡ଼ିଶା ଅନ୍ତର୍ଜାତୀୟ ହକି ଆୟୋଜନର ହବ୍ ପାଲଟିଛି।



# ୬ ସିଜନରେ ୪୦୦ରୁ ଊର୍ଦ୍ଧ୍ୱ ରନ୍

୨୦୦୮ରୁ ଆରମ୍ଭ ହୋଇଥିବା ବିଶ୍ୱର ସବୁଠାରୁ ବ୍ୟୟବହୁଳ ଟି-୨୦ କ୍ରିକେଟ୍ ପ୍ରତିଯୋଗିତା ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ଇତିମଧ୍ୟରେ ୧୪ତମ ସଂସ୍କରଣ ଜାରି ରହିଛି। କରୋନା ମହାମାରୀ ଲାଗି ଗତ ମେ ମାସରେ ଅଧାରୁ ସ୍ଥଗିତ ରହିଥିବା ୧୪ତମ ସଂସ୍କରଣ ବଳକା ମ୍ୟାଚ୍ ବର୍ତ୍ତମାନ ୟୁଏଇରେ ଖେଳାଯାଉଛି। ଆଇପିଏଲ୍ ବିଶ୍ୱର ସବୁଠାରୁ କଠିନ୍ ଓ ରୋମାଞ୍ଚକ ଟି-୨୦ ଲିଗ୍ ମଧ୍ୟରୁ ଗୋଟିଏ ପରିଗଣିତ ହୁଏ। ବିଶ୍ୱସ୍ତରୀୟ ବ୍ୟାଟ୍ସମ୍ୟାନଙ୍କ ଲାଗି ଆଇପିଏଲ୍‌ରେ କ୍ରମାଗତ ରନ୍ ସଂଗ୍ରହ କରିବା ସେତେଟା ସହଜ ହୋଇ ନ ଥାଏ। ପ୍ରତି ସଂସ୍କରଣରେ ସର୍ବାଧିକ ରନ୍ ସଂଗ୍ରହ କରିଥିବା ବ୍ୟାଟ୍ସମ୍ୟାନଙ୍କୁ 'ଅରେଞ୍ଜ କ୍ୟାପ୍' ପ୍ରଦାନ କରାଯାଇଥାଏ। ରେକର୍ଡ ଉପରେ ନଜର ପକାଇଲେ ଗୋଟିଏ ସିଜନରେ ସର୍ବାଧିକ ରନ୍ ରୟାଲ୍ ଚ୍ୟାଲେଞ୍ଜର୍ସ ଅଧିନାୟକ ବିରାଟ କୋହଲି ସଂଗ୍ରହ କରିଛନ୍ତି। ୨୦୧୬ ସିଜନରେ ସେ ଦମ୍‌ଦାର ପ୍ରଦର୍ଶନ କରି ୯୭୩ ରନ ନିଜ ନାମରେ ଲିପିବଦ୍ଧ କରିଥିଲେ। ଆଇପିଏଲ୍ ଖେଳୁଥିବା ପ୍ରତ୍ୟେକ ବ୍ୟାଟ୍ସମ୍ୟାନଙ୍କ ସ୍ୱପ୍ନ ରହିଥାଏ ଅରେଞ୍ଜ କ୍ୟାପ୍ ଜିତିବା। କିନ୍ତୁ ଏହି ପ୍ରତିଯୋଗିତାରେ ବିଶ୍ୱସ୍ତରୀୟ ବ୍ୟାଟ୍ସମ୍ୟାନ ଖେଳୁଥିବାରୁ ସିଜନରେ ସର୍ବାଧିକ ରନ୍ ସଂଗ୍ରହ କରିବା ସମ୍ଭବପର ହୋଇପାରି ନ ଥାଏ। କିନ୍ତୁ ଏମିତି କିଛି ବ୍ୟାଟ୍ସମ୍ୟାନ ରହିଛନ୍ତି ଯେଉଁମାନେ କ୍ରମାଗତ ୬ଟି ସଂସ୍କରଣରେ ପ୍ରଭାବୀ ପ୍ରଦର୍ଶନ କରି ୪୦୦ରୁ ଊର୍ଦ୍ଧ୍ୱ ରନ୍ ସଂଗ୍ରହ କରିବାରେ ସମର୍ଥ ହୋଇଛନ୍ତି। ଏହି ସଫଳତା ପାଇଥିବା ୩ ବ୍ୟାଟ୍ସମ୍ୟାନଙ୍କ ଉପରେ ନଜର ପକାଇବା।

## ଶିଖର ଧାୱନ (୨୦୧୬ରୁ ୨୦୨୧)

ଆଗାମୀ ଟି-୨୦ ବିଶ୍ୱକପ୍ ଲାଗି ନିକଟରେ ଘୋଷଣା କରାଯାଇଥିବା ଭାରତୀୟ ଦଳରୁ ଅଭିଜ୍ଞ ଓପନର୍ ଶିଖର ଧାୱନଙ୍କୁ ସ୍ଥାନ ମିଳି ନ ଥିଲେ ମଧ୍ୟ ସେ କ୍ରମାଗତ ଭାବେ ଆଇପିଏଲ୍‌ରେ ସ୍ଥିର ପ୍ରଦର୍ଶନ କରିଆସୁଛନ୍ତି। ଗତ କିଛି ବର୍ଷ ଧରି ଯଦି ଆଇପିଏଲ୍‌ରେ କ୍ରମାଗତ ଭଲ ଖେଳୁଥିବା ବ୍ୟାଟ୍ସମ୍ୟାନଙ୍କ ଉପରେ ନଜର ପକାଇବା ତେବେ ଧାୱନ ଏହି ତାଲିକାରେ ସ୍ଥାନ ପାଇବେ। ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଧାୱନ କ୍ରମାଗତ ୬ଟି ସଂସ୍କରଣରେ ୪୦୦ରୁ ଊର୍ଦ୍ଧ୍ୱ ରନ୍ ସଂଗ୍ରହ କରିଛନ୍ତି। ବୁଧବାର ସନ୍‌ରାଇଜର୍ସ ହାଇଦରାବାଦ୍ ବିପକ୍ଷ ମ୍ୟାଚରେ ସେ ୪୨ ରନ ଇନିଂସ ଅବସରରେ ଚଳିତ ସଂସ୍କରଣରେ ୪୦୦ ରନ୍ ଅତିକ୍ରମ କରିଛନ୍ତି। ଏଥିପୂର୍ବରୁ ସେ ୨୦୧୬ରେ ୫୦୧ ରନ୍, ୨୦୧୭ରେ ୪୭୯ ରନ, ୨୦୧୮ରେ ୪୮୭ ରନ, ୨୦୧୯ରେ ୫୨୧ ଓ ୨୦୨୦ରେ ୬୧୮ ରନ୍ ତାଙ୍କ ବ୍ୟାଟ୍‌ରୁ ସଂଗୃହିତ ହୋଇଛି।

## ସୁରେଶ ରାଇନା (୨୦୦୮ରୁ ୨୦୧୪)

ସୁରେଶ ରାଇନା ଆଇପିଏଲ୍‌ରେ କ୍ରମାଗତ ୬ କିମ୍ବା ଏହାଠାରୁ ଅଧିକ ସିଜନରେ ୪୦୦ରୁ ଊର୍ଦ୍ଧ୍ୱ ରନ୍ ସଂଗ୍ରହକାରୀ ବ୍ୟାଟ୍ସମ୍ୟାନ ତାଲିକାର ୨ୟ ସ୍ଥାନରେ ରହିଛନ୍ତି। ଚେନ୍ନଇ ସୁପର୍ କିଙ୍ଗ୍‌ସ (ସିଏସ୍‌କେ)ର ଏହି ତାରକା ବାମହାତୀ ବ୍ୟାଟ୍ସମ୍ୟାନ କ୍ୟାରିୟରରେ ୭ଥର ଏହି ସଫଳତା ପାଇଛନ୍ତି। ଆଇପିଏଲ୍‌ର ଉଦ୍‌ଘାଟନୀ ସଂସ୍କରଣ ୨୦୦୮ରୁ ଆରମ୍ଭ କରି ୨୦୧୪ ପର୍ଯ୍ୟନ୍ତ ସେ କ୍ରମାଗତ ଭାବେ ୪୦୦ ପ୍ଲସ୍ ରନ୍ ସଂଗ୍ରହ କରିଥିଲେ। ରାଇନା ୨୦୦୮ରେ ୪୨୧, ୨୦୦୯ରେ ୪୩୪, ୨୦୧୦ରେ ୫୨୦, ୨୦୧୧ରେ ୪୩୮, ୨୦୧୨ରେ ୪୪୧, ୨୦୧୩ରେ ୫୪୮, ୨୦୧୪ରେ ୫୨୩ ରନ ସଂଗ୍ରହ କରି ଚମତ୍କାର ଫର୍ମରେ ରହିଥିଲେ।

## ଡେଭିଡ୍ ୱାର୍ଣ୍ଣର (୨୦୧୩ରୁ ୨୦୨୦)

ଅଷ୍ଟ୍ରେଲିଆର ଦୁର୍ଦ୍ଧର୍ଷ ଓପନିଂ ବ୍ୟାଟ୍ସମ୍ୟାନ ଡେଭିଡ୍ ୱାର୍ଣ୍ଣର ମଧ୍ୟ ତାଙ୍କ ଆଇପିଏଲ୍ କ୍ୟାରିୟରରେ ଲଗାତର ସ୍ଥିର ପ୍ରଦର୍ଶନ କରିଆସିଛନ୍ତି। ସନ୍‌ରାଇଜର୍ସ ହାଇଦରାବାଦ୍ ପକ୍ଷରୁ ଖେଳୁଥିବା ୱାର୍ଣ୍ଣର ମଧ୍ୟ କ୍ରମାଗତ ୭ଟି ସିଜନରେ ୪୦୦ରୁ ଊର୍ଦ୍ଧ୍ୱ ରନ୍ ସଂଗ୍ରହ କରିଛନ୍ତି। ସେ ପ୍ରଥମେ ୨୦୧୩ରେ ଏହି ମାଇଲଖୁଣ୍ଟ ସ୍ପର୍ଶ କରିଥିଲେ। ଏହି ସିଜନରେ ସେ ୪୧୦ ରନ କରିଥିଲେ। ଏହାପରେ ୨୦୧୪ରେ ୫୨୮, ୨୦୧୫ରେ ୫୬୨, ୨୦୧୬ରେ ୮୪୮, ୨୦୧୭ରେ ୬୪୧, ୨୦୧୮ରେ ୬୯୨ ଓ ୨୦୨୦ରେ ୫୪୮ ରନ କରିଥିଲେ।






'ସକାଳ'ର ସ୍ୱାସ୍ଥ୍ୟ

# ବିଶ୍ୱ ଜଳାତଙ୍କ ଦିବସ

**ଜଳାତଙ୍କ ହେଉଛି ଏକ ମାରାତ୍ମକ ଜୀବାଣୁଜନିତ ରୋଗ, ଯେଉଁଥିରେ ପ୍ରତିବର୍ଷ ପ୍ରାୟ ୨୦ ହଜାର ଲୋକ ମୃତ୍ୟୁବରଣ କରିଥାନ୍ତି । ତେଣୁ ଏ କ୍ଷେତ୍ରରେ ଜନସଚେତନତା ସୃଷ୍ଟି କରି ଜଳାତଙ୍କ ରୋଗର ନିରାକରଣ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ପ୍ରତ୍ୟେକ ବର୍ଷ ସେପ୍ଟେମ୍ବର ୨୮ ତାରିଖକୁ ୱାଲର୍ଡ ରାବିଜ୍ ଡେ' ବା 'ବିଶ୍ୱ ଜଳାତଙ୍କ ଦିବସ' ଭାବେ ପାଳନ କରାଯାଉଛି । ଏହି ଦିବସ ପାଇଁ ଚଳିତ ବର୍ଷର ଥିମ୍ ହେଉଛି – 'ରାବିଜ୍ ଫ୍ୟାକ୍ଟ୍, ନଟ୍ ଫିଅର୍' । ଜଳାତଙ୍କ ଟିକାର ଉଦ୍ଭାବକ ଲୁଇ ପାସକାଲ୍‌ଙ୍କ ପୁଣ୍ୟତିଥିକୁ ବିଶ୍ୱ ଜଳାତଙ୍କ ଦିବସ ଭାବେ ପାଳନ କରାଯାଏ ।**

ଉଭୟ ମଣିଷ ଓ ପଶୁମାନେ ଜଳାତଙ୍କ ରୋଗରେ ଆକ୍ରାନ୍ତ ହୋଇଥାନ୍ତି । ରୋଗାକ୍ରାନ୍ତ ପଶୁ ମଣିଷକୁ କାମୁଡ଼ିବା ଦ୍ୱାରା ସଂକ୍ରମିତ ଲାଳ ରକ୍ତରେ ମିଶି ମଣିଷ ଦେହକୁ ଆସିଥାଏ । 'ନ୍ୟୁରୋଟ୍ରୋପିକ୍ ଲାଇସା ଭାଇରସ' ଯୋଗୁଁ ଏହି ରାବିଜ୍ ରୋଗ ହୋଇଥାଏ । ପ୍ରଥମ ପର୍ଯ୍ୟାୟରେ ଏହି ରୋଗର ଲକ୍ଷଣଗୁଡ଼ିକ ମଧ୍ୟରୁ ଜ୍ୱର, ମାଂସପେଶୀଗୁଡ଼ିକରେ ଦୁର୍ବଳତା ଓ ଫ୍ଲୁ ଭଳି ଲକ୍ଷଣ ଦେଖାଯାଏ । ରାବିଜ୍ ସାଧାରଣତଃ ଦୁଇପ୍ରକାର, ଫ୍ୟୁରିଅସ୍ ରାବିଜ୍ ଓ ପେରାଲିଟିକ୍ ରାବିଜ୍ । ଫ୍ୟୁରିଅସ୍ ରାବିଜ୍‌ରେ ପାଣିକୁ ଭୟ କରିବା, ଅଧିକ ଲାଳ ବାହାରିବା, ବ୍ୟାକୁଳତା ଓ ଅନିଦ୍ରା ଆଦି ଲକ୍ଷଣ ଦେଖାଯାଉଥିବାବେଳେ ପେରାଲିଟିକ୍ ରାବିଜ୍ କ୍ଷେତ୍ରରେ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ । ଅନେକ କ୍ଷେତ୍ରରେ ରୋଗୀ ପକ୍ଷାଘାତ ବା କୋମାର ଶିକାର ମଧ୍ୟ ହୋଇପାରେ । ପଶୁଟି କାମୁଡ଼ିବା ଓ ରାବିଜ୍ ହେବା ମଧ୍ୟରେ ୧୨ ସପ୍ତାହର ସମୟ ଲାଗିଥାଏ । ଏହି ସମୟ ଅବଧିକୁ 'ଇନ୍‌କ୍ୟୁବେସନ୍ ପିରିୟଡ୍' କୁହାଯାଏ । ଆମ ଦେଶରେ ଜଳାତଙ୍କ ରୋଗର ୯୫ ପ୍ରତିଶତ କୁକୁର କାମୁଡ଼ିବା ଦ୍ୱାରା ହୋଇଥାଏ ବୋଲି ସୂଚନା ମିଳେ । କିନ୍ତୁ ଏହା କୁକୁର ବ୍ୟତୀତ ବିଲେଇ, ନେଉଳ, କୋକିଶିଆଳି, ବାଦୁଡ଼ି, ଘୋଡ଼ା, ବିଲୁଆ ଓ ମାଙ୍କଡ଼ ଆଦି ପ୍ରାଣୀଠାରୁ ମଧ୍ୟ ବ୍ୟାପିବାର ଆଶଙ୍କା ରହିଛି । ବର୍ଷକୁ ଥରେ ନିଜର ଗୃହପାଳିତ ପଶୁଙ୍କୁ ଆଣ୍ଟି ରାବିଜ୍ ଇଞ୍ଜେକ୍‌ସନ୍ ଦିଆଗଲେ, କିଛି ପରିମାଣରେ ଏହାର ନିରାକରଣ ସମ୍ଭବ ହୋଇପାରିବ ।

ପ୍ରଥମ ବିଶ୍ୱ ଜଳାତଙ୍କ ଦିବସ ୨୦୦୭, ସେପ୍ଟେମ୍ବର ୮ ତାରିଖରେ ଅନୁଷ୍ଠିତ ହୋଇଥିଲା । ଆଲାଏନ୍ସ ଫର ରାବିଜ୍ କଣ୍ଟ୍ରୋଲ୍, ରୋଗ ନିୟନ୍ତ୍ରଣ ଏବଂ ପ୍ରତିରୋଧ କେନ୍ଦ୍ର, ଆଟଲାଣ୍ଟା, ଆମେରିକା ମଧ୍ୟରେ ସହଭାଗିତା ଭାବରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, ବିଶ୍ୱ ପ୍ରାଣୀ ସଂଗଠନର ସହ-ପ୍ରାୟୋଜକ ଭାବରେ ଏହାର ଆୟୋଜନ କରିଥିଲେ । ତିନୋଟି ବିଶ୍ୱ ଜଳାତଙ୍କ ଦିବସ ପରେ, 'ଗ୍ଲୋବାଲ୍ ଆଲାଏନ୍ସ ଫର୍ ରାବିଜ୍ କଣ୍ଟ୍ରୋଲ୍' ପକ୍ଷରୁ ଅନୁଧ୍ୟାନ କରାଯାଇ ଥିଲା ଯେ, ୧୦୦ରୁ ଅଧିକ ଦେଶରେ ଜଳାତଙ୍କ ରୋଗ ପ୍ରତିରୋଧ ଏବଂ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସାରା ବିଶ୍ୱରେ ପ୍ରାୟ ୧୦୦ ନିୟୁତ ଲୋକଙ୍କୁ ଜଳାତଙ୍କ ବିଷୟରେ ଶିକ୍ଷା ଦିଆଯାଇଥିଲା ଏବଂ ପ୍ରାୟ ୩ ନିୟୁତ କୁକୁରଙ୍କୁ ଟିକାକରଣ କରାଯାଇଥିଲା ।



ଚଳିତବର୍ଷର ଥିମ୍ 'ରାବିଜ୍ ଫ୍ୟାକ୍ଟସ୍, ନଟ୍ ଫିଅର୍'କୁ ଅନୁଧ୍ୟାନ କଲେ ଜଣାଯିବ ଯେ, ଜଳାତଙ୍କର ବାସ୍ତବ ତଥ୍ୟକୁ ଜାଣିବା ଏବଂ ରୋଗକୁ ଭୟ ନକରିବା ଦ୍ୱାରା ଏହି ରୋଗର ନିରାକରଣ ହୋଇପାରିବ । 'ତଥ୍ୟ' ଶବ୍ଦଟି ସୂଚାଉଛି ଯେ,ଏହି ରୋଗ କ'ଣ, ଏହା କିପରି ବ୍ୟାପେ ଏବଂ ଏହାକୁ କିଭଳି ଭାବେ ଦୂର କରାଯାଇପାରିବ, ସେ ସମ୍ପର୍କରେ ବିଶେଷ ଜ୍ଞାନ ରହିବା ଆବଶ୍ୟକ । 'ଭୟ' ଶବ୍ଦଟିର ୩ଟି ଅର୍ଥ ଅଛି । ପ୍ରଥମରେ ହେଉଛି ରାବିଜ୍ ଦ୍ୱାରା ସୃଷ୍ଟି ହେଉଥିବା ସାଧାରଣ ଭୟ । ପଶୁମାନଙ୍କର ସାମ୍ନା କରିବା ସମୟରେ ଲୋକମାନେ ଯେଉଁ ଭୟ କରନ୍ତି (କାମୁଡ଼ିଦେବା ଭୟ) ଏବଂ ରେବିଜ୍ ଆକ୍ରାନ୍ତ ବ୍ୟକ୍ତିଙ୍କ ପାଖରେ ରହୁଥିବା ଅନ୍ୟ ଲୋକମାନଙ୍କ ମନରେ ସଂକ୍ରମଣକୁ ନେଇ ଯେଉଁ ଭୟ ସୃଷ୍ଟି ହୋଇଥାଏ । ଦ୍ୱିତୀୟରେ ରାବିଜ୍ ହେବା ପରେ ଦେଖାଯାଉଥିବା ଶାରୀରିକ ଲକ୍ଷଣ ଓ ତା'କୁ ନେଇ ସୃଷ୍ଟି ହେଉଥିବା ଭୟ । ଶେଷରେ ହେଉଛି ରାବିଜ୍ ସମ୍ପର୍କିତ ଅପପ୍ରଚାରକୁ ବିଶ୍ୱାସ କରି ମନରେ ଭୟ ଆଣିବା । ପୌରାଣିକ ସମ୍ପର୍କ ସହ ଜଳାନ୍ତଙ୍କ ରୋଗକୁ ଯୋଡ଼ିବା, ଟିକାକରଣ ଦିଗରେ କଷ୍ଟ ହେବା ସମ୍ପର୍କିତ ଭୟ ଏବଂ ରୋଗର ସଠିକ ନିରାକରଣ ପାଇଁ ଅନୁଚିତ ଚିକିତ୍ସା ପ୍ରଣାଳୀ ।

### ଜଳାତଙ୍କ ରୋଗକୁ ନେଇ ସଚେତନତା

- କୌଣସି ପଶୁ କାମୁଡ଼ିବା ସଙ୍ଗେ ସଙ୍ଗେ ସେହି କ୍ଷତକୁ ସାବୁନ୍ ଓ ସଫା ପାଣିରେ ୧୦ରୁ ୧୫ ମିନିଟ୍ ପର୍ଯ୍ୟନ୍ତ ଲଗାତାର ଧୋଇ ସଫା କରନ୍ତୁ । ଏହାପରେ ଡେଟଲ୍ କିମ୍ବା କୌଣସି ଆଣ୍ଟି ସେପ୍ଟିକ୍ କ୍ରିମ୍ ଲଗାଇ ଦିଅନ୍ତୁ ।
- କ୍ଷତ ହେବାର ୨୪ ଘଣ୍ଟା ଭିତରେ ଆଣ୍ଟି ରାବିଜ୍ ଇଞ୍ଜେକ୍‌ସନ୍ ଦିଅନ୍ତୁ ।
- ଏହାର କୌଣସି ଘରୋଇ ଉପଚାର ନାହିଁ । ତେଣୁ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ ।
- ରାବିଜ୍ ସଂକ୍ରମିତ ପଶୁ ପାଗଳ ଭଳି ବ୍ୟବହାର କରେ ଏବଂ ଏଣେତେଣେ ଦୌଡ଼େ କିମ୍ବା କାମୁଡ଼ିବାକୁ ଗୋଡ଼ାଏ । ୧୦ ଦିନ ଭିତରେ ଏଭଳି ପଶୁଙ୍କ ମୃତ୍ୟୁ ହୋଇଯାଇଥାଏ । କିନ୍ତୁ ଯଦି ସେହି ପଶୁଟି ୧୦ ଦିନ ପରେ ସୁସ୍ଥ ରହେ, ତେବେ କାମୁଡ଼ିଥିବା ବ୍ୟକ୍ତିଙ୍କୁ ରାବିଜ୍ ବା ଜଳାତଙ୍କ ହୋଇନଥାଏ ବୋଲି ଧରାଯାଏ । ୧୦ ଦିନ ପର୍ଯ୍ୟନ୍ତ ରୋଗୀ ଓ ପଶୁ ଉଭୟ ଉପରେ ଲକ୍ଷ୍ୟ ରଖିବା ଉଚିତ ।
- ପୋଷା କୁକୁରଙ୍କୁ ମଧ୍ୟ ଆଣ୍ଟି ରାବିଜ୍ ଟିକା ଦେବା ନିହାତି ଆବଶ୍ୟକ ।
- ଆଣ୍ଟି ରାବିଜ୍ ଔଷଧ ପ୍ରସ୍ତୁତ କରୁଥିବା କମ୍ପାନୀରେ କାମ କରୁଥିଲେ କିମ୍ବା ପଶୁ ସୁରକ୍ଷା ସଙ୍ଗଠନ ପାଇଁ କାମ କରୁଥିଲେ, ନିଶ୍ଚିତଭାବେ ଆଣ୍ଟି ରାବିଜ୍ ଇଞ୍ଜେକ୍‌ସନ୍ ନିଅନ୍ତୁ ।

ସ୍ୱାସ୍ଥ୍ୟ ବିଜ୍ଞାନ



# ବଧିରଙ୍କ ପାଇଁ ଔଷଧ 'ଗାମା ସିକ୍ରେଟିସ୍'


### ଆନ୍ତର୍ଜାତିକ ବଧିର ସପ୍ତାହ ପାଳନ ଅବସରରେ

ବର୍ତ୍ତମାନ ବଧିରତା ଆଉ ଏକ ବ୍ୟାଧି ହୋଇ ରହିନାହିଁ । ଏ ସମ୍ପର୍କିତ ଜନ ସଚେତନତା ସୃଷ୍ଟି କରି ଏହାର ନିରାକରଣ ପାଇଁ ପ୍ରତିବର୍ଷ ସେପ୍ଟେମ୍ବର ମାସ ୨୦ରୁ ୨୬ ତାରିଖ ପର୍ଯ୍ୟନ୍ତ ଆନ୍ତର୍ଜାତିକ ବଧିର ସପ୍ତାହ ପାଳନ କରାଯାଉଛି । ବିଜ୍ଞାନର କାରିଗରୀ କୌଶଳ ଯୋଗୁଁ ଅନେକ ପ୍ରକାର ଶ୍ରବଣ ଯନ୍ତ୍ର ଉଦ୍ଭାବନ କରାଯାଇଛି, ଯାହାକୁ ବ୍ୟବହାର କରି ବଧିରମାନେ ସହଜରେ ଶୁଣି ପାରୁଛନ୍ତି । ଏବେ ସ୍ୱାସ୍ଥ୍ୟ ବିଜ୍ଞାନୀମାନେ ଏକ ପ୍ରକାର ଔଷଧ ତିଆରି କରିଛନ୍ତି, ଯାହାଦ୍ୱାରା ଶ୍ରବଣ ଶକ୍ତି ଫେରିପାଇବା ସମ୍ଭବ ହୋଇପାରିବ । ଏହି ଔଷଧର ନାମ ରଖାଯାଇଛି – 'ଗାମା ସିକ୍ରେଟିସ୍ ଇନ୍‌ହିବିଟର୍ସ' ବା 'ଜିଏସ୍‌ଆଇ' । ଏହି ତରଳ ଔଷଧକୁ ଇଞ୍ଜେକ୍‌ସନ୍ ମାଧ୍ୟମରେ କାନରେ କାନ ଭିତରେ ପକାଯାଏ । ଏହା କାନ ଭିତରେ ଥିବା 'ହେୟାର୍ ସେଲ୍' ବା ଶ୍ରବଣ କୋଷିକାଗୁଡ଼ିକୁ ବୃଦ୍ଧି କରିବାରେ ସାହାଯ୍ୟ କରିବ । ବୟସାଧିକ୍ୟ ଶ୍ରବଣ ସମସ୍ୟା କ୍ଷେତ୍ରରେ ଏହି ଔଷଧ ଆହୁରି ଲାଭଦାୟକ ହୋଇପାରିବ ।କାନ ଭିତରେ ଥିବା ପ୍ରୋଗେନିଟର୍ ସେଲ୍‌ରେ ଇଞ୍ଜେକ୍‌ସନ୍ ଦେବାକୁ ହେବ । ଏହି ସେଲ୍ ନୂତନ ଶ୍ରବଣ କୋଷିକା ସୃଷ୍ଟି କରିବାରେ ସହାୟକ ହୋଇଥାଏ । କିନ୍ତୁ 'ନୋଚ୍' (Notch) ନାମକ ପ୍ରୋଟିନ୍ ଶୁଣିବା କ୍ଷେତ୍ରରେ ବାଧା ସୃଷ୍ଟି କରିଥାଏ । ଏ କ୍ଷେତ୍ରରେ 'ଗାମା ସିକ୍ରେଟିସ୍ ଇନ୍‌ହିବିଟର୍ସ' ଏହି ପ୍ରୋଟିନ୍‌ର ଅବରୋଧକୁ ପ୍ରତିହତ କରିଥାଏ । ଔଷଧ ଦ୍ୱାରା ଶ୍ରବଣକ୍ଷମ କରିବାର ଏହି ଚିକିତ୍ସା ପ୍ରଣାଳୀକୁ 'ଏଫ୍‌ଏକ୍ସ-୩୨୨' ନାମ ଦିଆଯାଇଛି । ଏହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ ବୋଲି ଗବେଷଣା ଦ୍ୱାରା ଜଣାପଡ଼ିଛି ।

ଟୁଟ୍‌କା ଚିକିତ୍ସା

# ଯକୃତ ବିକାର

**ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭିତରେ ଅଛି ଲିଭର୍ ବା ଯକୃତ । ଯକୃତ ଓ ପିତ୍ତକୋଷରୁ ସୃଷ୍ଟି ପିତ୍ତରସ ଖାଦ୍ୟ ପରିପାକରେ ସାହାଯ୍ୟ କରିଥାଏ । ଏହା ଶରୀରର ଚୁଲି ଓ କେମିକାଲ ଫାକ୍ଟରି ଭାବରେ କାମ କରେ । ଚୁଲି ଲିଭିଗଲେ ଯେପରି ଖାଦ୍ୟ ପାକ ହୋଇପାରେ ନାହିଁ ଯକୃତ କୋଷ କ୍ଷୟ ଘଟି ଲିଭର ଡାମେଜ୍ ହେଲେ ଖାଦ୍ୟ ହଜମ ହୁଏ ନାହିଁ । ବିଭିନ୍ନ କାରଣରୁ ଯକୃତରେ ବିକୃତି ଘଟି ଏହାର କାର୍ଯ୍ୟକାରିତା ନଷ୍ଟ ହୋଇଥାଏ । ଦୂଷିତ ଖାଦ୍ୟ, ପୁଷ୍ଟିକର ଖାଦ୍ୟାଭାବ, ଦୂଷିତ ଜଳ, ଦୂଷିତ ରକ୍ତ, ନିଶା ଓ ମଦ୍ୟପାନ, ଅସୁରକ୍ଷିତ ଯୌନ ସଂପର୍କ, ସଂକ୍ରମିତ ସିରିଂଜ ଇତ୍ୟାଦି ଦ୍ୱାରା ଭାଇରସ ବା ଜୀବାଣୁ ଶରୀରରେ ପ୍ରବେଶ କରି ଯକୃତ କୋଷକୁ ନଷ୍ଟ କରନ୍ତି । ଫଳରେ ଜଣ୍ଡିସ ଓ ଭିନ୍ନ ଭିନ୍ନ ହେପାଟାଇଟିସ୍ (ଏ,ବି,ସି) ଓ ଜଳୋଦରୀ ବା ଲିଭର ସିରୋସିସ୍ ହୁଏ ।**



### ଉପାୟ ଓ ପଥ୍ୟ :

- ସୁସ୍ଥ ଦିନଚର୍ଯ୍ୟା ଏବଂ ସଂପୂର୍ଣ୍ଣ ଶାକାହାର ଏବଂ ଲିଭର ସଫା କରିବା ପାଇଁ ୩ ଦିନ ଧରି ବିଟ୍, ଲେମ୍ବୁ, ପପାୟା ବା ଅଙ୍ଗୁର ରସ ପାନକରି ଉପବାସ କରିବ ।
- ଏହା ପରେ କେବଳ ଫଳ ଓ କ୍ରିମ୍ କଢ଼ା ଗାଈର କ୍ଷୀର ଖାଇ ଏକ ସପ୍ତାହ ରହିବ ।
- ଏହାପରେ ଆଳମଣ୍ଡ, ଘର ତିଆରି ଛେନା, ଗଜା ମୁଗ, ପପାୟା, ପୋଡ଼ା ଆଳୁ, କଲରା ସିଝା ଖାଇବ ।
- ଅଧିକ ପଟାସିଅମ ଥିବା ପନିପରିବା ଫଳ ଖାଇବ – ପତ୍ର କୋବି, କଦଳୀ, ଅଂଜିର, ମୁନାକା, କାକୁଡ଼ି, ଖଜୁରି, ଆପ୍ରିକଟ, କଅଁଳିଆ ଲିମ୍ବ ପତ୍ର କଢ଼ର ରସ ଦିନକୁ ଦି'ଥର ନେବ ।
- ତେଲ, ଘିଅ, ଚର୍ବି ଜାତୀୟ ଖାଦ୍ୟ, ଆମିଷ ଭକ୍ଷଣ କରିବ ନାହିଁ । ଡାଲି, ଶାଗ ବର୍ଜନୀୟ , ଲୁଣ ୨ ଗ୍ରାମରୁ ଅଧିକ ନୁହଁ ।
- ସିଝା ପନିପରିବା, ମିଠା ଫଳ, ତରଳ ଓ ସହଜରେ ହଜମ ହେଉଥିବା ଖାଦ୍ୟ ଖାଇବ ।
- ଘୋଳ ଦହି, ମିଶ୍ରି-ଲେମ୍ବୁ ସର୍ବତ, ଆଖୁ ରସ, ଗାଜର , ବନ୍ଧାକୋବି ରସ, ମୂଳା ରସ, ପଇଡ଼, ଲହୁଣୀ କଢ଼ା ଦୁଗ୍ଧ, ସୁପ୍, ଗ୍ଲୁକୋଜ ପାଣି ପିଇବ ।
- ଯକୃତ ଓ ପ୍ଳୀହା ରୋଗ ପାଇଁ ସଜ ବାଇଗଣ ପୋଡ଼ି ଭର୍ତ୍ତା କରି ଖାଇଲେ ଔଷଧ ଭଳି କାମ କରେ, ପ୍ରତ୍ୟହ ବାଇଗଣ ଭର୍ତ୍ତା ଖାଇବ ।
- କଞ୍ଚା ଅମୃତଭଣ୍ଡାକୁ ସୈନ୍ଧବ ଲବଣ ସହ କାକୁଡ଼ି ଭଳି ଖାଇବ ।
- ସଂଧାରେ କୋଇଲେଖା ସେ ୨/୩ ଚାମଚ ପନ୍ଦରଦିନ ପାଇଁ ସେବନ କରିବ ।
- କଲରା - ଫଳ ଉପକାରୀ ଓ ପତ୍ର, ଉଭୟର ରସ ଯକୃତ ରୋଗ ପାଇଁ ଉପକାରୀ ।
- ହିଡ଼ିମିଚି ଶାଗର ରସ ପ୍ରତିଦିନ ୩୦ ଗ୍ରାମ ହିସାବରେ ସେବନ କରିବ ।
- ଗୋମୂତ୍ରକୁ ଗରମ କରି ମୋଟା କପଡ଼ାରେ ଭିଜାଇ ଯକୃତ ଓ ପ୍ଳୀହା ଉପରି ଭାଗରେ ୧୦/୧୫ ମିନିଟ୍ ସେକ ଦେବ ।
- ଏକ କପ୍ ଥଣ୍ଡା କ୍ଷୀରରେ ଦୁଇ ଚାମଚ ମହୁ ମିଶାଇ ପାନ କଲେ ଉପକାର ମିଳେ ।
- ହରିଡ଼ା, ପୁନର୍ନଭା, କାଳମେଘ, ଗିଲୋଇ, କୁଟକି, ଭୂଇଁ ଅଁଳା ରସ, ଯାଷ୍ଟିମଧୁ ହେପାଟାଇଟିସ୍ ପାଇଁ ଅତ୍ୟନ୍ତ ଉପକାରୀ ।
- କଞ୍ଚା ହଳଦୀ ବାଟି ତା'ର ରସ, ମହୁ, ଦହି, ମିଶ୍ରି ସହ ଏକ ଚାମଚ ଗାଈଘିଅ ମିଶାଇ ଖାଇବାକୁ ଦେବ ।
- ହେପାଟାଇଟିସ୍ ହୋଇଥିଲେ, ଅଳ୍ପ ପରିମାଣ ଓ ଅଧିକ କାଲୋରି ଯୁକ୍ତ ଖାଦ୍ୟ ଖାଇବ, ଅଳ୍ପ ଅଳ୍ପ ବାରମ୍ବାର ଖାଇବ, ପେଟ ପୂରା ଖାଇବ ନାହିଁ ।
- ମିନେରାଲ୍ ୱାଟର ପିଇବ ଓ ମଡ୍ ପ୍ୟାକ୍ ନେବ ।


ବିନୋଦିନୀ ଦେବୀ

**ସୁଷମ ଖାଦ୍ୟ ଓ ବ୍ୟାୟାମ ଶରୀରକୁ ସୁସ୍ଥ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ତେବେ ଏମିତି କିଛି ବ୍ୟାୟାମ ରହିଛି, ଯାହା କଷ୍ଟକର ମନେ ହେଉଥିଲେ ମଧ୍ୟ ସ୍ୱାସ୍ଥ୍ୟପ୍ରଦ । ସେମିତି ଏକ କଷ୍ଟ ବ୍ୟାୟାମ ହେଉଛି 'ୱାଲ୍ ସିଟ୍' । ଏହି ଆଇସୋମେଟ୍ରିକ୍ ବ୍ୟାୟାମରେ ବିନା କୌଣସି ଚେୟାର୍‌ରେ କାନ୍ଥକୁ ଆଉଜି ବସିବାକୁ ହୁଏ । ଏହା ମାଂସପେଶୀକୁ ସୁଦୃଢ଼ କରିବା ସହିତ ମେରୁଦଣ୍ଡକୁ ମଜବୁତ୍ ରଖେ । ଏହି ବ୍ୟାୟାମର ଆଉ କିଛି ଉପକାରିତା ହେଉଛି –**


# ୱାଲ୍ ସିଟ୍ ବ୍ୟାୟାମ



- ଏହି ବ୍ୟାୟାମ ଦ୍ୱାରା ପ୍ରତି ମିନିଟ୍‌ରେ ଶରୀରରୁ ୩ରୁ ୬ କ୍ୟାଲୋରି ହ୍ରାସ ହୋଇଥାଏ ।
- ସହନଶୀଳତାକୁ ବୃଦ୍ଧି କରେ ।
- ଏକାଗ୍ରତା ବଢ଼ାଇବାରେ ସାହାଯ୍ୟ କରେ ।
- ୱାଲ୍‌ସିଟ୍ ଦ୍ୱାରା ଷ୍ଟେମିନା ବଢ଼ିଥାଏ । ତେଣୁ ଖେଳାଳିଙ୍କୁ ମଧ୍ୟ ଏହି ବ୍ୟାୟାମ କରିବା ପାଇଁ ପରାମର୍ଶ ଦିଆଯାଏ ।
- ଜଙ୍ଘ, ଆଣ୍ଠୁ ଓ ପାଦର ମାଂସପେଶୀ ମଜବୁତ କରିବା ପାଇଁ ଏହା ସବୁଠାରୁ ଉତ୍ତମ ।
- ଶରୀରର ପ୍ରତ୍ୟେକ ଗଣ୍ଠି ଜଏଣ୍ଟ୍‌କୁ ମଜବୁତ୍ କରେ ।
- ଏହି ବ୍ୟାୟାମ ଯୋଗୁଁ ମାନସିକ ସୁସ୍ଥତା ମଧ୍ୟ ବୃଦ୍ଧି ହୋଇଥାଏ ।


# ପାରାନଏଡ୍ ପର୍ସନାଲିଟି ଡିସଅର୍ଡର୍

କେତେଜଣ ଲୋକ ଛୋଟ ଛୋଟ କଥାରେ ମଧ୍ୟ ସନ୍ଦେହ କରିଥାନ୍ତି । ଯେତେବେଳେ ଏହି ସନ୍ଦେହର ମାତ୍ରା ଅଧିକ ହୋଇଯାଏ, ତେବେ ମାନସିକ ବିକାର ସୃଷ୍ଟି ହୁଏ । ଏହି ବିକାରକୁ ମନୋବିଜ୍ଞାନ ଭାଷାରେ ପାରାନଏଡ୍ ପର୍ସନାଲିଟି ଡିସଅର୍ଡର୍ ବୋଲି କୁହାଯାଏ । ଏହି ବିକାର ଯୋଗୁଁ ଦିନଚର୍ଯ୍ୟାରେ ଅନେକ କିଛି ପରିବର୍ତ୍ତନ ଆସେ ଏବଂ ସେସବୁ ପରିବର୍ତ୍ତନ ହିଁ ଏହି ରୋଗର ଲକ୍ଷଣ । ମସ୍ତିଷ୍କର ବିକାଶରେ ବାଧା ସୃଷ୍ଟି ହେବା, ମୁଣ୍ଡର ଆଭ୍ୟନ୍ତରୀଣ ସ୍ଥାନରେ ମାଡ଼ ବାଜିବା, ଆନୁବଂଶିକ, ପାରିବାରିକ ଅବସାଦ, ଶିଶୁ ସମୟର କୌଣସି ପ୍ରତିକୂଳ ଅନୁଭବ ଏବଂ ବାରମ୍ବାର ବିଫଳତା ସମୟରେ ଚିନ୍ତା କରିବା ଆଦି କାରଣରୁ ପାରାନଏଡ୍ ପର୍ସନାଲିଟି ଡିସଅର୍ଡର୍ ଭଳି ମାନସିକ ରୋଗ ଦେଖାଯାଏ । ସାମାନ୍ୟ କଥାରେ ସନ୍ଦେହ କରିବା ଏବଂ ସେହି ସନ୍ଦେହକୁ ସମ୍ପୂର୍ଣ୍ଣ ସତ ବୋଲି ତା' ଉପରେ ବିଶ୍ୱାସ କରିବା, ତଦନୁଯାୟୀ କାର୍ଯ୍ୟ କରିବା, ଚିନ୍ତା କରିଥିବା



ବିଷୟଗୁଡ଼ିକ ଆଖି ଆଗରେ ଦେଖାଯିବା ଏବଂ ମନରେ ଭ୍ରମ ସୃଷ୍ଟି ହେବା ଆଦି ଏହାର ଲକ୍ଷଣ । ଡିମେନ୍‌ସିଆ ଓ ପାର୍କିସନ୍ ରୋଗଗ୍ରସ୍ତ ବୃଦ୍ଧବ୍ୟକ୍ତିଙ୍କୁ ମଧ୍ୟ ପାରାନଏଡ୍ ପର୍ସନାଲିଟି ଡିସଅର୍ଡର୍

ହେବାର ଆଶଙ୍କା ଥାଏ । ଏଭଳି ରୋଗୀଙ୍କ ମସ୍ତିଷ୍କରୁ 'ଡୋପାମାଇନ୍' ନାମକ ଏକ ହର୍‌ମୋନ୍ କ୍ଷରଣ ହୋଇଥାଏ । ଯାହା ଫଳରେ ସନ୍ଦେହ ଗୁଣ ସୃଷ୍ଟି ହୋଇଥାଏ । ପ୍ରାଥମିକ ପର୍ଯ୍ୟାୟରେ କାଉନ୍‌ସିଲିଙ୍ଗ୍ ଓ କିଛି ଔଷଧ ଦ୍ୱାରା ଏହି ରୋଗ ସମ୍ପୂର୍ଣ୍ଣ ଭଲ ହୋଇଯାଏ । କିନ୍ତୁ ମାନସିକ ଅସନ୍ତୁଳନ ନହେବା ପାଇଁ ପ୍ରେରଣାଦାୟକ ପୁସ୍ତକ ପଢ଼ିବା, ନକରାତ୍ମକ ଭାବନାକୁ ମନରେ ନ ଆଣିବା, ନିଜ ଚିନ୍ତାଧାରାକୁ ବଦଳାଇବା ଓ ଖୁସିରେ ରହିବାକୁ ଚେଷ୍ଟା କରିବା ଉଚିତ ।



# ଲାଭପ୍ରଦ ଗରମ ପାଣି

**ଆମ ଶରୀରର ୭୦ ପ୍ରତିଶତ ହେଉଛି ଜଳ । ପାଣି ବିନା ଜୀବନ ଅସମ୍ଭବ । ତେବେ ସାଦା ପାଣି ଅପେକ୍ଷା ଗରମ ପାଣି ପିଇବା ଦ୍ୱାରା ଅନେକ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଦୂର ହୋଇଥାଏ ।**

- ମୋଟାପଣ ଦୂର କରିବା ପାଇଁ ପ୍ରତିଦିନ ସକାଳେ ଉଠିବା ପରେ ଚାହା ବଦଳରେ ଗୋଟିଏ ଗ୍ଲାସ୍ ଗରମ ପାଣି ପିଅନ୍ତୁ । ଏହା ଚର୍ବି ହ୍ରାସ କରେ ଏବଂ ମୋଟାପଣ ଦୂର ହୁଏ ।
- ସହଜରେ ଖାଦ୍ୟ ହଜମ ହେବା ପାଇଁ ଗରମ ପାଣି ସବୁଠାରୁ ଭଲ ବିକଳ୍ପ । ରାତିରେ ଖାଇବା ପରେ ଉଷୁମ ପାଣି ପିଅନ୍ତୁ ।
- ଗରମ ପାଣି ପିଇବା ଦ୍ୱାରା ରକ୍ତ ପରିଷ୍କାର ରହେ ଏବଂ ଶରୀରରେ ଥିବା ବିଷାକ୍ତ ପଦାର୍ଥ ଝାଳ ମାଧ୍ୟମରେ ବାହାରିଯାଏ ।
- ରକ୍ତ ସଞ୍ଚାଳନ ଠିକ୍ ହୁଏ ଏବଂ ସ୍ନାୟୁତନ୍ତ୍ର ମଜବୁତ ରହେ ।
- ଗରମ ପାଣି ପିଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ । ସକାଳୁ ଉଷୁମ ପାଣିରେ ଲେମ୍ବୁ ପକାଇ ପିଇବା ଆହୁରି ସ୍ୱାସ୍ଥ୍ୟପ୍ରଦ ।
- କୋଷ୍ଠକାଠିନ୍ୟ ଦୂର କରିବା ପାଇଁ ଗରମ ପାଣି ଏକ ଔଷଧ ଭଳି କାମ କରିଥାଏ ।
- ଛାତିରେ ଯନ୍ତ୍ରଣା ଓ ଗଳା ସଂକ୍ରମଣ ଦୂର କରିବା ପାଇଁ ଗରମ ପାଣି ବେଶ୍ ଲାଭଦାୟକ ।
- ଋତୁସ୍ରାବ ସମୟରେ ଉଷୁମ ପାଣି ରେ ଜିରା ଗୁଣ୍ଡ ପକାଇ ପିଇବା ଦ୍ୱାରା ପେଟ ଯନ୍ତ୍ରଣା, ମୁଣ୍ଡବିନ୍ଧା ଓ ବାନ୍ତି ଦୂର ହୁଏ ।
- ଗରମ ପାଣି ଅମ୍ଳ ଦୋଷ ମଧ୍ୟ ଦୂର କରେ ।
- ଗରମ ପାଣି ରକ୍ତ ସଞ୍ଚାଳନକୁ ଠିକ୍ କରେ ଏବଂ ରକ୍ତ ସଞ୍ଚାଳନ ଠିକ୍ ହେଲେ ତ୍ୱଚା ଉପରେ ଏହାର ସୁପ୍ରଭାବ ପଡ଼ିଥାଏ । ତେଣୁ ଗରମ ପାଣି ଦ୍ୱାରା ଅନେକ ପ୍ରକାର ତ୍ୱଚା ସମସ୍ୟା ଦୂର ହୋଇଥାଏ ।

# ଭିଟାମିନ୍ 'ଏଫ୍'



ପୋଷକତତ୍ତ୍ୱ ତାଲିକାରେ ଭିଟାମିନ୍ 'ଏ'ଠାରୁ ଭିଟାମିନ୍ 'ଇ' ପର୍ଯ୍ୟନ୍ତ ରହିଛି । କିନ୍ତୁ ସ୍ୱାସ୍ଥ୍ୟବିଜ୍ଞାନୀମାନେ ଭିଟାମିନ୍ 'ଏଫ୍'ର ମଧ୍ୟ ଆବିଷ୍କାର କରିଛନ୍ତି, ଯାହାକି ଖାଦ୍ୟରେ ଥିବା ଦୁଇପ୍ରକାର ସ୍ୱାସ୍ଥ୍ୟପ୍ରଦ ଏସିଡ୍‌ରୁ ତିଆରି । ସେହି ଦୁଇଟି ଏସିଡ୍ ହେଉଛି – ଆଲ୍‌ଫା ଲାଇନୋଲେନିକ୍ ଏସିଡ୍ (ଏଏଲ୍‌ଏ) ଓ ଲାଇନୋଲେନିକ୍ ଏସିଡ୍ (ଏଲ୍‌ଏ) । 'ଏଏଲ୍‌ଏ' 'ଓମେଗା ୩' ଫ୍ୟାମିଲିରୁ ଆସିଥିବାବେଳେ 'ଏଲ୍‌ଏ' 'ଓମେଗା ୬'ରୁ ଆସିଛି । ଏହି ଦୁଇଟିର ମୁଖ୍ୟ ଉତ୍ସ ହେଉଛି ଭେଜିଟେବୁଲ୍ ଅଏଲ୍, ନଟ୍ସ ଓ ବିଭିନ୍ନ ମଞ୍ଜିଜାତୀୟ ଖାଦ୍ୟ । ୧୯୨୦ରେ ଏକ ଗବେଷଣାରୁ ଏହି ଭିଟାମିନ୍ ସମ୍ପର୍କିତ ତଥ୍ୟ ଜଣାପଡ଼ିଥିଲା । ଏହି ଭିଟାମିନ୍ ଶରୀର ପାଇଁ ବହୁତ ଆବଶ୍ୟକ । ଭିଟାମିନ୍ 'ଏଫ୍' କମ୍ ଥିବା ବ୍ୟକ୍ତି ଖୁବ୍ ବିରଳ । ଏହାର ଅଭାବରେ ପିଲାଙ୍କ କ୍ଷେତ୍ରରେ ସଠିକ୍ ଉଚ୍ଚତା ବୃଦ୍ଧି ନହେବା, ରୁକ୍ଷ ତ୍ୱଚା ଓ ଦୃଷ୍ଟିଶକ୍ତି ଆଦି ସମସ୍ୟା ଦେଖାଯାଏ । ଭିଟାମିନ୍ 'ଏଫ୍'ର ଗୋଟିଏ ଗ୍ରାମରେ ୯ କ୍ୟାଲୋରି ଶକ୍ତି ରହିଛି । ଶରୀରର ବାହ୍ୟ କୋଷିକାଗୁଡ଼ିକୁ କାର୍ଯ୍ୟକ୍ଷମ ଓ ସକ୍ରିୟ ରଖିବା, ଦୃଷ୍ଟିଶକ୍ତି ପାଇଁ ଓ ମସ୍ତିଷ୍କର କାର୍ଯ୍ୟଦକ୍ଷତା ବୃଦ୍ଧିରେ ଏହି ଭିଟାମିନ୍‌ର ଆବଶ୍ୟକତା ରହିଛି । ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି, ରକ୍ତଚାପ ଓ ରକ୍ତ ଜମାଟ ସମସ୍ୟା ଦୂର କରିବା କ୍ଷେତ୍ରରେ ଏହାର ଆବଶ୍ୟକତା ରହିଛି ।



## ପିତାଙ୍କ ବିୟୋଗରୁ ସ୍ୱଦେଶ ଫେରିଲେ ରଦରଫୋର୍ଡ



ଦୁବାଇ, ୨୩।୯ (ଏଜେନ୍ସି): ସନ୍‌ରାଇଜର୍ସ ହାଇଦରାବାଦ୍‌ର ଯୁବ ଅଲ୍‌ରାଉଣ୍ଡର ଶିର୍ଫାନେ ରଦରଫୋର୍ଡ ପିତାଙ୍କ ବିୟୋଗ ଯୋଗୁ ଚଳିତ ଆଇପିଏଲ୍ ଅଧାରୁ ସ୍ୱଦେଶ ଫେରିଛନ୍ତି। ଫଳରେ ଖରାପ ଫର୍ମ ଦେଇ ଗତି କରୁଥିବା ହାଇଦରାବାଦ୍‌ର ସଙ୍କଟକୁ ଏହା ଆହୁରି ବଢ଼ାଇ ଦେଇଛି। ୨୩ ବର୍ଷୀୟ ବାମହାତୀ ୱେଷ୍ଟଇଣ୍ଡିଜ ବ୍ୟାଟ୍ସମ୍ୟାନ ଗୁରୁବାର ବାୟୋ-ବବଲ୍ ପରିବେଶରୁ ବାହାରି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିବା ଫ୍ରାଞ୍ଚାଇଜ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ରଦରଫୋର୍ଡ ଚଳିତ ୧୪ତମ ସଂସ୍କରଣ ୨ୟ ପର୍ଯ୍ୟାୟରେ ହାଇଦରାବାଦ୍ ଦଳ ସହ ଯୋଗ ଦେଇଥିଲେ। ଜନ୍ନୀ ବେୟାରଷ୍ଟୋଙ୍କ ବଦଳ ଖେଳାଳି ଭାବେ ତାଙ୍କୁ ଦଳରେ ସାମିଲ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ନିକଟରେ ଶେଷ ହୋଇଥିବା କାରିବିୟାନ୍ ପ୍ରିମିଅର ଲିଗ୍ (ସିପିଏଲ୍)ରେ ରଦରଫୋର୍ଡ ୧୧ ମ୍ୟାଚ ଖେଳି ୨୬୩ ରନ୍ ସଂଗ୍ରହ କରିଥିଲେ। ଏହାସତ୍ତ୍ୱେ ତାଙ୍କୁ ଆଗାମୀ ବିଶ୍ୱକପ୍ ଲାଗି ଘୋଷିତ ୱେଷ୍ଟଇଣ୍ଡିଜ ଦଳରେ ସ୍ଥାନ ମିଳି ନ ଥିଲା।

### ଭେଙ୍କଟେଶ ଆୟର ଓ ରାହୁଲ ତ୍ରିପାଠୀଙ୍କ ଧୂଆଁଧାର ବ୍ୟାଟିଂ

# କୋଲକାତାଠାରୁ ହାରିଲା ମୁମ୍ବଇ

ଆବୁଧାବି,୨୩।୯ (ଏଜେନ୍ସି)

ଦୁଇ ଯୁବ ଖେଳାଳି ଓପନର ଭେଙ୍କଟେଶ ଆୟର ଓ ରାହୁଲ ତ୍ରିପାଠୀଙ୍କ ଧୂଆଁଧାର ବ୍ୟାଟିଂ ବଳରେ ଏଠାରେ ଗୁରୁବାର ଅନୁଷ୍ଠିତ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)-୨୦୨୧ର ୩୪ ତମ ଲିଗ୍ ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସ ୭ ୱିକେଟରେ ମୁମ୍ବଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ଏହା ଫଳରେ କୋଲକାତା ୯ମ ମ୍ୟାଚ୍‌ରୁ ଚତୁର୍ଥ ବିଜୟ ସହ ପଏଣ୍ଟ ଟେବଲର ଚତୁର୍ଥସ୍ଥାନକୁ ଉନ୍ନୀତ ହୋଇଛି। କ୍ରମାଗତ ପରାଜୟ ସହ ମୁମ୍ବଇ ପଏଣ୍ଟ ଟେବଲର ପଞ୍ଚମ ସ୍ଥାନକୁ ଖସିଆସିଛି। ଏହି ମ୍ୟାଚ୍‌ରେ କ୍ୱିଣ୍ଟନ ଡି କକ୍ (୫୫ରନ୍)ଙ୍କ ଅର୍ଦ୍ଧଶତକ ସହାୟତାରେ ମୁମ୍ବଇ ଇଣ୍ଡିଆନ୍ସ ପ୍ରଥମେ ବ୍ୟାଟିଂ କରି ୬ ୱିକେଟରେ ୧୫୫ ରନ୍ କରିଥିଲା। ଜବାବରେ କୋଲକାତା ୧୫.୧ ଓଭରରେ ମାତ୍ର ୩ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା। ବିଜୟୀ ଦଳ ପକ୍ଷରୁ ମହାରାଷ୍ଟ୍ର ବ୍ୟାଟ୍ସମ୍ୟାନ୍ ତ୍ରିପାଠୀ ୪୨ ବଲ୍‌ରେ ୮ ଚୌକା ଓ ୩ଛକା ସହ ସର୍ବାଧିକ ୭୪ ରନ୍ କରି ଅପରାଜିତ ରହିଥିଲେ। ଅନ୍ୟପକ୍ଷରେ ଆୟର ୩୦ ବଲ୍‌ରେ ୪ଚୌକା ଓ ୩ଛକା ସହ ୫୩ ରନ୍ କରି ଆଉଟ ହୋଇଥିଲେ। ଏମାନଙ୍କ ଦ୍ୱିତୀୟ ୱିକେଟ ପାର୍ଟନରଶିପ୍‌ରେ ୫୨ ବଲ୍‌ରୁ ୮୮ ରନ୍ ସଂଗୃହୀତ ହୋଇଥିଲା। ୧୩ ରନ୍‌ରେ ଆଉଟ ହୋଇଥିବା ଶୁବମାନ ଗିଲ ଓ ଆୟର ପ୍ରଥମ ୱିକେଟରେ ୧୮ ବଲ୍‌ରୁ ୪୦ ରନ୍ ସଂଗ୍ରହ କରି ଭଲ ଆରମ୍ଭ ଦେଇଥିଲେ। ମୁମ୍ବଇ ପକ୍ଷରୁ କୌଣସି ବୋଲର ପ୍ରଭାବଶାଳୀ ହୋଇ ପାରି ନଥିଲାବେଳେ ଯଶପ୍ରୀତ୍ ବୁମ୍‌ରାଙ୍କୁ କୋଲକାତାର ୩ଟି ଯାକ ୱିକେଟ ମିଳିଥିଲା।



ଭେଙ୍କଟେଶ ଆୟର

### ଆଜିର ମ୍ୟାଚ୍

ସେପ୍ଟେମ୍ବର ୨୪



ଚେନ୍ନଇ
ବନାମ
ବାଙ୍ଗାଲୋର
ଭେନ୍ୟୁ-ଶାରଜା
ଖେଳ ଆରମ୍ଭ-ରାତି ୭ଟା ୩୦
ପ୍ରସାରଣ- ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ
ଷ୍ଟ୍ରିମିଂ- ଡିସ୍‌ନୀ ହଟ୍‌ଷ୍ଟାର

ପୂର୍ବରୁ କୋଲକାତା ଅଧିନାୟକ ଇଅନ ମୋର୍ଗାନ୍ ଟସ୍ ଜିତିବା ପରେ ପ୍ରଥମେ ବ୍ୟାଟିଂ ଲାଗି ମୁମ୍ବଇକୁ ଆମନ୍ତ୍ରଣ କରିଥିଲେ। ଏହି ଆମନ୍ତ୍ରଣକୁ ଗ୍ରହଣ କରି ମୁମ୍ବଇ ସମ୍ମାନର ସହ ବ୍ୟାଟିଂ କରି ପ୍ରଥମ ୱିକେଟ୍‌ରୁ ୯.୨ ଓଭରରେ ୭୮ ରନ୍ ସଂଗ୍ରହ କରିଥିଲା। ପ୍ରଥମ ମ୍ୟାଚ୍ ଖେଳି ପାରି ନଥିବା ରୋହିତ ୩୦ ବଲ୍‌ରୁ ୪ ଚୌକା ସହ ୩୩ ରନ୍ କରି ପ୍ରଥମ ଖେଳାଳି ଭାବେ ଆଉଟ ହୋଇଥିଲେ। ତାଙ୍କୁ ସପ୍ତମଥର ଲାଗି ସୁନୀଲ ନାରିନ୍ ଆଉଟ କରିବା ପୂର୍ବରୁ ରୋହିତ କୋଲକାତା ବିପକ୍ଷରେ ୧,୦୦୦ ରନ୍ ପୂରଣ କରିବାରେ ସମର୍ଥ ହୋଇଥିଲେ। ରୋହିତଙ୍କ ସହ ସୂର୍ଯ୍ୟକୁମାର ଯାଦବ (୫) ଶୀଘ୍ର ପାଭିଲିୟନକୁ ଫେରିଯାଇଥିଲେ। କିନ୍ତୁ ଡି କକ୍ ଗୋଟିଏ ପଟେ ଦୃଢ଼ତାର ସହ ବ୍ୟାଟିଂ କରି ଅର୍ଦ୍ଧଶତକ ପୂରଣ କରିଥିଲେ। ସେ ମାତ୍ର ୪୨ ବଲ୍‌ରେ ୪ ଚୌକା ଓ ୩ଛକା ସହ ୫୫ ରନ୍ କରି ୧୫ତମ ଓଭରରେ ତୃତୀୟ ଖେଳାଳିଭାବେ ଆଉଟ ହୋଇଥିଲେ। ସେ ଆଉଟ ହେଲାବେଳକୁ ମୁମ୍ବଇର ସ୍କୋର ୧୦୬ ରନ୍ ହୋଇଥିଲା। କୋଲକାତା ବୋଲରମାନେ ଭଲ ପ୍ରଦର୍ଶନ କରିବା ଫଳରେ ମୁମ୍ବଇ ଶେଷ ୫ ଓଭରରେ ମାତ୍ର ୪୯ ରନ୍ କରିବାକୁ ସମର୍ଥ ହୋଇଥିଲେ। ଦଳର ଅନ୍ୟ ବ୍ୟାଟ୍ସମ୍ୟାନ୍ ଦ୍ରୁତ ରନ୍ ସଂଗ୍ରହ କରିବାକୁ ଯାଇ ଆଉଟ ହୋଇଥିଲେ।

କୋଲକାତା ପକ୍ଷରୁ ଫାଷ୍ଟ ବୋଲର ପ୍ରସିଦ୍ଧ କ୍ରିଷ୍ଣା ଓ ଲକି ଫର୍ଗୁସନ ଦୁଇଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ମୁମ୍ବଇର ପ୍ରମୁଖ ବ୍ୟାଟ୍ସମ୍ୟାନ୍ କାଇରନ ପୋଲାର୍ଡ ରନ୍ ଆଉଟ ହୋଇଥିଲେ।

### ସଂକ୍ଷିପ୍ତ ସ୍କୋର

**ମୁମ୍ବଇ ଇଣ୍ଡିଆନ୍ସ: ୧୫୫/୬, ୨୦ ଓଭର**
(କ୍ୱିଣ୍ଟନ ଡି କକ୍-୫୫, ରୋହିତ ଶର୍ମା-୩୩, ଲକି ଫର୍ଗୁସନ-୨/୨୭, ପ୍ରସିଦ୍ଧ କ୍ରିଷ୍ଣା-୨/୪୩)।

**କୋଲକାତା ନାଇଟ୍ ରାଇଡର୍ସ: ୧୫୯/୩, ୧୫.୧ ଓଭର**
ରାହୁଲ ତ୍ରିପାଠୀ-ଅପରାଜିତ ୭୪, ଭେଙ୍କଟେଶ ଆୟର-୫୩, ଶୁବମାନ ଗିଲ-୧୩, ଯଶପ୍ରୀତ୍ ବୁମ୍‌ରା-୩/୪୩)।

### ଜାତୀୟ ସଫ୍ଟବଲ: ରାଜସ୍ଥାନ, ତେଲଙ୍ଗାନା ଚାମ୍ପିଅନ

# ୫-ଏ ସାଇଡ୍ ବେସ୍‌ବଲରେ ଓଡ଼ିଶାକୁ ଟାଇଟଲ୍



କଟକ,୨୩।୯ (ସମିସ)

ସତ୍ୟବ୍ରତ ଷ୍ଟାଡିୟମରେ ଚାଲିଥିବା ୩୩ତମ ସବ୍‌ଜୁନିୟର ଜାତୀୟ ସଫ୍ଟବଲ ଚାମ୍ପିଅନସିପ୍ ଉଦ୍‌ଯାପିତ ହୋଇଯାଇଛି। ବାଳକ ବର୍ଗରେ ରାଜସ୍ଥାନ ଚାମ୍ପିଅନ ହୋଇଥିବାବେଳେ ଛତିଶଗଡ଼ ପ୍ରଥମ ରନର୍ସଅପ ଓ ଉତ୍ତରାଖଣ୍ଡ ଦଳ ଦ୍ୱିତୀୟ ରନର୍ସଅପ ହୋଇଛି। ବାଳିକା ବର୍ଗରେ ତେଲଙ୍ଗାନା ଚାମ୍ପିଅନ ହୋଇଛି। ଏହି ବର୍ଗରେ ମଧ୍ୟପ୍ରଦେଶ ଓ ରାଜସ୍ଥାନ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ଏଠାରେ ଖେଳାଯାଇଥିବା ବେସ୍‌ବଲ୍ ୫-ଏ ସାଇଡ୍ ପ୍ରତିଯୋଗିତାର ବାଳିକା ବର୍ଗରେ ଓଡ଼ିଶା ଚାମ୍ପିଅନ ହୋଇଛି। ଏହି ଇଭେଣ୍ଟରେ ମହାରାଷ୍ଟ୍ର ଦ୍ୱିତୀୟ ଓ ଦିଲ୍ଲୀ ତୃତୀୟ ସ୍ଥାନରେ ରହିଥିଲେ। ବେସ୍‌ବଲ୍ ୫-ଏ ସାଇଡ୍ ବାଳକ ବର୍ଗରେ ମହାରାଷ୍ଟ୍ର ଚାମ୍ପିଅନ, କର୍ଣ୍ଣାଟକ ଦ୍ୱିତୀୟ ଓ ରାଜସ୍ଥାନ ତୃତୀୟ ସ୍ଥାନ ଲାଭ କରିଛନ୍ତି।

ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ସମ୍ମିଳନୀ କକ୍ଷରେ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନୀଲ କୁମାର ସାମଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଦୈନିକ ଖବର କାଗଜ 'ସମାଜ'ର କାର୍ଯ୍ୟକାରୀ ସମ୍ପାଦକ ସୁଶାନ୍ତ କୁମାର ମହାନ୍ତି, ସଫ୍ଟବଲ ଆସୋସିଏସନ ଅଫ୍ ଇଣ୍ଡିଆର ସାଧାରଣ ସମ୍ପାଦକ ଏଲ.ଆର ମୌର୍ଯ୍ୟ, ଓଡ଼ିଶା ସଫ୍ଟବଲ ଆସୋସିଏସନର ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ, ସଫ୍ଟବଲ ଆସୋସିଏସନ ଅଫ୍ ଇଣ୍ଡିଆର କୋଷାଧ୍ୟକ୍ଷ ଟି. ଶ୍ରୀକାନ୍ତ, ରାଜ୍ୟ ସଂଘର କୋଷାଧ୍ୟକ୍ଷ ଶକ୍ତିରଞ୍ଜନ ମହାନ୍ତି ଓ ଯୁଗ୍ମ ସମ୍ପାଦକ ରାଜକିଶୋର ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ଅମୀୟ ଚାନ୍ଦ ଓ ସୁନିତା ବର୍ମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମହିଳା କ୍ରିକେଟ୍; ଅଷ୍ଟ୍ରେଲିଆ-ଭାରତ ୨ୟ ମ୍ୟାଚ୍ ଆଜି

ମ୍ୟାକ୍‌କୟ (ଅଷ୍ଟ୍ରେଲିଆ), ୨୩।୯ (ଏଜେନ୍ସି): ଅଷ୍ଟ୍ରେଲିଆ ଗସ୍ତରେ ଯାଇଥିବା ଭାରତୀୟ ମହିଳା କ୍ରିକେଟ୍ ଦଳ ୩ ମ୍ୟାଚ୍‌ବିଶିଷ୍ଟ ସିରିଜର ୨ୟ ଏକଦିବସୀୟ ମ୍ୟାଚ ଶୁକ୍ରବାର ଖେଳିବ। ପୂର୍ବରୁ ଏଠାରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌କୁ ଘରୋଇ ଅଷ୍ଟ୍ରେଲିଆ ମହିଳା ଦଳ ୯ ୱିକେଟ୍‌ରେ ବିଜୟୀ ହୋଇ ସିରିଜରେ ୧-୦ରେ ଅଗ୍ରଣୀ ରହିଛି। ଏହି ମ୍ୟାଚ୍ ଜିତିଲେ ଅଷ୍ଟ୍ରେଲିଆ ଆଗୁଆ ସିରିଜ କବ୍‌ଜା କରିବ। ଅପରପକ୍ଷରେ ଅଭିଜ୍ଞ ମିତାଲି ରାଜଙ୍କ ନେତୃତ୍ୱାଧୀନ ଭାରତ ଏହି ମ୍ୟାଚ୍ ଜିତି ସିରିଜକୁ ପ୍ରତ୍ୟାବର୍ତ୍ତନ ଲକ୍ଷ୍ୟରେ ରହିଛି। ଗତ ଦୁଇ ଦିନ ହେବ ଆମେ ନେଟ୍ ସେସନ୍‌ରେ ସଟ୍‌ବଲ୍ ଉପରେ ଯଥେଷ୍ଟ ଧ୍ୟାନ ଦେଇଛୁ ଏବଂ ଏହାର ମୁକାବିଲା ଲାଗି ପ୍ଲାନ ପ୍ରସ୍ତୁତ କରିଛୁ ବୋଲି ଭାରତୀୟ ଦଳର ବ୍ୟାଟିଂ କୋଚ୍ ରହିଥିବା ପ୍ରାକ୍ତନ ଭାରତୀୟ ତଥା ଓଡ଼ିଆ କ୍ରିକେଟର୍ ଶିବସୁନ୍ଦର ଦାସ କହିଛନ୍ତି। ଉଲ୍ଲେଖଯୋଗ୍ୟ, ପ୍ରଥମ ମ୍ୟାଚରେ ଭାରତ ୫୦ ଓଭରରେ ୮ ୱିକେଟ୍ ହରାଇ ୨୨୫ ରନ କରିଥିଲା। ଏହି ଲକ୍ଷ୍ୟକୁ ପିଛା କରି ଅଷ୍ଟ୍ରେଲିଆ ୪୧ ଓଭରରେ ଗୋଟିଏ ୱିକେଟ୍ ହରାଇ ହାସଲ କରିନେଇଥିଲା।

## ପଞ୍ଜାବ, ଆସାମ, ପଶ୍ଚିମବଙ୍ଗର ବୃହତ୍ ବିଜୟ

ଭୁବନେଶ୍ୱର, ୨୩।୯ (ସମିସ): ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ବିଜୁ ପଟ୍ଟନାୟକ ଇନ୍‌ଡୋର କମ୍ପ୍ଲେକ୍ସଠାରେ ଚାଲିଥିବା ଜାତୀୟ ଜୁନିଅର ଖୋ ଖୋ ଚାମ୍ପିଅନ୍‌ସିପ୍‌ର ୪୦ତମ ସଂସ୍କରଣର ୨ୟ ଦିବସ ଖେଳ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବାଳକ ବର୍ଗରେ ପଞ୍ଜାବ, ଆସାମ ଓ ପଶ୍ଚିମବଙ୍ଗ ବୃହତ୍ ବିଜୟ ଲାଭ କରିଛନ୍ତି। ପଞ୍ଜାବ ୨୩ ପଏଣ୍ଟରେ ଅରୁଣାଚଳପ୍ରଦେଶକୁ ପରାସ୍ତ କରିଛି। ମ୍ୟାଚରେ ପଞ୍ଜାବ ୨୮ ଓ ଅରୁଣାଚଳ ୫ ପଏଣ୍ଟ ସ୍କୋର କରିଥିଲା। ସେହିଭଳି ଆସାମ (୨୬) ୨୪ ପଏଣ୍ଟରେ ନାଗାଲାଣ୍ଡ (୨)କୁ ଏବଂ ପଶ୍ଚିମବଙ୍ଗ (୨୯) ୨୫ ପଏଣ୍ଟରେ ତ୍ରିପୁରା (୪)କୁ ପରାସ୍ତ କରିଛି। ବାଳକବର୍ଗର ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ଦିଲ୍ଲୀ ୧୧ ପଏଣ୍ଟରେ ହିମାଚଳ ପ୍ରଦେଶକୁ, ହରିୟାଣା ୪ ପଏଣ୍ଟରେ ଉତ୍ତରାଖଣ୍ଡକୁ, ମଣିପୁର ୧ ପଏଣ୍ଟରେ ଆସାମକୁ, କେରଳ ୪ ପଏଣ୍ଟରେ ଝାଡ଼ଖଣ୍ଡକୁ, ମଧ୍ୟପ୍ରଦେଶ ୨ ପଏଣ୍ଟରେ ବିହାରକୁ, ରାଜସ୍ଥାନ ୧୧ ପଏଣ୍ଟରେ ଗୁଜରାଟକୁ, ଆନ୍ଧ୍ରପ୍ରଦେଶ ୧୦ ପଏଣ୍ଟରେ ଦାଦ୍ରା ଓ ନଗର ହାବେଳୀକୁ, ମହାରାଷ୍ଟ୍ର ୧୫ ପଏଣ୍ଟରେ ଆସାମକୁ ହରାଇଥିଲା।



ଜାତୀୟ ଜୁନିଅର ଖୋ ଖୋ

ଅପରପକ୍ଷରେ ବାଳିକା ବର୍ଗରେ ଛତିଶଗଡ଼ ୨୬ ପଏଣ୍ଟରେ ଦାଦ୍ରା ଓ ନଗର ହାବେଳୀକୁ, ପଶ୍ଚିମବଙ୍ଗ ୧୫ ପଏଣ୍ଟରେ ମଧ୍ୟପ୍ରଦେଶକୁ ଏବଂ କେରଳ ୧୧ ପଏଣ୍ଟରେ ବିହାରକୁ ମାତ୍ ଦେଇଛି।

### ତୀରନ୍ଦାଜୀ ବିଶ୍ୱ ଚାମ୍ପିଅନ୍‌ସିପ୍

## ଫାଇନାଲରେ ଭାରତୀୟ ମହିଳା କମ୍ପାଉଣ୍ଡ ଦଳ

ନ୍ୟୁୟର୍କ, ୨୩।୯ (ଏଜେନ୍ସି): ଘରୋଇ ଆମେରିକାକୁ ୨୨୫-୨୨୬ ପଏଣ୍ଟରେ ପରାସ୍ତ କରି ଭାରତୀୟ ମହିଳା କମ୍ପାଉଣ୍ଡ ତୀରନ୍ଦାଜୀ ଦଳ ଏଠାରେ ଚାଲିଥିବା ବିଶ୍ୱ ଚାମ୍ପିଅନ୍‌ସିପ୍‌ର ଫାଇନାଲରେ ପ୍ରବେଶ କରିଛି। ଭାରତୀୟ ମହିଳା ଦଳକୁ ପ୍ରତିଯୋଗିତାରେ ୭ମ ସିଡ୍ ମାନ୍ୟତା ମିଳିଛି। ପ୍ରିୟା ଗୁର୍ଜର, ମୁସ୍କାନ କିରାର ଓ ଜ୍ୟୋତି ସୁରେଖା ଭାରତୀୟ ମହିଳା ଦଳର ସଦସ୍ୟା ରହିଛନ୍ତି। ଫାଇନାଲରେ ଭାରତ କଲମ୍ବିଆକୁ ଭେଟିବ। ଅପରପକ୍ଷରେ ଭାରତୀୟ ପୁରୁଷ କମ୍ପାଉଣ୍ଡ ଦଳ କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଛି। ଅଭିଷେକ ବର୍ମାଙ୍କ ନେତୃତ୍ୱାଧୀନ ଭାରତ ୨୩୫-୨୩୮ ସ୍କୋରରେ ଅଷ୍ଟ୍ରିଆଠାରୁ ହାରିଯାଇଥିଲା। ମିକ୍ସଡ୍ ବିଭାଗରେ ଅଭିଷେକ ଓ ସୁରେଖା ଯୋଡ଼ି ମଧ୍ୟ ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ସେମିଫାଇନାଲରେ ଏହି ଭାରତୀୟ ଯୋଡ଼ି ୧୫୯-୧୫୬ରେ କୋରିଆ ଦଳକୁ ମାତ୍ ଦେଇଥିଲେ। ଅଭିଷେକ ଓ ସୁରେଖା ଫାଇନାଲରେ କଲମ୍ବିଆର ପ୍ରତିପକ୍ଷଙ୍କୁ ଭେଟିବେ।

### ଭାରତୀୟ ମହିଳା ରଗ୍‌ବୀ ଦଳକୁ ସମ୍ବର୍ଦ୍ଧନା

# ମୁଖ୍ୟମନ୍ତ୍ରୀ ୫ ଲକ୍ଷ ଟଙ୍କା ପୁରସ୍କାର ଦେଲେ

ଭୁବନେଶ୍ୱର, ୨୩।୯ (ସମିସ)

ଉଜ୍‌ବେକିସ୍ତାନର ତାସ୍‌କେଣ୍ଟରେ ଶେଷ ହୋଇଥିବା ୧୮ ବର୍ଷରୁ କମ୍ ମହିଳା ଏସିଆ ରଗ୍‌ବୀ ସେଭେନ୍ସ ପ୍ରତିଯୋଗିତାରେ ରୌପ୍ୟ ପଦକ ବିଜୟିନୀ ଭାରତୀୟ ମହିଳା ରଗ୍‌ବୀ ଦଳକୁ ସମ୍ବର୍ଦ୍ଧନା ଓ ପୁରସ୍କାରର ସୁଅ ଛୁଟିଛି। ଏହି ଅବସରରେ ଗୁରୁବାର ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳା ଟିମ୍‌କୁ ୫ ସମ୍ବର୍ଦ୍ଧିତ କରିବା ସହ ୫ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରିଛନ୍ତି। ସେ ମଧ୍ୟ ମହିଳା ଦଳର ସଫଳତାକୁ ଭୂୟସୀ ପ୍ରଶଂସା କରିଛନ୍ତି। ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଶ୍ରୀ ପଟ୍ଟନାୟକ କହିଛନ୍ତି 'ଆପଣମାନେ ଏହି ଟୁର୍ଣ୍ଣାମେଣ୍ଟରେ ଚମତ୍କାର ଖେଳିଛ ଓ ଅଳ୍ପକେ ସ୍ୱର୍ଣ୍ଣ ପଦକ ହରାଇଛ। ଏହି ସଫଳତା ଲାଗି ଆମେ ବହୁତ ଗର୍ବିତ। ଏହି ଟୁର୍ଣ୍ଣାମେଣ୍ଟରେ ତୁମେ ତୁମର ଦକ୍ଷତା, ନିଷ୍ଠା, ଗତି ଓ ତୀବ୍ର ନିଷ୍ଠା ପ୍ରଦର୍ଶନ କରିଛ। ମୁଁ ନିଶ୍ଚିତ ଯେ, ଆଗାମୀ ବର୍ଷରେ ଏହା ଏକ ନୂଆ ଯାତ୍ରାର ଶୁଭାରମ୍ଭ କରିବ। ଏହି ସମୟରେ ତୁମେ ସମସ୍ତେ ଇତିହାସ ସୃଷ୍ଟି କରିବ'। ରଗ୍‌ବୀକୁ ନିରନ୍ତର ସହାୟତା କରିଥିବାରୁ ଦଳ ଓ ଏହାର ସଦସ୍ୟମାନେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ପୁରସ୍କାର ପ୍ରଦାନ ଉତ୍ସବରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଉପସ୍ଥିତ ଥିଲେ। ଓଡ଼ିଶା ସରକାର ଭାରତୀୟ ରଗ୍‌ବୀର ପ୍ରାୟୋଜକ ରହିଛନ୍ତି।




ବୁଧବାର ରଗ୍‌ବୀ ଇଣ୍ଡିଆ ଓ ଅନ୍ୟ ଅଂଶୀଦାର ବ୍ଲେଡ୍ ଅର୍ବାନ ଏୟାର ମୋବିଲିଟୀ (ଭାରତ) ପକ୍ଷରୁ ମଧ୍ୟ ଏହି ଦଳକୁ ସମ୍ବର୍ଦ୍ଧିତ କରାଯାଇଥିଲା। ରଗବୀ ଦଳ ଓ ସପୋର୍ଟ ଷ୍ଟାଫଙ୍କୁ ମୋଟ୍ ୧୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା।

ପ୍ରକାଶଯୋଗ୍ୟ, ଭାରତୀୟ ୧୮ ବର୍ଷରୁ କମ୍ ମହିଳା ଦଳ ଏସିଆ ରଗ୍‌ବୀ ସେଭେନ୍ସ ପ୍ରତିଯୋଗିତାର ଫାଇନାଲରେ ୧୭-୨୧ରେ ୟୁଏଇ ନିକଟରୁ ପରାସ୍ତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଥିଲା। ଭାରତୀୟ ଦଳରେ ଓଡ଼ିଶାର ୩ଜଣ ଖେଳାଳି ତରୁଲତା ନାଏକ, ମାମା ନାଏକ ଓ ନିର୍ମାଲ୍ୟ ରାଉତ ସାମିଲ ରହିଥିଲେ। ଫାଇନାଲରେ ତରୁଲତା ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ।


**MAHAVIR COLLEGE OF NURSING**
Managed by :MECT
Recognised by : Health & family welfare Department, Govt of Odisha, Odisha Nursing Council, Directorate of Medical Education & Training, Odisha
**ADMISSION OPEN 2021-22**
COURSES OFFERED :
1. ANM - 2Yrs: (+2 any Stream), 2. GNM - 3Years: (+2 any Stream)
3. DMLT - 2 Yrs (+2 Science) 4. B.Sc Nursing - 4 Yrs (+2 Science - PCB)
5. Diabetes Assistant - 1 Yr: (+2 Any Stream) 6. Dental Assistant - 1Yr: (+2 Any Stream)
7. GDA (General Duty Assistant) - 9 Monts :(10th Pass) 8. Dental Lab Tech. - 9 Monts :(10th Pass)
100% Placement | Spot Admission | Hostel Facility available
Address & Contact :
Campus1: Mahapatra Complex, Gobindpali, Chowk, Bargarh
Campus2: Near Fly Over Bridge, Bhatli Chowk, Bargarh
Contact No. 9937292549 | 8984918095
Mail ID : mahavircollegeofnursing@gmail.com | mahavirschoolofnursing@gmail.com
Website : www.mahavircollegeofnursing.org



ସକାଳ THE SAKALA
SAKALA MEDIA PVT. LTD.
Plot No.- N-3/441,IRC Village,
Nayapalli, Bhubaneswar-15

ପ୍ରିୟ ପାଠକ / ପାଠିକା,
'ସକାଳ' ଖବରକାଗଜ ପାଇବାରେ ଅସୁବିଧା ହେଉଥିଲେ ଆପଣ ନିମ୍ନ ପ୍ରଦତ୍ତ ନମ୍ବରରେ ଯୋଗାଯୋଗ କରିପାରିବେ।

BHUABNESWAR
Ashoka Market
Prabodha - 9776355222
Chandrasekharpur
Rajesh - 9090490990
Old Town
Dinabandhu - 9937615111
C.R.P.
Bijaya - 9040246520
Khandagiri
Ashok - 8114773314
KHURDA, NAYAGARH, PURI
Sudhanshu - 6371694142
BERHAMPUR, GANJAM
GAJAPATI, KANDHAMALA
Kanhei- 9777127070
JEYPORE
SUDHIR- 9777005500
CUTTACK
Prasanta - 8249018397
SAMBALPUR
Sudam - 7008081464
Sibu - 9337050279
UPAKULA
Gyana - 7438865336
BALASORE
Kalinga - 9348955071
ପ୍ରସାର ବିଭାଗ, ସକାଳ



PUBLISHED BY AMIT KUMAR MALLICK FOR SAKALA MEDIA PVT. LTD., PLOT NO. N-3/441, IRC VILLAGE, NAYAPALLI, BHUBANESWAR-15, PH: 0674-2954342/ 2955342
PRINTED AT ASHIRBAD PRAKASHAN PVT. LTD., PLOT- 45, SEC.-A, ZONE-D, M.I. ESTATE, P.O-RASULGARH, BHUBANESWAR-10
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର